# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 201 | ଭାଗ ୩୩ | ସଂଖ୍ୟା ୨୦୧ | Tuesday 14 October 2025 | Page 8 Rs. 5.00 | ● ଭୁବନେଶ୍ୱର ମଙ୍ଗଳବାର ୧୪ ଅକ୍ଟୋବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




**ମୋଦିଙ୍କ ସହ କାନାଡ଼ା ବିଦେଶ ମନ୍ତ୍ରୀଙ୍କ ସାକ୍ଷାତାଲୋଚନା**
ପୃଷ୍ଠା ୬

● କରୁର ଦଳାଚକଟା ମାମଲା

## ସିବିଆଇକୁ ତଦନ୍ତ ଦାୟିତ୍ୱ

**ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

**ତଦାରଖ ପାଇଁ ତିନିଜଣିଆ କମିଟି ଗଠିତ**

ନୂଆଦିଲ୍ଲୀ,୧୩।୧୦: ଅଭିନେତା ଥିବା ସୁପରଷ୍ଟାର୍ ବିଜୟ। ତାମିଲନାଡୁର କରୁରରେ ହୋଇଥିବା ଦଳାଚକଟା ମାମଲାରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସୁପ୍ରିମକୋର୍ଟ ଏହି ଘଟଣାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ଜେକେ ମାହେଶ୍ୱରୀ ଏବଂ ଏନଭି ଅଞ୍ଜାରିଆଙ୍କ ଖଣ୍ଡପୀଠ ଏହି ଦୁଃଖଦ ଘଟଣାର ନିରପେକ୍ଷ ଏବଂ ନିରପେକ୍ଷ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ସେପ୍ଟେମ୍ବର ୨୭ ତାରିଖରେ ଟିଭିକେ ମୁଖ୍ୟ ଏବଂ ଅଭିନେତା ବିଜୟ ଯୋଗ ଦେଇଥିବା ଏକ ରାଲିରେ କରୁରରେ ଦଳାଚକଟା ହୋଇଥିଲା। ଦଳାଚକଟାରେ ୪୧ ଜଣଙ୍କ ମୃତ୍ୟୁ ➪ପୃଷ୍ଠା-୬

## ସୀମାନ୍ତରେ ୮ ମାଓବାଦୀ ଗିରଫ

● ବିପୁଳ ମାଓ ସାମଗ୍ରୀ ଜବତ

ଭୁବନେଶ୍ୱର, ୧୩।୧୦(ସଂଚାର ବ୍ୟୁରୋ): ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ସର୍ଚ୍ଚ ଅପରେସନ ବେଳେ ସିଆରପିଏଫ ଯବାନ ୮ ଜଣ ମାଓବାଦୀଙ୍କୁ ଗିରଫ କରିଛନ୍ତି। ଯବାନମାନଙ୍କୁ ଦେଖି ଏହି ମାଓବାଦୀ ଦଳ ଖସିଯିବାକୁ ଉଦ୍ୟମ କରିଥିଲେ। ସେମାନେ ଦୌଡ଼ି ପଳାୟନ କରୁଥିବା ବେଳେ ଯବାନମାନେ ଦୌଡ଼ିଦୌଡ଼ି ଧରିଥିଲେ। ସିଆରପିଏଫ୍ ଏବଂ ଡିଆରଜି ଯବାନ ପୁତକେଲ ଏବଂ ପୋଲମପାଲି ରାସ୍ତାରେ ସର୍ଚ୍ଚ ଅପରେସନ କରୁଥିବା ବେଳେ କିଛି ସନ୍ଦିଗ୍ଧ ବ୍ୟକ୍ତି କିଛି ଜିନିଷ ଧରି ଯବାନଙ୍କୁ ଦେଖି ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିଲେ। ଯବାନ ତୁରନ୍ତ ସେହି ଅଞ୍ଚଳକୁ ଘେରି ସମସ୍ତ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରିଥିଲେ। ସମସ୍ତେ ମାଓ ସଂଗଠନ ସହ ଜଡ଼ିତ ଥିବା ସ୍ୱୀକାର କରିଥିଲେ। ଗିରଫ ମାଓବାଦୀମାନେ ହେଲେ ୨ ଲକ୍ଷ ପୁରସ୍କାର ➪ପୃଷ୍ଠା-୬

### ଭାରତକୁ ଜ୍ଞାନର ବିଶ୍ୱଶକ୍ତି କରିବ ଜାତୀୟ ଶିକ୍ଷା ନୀତି

# ଏନ୍ଇପି ଭାରତୀୟ ଚିନ୍ତନ ଓ ଆଧୁନିକ ଜ୍ଞାନର ସେତୁ

■ ଗୌରବମୟ ଇତିହାସ ସହ ପରିଚିତ ହୁଅନ୍ତୁ ଯୁବପିଢ଼ି

■ ଐତିହ୍ୟକୁ ସୁରକ୍ଷିତ ଓ ସକ୍ରିୟ ରଖିବା ସମସ୍ତଙ୍କ ଦାୟିତ୍ୱ



ଭୁବନେଶ୍ୱର,୧୩।୧୦(ସଂଚାର ବ୍ୟୁରୋ): ଆଜି ପୁରୀସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ରାଷ୍ଟ୍ରୀୟ ଶିକ୍ଷାନୀତି (ଏନ୍ଇପି)-୨୦୨୦ ସନ୍ଦର୍ଭରେ ଭାରତୀୟ ଜ୍ଞାନ ପରମ୍ପରା ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଷ୍ଟ୍ରୀୟ ଶିକ୍ଷାନୀତି-୨୦୨୦ ହେଉଛି ଏକବିଂଶ ଶତାବ୍ଦୀର ପ୍ରଥମ ଶିକ୍ଷାନୀତି ଯାହାକି ଆମ ଦେଶର ବିକାଶମୂଳକ ଆବଶ୍ୟକତାକୁ ସମାଧାନ କରିବାର ଲକ୍ଷ୍ୟ ରଖିଛି ବୋଲି କହିଛନ୍ତି।

ସେ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ ଏନ୍ଇପି ଏକବିଂଶ ଶତାବ୍ଦୀର ପ୍ରଥମ ଶିକ୍ଷାନୀତି ଯାହାକି ଉନ୍ନୟନମୂଳକ ଆବଶ୍ୟକତା ପୂରଣ କରିବା ସକାଶେ ପ୍ରସ୍ତୁତ କରାଯାଇଛି। ଏନ୍ଇପି ପ୍ରତ୍ୟେକ ବ୍ୟକ୍ତିର ସୃଜନଶୀଳ ସାମର୍ଥ୍ୟର ବିକାଶ ଉପରେ ବିଶେଷ ଗୁରୁତ୍ୱ ଦେଇଛି। ଏନ୍ଇପି ଏହି ସିଦ୍ଧାନ୍ତ ଉପରେ ଆଧାରିତ ଯେ ଶିକ୍ଷା କେବଳ ଜ୍ଞାନଗତ କ୍ଷମତାର ବିକାଶ ନୁହେଁ, ସାକ୍ଷରତା ଓ ସଂଖ୍ୟାଗତ ଦକ୍ଷତାର 'ମୌଳିକ ସାମର୍ଥ୍ୟ' ଓ ବିଶ୍ଳେଷଣାତ୍ମକ ଚିନ୍ତନ। ଏହି ଏନ୍ଇପି ଭାରତୀୟ ଲୋକାଚାର ଉପରେ ଆଧାରିତ ଏକ ଶିକ୍ଷା ବ୍ୟବସ୍ଥା ଉପରେ ପର୍ଯ୍ୟବେସିତ, ➪ପୃଷ୍ଠା-୬

ନୂଆପଡ଼ା ଉପନିର୍ବାଚନ: ପ୍ରକାଶ ପାଇଲା ଗେଜେଟ୍ ବିଜ୍ଞପ୍ତି

# ହେଲିକପ୍ଟରରେ ଆସିବେ ଦୁର୍ଗମ ଅଞ୍ଚଳ ଭୋଟର୍

● ୨୦ ସୁଦ୍ଧା ନାମାଙ୍କନ

● ସକାଳ ୭ରୁ ଅପରାହ୍ନ ୫ ଭୋଟଦାନ




ଭୁବନେଶ୍ୱର,୧୩।୧୦(ସଂଚାର ବ୍ୟୁରୋ): ଆସନ୍ତା ନଭେମ୍ବର ୧୧ ତାରିଖରେ ହେବାକୁ ଥିବା ନୂଆପଡ଼ା ଉପନିର୍ବାଚନ ପାଇଁ ଭାରତ ନିର୍ବାଚନ ଆୟୋଗ ପକ୍ଷରୁ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ଏହି ଉପନିର୍ବାଚନରେ ଭୋଟ୍ ଦେବାକୁ ଥିବା ଦୁର୍ଗମ ଅଞ୍ଚଳର ଲୋକମାନଙ୍କୁ ସେମାନଙ୍କ ବୁଥ୍କୁ ହେଲିକପ୍ଟର ଯୋଗେ ଅଣାଯିବାର ବ୍ୟବସ୍ଥା ହେବ ବୋଲି ସୂଚନା ଦେଇଛନ୍ତି ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆରଏସ୍ ଗୋପାଲନ୍। ନୂଆପଡ଼ା ଜିଲ୍ଲାର ୫ଟି ଦୁର୍ଗମ ଅଞ୍ଚଳର ଲୋକଙ୍କୁ ଏହି ସୁବିଧା ଯୋଗାଇ ଦିଆଯିବ। ଏହାଦ୍ୱାରା ସୁରୁଖୁରୁରେ ଭୋଟିଂ ପ୍ରକ୍ରିୟା ଅନୁଷ୍ଠିତ ହେବା ସହ ସମସ୍ତ ଭୋଟର୍ ସେମାନଙ୍କ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିପାରିବେ ବୋଲି ଶ୍ରୀ ଗୋପାଲନ୍ ଆଶା ପ୍ରକାଶ କରିଛନ୍ତି। ➪ପୃଷ୍ଠା-୬

▶ ଦେଶବ୍ୟାପୀ 'ବିକଶିତ ଭାରତ ବିଲ୍ଡାଥନ୍ -୨୦୨୫' ଉଦଘାଟିତ

# ଯୁବଶକ୍ତି, ଉଦ୍ଭାବନ, ସୃଜନଶୀଳତାର ଉତ୍ସବ

**ଡିପିଏସ୍ ଓ କେଭି ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ସହ ଆଲୋଚନା**

**ବିକଶିତ ଓ ସମୃଦ୍ଧ ଭାରତ ପ୍ରତିଭାବାନ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ଉଦ୍ୟମରେ ସମ୍ଭବ**



ନୂଆଦିଲ୍ଲୀ,୧୩।୧୦: 'ବିକଶିତ ଭାରତ ବିଲ୍ଡାଥନ୍' ହେଉଛି ଉଦ୍ଭାବନ, ସୃଜନଶୀଳତା ଏବଂ ଯୁବ ଶକ୍ତିର ଏକ ଦେଶବ୍ୟାପୀ ଉତ୍ସବ। ଏହି ବିଲ୍ଡାଥନରୁ ତିଆରି ହେଉଥିବା ଅଭିନବ ବିଚାରଗୁଡ଼ିକ ନୂତନ ବିଶ୍ୱ ମଡେଲ୍ ସୃଷ୍ଟି କରିବ ଓ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଜରୁରୀ ଆହ୍ୱାନଗୁଡ଼ିକର ସମାଧାନ ପାଇଁ ମାର୍ଗ ପ୍ରଶସ୍ତ କରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ' ଦୃଷ୍ଟିକୋଣକୁ ଆଗକୁ ନେଇ ଏହି ବିଲ୍ଡାଥନ୍ ୨୦୨୫କୁ ଉଦଘାଟନ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମରେ ସାରା ଦେଶର ୩ ଲକ୍ଷରୁ ଅଧିକ ସ୍କୁଲ ଓ ୨୫ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଏହା ଭାରତର ବୃହତ୍ତମ ସ୍କୁଲ୍ ହାକାଥନ୍ ହୋଇଥିବା ବେଳେ ଏହି ମେଗା ସ୍କୁଲ୍ ଇନୋଭେସନ୍ ପଦକ୍ଷେପରେ ଅଂଶଗ୍ରହଣ କରିଥିବାରୁ ସମସ୍ତ ବିଦ୍ୟାଳୟ ଓ ଛାତ୍ରଛାତ୍ରୀମାନଙ୍କୁ ଶ୍ରୀ ପ୍ରଧାନ ➪ପୃଷ୍ଠା-୬

ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲା

# ପୀଡ଼ିତାଙ୍କ ସହ କଥାହେଲେ ମୁଖ୍ୟମନ୍ତ୍ରୀ

○ ଭେଟିଲେ ମହିଳା କମିଶନ୍ ଅଧ୍ୟକ୍ଷା

○ ପଞ୍ଚମ ଅଭିଯୁକ୍ତ ଗିରଫ



ଭୁବନେଶ୍ୱର,୧୩।୧୦(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସନ୍ଧ୍ୟାରେ ଫୋନ୍ ଯୋଗେ ଦୁର୍ଗାପୁରର ପୀଡିତା ଓଡ଼ିଆ ଝିଅ, ତାଙ୍କ ମା' ଓ ସେଠାରେ ଉପସ୍ଥିତ ମହିଳା କମିଶନ୍ ଅଧ୍ୟକ୍ଷାଙ୍କ ସହିତ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ ପୀଡିତା ଓ ତାଙ୍କ ପରିବାର ସଦସ୍ୟଙ୍କୁ ସବୁପ୍ରକାର ସହଯୋଗର ଆଶ୍ୱାସନା ଦେଇଛନ୍ତି। ପୀଡିତାଙ୍କୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ରାଜ୍ୟ ସରକାର ଉଦ୍ୟମ କରିବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ପୀଡିତାଙ୍କ ସହଯୋଗ ଓ ମାନସିକ ଶକ୍ତି ଦେବାକୁ ରାଜ୍ୟ ସରକାରଙ୍କ ଏକ ଟିମ ପଶ୍ଚିମବଙ୍ଗ ଯାଇଛନ୍ତି। ପୀଡିତାଙ୍କୁ ନ୍ୟାୟ ମିଳିବା ଯାଏଁ ସରକାର ସବୁ ଫୋରମରେ ଦାବି କରିବେ। ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ପଶ୍ଚିମବଙ୍ଗ ସରକାରଙ୍କ ଉପରେ ଚାପ ପକାଯିବ। ସେପଟେ ପୀଡିତାଙ୍କ ମା' ଝିଅର ଡାକ୍ତରୀ ପାଠ୍ୟକ୍ରମ ଜାରି ରଖିବା ନେଇ ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ପୀଡିତା ଘରୋଇ କଲେଜରେ ଡାକ୍ତରୀ ପଢୁଥିବାରୁ ରାଜ୍ୟ ସରକାର ସବୁ ଆଇନକାନୁନ ଓ ନିୟମକୁ ଅନୁଧ୍ୟାନ କରି ଯୁବତୀଙ୍କ ଡାକ୍ତରୀ ପାଠ୍ୟକ୍ରମ ଜାରି ରଖିବାରେ ମଧ୍ୟ ସହଯୋଗ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି।

ସେହିପରି ଏହି ଘଟଣାରେ ଆଜି ଓଡ଼ିଶା ରାଜ୍ୟ ମହିଳା କମିଶନ୍ ଅଧ୍ୟକ୍ଷା ଶୋଭନା ➪ପୃଷ୍ଠା-୬

## ୩ଙ୍କୁ ଅର୍ଥନୀତିରେ ନୋବେଲ୍



ଅସ୍ଲୋ,୧୩।୧୦: ଜୋଏଲ୍ ମୋକିର୍, ଫିଲିପ୍ ଆଘିଅନ୍ ଏବଂ ପିଟର୍ ହାୱିଟଙ୍କୁ ଚଳିତ ବର୍ଷ ପଇଁ 'ଅର୍ଥନୀତି ବିଜ୍ଞାନ'ରେ ନୋବେଲ ପୁରସ୍କାର ପ୍ରଦାନ କରାଯିବ। ରୟାଲ ସ୍ୱିଡିସ ଏକାଡେମୀ ଅଫ ସାଇନ୍ସେସ ପକ୍ଷରୁ ଆଜି ସେମାନଙ୍କ ନାଁ ଘୋଷଣା କରାଯାଇଛି। ଏହି ୩ ଜଣଙ୍କ ମଧ୍ୟରୁ ୨ ଜଣ ଆମେରିକାର ହୋଇଥିବା ବେଳେ ଜଣେ ବ୍ରିଟେନ ବାସିନ୍ଦା। ଜୋଏଲ ମୋକିର ଆମେରିକାର ଇଭାଷ୍ଟନସ୍ଥିତ ନର୍ଥ-ୱେଷ୍ଟର୍ଣ୍ଣ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରୁଥିବାବେଳେ ପିଟର ହାୱିଟ ଆମେରିକାର ବ୍ରାଉନ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରୁଛନ୍ତି। ଅନ୍ୟପକ୍ଷରେ ଫିଲିପ ଆଘିଅନ ବ୍ରିଟେନର ଲଣ୍ଡନ ସ୍କୁଲ ଅଫ ଇକୋନୋମିକ୍ସ ଏଣ୍ଡ ପଲିଟିକାଲ ସାଇନ୍ସେସରେ ଅଧ୍ୟାପନା କରୁଛନ୍ତି। ଏହି ୩ ଅର୍ଥନୀତିଜ୍ଞ ଉଦ୍ଭାବନ ଭିତ୍ତିକ ଅର୍ଥନୈତିକ ଅଭିବୃଦ୍ଧି ଉପରେ ଉଲ୍ଲେଖନୀୟ ଗବେଷଣା କରିଛନ୍ତି ବୋଲି ରୟାଲ ସ୍ୱିଡିସ ଏକାଡେମୀ ଅଫ ସାଇନ୍ସେସ ପକ୍ଷରୁ ଘୋଷଣା କରାଯାଇଛି। ଏହି ୩ ➪ପୃଷ୍ଠା-୬

୨୪ ଘଣ୍ଟାରେ ଦୁଇ ମର୍ଡର୍, ହତ୍ୟା ଉଦ୍ୟମ

# ପୁଲିସ୍କୁ ଅପରାଧୀଙ୍କ ଖୋଲା ଚ୍ୟାଲେଞ୍ଜ

✪ ଏମ୍ସ କର୍ମଚାରୀଙ୍କୁ ଗୁଳି

✪ ପଥରରେ ଛେଚି ଯୁବକଙ୍କୁ ହତ୍ୟା

✪ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ଆକ୍ରମଣ

✪ ଯୁବତୀଙ୍କୁ ଗଣଦୁଷ୍କର୍ମ ଉଦ୍ୟମ



ଭୁବନେଶ୍ୱର,୧୩।୧୦(ସଂଚାର ବ୍ୟୁରୋ): ରାଜଧାନୀରେ ଗୋଟିଏ ଦିନରେ ଘଟିଛି ଚାରି ଚାରିଟି ଅପରାଧ। ପୁଲିସ୍ ସଜାଗ ଥିବା ସତ୍ତ୍ୱେ ଅପରାଧୀମାନେ ସେମାନଙ୍କୁ ଖାତିର୍ କରୁନାହାନ୍ତି। ଆଇନକାନୁନ୍କୁ ସେମାନଙ୍କର ଭୟ ନାହିଁ। ଫଳତଃ ରାଜଧାନୀରେ ଅପରାଧୀମାନଙ୍କ ରାଜୁତି ଦେଖିବାକୁ ମିଳିଛି। ଆଦି ଦିନକରେ ଭୁବନେଶ୍ୱର ଏମ୍ସର ଜନୈକ କର୍ମଚାରୀଙ୍କୁ ଦୁର୍ବୃତ୍ତମାନେ ଗୁଳି କରି ହତ୍ୟା କରିଥିବା ବେଳେ ଅନ୍ୟ ଜଣେ ଯୁବକଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି। ଏହାଛଡ଼ା ଜଣେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ବେଳେ ଦିନକ ତଳେ ଜଣେ ଯୁବତୀଙ୍କ ଦୁଷ୍କର୍ମ କରାଯାଇଛି। ଏହି ଘଟଣା ଆଜି ଲୋଚଲୋଚନକୁ ଆସିଛି।

ମିଳିଥିବା ସୂଚନାନୁସାରେ, ଏମ୍ସ କର୍ମଚାରୀ ସୁଧାଂଶୁ ଖୁଣ୍ଟିଆଙ୍କୁ ଆଜି ପୂର୍ବାହ୍ନ ପ୍ରାୟ ୯ଟା ସମୟରେ ଏମ୍ସ ଲାବୋରେଟୋରିରେ ଟେକ୍ନିସିଆନ୍ ଭାବେ କାର୍ଯ୍ୟ କରୁଥିବା ସରକନ୍ତରାର ସୁଧାଂଶୁ ଖୁଣ୍ଟିଆ (୨୭)ଙ୍କୁ ତିନି ଜଣ ଦୁର୍ବୃତ୍ତ ଗୋଡ଼ାଇ ଗୋଡ଼ାଇ ଗୁଳି କରିଥିଲେ। ସେମାନେ ୩ ଥର ଗୁଳି ଚଳାଇଥିବା ବେଳେ ଏହି ଦୃଶ୍ୟ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳାଇ ଦେଇଥିଲା। ସେମାନଙ୍କ ମଧ୍ୟରେ ସୁଧାଂଶୁଙ୍କ ଦାଦା ମଧ୍ୟ ସାମିଲ୍ ଥିବା ବେଳେ ହତ୍ୟାକାଣ୍ଡର କିଛି ସମୟ ପରେ ➪ପୃଷ୍ଠା-୬

▶ ପୁଲିସ ଏସ୍ଆଇ ପରୀକ୍ଷା କେଳେଙ୍କାରୀ

# ୨ ଜଣଙ୍କ ନାଁରେ ଲୁକ୍ଆଉଟ୍ ସର୍କୁଲାର

## ୧୦ ଜଣଙ୍କ ଆକାଉଣ୍ଟ୍ ଫ୍ରିଜ୍

ଭୁବନେଶ୍ୱର,୧୩।୧୦(ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ପୁଲିସ ଏସ୍ଆଇ ପରୀକ୍ଷା କେଳେଙ୍କାରୀ ନେଇ ୨ ଜଣ ଫେରାର ଅଭିଯୁକ୍ତଙ୍କ ନାଁରେ ଆଜି ଲୁକଆଉଟ୍ ସର୍କୁଲାର ଜାରି ହୋଇଛି। ବ୍ୟୁରୋ ଅଫ୍ ଇମିଗ୍ରେସନ୍କୁ ଏନେଇ ଅବଗତ ମଧ୍ୟ କରାଯାଇଛି। ଅଭିଯୁକ୍ତମାନେ କେଉଁ ରାଜ୍ୟରେ ଲୁଚିଛନ୍ତି, ତାହା ଜାଣିବା ସକାଶେ ନେଇ କ୍ରାଇମ୍ବ୍ରାଞ୍ଚ ଟିମ୍ ଖୋଳତାଡ଼ କରୁଛି।

ସେହିପରି କ୍ରାଇମ୍ବ୍ରାଞ୍ଚ ୭ରୁ ୮ ଜଣ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ୍କୁ ଜବତ୍ କରିଛି। ଦଲାଲ ମୁନା ମହାନ୍ତି ଓ ଶଙ୍କର ପୃଷ୍ଟି ସମେତ ଅନ୍ୟମାନଙ୍କ ବ୍ୟାଙ୍କ ଆକାଉଣ୍ଟ୍କୁ ବି ଜବତ କରାଯାଇଛି। ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜବତ ହୋଇଥିବା ନେଇ ତଦନ୍ତକାରୀ ଟିମ୍ ସୂଚନା ଦେଇଛି। କ୍ରାଇମ୍ବ୍ରାଞ୍ଚ ଏବେବି ୭ଟି ରାଜ୍ୟକୁ ଯାଇ ଖୋଳତାଡ ଜାରି ରଖିଛି। ପୁଲିସ ଏସ୍ଆଇ ପରୀକ୍ଷା ଅନିୟମିତତା ସାମନାକୁ ଆସିବା ପରେ ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆର୍ବି) ପକ୍ଷରୁ ବ୍ରହ୍ମପୁର ପୁଲିସକୁ ସୂଚନା ଦେଇଥିଲା। ବ୍ରହ୍ମପୁର ପୁଲିସ ସୂଚନା ଆଧାରରେ ରାଜ୍ୟ ବାହାରେ ଚଢ଼ାଉ କରିଥିଲା। ଅଧିକ ଅନୁସନ୍ଧାନ ଲାଗି ବୋର୍ଡ କ୍ରାଇମ୍ବ୍ରାଞ୍ଚ ତଦନ୍ତ ପାଇଁ ନିବେଦନ କରିଥିଲା।

ଏହି ମାମଲାରେ କ୍ରାଇମ୍ବ୍ରାଞ୍ଚ ଟିମ୍ ଘଟଣାସ୍ଥଳକୁ ଯାଇ ଖୋଳତାଡ଼ କରିଥିଲା। ମୋଟ ୧୧୯ ଜଣକୁ ଗିରଫ କରାଯାଇଥିବା ବେଳେ ୧୧୪ ଜଣ ହେଉଛନ୍ତି ଆଶାୟୀ, ଯେଉଁମାନେ ଏସ୍ଆଇ ପରୀକ୍ଷାରେ ➪ପୃଷ୍ଠା-୬



**କାନ ଡେରିଥା**

ଭାଇକଥା ଏଠି ଭାଇ ମାନୁନାହିଁ
ମାରୁଛି ବନ୍ଧୁକ ଗୁଳି
ରକ୍ତ ରଞ୍ଜିତ ପରିବାର ହୁଏ
ଭାଇ ପରା ଯାଏ ଟଳି
ରକ୍ତ ସମ୍ପର୍କକୁ ବଳି...
ଏମିତି ଚରିତ୍ର ଆବଶ୍ୟକ ନାହିଁ
ଦଣ୍ଡ ତାଙ୍କୁ ଖାଲି ଶୂଳି ।

■ ଦେବାଶିଷ

# ନୂଆପଡ଼ାରେ ପ୍ରାର୍ଥୀ ପାଉନି ବିଜେଡି

○ ବାଜିରେ ଲାଗିଛି କ୍ରୀତଦାସଙ୍କ ଇଜ୍ଜତ

○ ନିର୍ବାଚନ ପରେ ଅନେକଙ୍କ ପକ୍ଷ ଛେଦନ




ଭୁବନେଶ୍ୱର,୧୩।୧୦(ସଂଚାର ବ୍ୟୁରୋ): ବିଜେଡି ଯାହାକୁ ପ୍ରାର୍ଥୀ କରିବ ବୋଲି କହିଥିଲା, ସିଏ ବିଜେପିକୁ ଚାଲିଯିବା ପରେ ବିଜେଡି ଏବେ ଆଉ ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରାର୍ଥୀ ପାଉନାହିଁ। ଦଳର ବରିଷ୍ଠ ଓ ମାମଲତକାରମାନେ ନୂଆପଡ଼ାରେ ଡେରା ପକାଇ ପ୍ରାର୍ଥୀ ଖୋଜୁଥିଲେ ମଧ୍ୟ ସେଥିରେ ସଫଳ ହୋଇପାରୁନାହାନ୍ତି। ବିଜେପିକୁ ଚକ୍ମା ଦେଇ ପ୍ରାର୍ଥୀ ଚୟନ ପାଇଁ ହେଉଥିବା ରଣନୀତି ଫେଲ୍ ମାରିବା ପରେ ସେଠାରେ ମାମଲତି କରୁଥିବା କ୍ରୀତାଦାସଙ୍କ ଇଜ୍ଜତ ଏବେ ବାଜିରେ ଲାଗିଛି।

ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆଙ୍କୁ ପ୍ରାର୍ଥୀ କରିବ ବୋଲି ବିଜେଡି ସ୍ଥିର କରିଥିଲା। ଜୟ ବି ଏ ନେଇ ସୂଚନା ଦେଇଥିଲେ। ହେଲେ ବିଜେପି ଗୋଟିଚଳାଇ ବିଜେଡିକୁ ଚିତ୍ପଟାଙ୍ଗ କରିବା ସହିତ ଜୟଙ୍କୁ ରାତାରାତି ନିଜ ପଟକୁ ନେଇଗଲା। ଜୟ ବିଜେପିକୁ ପଳାଇବା ପରେ ଏବେ ବିଜେଡି କାହାକୁ ପ୍ରାର୍ଥୀ କରିବ ଜାଣିପାରୁନାହିଁ। ପ୍ରାର୍ଥୀ ଖୋଜିବାକୁ ଦଳପତି ନିର୍ଦ୍ଦେଶ ଦେବା ପରେ ଏବେ କ୍ରୀତଦାସ ଦଳବଳ ନେଇ ନୂଆପଡ଼ାରେ ଡେରା ପକାଇଛନ୍ତି।

ଦଳର କେତେକ ନେତା ଖୋଦ୍ କ୍ରୀତଦାସ ନୂଆପଡ଼ାରୁ ଲଢ଼ିବା ପାଇଁ ପ୍ରସ୍ତାବ ଦେଉଥିବା ବେଳେ ସମ୍ବଲପୁର କଥା ମନେ ପକାଇ ସେ ଏହାକୁ ଗ୍ରହଣ କରିବା ସକାଶେ ରାଜି ହେଉନାହାନ୍ତି। ସେହିଭଳି ବିଜେପିରୁ କୌଣସି ବଡ଼ ନେତାଙ୍କୁ ଆଣି ଦଳରେ ମିଶାଇ ପ୍ରାର୍ଥୀ କରିବାକୁ ବିଜେଡି କରୁଥିବା ଯୋଜନା ବି ଦାନା ଧରୁନାହିଁ। ଯାହା ସହ ଯୋଗାଯୋଗ କଲେ ବି କେହି ଧରାଛୁଆଁ ଦେଉନାହାନ୍ତି। ଏଥିପାଇଁ ନୂଆପଡ଼ାରେ ଡେରା ପକାଇଥିବା ବିଜେଡି ନେତାମାନେ ଏବେ ଖାଲି ଚିନ୍ତାରେ ପଡ଼ିନାହାନ୍ତି, ବରଂ ନବୀନଙ୍କୁ କି ଉତ୍ତର ଦେବେ ତା' ବି ଜାଣିପାରୁନାହାନ୍ତି।

ସବୁଠାରୁ ବଡ଼ କଥା ହେଲା ବିଜେଡିର ବଡ଼ ମାମଲତକାର ସାଜିଥିବା କ୍ରୀତଦାସଙ୍କ ଇଜ୍ଜତ ଏବେ ନୂଆପଡ଼ାରେ ➪ପୃଷ୍ଠା-୬

## ୮ ବର୍ଷରେ ସର୍ବନିମ୍ନ ସ୍ତରରେ ମୁଦ୍ରାସ୍ଫୀତି

● ୧.୫୪ ପ୍ରତିଶତକୁ ଖସିଲା



ନୂଆଦିଲ୍ଲୀ,୧୩।୧୦: ଭାରତର ଖୁଚୁରା ମୁଦ୍ରାସ୍ଫୀତି ୮ ବର୍ଷ ମଧ୍ୟରେ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ସେପ୍ଟେମ୍ବର ୨୦୨୫ରେ ଏହା ୧.୫୪ ପ୍ରତିଶତକୁ ଖସିଆସିଛି। ଏହା ଗତ ୨୦୧୭ ଜୁନ୍ ପରେ ସର୍ବନିମ୍ନ। ଗତ ଅଗଷ୍ଟରେ ଏହି ହାର ୨.୦୭ ପ୍ରତିଶତ ଥିବା ବେଳେ ପରିବା, ତେଲ, ଫଳ, ଡାଲି, ଶସ୍ୟ, ଅଣ୍ଡା ଓ ଇନ୍ଧନ ଆଦି ଖାଦ୍ୟ ସାମଗ୍ରୀର ମୂଲ୍ୟ ହ୍ରାସ ପାଇବା ହେତୁ ଗତ ମାସରେ ମୁଦ୍ରାସ୍ଫୀତି ଉଲ୍ଲେଖନୀୟ ଭାବେ କମିଛି। ସେହିପରି ଖାଦ୍ୟ ମୁଦ୍ରାସ୍ଫୀତି ଲଗାତାର ଚତୁର୍ଥ ମାସ ପାଇଁ ମାଇନସ୍ ରହିଛି। ଖାଦ୍ୟ ମୂଲ୍ୟ ସୂଚକାଙ୍କ (ସିଏଫ୍ପିଆଇ) ଗତ ବର୍ଷ ତୁଳନାରେ ୨.୨୮ ପ୍ରତିଶତ ହ୍ରାସ ପାଇଛି। ଗ୍ରାମାଞ୍ଚଳରେ ମୁଦ୍ରାସ୍ଫୀତି ୧.୬୯ ପ୍ରତିଶତରୁ ୧.୦୭ ପ୍ରତିଶତକୁ ଓ ଖାଦ୍ୟ ମୁଦ୍ରାସ୍ଫୀତି ବିଯୁକ୍ତ ୦.୭୦ ପ୍ରତିଶତରୁ ବିଯୁକ୍ତ ୨.୧୭ ପ୍ରତିଶତକୁ ➪ପୃଷ୍ଠା-୬

SANCHAR ସଂଚାର

## ନେମ୍ବରା ଗ୍ରାମରେ ଧୁମ୍ ଧାମର ସହ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ



**ମାର୍ଶାଘାଇ,୧୩।୧୦(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ କୁହୁଡି ଗ୍ରାମ ପଂଚାୟତ ନେମ୍ବରା ଗ୍ରାମରେ ବିଗତ ପ୍ରାୟ ତିନି ଦଶନ୍ଧୀ ପରି ଏ ବର୍ଷ ମଧ ଥାନପତି ସମେତ ପ୍ରାୟ ସାତୋଟି ଗଜଲକ୍ଷ୍ମୀଙ୍କ ମେଢ଼ ବିଭିନ୍ନ ପୂଜା କମିଟି ଦ୍ୱାରା ପ୍ରସ୍ତୁତ କରାଯାଇ ଖୁବ୍ ଜାକଜମକରେ ମା ଲକ୍ଷ୍ମୀଙ୍କ ପୂଜା ଆରାଧନା କରାଯାଉଛି। ପ୍ରତିଟି ସନ୍ଧ୍ୟାରୁ ମଧରାତ୍ରୀ ଯାଏ ଆଖପାଖ ପଞ୍ଚାୟତର ଗାଆଁ ମାନଙ୍କର ଏବଂ ଏପରିକି ସହରର ଶ୍ରଦ୍ଧାଳୁମାନେ ମେଢ଼ ସାଜସଜ୍ଜା ଏବଂ ମୁଣ୍ମୟ ମୂର୍ତ୍ତି ଗୁଡ଼ିଙ୍କୁ ଦର୍ଶନ କରିବା ପାଇଁ ଆସୁଛନ୍ତି। ଗ୍ରାମର ମଝି ଦାଣ୍ଡରେ ସତାଧିକ ଜଳଖିଆ ଏବଂ ଅନ୍ୟାନ୍ୟ ଦୋକାନର ବ୍ୟବସ୍ଥା, ବିଭିନ୍ନ ଭଜନ ସଙ୍ଗୀତର ଘୋରନାଦ ସହ ଲୋକ ଗହଳି ଗୋଟିଏ ଛୋଟ ସହରର ଭ୍ରମ ସୃଷ୍ଟି କରିଥାଏ । ଚଳିତ ବର୍ଷର ଅନ୍ୟତମ ବିଶେଷ ଆକର୍ଷଣ ହେଉଛି ବାବା ନଙ୍ଗୁଳି ମଠ ଏବଂ ବରୁଣ-ନିମ୍ବ-ବେଲ ବୃକ୍ଷ ପୂଜିତ କ୍ଷେତ୍ର ମଧ୍ୟସ୍ଥ କେନାଲ ଭିତର ଚଳମାନ ଜଳରେ ବ୍ୟବସ୍ଥିତ ମା ଲକ୍ଷ୍ମୀ, ବାମନ ଅବତାର, ମତ୍ସ୍ୟ ଅବତାର ଏବଂ ନଙ୍ଗୁଳି ବାବାଙ୍କ ମୂର୍ତ୍ତି ଯାହା ପବିତ୍ର ବିଲୁପ୍ତ ମଧୁସାଗର ଧାରର ସ୍ମୃତିକୁ ଉଜ୍ଜିବୀତ କରୁଛି ଏବଂ ଗ୍ରାମବାସୀଙ୍କ ଆଧାତ୍ମିକ ଚେତନା ର ପ୍ରତିଫଳନ କରୁଛି ବୋଲି ପ୍ରାଧାପକ ଏବଂ ଲେଖକ ଡକ୍ଟର ଅମିୟ କୁମାର ରାଉତ ଜଣାଇଛନ୍ତି ।

## ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

### ୮୧ଟି ଅଭିଯୋଗରୁ ୭୦ଟି ବ୍ୟକ୍ତିଗତ ୧୧ଟି ସାମୂହିକ



**ଗରଦପୁର,୧୩।୧୦(ସଂଚାର ବ୍ୟୁରୋ):** ଆଜି ଗରଦପୁର ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅଭିଯୋଗ ଶୁଣାଣିରେ ମୋଟ ୮୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୭୦ଟି ବ୍ୟକ୍ତିଗତ ହୋଇଥିବା ବେଳେ ୧୧ଟି ସାମୂହିକ ଅଭିଯୋଗ ରହିଥିଲା। ୨ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଛି। ୬ଟି ଅଭିଯୋଗର ତତ୍କାଳ ଫଇସଲା ହୋଇଥିଲା। ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ରଘୁରାମ ଆର ଆୟର ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକ୍ରିଷ୍ଣ ଜେନା,ଗରଦପୁର ବିଡିଓ,ତହସିଲଦାର ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ। ଅଭିଯୋଗ ଗୁଡିକର ତୁରନ୍ତ ସମାଧାନ ଉପରେ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଯେ,ଆସନ୍ତା ୨୦ ଅକ୍ଟୋବରରେ ରାଜନଗର ବ୍ଲକ କାର୍ଯ୍ୟାଳୟ ଏବଂ ୨୭ ଅକ୍ଟୋବରରେ ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।

### ବାରୁଦ ଗଦାରେ ରାଜନଗର

# ବେଆଇନ ଭାବେ ତିଆରି ହେଉଛି ବାଣ



**ରାଜନଗର,୧୩।୧୦ (ସଂଚାର ବ୍ୟୁରୋ):** ବାଣ ତିଆରି ଓ ବିକ୍ରି କରିବା ଉପରେ ରହିଛି କଟକଣା। ପରିବେଶ ପ୍ରଦୂଷଣ କରୁଥିବାରୁ ବାଣ ସମ୍ପୂର୍ଣ୍ଣ ନିଷେଧ କରିବାକୁ ମାନ୍ୟବର ସୁପ୍ରିମକୋର୍ଟ ନିର୍ଦ୍ଦେଶ ରହିଛି । ବିଭିନ୍ନ ଉତ୍ସବ ସମୟରେ ବାଣ ଫୁଟାଇଲେ ପୁଲିସ ମାମଲା ରୁଜୁ କରୁଛି। ମାତ୍ର ରାଜନଗର ଥାନା ଅଞ୍ଚଳରେ ବେଆଇନ ଭାବେ ବାଣ ତିଆରି କରାଯିବା ସହିତ କେନ୍ଦ୍ରାପଡା ଜିଲ୍ଲାର ବିଭିହନ୍ନ ସ୍ଥାନକୁ ପଠାଯାଉଥିବା ଅଭିଯୋଗ ରହିଛି। ଆଗକୁ ଦୀପାବଳି ଥିବାରୁ ବାଣ ତିଆରି ପାଇଁ ପ୍ରଚୁର ପରିମାଣର ବାରୁଦ ରାଜନଗର ଥାନା ଅଞ୍ଚଳରେ ମହଜୁଦ ଥିବା ଷ୍ଟ୍ରିଙ୍ଗ ଅପରେସନ ବେଳେ ଜଣାପଡିଛି ।

ରାଜନଗର ଥାନା ଅନ୍ତର୍ଗତ କେରେଡାଗଡରେ ବେଆଇନ ଭାବେ ତିଆରି ହେଉଛି ବାଣ। ପ୍ରଚୁର ପରିମାଣର ବାରୁଦ ମହଜୁଦ ରଖାଯାଇ ତିଆରି ହେଉଛି ବାଣ। ଆଗକୁ ଦୀପାବଳି ଥିବାରୁ ଅଧିକ ସଂଖ୍ୟାରେ ଶ୍ରମିକ ମାନଙ୍କୁ ନିୟୋଜିତ କରାଯାଇ ବାଣ ପ୍ରସ୍ତୁତ କରାଯାଉଛି। ପ୍ରଚଣ୍ଡ ଶବ୍ଦ କରୁଥିବା ଗଡମା ଠାରୁ ଆରମ୍ଭ କରି ଫୁଲଝରି, ଧପଧପି , ଖଇ ଓ ଫଟକା ଆଦି ବାଣ ପ୍ରସ୍ତୁତ କରାଯାଉଛି। ପରିବେଶ ପ୍ରଦୂଷଣ କରିବା ସହ ବାୟୁ ପ୍ରଦୂଷଣ କରୁଥିବାରୁ ବାଣ ପ୍ରସ୍ତୁତ ଓ ବିକ୍ରି ଉପରେ କଟକଣା ଥିବା ବେଳେ କିପରି କେରେଡାଗଡରେ ବାଣ ତିଆରି ହେଉଛି ଓ ତାହାକୁ ସାରା ଜିଲ୍ଲାକୁ ଚାଲାଣ କରାଯାଉଛି ତାହାକୁ ନେଇ ପ୍ରଶ୍ନ ଉଠିଛି।

ସବୁଠୁ ବଡ କଥା ହେଲା ରାଜନଗର ଥାନା ଠାରୁ ମାତ୍ର ୭ କିଲୋମିଟର ଦୂର ଓ କେରେଡଗଡର ଜନଗହଳି ପୂର୍ଣ୍ଣ ବଜାର ଉପରେ ବାଣ କାରଖାନା ଥିବା ବେଳେ ପୋଲିସ କିପରି ଜାଣିପାରୁନାହିଁ ନାଁ ଜାଣି ମଧ ଚୁପ ବସିଛି ତାହାକୁ ନେଇ ପ୍ରଶ୍ନ ଉଠିଛି। ପାନ ଚା ଦୋକାନରେ କିଏ ବାଣ ରଖିଲେ ପୁଲିସ ବାଣ ଜବତ କରିବା ସହ ମାମଲା ରୁଜୁ କରୁଥିବା ବେଳେ କେରେଡଗଡରେ ବେଆଇନ ଭାବେ ବାଣ ପ୍ରସ୍ତୁତ ସହିତ ବସ୍ତା ବସ୍ତା ବାରୁଦ ମହଜୁଦ ରଖାଯାଇଥିବା ବେଳେ ପୁଲିସର ନୀରବତା ସନ୍ଦେହ ସୃଷ୍ଟି କରିଛି।

## ବିଦ୍ୟୁତ୍ ଖୁଣ୍ଟରୁ ଗଳିପଡ଼ି ଯୁବକ ଆହତ



**ସାଲେପୁର,୧୩।୧୦ (ସଂଚାର ବ୍ୟୁରୋ):** ବିଦ୍ୟୁତ ଖୁଣ୍ଟରେ ଚଢ଼ି ତାର ଯୋଡ଼ିବା ବେଳେ ବିଦ୍ୟୁତ୍ ଆଘାତରେ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ଏହି ଘଟଣାରେ ଶଙ୍କରପୁର ଗ୍ରାମର ସ୍ୱର୍ଗତ ବଟକୃଷ୍ଣ ପ୍ରଧାନଙ୍କ ପତ୍ନୀ ସଂଯୁକ୍ତା ପ୍ରଧାନ ସାଲେପୁର ଥାନାରେ ଲିଖିତ ଏତଲା ଦେଇଛନ୍ତି। ସେ ଲିଖିତ ଅଭିଯୋଗରେ କହିଛନ୍ତି ଯେ ତାଙ୍କ ପୁଅ ଶୁଭରାଜ ପ୍ରଧାନଙ୍କୁ ବାଲିଆ ଗ୍ରାମର ବେଣୁଧର ସାମଲ, ରଞ୍ଜନ ସାହୁ ବାଟରେ ଅଟକାଇ ତାଙ୍କୁ ଗାଳିଗୁଲଜ କରିବା ସହ ତା' ହାତରୁ ମୋବାଇଲ୍‌ଟି ନେଇଯାଇଥିଲେ। ସେ କାକୁତି ମିନତୀ ହୋଇ ମୋବାଇଲ୍ ଫେରାଇବାକୁ କହିବାରୁ ଖୁଣ୍ଟରେ ଚଢ଼ି ବିଦ୍ୟୁତ୍ ତାର ଯୋଡ଼ିଦେଲେ ତୋ' ମୋବାଇଲ୍ ଫେରାଇଦେବୁ ବୋଲି କହିବାରୁ ସେ ଭୟଭୀତ ଅବସ୍ଥାରେ ଖୁଣ୍ଟରେ ଚଢ଼ି ବିଦ୍ୟୁତ୍ ତାର ଯୋଡୁଥିବା ସମୟରେ ବିଦ୍ୟୁତ୍ ଆଘାତରେ ତଳକୁ ଖସିପଡ଼ିଥିଲା। ଫଳରେ ତା'ର ବାମଗୋଡ଼ ଭାଙ୍ଗିଯାଇଛି। ପୁଲିସ ଏହି ଘଟଣାରେ ତଦନ୍ତ କରୁଥିବା ଜଣାଯାଇଛି।

## ବ୍ଲକସ୍ତରୀୟ ବିଜ୍ଞାନ ସେମିନାର




**ରାଜନଗର,୧୩।୧୦(ସଂଚାର ବ୍ୟୁରୋ):** ଆଜି ରାଜନଗର ବ୍ଲକ ସ୍ତରୀୟ ବିଜ୍ଞାନ ସେମିନାର ରାଜନଗର ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ରାଜନଗର ବ୍ଲକ ନୋଡାଲ ପ୍ରଧାନ ଶିକ୍ଷକ ଶୁଭ୍ରଜ କୁମାର ବରାଳ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି ସେମିନାର ରେ ଅତିଥି ଭାବେ ରାଜନଗର ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ଜେନା, ବ୍ଲକ ବିଜ୍ଞାନ ସଂଯୋଜକ ଶାନ୍ତନୁ ସୁତାର, ରାଜନଗର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜ୍ଞାନରଞ୍ଜନ ଛଟାଇ ଯୋଗଦାନ କରି 'କ୍ୱାଣ୍ଟମ ଯୁଗ ର ଆରମ୍ଭ, ସମ୍ଭବନା ଓ ଆହ୍ୱାନ' ବିଷୟରେ ଆଲୋଚନ କରିଥିଲେ। ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ୨୨ଜଣ ପ୍ରତଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ସେମିନାରରେ ସୁଚିତ୍ରା ବିହାରୀ କଞ୍ଚାନେଶ୍ୱର ବାଳିକା ଉଚ୍ଚ ବିଦ୍ୟାଳୟ, କୁରୁଣ୍ଟି ପ୍ରଥମ, ତୃପ୍ତି ପ୍ରିୟଦର୍ଶିନି ବାରିକ, ନଗନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱିତୀୟ, ସୌମ୍ୟ ରଞ୍ଜନ ପ୍ରଧାନ, ଓସ୍ତିଆ ବନ୍ଧପଟଣା ଉଚ୍ଚ ବିଦ୍ୟାଳୟର ଛାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ।

# ୧୫ରେ ମାର୍ଶାଘାଇ ଗଜଲକ୍ଷ୍ମୀ ଭସାଣି ଉତ୍ସବ

**ମାର୍ଶାଘାଇ,୧୩।୧୦(ସଂଚାର ବ୍ୟୁରୋ):** ମାର୍ଶାଘାଇର ପ୍ରସିଦ୍ଧ ଗଜଲକ୍ଷ୍ମୀପୂଜାର ଭଷାଣି ଉତ୍ସବ ବୁଧବାର ଅନୁଷ୍ଠିତ ହେବ । ୯ ଦିନ ପୂଜାମଣ୍ଡପରେ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇବା ପରେ ମଙ୍ଗଳବାର ସନ୍ଧ୍ୟାରେ ମଣ୍ଡପରେ ବିସର୍ଜନ ପୂଜା ଏବଂ ପୁଷ୍ପାଞ୍ଜଳି ଅନୁଷ୍ଠିତ ହେବା ବୁଧବାର ମାର୍ଶାଘାଇ ବଜାରର ୮ ଗୋଟି ମେଢ଼ ଭଷାଣି ଉତ୍ସବରେ ସାମିଲ ହୋଇ ପୁରାତନରୁ ନୂତନ ଅନୁସାରେ କ୍ରମାନ୍ୱୟରେ ବଜାର ପରିକ୍ରମା କରି ବିସର୍ଜନ ଘାଟକୁ ଯିବେ।

ସକାଳୁ ସକାଳୁ ନିଜ ନିଜ ମଣ୍ଡପ ରୁ ଆସ୍ଥାନ ଛାଡ଼ି ସୁସଜିତ ଗାଡ଼ିରେ ବାଜା ରୋଷଣୀରେ ଯାଇ ପୂଜାକମିଟିସଦସ୍ୟଙ୍କ ଘର ନିକଟରେ ମେଢ଼ ଭୋଗଲାଗି ହେବାର ପରମ୍ପରା ରହିଛି । ମାର୍ଶାଘାଇ ବଜାର ନିକଟ ଗାଁ ଜୁଣ, ମାର୍ଶାଘାଇ, ଜେନା ସାହି, ପୁରୁଷୋତ୍ତମପୁର ପ୍ରଭୃତି ଗ୍ରାମ ସହିତ ପୁରୁଣା ଡାକବଙ୍ଗଳା (ଅଧୁନା ଡ୍ରେନେଜ ଅଫିସ), ନୂଆ ଡାକବଙ୍ଗଳା ଜଳସମ୍ପଦ କଲୋନୀ, ବ୍ଲକ କଲୋନୀ ଆଦି ପରିକ୍ରମା କରି ମାର୍ଶାଘାଇ ଲକଛକ ନିକଟରୁ କ୍ରମାନ୍ୱୟରେ ବଜାର ମଧକୁ

### ସାମିଲ ହେବେ ୮ଟି ମେଢ଼

ପ୍ରବେଶ କରିବାର କାର୍ଯ୍ୟକ୍ରମ ରହିଛି । ପ୍ରଥମେ କୁମ୍ଭାରସାହିର ଥାନପତି ମେଢ଼ଅପରାହ୍ନ ୩ଟାରେ ଲକ ଛକରୁ ବଜାର ମଧକୁ ଶୋଭାଯାତ୍ରାରେ ବାହାରି ୬ ଟାରେ ଦୁର୍ଗା ମଣ୍ଡପ ନିକଟ ମେଲଣ ପଡ଼ିଆରେ ପହଞ୍ଚିବ। ମାର୍ଶାଘାଇ ଗଜଲକ୍ଷ୍ମୀ ପୂଜା ମେଲଣ ଉତ୍ସବକୁ ମାର୍ଶାଘାଇ ଦୁର୍ଗାପୂଜାକମିଟି ସଂଯୋଜନା କରୁଥିବାରୁ ସମସ୍ତ ମେଢ଼ ପନ୍ଦର ମିନିଟ ଅନ୍ତରରେ ଦୁର୍ଗା ମଣ୍ଡପ ନିକଟରେ ପହଞ୍ଚି ଭୋଗ ଲାଗି ହେବା ପରେ ସେଠାରୁ ପନ୍ଦର ମିନିଟ ପରେ ବାହାରି ପୋଷ୍ଟାଲ ଛକ, ମେଡିକାଲ ଛକ, କଲେଜ ଛକ, ଜୁଣଛକ ଦେଇ ନିଜ ନିଜ ବିସର୍ଜନ ଘାଟକୁ ଯିବେ । ତା ପରେ ଲକଛକ ମେଢ଼, ହାଟ ମେଢ଼,ଜୁଣଛକ ମେଢ଼, ବନମାଳୀଛକ ମେଢ଼, ଅନନ୍ତ ଶୟନ ମେଢ଼, କଣକଷୋଟି ମେଢ଼ ଏବଂ ଶେଷରେ ବନ୍ଧସାହିର ହନୁମାନ ମେଢ଼ କ୍ରମାନ୍ୱୟରେ ଶୋଭାଯାତ୍ରାରେ ଯିବାର ନିର୍ଘଣ୍ଟ ସ୍ଥିର କରାଯାଇଛି । ଜୁଣ ଛକ ପରେ ଶ୍ରଦ୍ଧାଳୁଙ୍କ ଭିଡ଼ ହେବା ନେଇ ସ୍ଥାନ ନ ଥିବାରୁ ଥାନପତି ମେଢ଼ ସନ୍ଧ୍ୟା ୮ ଟା ରେ ଜୁଣ ଛକ ଅତିକ୍ରମ କରିବାର ନିର୍ଘଣ୍ଟ ଥିବା ବେଳେ ଶେଷ ମେଢ଼ ହନୁମାନ ମେଢ଼ ରାତି ୯.୪୫ ମିନିଟ ସୁଦ୍ଧା ଜୁଣ ଛକ ଅତିକ୍ରମ କରି ବିସର୍ଜନ ଘାଟକୁ ଯିବାର ସମୟ ସାରଣୀ ସ୍ଥିର କରାଯାଇଛି ।

# ପଟ୍ଟାମୁଣ୍ଡାଇ ମୁଖ୍ୟ ଡାକଘରେ ରେଜିଷ୍ଟ୍ର ଚିଠି ବନ୍ଦ

### ● ସାଧାରଣରେ ଅସନ୍ତୋଷ ● କେନ୍ଦ୍ର ସରକାରଙ୍କୁ ପତ୍ର

**ପଟ୍ଟାମୁଣ୍ଡାଇ,୧୩।୧୦(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ମୁଖ୍ୟ ଡାକ ଘରରେ ରେଜିଷ୍ଟ୍ର ଚିଠି ବନ୍ଦ ହେବା କାରଣରୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ଅଭିଯୋଗରୁ ପ୍ରକାଶ ଯେ ପଟ୍ଟାମୁଣ୍ଡାଇ ମୁଖ୍ୟ ଡାକ ଘରେ ରେଜିଷ୍ଟ୍ରି ଡାକ ବ୍ୟବସ୍ଥାକୁ ହଠାତ ବନ୍ଦ କରି ଦିଆଯାଇଥିବା ବେଳେ ଏ ନେଇ ଡାକ ଘର ପକ୍ଷରୁ ଜନସାଧାରଣଙ୍କୁ କୌଣସି ସୂଚନା ଦିଆଯାଇନାହିଁ। ତେବେ ଏହି ବ୍ୟବସ୍ଥା ବନ୍ଦ ହେବା ସମ୍ପର୍କରେ ଅନ୍‌ଲାଇନରେ ସମସ୍ତ ତଥ୍ୟ ରହିଛି ବୋଲି ପଟ୍ଟାମୁଣ୍ଡାଇ ମୁଖ୍ୟ ଡାକ ଘର ପୋଷ୍ଟମାଷ୍ଟର ପ୍ରକାଶ କରିଛନ୍ତି ।

ଅତୀତରେ ଅଣ୍ଡର ସାର୍ଟିଫିକେଟ୍ ଅଫ୍ ପୋଷ୍ଟିଙ୍ଗ ଯୋଜନାକୁ ବନ୍ଦ କରି ଦିଆଯାଇଥିବା ବେଳେ ଏବେ ରେଜେଷ୍ଟ୍ରିପୋଷ୍ଟ ଡାକ ଯୋଜନାକୁ ହଠାତ୍ ବନ୍ଦ କରି ଦିଆଯାଇଛି ବୋଲି ଡାକ କର୍ମଚାରୀମାନେ ପ୍ରକାଶ କରିଥିଲେ ମଧ ଏ ନେଇ କୌଣସି ନିର୍ଦ୍ଦିଷ୍ଟ ନିର୍ଦ୍ଦେଶନାମା ଦେଖାଇ ପାରୁନାହାଁନ୍ତି। ମାତ୍ର ଚିଠି ରେଜେଷ୍ଟି ପାଇଁ ଆସିଥିବା ଲୋକଙ୍କୁ ଡାକ କର୍ମଚାରୀମାନେ ସ୍ପିଡ୍ ପୋଷ୍ଟରେ ଚିଠି ପଠାଇବାକୁ କହି ସ୍ପିଡ୍ ପୋଷ୍ଟ କରାଉଛନ୍ତି। ଯାହା ଫଳରେ ସ୍ପିଡ୍ ପୋଷ୍ଟରେ ୨୬ ଟଙ୍କା ବଦଳରେ ଲୋକମାନେ ୫୫ ଟଙ୍କା ଦେଉଛନ୍ତି। କେନ୍ଦ୍ର ସରକାର ଗତ ତା- ୨୨-୦୯-୨୦୨୫ରିଖ ଠାରୁ ଜିଏସ୍‌ଟି ବ୍ୟବସ୍ଥାରେ କୋହଳ କରିଥିବା ବେଳେ ଡାକ ବିଭାଗରେ ଏହି ବ୍ୟବସ୍ଥା ବଳବତ୍ତର ରହିଛି ।

ଫଳରେ ଡାକ ବିଭାଗ ରେଜେଷ୍ଟି ବାବଦରେ ୨୨ ଟଙ୍କା ଓ ଟିକସ ୪ ଟଙ୍କାନେଉଥିବାରୁ ଟିକସ ପୂର୍ବ ଭଳି କାଏମ୍ ରହି ରେଜିଷ୍ଟ୍ରି ଚିଠି ୨୬ ଟଙ୍କା ବଦଳରେ ଜନସାଧାରଣଙ୍କୁ ୫୫ ଟଙ୍କା ଦେବାକୁ ପଡୁଛି। ତେବେ ସ୍ପିଡ୍ ପୋଷ୍ଟରେ ଡାକ ଘର ପ୍ରାପ୍ୟ ୪୭ ଟଙ୍କା ଓ ଟିକସ ୮ ଟଙ୍କା ନିଆଯାଉଛି । ରେଜେଷ୍ଟ୍ରି ଡାକ ଚିଠି ପୂର୍ବରୁ ୨/୩ ଦିନ ମଧରେ ମିଳୁଥିବାବେଳେ ଅଧିକ ଦେୟ ସତ୍ତ୍ୱେ ସ୍ପିଡ୍ ପୋଷ୍ଟ ଚିଠି ୪/୬ ଦିନ ମଧରେ ମିଳୁଛି । ଏଥି ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି । ସମାଜସେବୀ ବ୍ରଜବନ୍ଧୁ ଦାଶ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ରେଜେଷ୍ଟି ଡାକ ଯୋଜନାକୁ ପୂର୍ବଭଳି କାର୍ଯ୍ୟକାରୀ କରିବାକୁ ମାନ୍ୟବର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଯୋଗାଯୋଗ ମନ୍ତ୍ରୀ, ସଚିବ, ନିର୍ଦ୍ଦେଶକଙ୍କ ସହିତ ଓଡ଼ିଶା ପୋଷ୍ଟ ମାଷ୍ଟର ଜେନେରାଲ୍ ଓ ପୋଷ୍ଟାଲ ସୁପରିଟେଣ୍ଟଙ୍କ ନିକଟକୁ ପତ୍ର ଲେଖି ଦାବୀ କରିଛନ୍ତି ।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ



**କେନ୍ଦ୍ରାପଡ଼ା,୧୩।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗ ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ । ଅଧ୍ୟକ୍ଷ ପ୍ରଫେସର ଜେନା ଏହି ଅବସରରେ ମନସ୍ତତ୍ତ୍ୱ ବିଭାଗର ଛାତ୍ରଛାତ୍ରୀମାନଙ୍କୁ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ବିଭିନ୍ନ ଉପାଦେୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଯୁବପିଢ଼ିଙ୍କ ମାନସିକ ସ୍ୱାସ୍ଥ୍ୟ କିପରି ସୁସ୍ଥ ରହିପାରିବ ତା'ର ବିଭିନ୍ନ କୌଶଳ ଉପରେ ଆଲୋକପାତ କରିଥିଲେ । ବିଭାଗୀୟ ମୁଖ୍ୟ ଡ. ଦେବକାନ୍ତ ଷଡଙ୍ଗୀ ଦିବସ ପାଳନର ତାତ୍ପର୍ଯ୍ୟ ଓ ମାନସିକ ସ୍ତରରେ ସୁସ୍ଥ ରହିବାର ଆବଶ୍ୟକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗ ଅଧାପକ ହିମାଂଶୁଶେଖର ମହାପାତ୍ର କହିଥିଲେ ଯେ ମାନସିକ ସ୍ୱାସ୍ଥ୍ୟକୁ ସୁସ୍ଥ ରଖିବାକୁ ହେଲେ ଯୁବପିଢ଼ି ଡିଜିଟାଲ ଦୁନିଆରୁ ନିଜକୁ ମୁକ୍ତ ରଖିବାକୁ ପରାମର୍ଶ ଦେଇଥିଲେ ।

# ଭଦ୍ରକ କାଳୀପୂଜା: ପ୍ରତ୍ୟେକ ପୂଜା ମଣ୍ଡପକୁ ୫୦ ହଜାର

**ଭଦ୍ରକ, ୧୩ ।୧୦ (ସଂଚାର ବ୍ୟୁରୋ):** ଓଡ଼ିଶାରେ ପ୍ରାଚୀନ ପର୍ବ ପର୍ବାଣୀ ପାଳନ ହେଉଥିବାରୁ ରାଜ୍ୟ ସରକାର ସମସ୍ତ ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦେଉଥିବା ବେଳେ ଅନ୍ୟତମ ପ୍ରସିଦ୍ଧ ଭଦ୍ରକ ଜିଲ୍ଲାର କାଳୀପୂଜା ଚଳିତ ବର୍ଷ ଏହା ରାଜ୍ୟସ୍ତରୀୟ ଭାବେ ଶୃଙ୍ଖଳିତ ସୁବ୍ୟବସ୍ଥିତ ମୌଳିକତାକୁ ସମ୍ମାନ ଦେଇ ବଜାୟ ରଖିବା ସହିତ ପ୍ରତ୍ୟେକ ପୂଜା ମଣ୍ଡପକୁ ୫୦ ହଜାର ଟଙ୍କା ରାଜ୍ୟ ସରକାର ପ୍ରଦାନ କରିବେ ବୋଲି ଉଚ୍ଚଶିକ୍ଷା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି, କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୂରଜ ପ୍ରକାଶ କରିଛନ୍ତି। ଭଦ୍ରକ ଠାରେ ଚରମ୍ପାର ପ୍ରସିଦ୍ଧ କାଳୀପୂଜା ପାଳନ ପାଇଁ ଏକ ସ୍ୱତନ୍ତ୍ର ବୈଠକରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇ ପୂଜା କର୍ମକର୍ତ୍ତା ଓ ଜିଲ୍ଲା ପ୍ରଶାସନଙ୍କ ସହ ଆଲୋଚନା କରି ଚଳିତ ମାସ ୨୧ ତାରିଖରୁ କାଳୀପୂଜା ଆରମ୍ଭ ହୋଇ ୨୯ ତାରିଖ ସକାଳେ ଭସାଣି ହେବ ବୋଲି ସୂଚନା ଦେବା ସହିତ ରାଜ୍ୟସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ, ପୂଜା ମେଳାରେ ମୂରବୀ ମୁଖିଆ ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା, ସୁରକ୍ଷା ବ୍ୟବସ୍ଥା କଡାକଡି ଗ୍ରହଣ କରାଯିବା, ଦିବ୍ୟାଙ୍ଗ ଏବଂ ସବୁ ବର୍ଗର ଶ୍ରଦ୍ଧାଳୁମାନେ ଶୃଙ୍ଖଳିତ ଭାବେ ମା' କାଳୀଙ୍କୁ ଦର୍ଶନ କରିବା ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ମେଳାର ସମୟସୀମା ଉପରେ ପ୍ରତ୍ୟକ ବର୍ଷ ଅତିରିକ୍ତ ଜିଲ୍ଲାପାଳ/ଉପଜିଲ୍ଲାପାଳ ଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇ ଧାର୍ଯ୍ୟ କରାଯିବ, ଏଥିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, କାଳୀପୂଜା କମିଟିର ସଭାପତି/ସମ୍ପାଦକ ସଦସ୍ୟ ରହିବେ। ଆଜିର ଆଲୋଚନା ବୈଠକରେ ଭଦ୍ରକ ବିଧାୟକ ସିତାଂଶୁ ସେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମନୋଜ ରାଉତ, ସାଂସଦଙ୍କ ପ୍ରତିନିଧି ଭଗବାନ ପଣ୍ଡା, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ପ୍ରମୁଖ ଯୋଗ ଦେଇଥିଲେ।

## ସମାଜସେବୀଙ୍କ ସ୍ମୃତିଚାରଣ ସଭା

**ମାର୍ଶାଘାଇ,୧୩।୧୦(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ କରିଲୋପାଟଣା ଗ୍ରାମର ସମାଜସେବୀ ନିମାଇଁ ଚରଣ ରାଉତରାୟଙ୍କ ସ୍ମୃତିସଭା କରିଲୋପାଟଣାରେ ଅନୁଷ୍ଠିତ ହୋଇଯାଇଛି । ପାଟକୁରା ନିର୍ବାଚନମଣ୍ଡଳୀ ବିଜେପି ନେତା ତେଜେଶ୍ୱର ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିମାଇଁ ଚରଣ ଙ୍କ ସ୍ମୃତିଚାରଣ କରିବା ସହିତ ସାଧାରଣ ଲୋକଙ୍କ ପାଇଁ ବିଭିନ୍ନ କ୍ଷେତ୍ରରେ ସ୍ୱର ଉଠାଉଥିଲେ ବୋଲି କହିଥିଲେ । ତେଣୁ ତାଙ୍କୁ ସାଧାରଣ ଲୋକଙ୍କ ସ୍ୱର ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି କହିଥିଲେ। ସମାଜସେବୀ କେଦାର ସାମନ୍ତରାୟ ସ୍ମୃତି ସଭାକୁ ସଂଯୋଜନା କରିଥିବା ବେଳେ ପ୍ରାଧାପକ ଲିଙ୍ଗରାଜ ଶତପଥି, ନରେଶ ଚନ୍ଦ୍ର ମହାନ୍ତି, ଧୀରେନ କୁମାର ମଲ୍ଲ, କେନ୍ଦ୍ରାପଡ଼ା ଜିଲା ସାମ୍ବାଦିକ ସଂଘର ସଭାପତି ପରେଶ ଚନ୍ଦ୍ର ଦାସ, ସରୋଜ ମିଶ୍ର, ଦେବେନ୍ଦ୍ର ଦାସ, ଅମୀୟ ପରିଜା, ବଟକୃଷ୍ଣ ସାହୁ, ଉତ୍ସବ ମହାପାତ୍ର, ସନାତନ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ରାଉତରାୟ ଅଞ୍ଚଳର ବିକାଶ ପାଇଁ ଅହରହ ସଂଗ୍ରାମ କରୁଥିଲେ ବୋଲି କହିଥିଲେ ।



## ବ୍ରଜରାଜପାଟଣା କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ



**ନିଶ୍ଚିନ୍ତକୋଇଲି,୧୩।୧୦(ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ବ୍ରଜରାଜପାଟଣା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଶୁକରପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ମହାମେଘବାହନ ସ୍ୱାଇଁଙ୍କ ସଭାପତୀତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୋଟ ୧୩ଟି ବିଦ୍ୟାଳୟର କନିଷ୍ଠ ଓ ବରିଷ୍ଠ ବିଭାଗର ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇଛି । ପ୍ରତିଯୋଗିତାରେ ବରିଷ୍ଠ ବିଭାଗର ୧୦ ଜଣ ଓ କନିଷ୍ଠ । ବିଭାଗର ୮ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ବ୍ଲକସ୍ତରୀୟ ସୁରଭୀ କାର୍ଯ୍ୟକ୍ରମକୁ ମନୋନୀତ କରାଯାଇଛି।ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଚନ୍ଦ୍ରକଳା ମଲ୍ଲିକ, ମୁଖ୍ୟବକ୍ତା ଶିକ୍ଷକ ପ୍ରଦୀପ୍ତ ପଣ୍ଡା, ସମ୍ମାନିତ ଅତିଥି ଶିକ୍ଷକ ପ୍ରଭାତ ଦାସ, ଶିକ୍ଷୟିତ୍ରୀ ଅର୍ଚ୍ଚନା ନାୟକ ପ୍ରମୁଖ ଯୋଗଦେଇ ଶିଶୁଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ପାଇଁ 'ସୁରଭି' ଏକ ପ୍ରକୃଷ୍ଟ କାର୍ଯ୍ୟକ୍ରମ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ସୁଶାନ୍ତ ମାଝୀ, ରଞ୍ଜିତା ନାଥଶର୍ମା, ଅନୁରିତା ଶତପଥୀ, ରାଜକି ନକିଶୋର ଦାସ, ଶକ୍ତିପ୍ରସାଦ ପ୍ରହରାଜ, ଶିବପ୍ରସାଦ ମୁଣ୍ଡା, ଦେବବ୍ରତ ସାମନ୍ତରାୟ, ଶୁଭଲକ୍ଷ୍ମୀ ବେହେରା, ରଞ୍ଜୁଲତା ପାତ୍ର ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ପରିସେସରେ ତନ୍ମୟୀ ସେଠୀ ଧନ୍ୟବାଦ ଦେଇଥିଲେ।

# ଗଜଲକ୍ଷ୍ମୀ ମେଲଣ ପାଇଁ ଉତ୍ସବମୁଖର କେନ୍ଦ୍ରାପଡ଼ା

### ଆକର୍ଷଣ ସାଜିଛି ବିଭିନ୍ନ ରାଜ୍ୟରୁ ଆସିଥିବା ବାଦ୍ୟ ଓ ନୃତ୍ୟ ଗ୍ରୁପ





**କେନ୍ଦ୍ରାପଡ଼ା,୧୩।୧୦(ସଂଚାର ବ୍ୟୁରୋ):** ଆରମ୍ଭ ହୋଇଛି ମେଲଣ । ମେଲଣ ପାଇଁ ଉତ୍ସବ ମୁଖର ପୂଜା କେନ୍ଦ୍ରାପଡା ସହର । ଚଳିତ ଭସାଣି ଯାତ୍ରା ରେ ମୁଖ୍ୟ ଆକର୍ଷଣ ସାଜିଛି ବିଭିନ୍ନ ଜିଲ୍ଲା ଏବଂ ରାଜ୍ୟ ବାହାରୁ ଆସିଥିବା ନୃତ୍ୟ ଶିଳ୍ପୀ ଓ ବାଦ୍ୟ। କେନ୍ଦ୍ରାପଡ଼ା ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ରବିବାର ଶେଷ ହୋଇଥିବା ବେଳେ ସୋମବାର ମହା ଆଡମ୍ବରରେ ମେଲଣ ଉତ୍ସବ ଆରମ୍ଭ ହୋଇଛି । ମା' ଲକ୍ଷ୍ମୀ ମଣ୍ଡପ ଛାଡି ମେଲଣ ପଡିଆ ଅଭିମୁଖେ ଯାତ୍ରା କରିଛନ୍ତି । ବିଳମ୍ବିତ ରାତି ସୁଦ୍ଧା ସମସ୍ତ ମେଢ ମେଲଣ ପଡିଆରେ ପହି ପାରି ନଥିବାରୁ ଭୋଗଲାଗି ହୋଇ ପାରି ନାହିଁ। ମଙ୍ଗଳବାର ମା' ଲକ୍ଷ୍ମୀ ଗୋବରୀ ନଦୀରେ ବିସର୍ଜିତ ହେବେ । ଏ ନେଇ ପୌରସଂସ୍ଥା ପକ୍ଷରୁ ଗୋବରୀ ନଦୀ ଓ ଗୋବରୀ କେନାଲରେ ବିସର୍ଜନ ଘାଟ ପ୍ରସ୍ତୁତ କରାଯାଇଛି। ମେଢଗୁଡିକୁ ବିସର୍ଜନ କରିବା ସମୟରେ ସୁରକ୍ଷା ବାଡ ଦିଆଯାଇଛି । ଏହାଦ୍ୱାରା କୌଣସି ଅଘଟଣ ଘଟିବାର ଆଶଙ୍କା ନାହିଁ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

କେନ୍ଦ୍ରାପଡ଼ା ସହର ଓ ଉପକଣ୍ଠ ଗ୍ରାମର ବିଭିନ୍ନ ମଣ୍ଡପରେ ମା'ଲକ୍ଷ୍ମୀ ୭ ଦିନ ପୂଜା ପାଇବା ପରେ ରବିବାର ରାତିରେ ମା'ଙ୍କ ମଣ୍ଡପରେ ବିସର୍ଜନ ନୀତି ଅନୁଷ୍ଠିତ ହୋଇଥିଲା । ସୋମବାର ସକାଳୁ ୪୮ଟି ମେଢ ମେଲଣ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ପ୍ରଥମେ ପୁରୁଣା ବସଷ୍ଟାଣ୍ଡର ଥାନପତି ମେଢ ମଣ୍ଡପ ଛାଡି ସାହି ବସ୍ତି ବୁଲି ଭୋଗ ଖାଇଥିଲେ । ଏହାପରେ ଫେରି ପୁନର୍ବାର ପୁରୁଣା ବସଷ୍ଟାଣ୍ଡସ୍ଥିତ ମେଲଣ ପଡିଆରେ ଅଧିଷ୍ଠିତ ହୋଇଥିଲେ । ପରେ ନୂଆବସଷ୍ଟାଣ୍ଡର ଥାନପତି ମେଢ, ୩ ନମ୍ବରରେ କାକଟ ମଙ୍ଗଳା ମେଢ ମେଲଣ ପଡିଆ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା । ପ୍ରଶାସନିକ ବ୍ୟବସ୍ଥାର ଧର୍ମଗୁଳା ମୁତାବକ ମେଢ ଗୁଡିକ ପଛକୁ ପଛ ସହରର ପୂର୍ବ ଓ ପଶ୍ଚିମ ପଟକୁ ଶୋଭାଯାତ୍ରାରେ ମେଲଣ ପଡିଆକୁ ବାହାରିଥିଲେ । ପ୍ରଶାସନ ଓ ପୋଲିସର ସମସ୍ତ ବାରଣ ସତ୍ତ୍ୱେ ମେଲଣ ଶୋଭାଯାତ୍ରାରେ ଯାଉଥିବା ମେଢ ଗୁଡିକ ସହିତ ଡିଜେ ଓ ଭାଇବ୍ରେଟର ବ୍ୟବହାର ହେଉଥିବା ଦେଖିବାକୁ ମିଳିଥିଲା। ଫଳରେ ଦୋକାନ ଗୁଡିକ ଦୋହଲି ଉଠୁଥିବା ବେଳେ ବୟସ୍କ ଓ ରୋଗୀମାନେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ସମସ୍ତ ନୀତି ନିୟମକୁ ବଳି ଦିଆଯାଇ ଗଜଲକ୍ଷ୍ମୀ ମେଲଣ ଶୋଭାଯାତ୍ରାରେ ଏଭଳି ଭାବରେ ଡିଜେ ଓ ଭାଇବ୍ରେଟର ବ୍ୟବହାର ହେବା ସାଧାରଣରେ ଆଶ୍ଚର୍ଯ୍ୟ ଚକିତ କରିଥିଲା ।

ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ଆଡମ୍ବରପୂର୍ଣ୍ଣ ବାଜା ଓ ଆଲୋକ ସଜା ମେଢ ଶୋଭାଯାତ୍ରାରେ ସାମିଲ ହୋଇଥିଲା । ବାଜା ଲାଇଟ୍ ସାଙ୍ଗକୁ ବିଭିନ୍ନ ଢଙ୍ଗର ନୃତ୍ୟଗୀତ ଭଷାଣୀ ଉତ୍ସବକୁ ରଙ୍ଗୀନ କରିଥିଲା । ଚାରିଧାମ ସିନେମାର କେରେକେରା ଗୀତ ଓ ଚାଲେଞ୍ଜ ସିନେମାର ଭାଙ୍ଗ ଗୀତର ତାଳେ ତାଳେ ପୂଜା କମିଟିର ଯୁବକମାନେ ନାଚି ମତୁଆଲା ହୋଇଥିଲେ। ଭଷାଣୀକୁ ଉପଭୋଗ କରିବା ପାଇଁ ସହରରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା। ଭଷାଣୀ ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରିବା ନିମନ୍ତେ ୩୦ ପ୍ଲାଟୁନ ପୋଲିସ ଫୋର୍ସଙ୍କ ସହ ୧୫୦ରୁ ଅଧିକ ଅଧିକାରୀ ମୂତୟନ ହୋଇଥିଲେ ।

## ସୁକନ୍ୟା ସମୃଦ୍ଧି ଖାତା ଖୋଲା ଅଭିଯାନ

**ଭଦ୍ରକ, ୧୩ ।୧୦ (ସଂଚାର ବ୍ୟୁରୋ):** ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ଆର୍ଥିକ ସାକ୍ଷରତା ତଥା ସୁକନ୍ୟା ସମୃଦ୍ଧି ସଚେତନତା ଓ ଖାତା ଖୋଲା ଅଭିଯାନ ଆଖଣ୍ଡଳମଣି ନୋଡାଲ ଉଚ୍ଚ ବିଦ୍ୟାଳୟ, ଆରଡ଼ି ଠାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ସଭାପତିତ୍ୱ କରିଥିଲେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ମୋନାଲିସା ପଣ୍ଡା। ଏହି ସଭାରେ ଅତିଥି ଭାବରେ ଭଦ୍ରକ ଡାକ ବିଭାଗ ଅଧିକାରୀ ବିଜୟ କୁମାର ମହାନ୍ତି, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍ ଅଧିକାରୀ, ଲଡିଏମ୍ ଅଫିସ୍ ଷ୍ଟାଫ୍, ସାଇବର ସେଲ ଅଧିକାରୀ, ରେସୋର୍ସେ ପର୍ସନ ପଦ୍ମନ କୁମାର ରାୟ, ପୁହାଣ କ୍ଲଷ୍ଟର ଉଜଉଉ, ଆଖଣ୍ଡଳ ମଣି ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗ ଦେଇଥିଲେ। ସଭା ଗୁଡ଼ିକ ପରେ ସମସ୍ତ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ ଅଭିଯାନ ଆୟୋଜନ କରାଯାଇଥିଲା, ସଞ୍ଚୟ ଓ ପରିବେଶର ସୁରକ୍ଷା ସମ୍ପର୍କରେ ଅଭିଭାବକ ଓ ପିଲାମାନଙ୍କୁ ଅବଗତ କରାଇବା ପାଇଁ। ଉକ୍ତ ସଭାରେ ୨୦୦ ବ୍ୟକ୍ତି ଯୋଗ ଦେଇଥିଲେ। ପ୍ରାୟ ୪୦ ବୃକ୍ଷ ରୋପଣ କରାଯାଇଛି ଓ ବୃକ୍ଷ ଗୁଡ଼ିକୁ 'ସଞ୍ଚୟ ବୃକ୍ଷ' ନାମରେ ନାମିତ କରାଯାଇଛି।

## ପାଟଣା ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

**କେନ୍ଦୁଝର, ୧୩।୧୦ (ସଂଚାର ବ୍ୟୁରୋ):** ପବିତ୍ର କାର୍ତ୍ତିକ ମାସର ପ୍ରଥମ ସୋମବାରରେ ପାଟଣା ଅଞ୍ଚଳର ବିଭିନ୍ନ ଶୈବ ପୀଠ ମାନଙ୍କରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ପାଟଣା ଅଞ୍ଚଳର ସର୍ବ ପୁରାତନ ଶୈବ ପୀଠ ବାବା ଆନନ୍ଦେଶ୍ୱର ମହାଦେବଙ୍କ ପୀଠରେ ପୂଜକ ପଣ୍ଡିତ ପର୍ଶୁରାମ ପଣ୍ଡା ପୂଜା କାର୍ଯ୍ୟ କରୁଛନ୍ତି। ସେହିପରି ପାଟଣାର ପୁଣ୍ୟତୃୟା ବୈତରଣୀ ତଟରେ ଥିବା ପରମେଶ୍ୱର ମହାଦେବ ପୀଠରେ ମଧ୍ୟ ଭିଡ଼ ଲାଗିଛି। ସ୍ୱାମ ଶାସନର ସୋମେଶ୍ୱର ମହାଦେବ, ମଲ୍ଲୀପଶି ମଲ୍ଲିକେଶ୍ୱର, ବାରିଗାଁ ଶୈବ ପୀଠ, ଏରେଣ୍ଡେଇ ଶିବ ମନ୍ଦିର, ଭୀମକୁଣ୍ଡର ଭିମେଶ୍ୱର ମହାଦେବଙ୍କ ପୀଠରେ ଭିଡ଼ ଲାଗିଛି।

### ବାର୍ଷିକ ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା' ଉଦ୍‌ଘାଟିତ

# ଟେରାକୋଟା ଓ କୁମ୍ଭାର ଶିଳ୍ପ ଗୌରବମୟ ଐତିହ୍ୟର ପ୍ରତୀକ: ମନ୍ତ୍ରୀ

**ଭୁବନେଶ୍ୱର,୧୩।୧୦(ସଂଚାର ବ୍ୟୁରୋ):** ଟେରାକୋଟା ଓ କୁମ୍ଭାର ଶିଳ୍ପ ଓଡିଶାର ପ୍ରାଚୀନ ସଂସ୍କୃତି ଓ ଗରିମାମୟ ଐତିହ୍ୟର ପ୍ରତୀକ। ରାଜ୍ୟରେ ୩୬ ହଜାରରୁ ଅଧିକ କାରିଗର ଏହି ଶିଳ୍ପକୁ ଆଧାର କରି ଜୀବିକା ନିର୍ବାହ କରୁଛନ୍ତି। ଏହି ବାର୍ଷିକ ଟେରାକୋଟା ପ୍ରଦର୍ଶନୀ

**୩ କୋଟିରୁ ଅଧିକ ବ୍ୟବସାୟ ଲକ୍ଷ୍ୟ**



ସେମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ସହ ଏହି ସମୃଦ୍ଧ ହସ୍ତଶିଳ୍ପକୁ ଆଗକୁ ବଢାଇବାରେ ସହାୟକ ହେବ ବୋଲି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଛନ୍ତି। ସ୍ଥାନୀୟ ଇଡକୋ ପ୍ରଦର୍ଶନୀ ପଡ଼ିଆଠାରେ ଆଜି ଉଦ୍‌ଘାଟିତ ବାର୍ଷିକ ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା'-୨୦୨୫"ରେ ଯୋଗଦେବା ଅବସରରେ ମନ୍ତ୍ରୀ କହିଛନ୍ତି। ଆଗାମୀ ଦୀପାବଳୀକୁ ଦୃଷ୍ଟିରେ ରଖି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଏହି ପ୍ରଦର୍ଶନୀର ଆୟୋଜନ କରାଯାଇଛି।

ଉଦ୍ଘାଟନୀ ଉତ୍ସବରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ଯୋଗଦେଇ କହିଥିଲେ ଯେ ଗୋଟିଏ ସ୍ଥାନରେ ଟେରାକୋଟା ଓ କୁମ୍ଭାର ହସ୍ତଶିଳ୍ପକୁ ପ୍ରଦର୍ଶିତ କରିବା ସହ ହସ୍ତଶିଳ୍ପୀମାନଙ୍କ ଆର୍ଥିକ ଉନ୍ନତି ନିମନ୍ତେ ବାଣିଜ୍ୟିକ ଆଭିମୁଖ୍ୟକୁ ତ୍ୱରାନ୍ୱିତ କରିବା ହେଉଛି ଏହି ଆୟୋଜନର ମୂଳଲକ୍ଷ୍ୟ।

ବାର୍ଷିକ ଟେରାକୋଟା ପ୍ରଦର୍ଶନୀ 'ମୃତ୍ତିକା' ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତ ଥର ୨୧୦ଟି ଷ୍ଟଲ୍ ଖୋଲିଛି। ପ୍ରତ୍ୟହ ପୂର୍ବାହ୍ନ ୧୧ଟା ରାତି ୯ଟା ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଖୋଲା ରହିବ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୩୫୦ ଜଣ ଟେରାକୋଟା ଓ କୁମ୍ଭାର ହସ୍ତଶିଳ୍ପୀ ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରିଛନ୍ତି। ପ୍ରାୟ ୩ କୋଟି ଟଙ୍କାରୁ ଅଧିକ ବ୍ୟବସାୟ ପାଇଁ ଲକ୍ଷ୍ୟ ରଖାଯାଇଛି। ସେହିପରି ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଥିମ୍ ପ୍ୟାଭିଲିୟନରେ ପାରମ୍ପରିକଠାରୁ ଆଧୁନିକ ସୌଖୀନ ଉପକରଣ ପର୍ଯ୍ୟନ୍ତ ଟେରାକୋଟା ହସ୍ତଶିଳ୍ପର ଯାତ୍ରା ପ୍ରଦର୍ଶିତ ହେଉଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ହସ୍ତଶିଳ୍ପ ନିର୍ଦ୍ଦେଶିକା ପ୍ରଣତୀ ଛୋଟରାୟ, ଉପ ନିର୍ଦ୍ଦେଶକ ମାନଗୋବିନ୍ଦ ଜେନା, ସମବାୟ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପୀତାମ୍ବର ସାମଲ ଓ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



# ପୁରୀ ଯିବା ରାସ୍ତାରେ ପଇଡ଼ ପିଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୩।୧୦(ସଂଚାର ବ୍ୟୁରୋ):** ଲୋକଙ୍କ ମୁଖ୍ୟମନ୍ତ୍ରୀ ସାଧାରଣ ଲୋକଙ୍କ ସହିତ ମିଶିବା, ଦୁଃଖ ସୁଖ ହେବା ଓ ସେମାନଙ୍କ ସମସ୍ୟା ଶୁଣିବାକୁ ସବୁବେଳେ ଗୁରୁତ୍ୱ ଦେଇଥାନ୍ତି। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀ ଗସ୍ତ ସମୟରେ ବାଟରେ କାଦୁଆ ଠାରେ ଅଟକି ଜଣେ ପଇଡ଼ ବିକ୍ରେତାଙ୍କ ଠାରୁ ପଇଡ଼ କିଣି ପିଇଥିଲେ ଏବଂ ପଇଡ଼ ବିକ୍ରେତା ଶ୍ରୀଧର ମହାପାତ୍ରଙ୍କ ସହିତ ଦୁଃଖ ସୁଖ ହୋଇଥିଲେ। କିଭଳି ବ୍ୟବସାୟ ଚାଲିଛି, କେତେବର୍ଷ ଧରି ବ୍ୟବସାୟ କଲେଣି ଓ ସରକାରୀ ସୁବିଧା ପାଉଛନ୍ତି କି ନାହିଁ, ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପଚାରି ବୁଝିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଜଣେ ସାଧାରଣ ଗ୍ରାହକ ହିସାବରେ ନିକଟରେ ପାଇ ଶ୍ରୀଧର ଖୁସିରେ ବିଭୋର ହୋଇଯାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସରଳ ଓ ସହୃଦୟତା ପୂର୍ଣ୍ଣ ବ୍ୟବହାର ଶ୍ରୀଧର ଓ ଉପସ୍ଥିତ ଜନସାଧାରଣଙ୍କ ମନରେ ଖୁସି ଓ ଆନନ୍ଦ ଆଣିଥିଲା।

## ଶ୍ରୀମନ୍ଦିର ରତ୍ନଭଣ୍ଡାର ପ୍ରସଙ୍ଗରେ ସରକାରଙ୍କୁ ଘେରିଲା ବିଜେଡି

**ଭୁବନେଶ୍ୱର,୧୩।୧୦(ସଂଚାର ବ୍ୟୁରୋ):** ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତିମଣତିକୁ ନେଇ ନିର୍ବାଚନ ବେଳେ ବିଜେପି ଦେଇଥିବା ପ୍ରତିଶ୍ରୁତି ସରକାରକୁ ଆସିବା ପରେ ଭୁଲିଯାଇଛି ଓ ଏନେଇ ରାଜ୍ୟ ବିଜେପି ସରକାରର ଉଦାସୀନ ମନ୍ଦ ବୋଲି ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ସାଧାରଣ ସମ୍ପାଦକ ତଥା ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଓ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି। ଶ୍ରୀ ଖୁଣ୍ଟିଆ କହିଥିଲେ ଯେ କ୍ଷମତାକୁ ଆସିବାର ୧୬ ମାସ ପରେ ମଧ୍ୟ ରାଜ୍ୟ ବିଜେପି ସରକାର ରତ୍ନଭଣ୍ଡାର ଗଣତିମଣତି ନେଇ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ରତ୍ନଭଣ୍ଡାରକୁ ନେଇ ନିର୍ବାଚନ ସମୟରେ ବିଭିନ୍ନ ଅପପ୍ରଚାର କରିଥିଲା ରାଜ୍ୟ ବିଜେପି, କିନ୍ତୁ ବିଭିନ୍ନ ଆଳ ଦେଖାଇ ଆଜିଯାଏଁ ସରକାର ଗଣତି ମଣତି କରିପାରି ନାହାନ୍ତି। ରତ୍ନଭଣ୍ଡାର ମରାମତି ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବାରମ୍ବାର କେନ୍ଦ୍ର ସରକାରଙ୍କୁ ଅନୁମତି ମାଗିଥିଲେ ମଧ୍ୟ ଟାଳଟୁଳ ନୀତି ଅବଲମ୍ବନ କରି ପରିଶେଷରେ ଗତ ୨୦୨୩ରେ କେନ୍ଦ୍ର ସରକାର ଏଏସଆଇକୁ ମରାମତି ପାଇଁ ଅନୁମତି ଦେଇଥିଲେ। ତତ୍କାଳୀନ ବିଜେଡି ସରକାର ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍



ଅରିଜିତ୍ ପଶାୟତଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରି ରତ୍ନଭଣ୍ଡାରର ମରାମତି ଓ ଗଣତିମଣତି ପାଇଁ ପଦକ୍ଷେପ ନେଇଥିଲେ। ରାଜ୍ୟରେ ବିଜେପି ସରକାର ଆସିଲା ପରେ ଜଷ୍ଟିସ୍ ପଶାୟତଙ୍କ ସ୍ଥାନରେ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କୁ ନେଇ ପୁଣି କମିଟି ଗଠନ କଲେ। କିନ୍ତୁ ଏଯାଏଁ ଏହି କମିଟି କେବଳ ରତ୍ନଭଣ୍ଡାରର ସ୍ଥାନାନ୍ତରଣ ଛଡ଼ା ଗଣତିମଣତି ପାଇଁ କୌଣସି କାର୍ଯ୍ୟ କରିନାହାନ୍ତି। ଯେତେବେଳେ ସ୍ଥାନାନ୍ତରଣ ହେଲା ସେହି ରତ୍ନ ସ୍ଥାନାନ୍ତରଣ ପ୍ରକ୍ରିୟା ହୋଇନାହିଁ ଓ ଏନେଇ ରାଜ୍ୟବାସୀ ଅନ୍ଧାରରେ ଅଛନ୍ତି। ଲୋକଙ୍କ ମନରେ ସ୍ୱାଭାବିକ ଭାବେ ଏହି ସ୍ଥାନାନ୍ତରଣ ପ୍ରକ୍ରିୟା ସମୟରେ ଶ୍ରୀଜିଉଙ୍କ ବହୁମୂଲ୍ୟ ରତ୍ନ ଲୁଟ୍ ହୋଇଥିବା ସନ୍ଦେହ ଦୃଢ଼ୀଭୂତ ହୋଇଛି। ଅବିଳମ୍ବେ ସରକାର ରତ୍ନଭଣ୍ଡାରର ଗଣତିମଣତି କାର୍ଯ୍ୟ ସ୍ୱଚ୍ଛତାର ସହ ସମ୍ପାଦନ କରି ଜନସାଧାରଣଙ୍କ ନିକଟରେ ଏ ସମ୍ପର୍କିତ ସମସ୍ତ ତଥ୍ୟ ପ୍ରଦାନ କରିବା ସକାଶେ ଶ୍ରୀ ଖୁଣ୍ଟିଆ ଦାବି କରିଛନ୍ତି।

## ଚୋରି ଦାନବାକ୍ସ ଜବତ, ମା' ଓ ପୁଅ ଗିରଫ

**ଖୋର୍ଦ୍ଧା, ୧୩।୧୦ (ସଂଚାର ବ୍ୟୁରୋ):** ଗତ ଶନିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ନିରାକାରପୁରସ୍ଥିତ ସାଇ ମନ୍ଦିରରେ ଥିବା ଦୁଇଟି ହୁଣ୍ଡିବାକ୍ସକୁ ଚୋରି କରି ନେଇଥିବା ସାଇ ପରିବାର ପକ୍ଷରୁ ନିରାକାରପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ନିରାକାରପୁର ଥାନା ପୋଲିସ ୨୭୮/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ପରେ ସାଇଣ୍ଟିଫିକ ଟିମ ସନ୍ଧାନୀ କୁକୁର ସହଯୋଗରେ ପୋଲିସ ପକ୍ଷରୁ ଏହି ଚୋରିକୁ ଧରିବା ପାଇଁ ତନାଘନା କରିଥିଲା। ଅନୁରୂପଭାବେ ବଜାର ନିକଟରେ ଏହି ଚୋରି ହୋଇଥିବାରୁ ପୋଲିସ ପାଇଁ ଏକ ବଡ ଚାଲେଞ୍ଜ ସୃଷ୍ଟି କରିଥିଲା। ହେଲେ ଚୋରି ହେବାର ୨୪ ଘଣ୍ଟା ନ ପୂରୁଣୁ ପୋଲିସ ଉକ୍ତ ଘଟଣାରେ ସମ୍ପୃକ୍ତ ମା'ଓ ପୁଅକୁ ଗିରଫ କରିବା ସହ ସେମାନଙ୍କ ଭଡା ଘରୁ ହୁଣ୍ଡି ବାକ୍ସ ଓ ଟଙ୍କା ଜବତ କରିଛି। ଗିରଫ ମା' ପୁଅ ହେଲେ ଭୂଷଣ୍ଡପୁର ଫାଣ୍ଡି ଅନ୍ତର୍ଗତ ଭୂଷଣ୍ଡପୁର ଉଗ୍ରଜୁମୀ ସାହିର ଜୟନ୍ତୀ ସିଂହ ଓ ତାଙ୍କ ପୁଅ ସୁଜିତ ସିଂହ। ଉଭୟ ମା-ପୁଅ କିଛିଦିନ ନିଜ ଗାଁ ଛାଡି ନିରାକାରପୁର ପଞ୍ଚାୟତସ୍ଥିତ ନରେନ୍ଦ୍ରପୁର ସାହି ନିକଟରେ ଥିବା କେନାଲ ବନ୍ଧରେ ଭଡା ଘରେ ରହୁଥିଲେ। ଉଭୟଙ୍କୁ ପୋଲିସ ଭଡା ଘରୁ ଗିରଫ କରିବା ସହ ଘରୁ ଚୋରି ସାମଗ୍ରୀକୁ ଜବତ କରି। ଉଭୟ ମା ' ପୁଅଙ୍କୁ କୋର୍ଟ ଚାଲାଣ କରିଥିବା ନିରାକାରପୁର ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ଠକେଇ ମାମଲାରେ ଅଭିଯୁକ୍ତକୁ ୩ ବର୍ଷ ଜେଲ

**କେନ୍ଦୁଝର, ୧୩।୧୦ (ସଂଚାର ବ୍ୟୁରୋ):** ଆଜି ଏକ ଠକେଇ ମାମଲାର ଶୁଣାଣି କରି ଜୁଡିଶିଆଲ ମାଜିଷ୍ଟ୍ରେଟ ଫାଷ୍ଟକ୍ଲାସ ସଦର ଥାନା ଅନ୍ତର୍ଗତ କୁମୁଣ୍ଡି ଗ୍ରାମର ଅଭିଯୁକ୍ତ ଦେବାନନ୍ଦ ମହାନ୍ତଙ୍କୁ ତିନି ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ଏହା ସହ ପାଞ୍ଚ ହଜାର ଟଙ୍କା ଜୋରିମାନା ଅନାଦେୟ ଏକ ବର୍ଷ ଜେଲ ଦଣ୍ଡାଦେଶ ଆଦେଶ ଦେଇଛନ୍ତି। ଏହି କେସରେ ବିଚାରପତି ଶ୍ରୀମତୀ ଦେବେଶ ପାଣିଗ୍ରାହୀ ନଅ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଭିଯୁକ୍ତଙ୍କୁ ଦଣ୍ଡାଦେଶ ଶୁଣାଇଛନ୍ତି।

## ଫେରାର ନାବାଳିକା ଉଦ୍ଧାର : ଯୁବକ ଗିରଫ

**ଧର୍ମଶାଳା, ୧୩।୧୦ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ବ୍ରହ୍ମବରଦା ଥାନା ପୋଲିସକୁ ସଫଳତା। ୬ ମାସ ପରେ ନାବାଳିକାକୁ ଉଦ୍ଧାର କରିବା ସହ ଅପହରଣ ଯୁବକକୁ ଗିରଫ କରି ଆଜି ପୋଲିସ କୋର୍ଟ ଚାଲାଣ କରିଛି। ଯୁବକ ଜଣକ ହେଲେ ରସୁଲପୁର ବ୍ଲକ ବ୍ରହ୍ମବରଦା ଥାନା ଅନ୍ତର୍ଗତ ମହେନ୍ଦ୍ରପୁର ଗ୍ରାମର ଜାମିର ଖାଁଙ୍କର ପୁଅ ଆମଗିର ଖାଁନ(୨୭) ବୋଲି ଜଣାପଡ଼ିଛି। ସେପଟେ ନାବାଳିକାକୁ ଉଦ୍ଧାର କରି ଜିଲା ସୁଧାର ଗୃହରେ ଛଡା ଯାଇଥିବା ଜଣାପଡ଼ିଛି। ଅଭିଯୋଗ ମୁତାବକ, ଚଳିତ ମାସ ଏପ୍ରିଲ ମାସ ୧୦ତାରିଖ ଦିନ ମହେଶ୍ୱରପୁର ଗ୍ରାମର ସୋହାନା ବେଗମ୍ ନାବାଳିକା ଝିଅକୁ କେହି ଅପହରଣ କରି ନେଇଥିବା ମା' ବ୍ରହ୍ମବରଦା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଥାନାରେ ୧୦୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। କିଛି ଦିନ ପରେ ମହେଶ୍ୱରପୁର ଗ୍ରାମର ଜାମିର ଖାଁଙ୍କ ପୁଅ ଆମଗିର ଖାଁନ ଝିଅକୁ ହାଇଦ୍ରାବାଦକୁ ନେଇ ଯାଇଥିବା ଜଣାପଡ଼ିଥିଲା। ତେବେ ଦୁହେଁ ବ୍ରହ୍ମବରଦା ଅଞ୍ଚଳରେ ମାର୍କେଟିଂ କରିବା ସମୟରେ ପୋଲିସ ଦୁହିଁଙ୍କୁ ଉଦ୍ଧାର କରିଥିଲା। ନାବାଳିକାକୁ ସୁଧାର ଗୃହରେ ଛାଡି ଦେଇଥିବା ବେଳେ ଆମଗିରକୁ ଗିରଫ କରି ଆଜି ତାଙ୍କୁ କୋର୍ଟ ଚାଲାଣ କରିଥିବା ନେଇ ଏଏସଆଇ ସୁଶାନ୍ତ କୁମାର ସେଠି ସୂଚନା ଦେଇଛନ୍ତି।

### ● ପଶ୍ଚିମବଙ୍ଗରେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲା

# ବିଜେପି ମହିଳା ମୋର୍ଚ୍ଚାର ବିକ୍ଷୋଭ

**ଭୁବନେଶ୍ୱର,୧୩।୧୦(ସଂଚାର ବ୍ୟୁରୋ):** ପଶ୍ଚିମବଙ୍ଗର ଦୁର୍ଗାପୁରରେ ଜଣୈକା ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଅତ୍ୟନ୍ତ ଅମାବନୀୟ ଲଜ୍ଜାଜନକ। ଏହାକୁ ଯେତେ ନିନ୍ଦା କଲେ ମଧ୍ୟ କମ୍ ହେବ। ମେଡିକାଲ କ୍ୟାଂପସରେ ଥିବା ପୀଡିତା ଛାତ୍ରୀଙ୍କ ପ୍ରତି ଯେଉଁ ଭଳି ଅମାନୁଷିକ ଓ ବର୍ବରୋଚିତ ଘଟଣା ଘଟିଛି ତାହା ପଶ୍ଚିବଙ୍ଗର ମହିଳା ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ସ୍ଥିତିରେ ସେଠାକାର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାତିରେ ଝିଅମାନେ ବାହାରକୁ ଆସିବା ଉଚିତ ନୁହେଁ ଭଳି ଲଜ୍ଜାଜନକ ମନ୍ତବ୍ୟ ଦେଇଛନ୍ତି। ପୀଡିତାକୁ ନ୍ୟାୟ ଦେବା ବଦଳରେ ଲିଙ୍ଗଭିତିକ ଅସମାନତା ଆଣିବା, ଝିଅମାନଙ୍କ ଅଧିକାର ଉପରେ ପ୍ରଶ୍ନ ଉଠାଇବାର ଅଧିକାର କାହାର ନାହିଁ। ଝିଅଙ୍କ ଅଧିକାର ଉପରେ ପ୍ରଶ୍ନ ଉଠାଇବା ଅତ୍ୟନ୍ତ ନିନ୍ଦନୀୟ। ଜଣେ ମହିଳା ମୁଖ୍ୟମନ୍ତ୍ରୀ ଯଦି ଝିଅମାନେ ରାତିରେ ବାହାରିବା ଠିକ୍ ନୁହେଁ ବୋଲି କହିବେ, ତା'ଠାରୁ ଦୁର୍ଭାଗ୍ୟପୂର୍ଣ୍ଣ ଆଉ କିଛି ନୁହେଁ। ଏହି ଘଟଣା ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ଅପାରଗତା ପଦାରେ ପଡ଼ିଛି।




ମମତା ବାନାର୍ଜୀଙ୍କ ମହିଳା ବିରୋଧୀ ଅଭିମୁଖ୍ୟକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଡା. ଐଶ୍ୱର୍ଯ୍ୟା ବିଶ୍ୱାଳ କହିଛନ୍ତି। ଏହାର ପ୍ରତିବାଦରେ ଆଜି ସ୍ଥାନୀୟ ରାମ ମନ୍ଦିର ଛକରେ ରାଜ୍ୟ ମହିଳା ମୋର୍ଚ୍ଚା ପକ୍ଷରୁ ମମତାଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

## କରିତ୍‌କର୍ମା କନିଷ୍ଠ କିରାଣିଙ୍କ ଦରମା ମୁଖ୍ୟ ସଚିବଙ୍କଠୁ ଅଧିକ



**ଭୁବନେଶ୍ୱର,୧୩।୧୦(ସଂଚାର ବ୍ୟୁରୋ):** ଅନେକ ଲାଞ୍ଚୁଆ ବାବୁଙ୍କ କଳାକାରନାମା ବିଷୟରେ ବିଗତ ଦିନରେ ଶୁଣାଯାଇଥିଲେ ମଧ୍ୟ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କନିଷ୍ଠ କିରାଣି ସୁବ୍ରତ ବେହେରାଙ୍କ କଳାକାରନାମା କାହାଣୀ ନିଶ୍ଚିତ ଭାବେ ମୁଣ୍ଡ ଘୂରାଇଦେବ। ଆଖି ସାମ୍ନାରେ ସରକାରୀ ତହବିଲରୁ ଲୁଟୁଥିଲେ କୋଟି କୋଟି ଟଙ୍କା। ଆଉ ତାଙ୍କ ଲୁଟ୍‌ର ତରିକା ଥିଲା ପୂରା ନିଆରା। ଗୋଟେ ମାସ ଦରମା ଅନିୟମିତତାର ଯାଞ୍ଚ, ଆଉ ଖୋଲିଛି ସୁବ୍ରତଙ୍କ ଅର୍ଥ ହେରଫେରର ସବୁ ଗୁମର। ଚାକିରିର ମାତ୍ର କେଇଟା ବର୍ଷ ଭିତରେ ସରକାରୀ ରାଜକୋଷରୁ ଲୁଟିଛନ୍ତି କୋଟି କୋଟି ଟଙ୍କା। ଆକାଉଣ୍ଟକୁ ଦରମା ବାଦ୍ ଯାଇଛି ଅତିରିକ୍ତ ୨ କୋଟି ୩୮ ଲକ୍ଷ ଟଙ୍କା। କେଳେଙ୍କାରୀ ସାମ୍ନାକୁ ଆସିବା ପରେ ଖୋଳତାଡ କରୁଛି ଅଡିଟ୍ ଟିମ୍। କେମିତି ସୁବ୍ରତଙ୍କ ଆକାଉଣ୍ଟକୁ ମୋଟା ଅଙ୍କର ବେତନ ଆସୁଥିଲା, ସେନେଇ ଜିଲ୍ଲା ଟ୍ରେଜେରିକୁ ମଧ୍ୟ ଚିଠି ଲେଖାଯାଇଛି। ପ୍ରତି ମାସରେ ବଦଳୁଥିଲା ସୁବ୍ରତଙ୍କ ଦରମା। ଆକାଉଣ୍ଟାଣ୍ଟ ଥିବାରୁ ସନ୍ଦେହର ଅବକାଶ ନଥିଲା। କେଉଁ ମାସରେ ନିଜ ମୂଳ ଦରମାକୁ ୧ ଲକ୍ଷ ୪୨ ହଜାର ଦେଖାଉଥିଲେ ତ ଆଉ କେବେ ୩ ଲକ୍ଷ ୪୭ ହଜାର। ଏପରିକି ଗୋଟିଏ ମାସରେ ମୂଳ ଦରମାକୁ ୬ ଲକ୍ଷ ଦର୍ଶାଇ ମୁଖ୍ୟ ଶାସନ ସଚିବଙ୍କ ଦରମାର ୩ ଗୁଣା ଅଧିକ ବେତନ ଉଠାଇଥିଲେ ସେ। ଏବେ ପ୍ରଶ୍ନ ଉଠୁଛି, ଜିଲ୍ଲା ଟ୍ରେଜେରି ଅଫିସର କର୍ମଚାରୀଙ୍କ ଅଜାଣତରେ କେମିତି ଅର୍ଥ ତୋଷାରପାତ କରୁଥିଲେ ସୁବ୍ରତ ? ପ୍ରତି ମାସରେ ମୂଳ ଦରମା ବଦଳୁଥିଲେ ମଧ୍ୟ କେମିତି ଜାଣିପାରିଲେନି ଦାୟିତ୍ୱରେ ଥିବା ଅଧିକାରୀ ?

## ଜନ୍ମଦିନରେ ପଦଯାତ୍ରାକୁ ଓହ୍ଲାଇବେ ନବୀନ

**ଭୁବନେଶ୍ୱର, ୧୩।୧୦ (ସଂଚାର ବ୍ୟୁରୋ):** ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଜନ୍ମଦିନରେ ବିଜେଡି ପକ୍ଷରୁ ଆୟୋଜନ କରାଯାଉଥିବା ପଦଯାତ୍ରାକୁ ଓହ୍ଲାଇବେ। ଏହି ସୂଚନା ଦେଇଛନ୍ତି ବିଜେଡିର ଭୁବନେଶ୍ୱର ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା। ସେ କହିଛନ୍ତି ଯେ, ଅକ୍ଟୋବର ୧୬ରେ ଭୁବନେଶ୍ୱର ଗଙ୍ଗନଗର ୱାର୍ଡ ନମ୍ବର ୫୨ରେ ନବୀନ ପଟ୍ଟନାୟକ ଜନସମ୍ପର୍କ ପଦଯାତ୍ରା କରିବେ। ଏହି ଅବସରରେ ଦଳର କର୍ମୀମାନେ ନବୀନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବେ। ଏନେଇ ଭୁବନେଶ୍ୱର ଜିଲ୍ଲା ବିଜେଡ଼ି ପକ୍ଷରୁ ପ୍ରସ୍ତୁତି କରାଯାଇଛି। ଏହାସହ ନବୀନ ଏସଓଏସ ଭିଲେଜ ଯାଇ ମିଷ୍ଟାନ୍ନ ବଣ୍ଟନ କରିବେ।

## କଲେଜରେ ଛାତ୍ରୀଙ୍କ ମୁଣ୍ଡରେ ଲାଗିଲା ବନ୍ଧୁକ

**ରାଉରକେଲା, ୧୩।୧୦ (ସଂଚାର ବ୍ୟୁରୋ):** ରାଉରକେଲା ସରକାରୀ ମହାବିଦ୍ୟାଳୟ ପରିସରରେ ପଶି ୨ଜଣ ଅସାମାଜିକ ଯୁବକ ଛାତ୍ରୀମାନଙ୍କ ମୁଣ୍ଡରେ ଦେହରେ ବନ୍ଧୁକ ଭୁଜାଲୀ ଲଗାଇ ସେମାନଙ୍କୁ ଅପହରଣ କରିବାକୁ ଉଦ୍ୟମ କରିଥିଲେ। ଘଟଣାସ୍ଥଳକୁ ପୁଲିସି ନ ଆସିବାରୁ ଲୋକ ଏକଜୁଟ ହୋଇ ଜଣେ ଯୁବକ ଜଣକୁ ନିର୍ଧୁମ୍ ଛେଚିଥିବା ବେଳେ ଅନ୍ୟ ଜଣେ ଖସି ପଳାଇଛି। ରାଉରକେଲାରେ ପୁଲିସି ଏକ ପ୍ରକାର ନୀରବ, ନାମକୁ ମାତ୍ର ପିସିଆର ବୁଲୁଛି, ଥାନା ପାଖରେ ସରକାରୀ କଲେଜ ଥାଇ ମଧ୍ୟ ଏଭଳି ଘଟଣା ଆଜି ଘଟିଲା। ରାଉରକେଲା ପୁଲିସ ବ୍ୟବସ୍ଥା ପରିଚାଳନା ଏକ ପ୍ରକାର ନିଜସ୍ୱ ସୁବିଧା ଲାଗି ଚାଲିଥିବା କୁହାଯାଉଛି। ଲୋକେ ଏଥିରେ ଉପକୃତ ହେବାର ଦେଖାଯାନାହିଁ, ତେଣୁ ସରକାର ଏଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି।

### ● ବେଦାନ୍ତର ବାର୍ଷିକ ମୋତିଆବିନ୍ଦୁ ଅସ୍ତ୍ରୋପଚାର ଅଭିଯାନ

## କଳାହାଣ୍ଡି ଓ ରାୟଗଡ଼ାର ୯୨ ଗାଁରେ ଆରମ୍ଭ ହୋଇଛି



**ଲାଞ୍ଜିଗଡ଼,୧୩।୧୦(ସଂଚାର ବ୍ୟୁରୋ):** ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଏହାର ପ୍ରମୁଖ ସ୍ୱାସ୍ଥ୍ୟସେବା ପଦକ୍ଷେପ ପ୍ରୋଜେକ୍ଟ ଆରୋଗ୍ୟ ଅଧୀନରେ ୮ଟି ମୋତିଆବିନ୍ଦୁ ଅସ୍ତ୍ରୋପଚାର ଶିବିରର ପ୍ରଥମ ପର୍ଯ୍ୟାୟ ଆରମ୍ଭ କରିଛି। ଏହାର ଲକ୍ଷ୍ୟ କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲାର ୯୨ଟି ଗାଁରେ ବୃଦ୍ଧମାନଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଓ ଜୀବନର ମାନ ଉନ୍ନତ କରିବା। ଏହି କାର୍ଯ୍ୟକ୍ରମ ଭବାନୀପାଟଣାର ଜଗନ୍ନାଥ ନେତ୍ରାଳୟ ସହ ମିଳିତ ଭାବେ ପରିଚାଳିତ ହେଉଛି। ଚଳିତ ମାସରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଆସନ୍ତା ବର୍ଷ ମାର୍ଚ୍ଚ ପର୍ଯ୍ୟନ୍ତ ଆଠଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଏହାଦ୍ୱାରା ଅନୁନ୍ନତ ସମ୍ପ୍ରଦାୟକୁ ମାଗଣା ପରାମର୍ଶ, ଅସ୍ତ୍ରୋପଚାର ଓ ଅସ୍ତ୍ରୋପଚାର ପରବର୍ତ୍ତୀ ଯତ୍ନ ପ୍ରଦାନ କରାଯିବ। ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୪୦ ଜଣଙ୍କର ଅସ୍ତ୍ରୋପଚାର ହେବ। ଏହି ଅଭିଯାନକୁ ୨୦୨୬ ଆର୍ଥିକ ବର୍ଷରେ ୩୫୦ରୁ ଅଧିକ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବାର ଲକ୍ଷ୍ୟ ରହିଛି।

ଆଜି ପର୍ଯ୍ୟନ୍ତ ବେଦାନ୍ତ ଲାଞ୍ଜିଗଡ଼ ୧୭୦୦ରୁ ଅଧିକ ବ୍ୟକ୍ତିଙ୍କୁ ଦୃଷ୍ଟିଶକ୍ତି ଫେରିପାଇବାରେ ସାହାଯ୍ୟ କରିଛି। ଏହି ପଦକ୍ଷେପକୁ ପ୍ରଶଂସା କରି ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ବେଦାନ୍ତ ଲାଞ୍ଜିଗଡ଼ରେ ଆମର ସ୍ୱାସ୍ଥ୍ୟସେବା ପଦକ୍ଷେପଗୁଡ଼ିକ ଲୋକଙ୍କ ଜୀବନରେ ଏକ ସ୍ପଷ୍ଟ ପରିବର୍ତ୍ତନ ଆଣିବା ପାଇଁ ପ୍ରସ୍ତୁତ ହୋଇଛି, ଯାହାର ଦୂରବର୍ତ୍ତୀ ସମ୍ପ୍ରଦାୟ ମଧ୍ୟ ଗୁଣାତ୍ମକ ଚିକିତ୍ସା ସେବା ପାଇବା ସୁନିଶ୍ଚିତ କରିଛି। ପ୍ରୋଜେକ୍ଟ ଆରୋଗ୍ୟ ମାଧ୍ୟମରେ ମୋବାଇଲ୍ ସ୍ୱାସ୍ଥ୍ୟ ୟୁନିଟ୍‌ଠାରୁ ଆରମ୍ଭ କରି ମୋତିଆବିନ୍ଦୁ ଅସ୍ତ୍ରୋପଚାର ଭଳି ବିଶେଷ ହସ୍ତକ୍ଷେପ ପର୍ଯ୍ୟନ୍ତ ପ୍ରତିରୋଧକ ଓ ଚିକିତ୍ସାମୂଳକ ଚିକିତ୍ସା ସହ ହଜାର ହଜାର ପରିବାର ନିକଟରେ ପହଞ୍ଚିପାରିଛି। ବେଦାନ୍ତ ଲାଞ୍ଜିଗଡ଼ର ପ୍ରମୁଖ ସ୍ୱାସ୍ଥ୍ୟସେବା ପଦକ୍ଷେପ, ପ୍ରୋଜେକ୍ଟ ଆରୋଗ୍ୟ, ଏହି ଅଞ୍ଚଳରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୬୬୦ରୁ ଅଧିକ ମୋବାଇଲ୍ ହେଲଥ ୟୁନିଟ୍ (ଏମ୍‌ଏଚ୍‌ୟୁ) ବୁଲିଥିଲା, ଯାହା ଦୂରଦୂରାନ୍ତ ଗ୍ରାମଗୁଡିକର ୨୦,୫୦୦ରୁ ଅଧିକ ଲୋକଙ୍କୁ ସେମାନଙ୍କ ଦ୍ୱାରଦେଶରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିଲା। ଏଥିସହ ୬୮୦ରୁ ଅଧିକ ସାମୁଦାୟିକ ସଚେତନତା ଅଧିବେଶନ ମଧ୍ୟ ଆୟୋଜିତ ହୋଇଛି। ଏହା ମାଧ୍ୟମରେ ୧୫,୦୦୦ରୁ ଅଧିକ ଲୋକଙ୍କୁ ପରିଷ୍କାର ପରିଚ୍ଛନ୍ନତା, ସୁସ୍ଥତା ଏବଂ ରୋଗ ନିବାରଣ ବିଷୟରେ ଜରୁରୀ ସୂଚନା ପ୍ରଦାନ କରିଛି।

### ● ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ଜଙ୍ଗଲ ଭୂମି ବିଭାଜନ ପ୍ରଗତିର ସମୀକ୍ଷା

# ଅନାବଶ୍ୟକ ବିଳମ୍ବ ରୋକିବାକୁ ନୋଡାଲ୍ ଅଫିସରଙ୍କୁ ନିର୍ଦ୍ଦେଶ



**ଭୁବନେଶ୍ୱର,୧୩।୧୦(ସଂଚାର ବ୍ୟୁରୋ):** ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ), ଭାରତୀୟ ରେଳବାଇ, ଓପିଟିସିଏଲ, ଜିଏସଆଇ ଓ ରିଲାୟନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ମୁଖ୍ୟ ଅବସ୍ଥାପନା ପ୍ରକଳ୍ପଗୁଡ଼ିକ ପାଇଁ ଜଙ୍ଗଲ ଭୂମି ବିଭାଜନ ଅନୁମୋଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଓ ଜଙ୍ଗଲ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକର ନିରାକରଣ ପାଇଁ ଏକ ସମନ୍ୱୟ ବୈଠକ ଆଜି ଗୃହ ବିଭାଗର ସମ୍ମିଳନୀ କକ୍ଷରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ଅତିରିକ୍ତ ମୁଖ୍ୟ ଶାସନ ସଚିବ ଗତ ମାସ ହୋଇଥିବା ବୈଠକରେ ଆଲୋଚିତ ପ୍ରକଳ୍ପଗୁଡ଼ିକର ପ୍ରଗତି ଓ ସମୀକ୍ଷା କରି ଆଜିର ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପିଏମଜି/ପ୍ରଗତି ପୋର୍ଟାଲରେ ଥିବା ମୁଖ୍ୟ ପ୍ରକଳ୍ପଗୁଡ଼ିକର ସ୍ଥିତି ସମୀକ୍ଷା କରିଛନ୍ତି। ଏଗୁଡିକ ମଧ୍ୟରେ କ୍ୟାପିଟାଲ ରିଜିଅନ୍ ରିଙ୍ଗ ରୋଡ୍ ପ୍ରକଳ୍ପ, ଦକ୍ଷିଣ ପୂର୍ବ ରେଳବାଇର ଗୋରୁ-ମହିଷାଣୀ ନୂତନ ରେଳ ଲାଇନ୍, ରିଲାୟନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ୪ଜି ଭିତ୍ତିକ ମୋବାଇଲ ସେବା ପ୍ରକଳ୍ପ, ଜିଓଲଜିକାଲ ସର୍ଭେ ଅଫ୍ ଇଣ୍ଡିଆ (ଜିଏସ୍‌ଆଇ)ର ଖନନ ଅନୁସନ୍ଧାନ ପ୍ରସ୍ତାବ, ସେଲ୍‌ର କାଲ୍‌ଟା ଆଇରନ ଓର ଖଣି, ଓପିଟିସିଏଲର ଟ୍ରାନ୍ସମିସନ ଲାଇନ୍ ପ୍ରକଳ୍ପ, କଲ୍ୟାଣୀ ଷ୍ଟିଲ୍‌ର ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରସ୍ତାବ ଆଦି ଅନ୍ତର୍ଭୁକ୍ତ।

ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର ଜଙ୍ଗଲ ଭୂମି ବିଭାଜନ ଅନୁମୋଦନ ପ୍ରକ୍ରିୟାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ତ୍ୱରାନ୍ୱିତ କରିବାକୁ ଓ ସମସ୍ତ ମାମଲା ସକ୍ରିୟ ଭାବେ ସମାଧାନ କରିବାକୁ ଶ୍ରୀ ସାହୁ ସମସ୍ତ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ଡିଭିଜନ ବନାଞ୍ଚଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ପର୍ଯ୍ୟାୟରେ ନିୟମିତ ନୀରୀକ୍ଷଣ ଓ ସହଯୋଗ କରି ଅନାବଶ୍ୟକ ବିଳମ୍ବ ରୋକିବା ପାଇଁ ନୋଡାଲ୍ ଅଫିସରମାନଙ୍କୁ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଥିଲେ। ସେ ଆହୁରି କହିଥିଲେ ଯେ ଜଙ୍ଗଲ ଭୂମି ବିଭାଜନ ପ୍ରସ୍ତାବଗୁଡ଼ିକ ନିର୍ଦ୍ଧାରିତ ସମୟସୀମା ଭିତରେ ପ୍ରକ୍ରିୟା କରାଯିବା ଦରକାର। ସମସ୍ତ ସମ୍ବନ୍ଧିତ ବିଭାଗ ଓ ସଂସ୍ଥାମାନଙ୍କ ସମନ୍ୱୟରେ କାମ କରି ସମୟୋପଯୋଗୀ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

# ନିଶାଡିଙ୍କ ଉତ୍ପାତ, ରାଜଧାନୀବାସୀ ଅସ୍ତବ୍ୟସ୍ତ

**ଭୁବନେଶ୍ୱର,୧୩।୧୦:** ନିଶାଡିଙ୍କ ଉତ୍ପାତ ଯୋଗୁଁ ରାଜଧାନୀରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବାବେଳେ ସେମାନଙ୍କ ଦୌରାତ୍ମ୍ୟ କମିବା ପରିବର୍ତ୍ତେ ଦିନକୁ ଦିନ ବଢିବାରେ ଲାଗିଛି। ଏଥିଯୋଗୁଁ ଗୁରୁତର ଆଇନ୍‌ଶୃଙ୍ଖଳା ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି। ଅନ୍ୟ ପକ୍ଷରେ ନିଶା ଠାରୁ ଛାତ୍ରମାନଙ୍କୁ ଦୂରେଇ ରଖିବାପାଇଁ ପୁଲିସ୍ ପକ୍ଷରୁ ସଚେତନତା ଅଭିଯାନ ଜାରି ରହିଛି।

ପଶ୍ଚିମବଙ୍ଗରେ ଜଣେ ଓଡିଆ ଡାକ୍ତରୀ ଛାତ୍ରୀ ଗଣଦୁଷ୍କର୍ମର ଶିକାର ହୋଇଥିବା ଘଟଣା ଓଡିଶା ସମେତ ସାରା ଦେଶରେ ଆଲୋଡନ ସୃଷ୍ଟି କରିଥିବାବେଳେ ଗତ ଶନିବାର ରାତିରେ ରାଜଧାନୀରେ ଦଳେ ନିଶାଡି ଜଣେ ଯୁବତୀଙ୍କୁ ରାସ୍ତାରୁ ଉଠାଇ ନେଇ ଗଣଦୁଷ୍କର୍ମ ପାଇଁ ଉଦ୍ୟମ କରିଥିବାବେଳେ ପୀଡିତା ସେମାନଙ୍କ ପଞ୍ଝାରୁ ରକ୍ଷା ପାଇଯାଇଛନ୍ତି। ଯୁବତୀ ଜଣଙ୍କ ଚକେଇସିଆଣି ନିକଟବର୍ତ୍ତୀ ତାଙ୍କ ଘରକୁ ଏକାକୀ ଫେରୁଥିବାବେଳେ ରାସ୍ତାକଡରେ ମଦ୍ୟପମାନଙ୍କ ଆଡ୍ଡା ଚାଲିଥିଲା। ସେମାନେ ତାଙ୍କପ୍ରତି ଅଶ୍ଳୀଳ ଶବ୍ଦ ପ୍ରୟୋଗ କରିବାରୁ ଯୁବତୀ ଜଣଙ୍କ ତାହାର ପ୍ରତିବାଦ କରିବାରୁ ମଦୁଆମାନେ ତାଙ୍କୁ ଏକ ନିର୍ଜନ ସ୍ଥାନକୁ ଜବରଦସ୍ତ ଉଠାଇ ନେଉଥିଲେ। ତେବେ ସାହସର ସହିତ ଯୁବତୀଜଣଙ୍କ ସେମାନଙ୍କ ପ୍ରତିରୋଧ କରିବା ସଂଗେ ସଂଗେ ଚିତ୍କାର କରିବାରୁ ନିକଟବର୍ତ୍ତୀ ସାଇମନ୍ଦିର ନିକଟରେ ଥିବା କିଛି ଲୋକ ଘଟଣାସ୍ଥଳକୁ ଯାଇ ତାଙ୍କୁ ଉଦ୍ଧାର କରିଥିଲେ। ଏହି ଘଟଣା ମଞ୍ଚେଶ୍ୱର ପୁଲିସକୁ ଜଣାଯିବାପରେ ଯୁବତୀ ଜଣଙ୍କୁ ଡାକ୍ତରଖାନାରେ ଚିକିତ୍ସା କରାଯାଇଛି।

ଭୁବନେଶ୍ୱରରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ, ଡାକ୍ତରଖାନା, ଦପ୍ତର, ପାର୍କ ଏମିତିକି ରାସ୍ତାକଡରେ ଦିନ ରାତି ମଦୁଆମାନଙ୍କ ଆଡ୍ଡା ଜମୁଛି। ଏହାଛଡା ବ୍ରାଉନସୁଗାର, ଗଞ୍ଜେଇ ଆଦିର କାରବାର ମଧ୍ୟ ବଢୁଛି। ଏଥିରେ ଯୁବ ସମାଜ ବହୁ ଭାବରେ ପ୍ରଭାବିତ ହେଉଥିବାବେଳେ ଘରେ ମହିଳା ସଦସ୍ୟମାନଙ୍କ ଉପରେ ନିଶାଡିମାନଙ୍କ ଦୌରାତ୍ମ୍ୟ ମଧ୍ୟ ବଢୁଛି। ଏମିତିକି ନିଶା ପାଇଁ ରାସ୍ତାଘାଟରେ ଲୋକଙ୍କୁ ଆକ୍ରମଣ କରି ପଇସାପତ୍ର, ମୋବାଇଲ୍ ଓ ଗହଣାଗାଣ୍ଠି ସେମାନେ ଛଡାଇ ନେଉଛନ୍ତି। ସ୍ଥଳ ବିଶେଷରେ ଏହି ନିଶାଡିମାନେ ଛାତ୍ରୀ, ଯୁବତୀ ଓ ଅନ୍ୟ ମହିଳାମାନଙ୍କୁ ମଧ୍ୟ ଆକ୍ରମଣ କରିବା ସହିତ ଅଶ୍ଳୀଳ ଇଙ୍ଗିତ କରୁଛନ୍ତି।

ଜଣେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଆଜି ସକାଳେ ରାୟଗଡାରୁ ଭୁବନେଶ୍ୱର ଆସୁଥିବାବେଳେ ରେଳଷ୍ଟେସନ ନିକଟରେ ନିଶାଡିଗୋଷ୍ଠି ତାଙ୍କ ଉପରେ ଆକ୍ରମଣ କରି ମୋବାଇଲ ଫୋନ୍ ଛଡାଇ ନେଇଥିବା ଅଭିଯୋଗ ହୋଇଛି। କେତେକ କ୍ଷେତ୍ରରେ ଏମାନେ ମଧ୍ୟ ଅତୀତରେ ପୁଲିସ୍ ଉପରେ ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ଅଥଚ ବିଧାନସଭାରେ ସରକାରଙ୍କ ପକ୍ଷରୁ କୁହାଯାଉଛି ଯେ ମଦ ର ପ୍ରସାର ଯୋଗୁଁ ଅପରାଧ ଘଟୁଥିବା ସଂକ୍ରାନ୍ତରେ ସରକାରଙ୍କ ନିକଟରେ କିଛି ସୂଚନା ନାହିଁ।

ବିଳମ୍ବିତ ରାତ୍ରୀରେ ବେଧଡକ ଭାବେ ନିଶାଡିମାନେ ଦଳ ଦଳ ହୋଇ ରାସ୍ତାକଡରେ ନିଶା ସେବନ କରିବା ସହିତ ଆଡ୍ଡା ମାରୁଥିବାବେଳେ ସେମାନଙ୍କୁ କିନ୍ତୁ ପୁଲିସ୍ ଉଠାଇ ନେଉନାହିଁ। କେବଳ ବେଳେବେଳେ ନିଶାପାନ କରି ଗାଡି ଚଳାଉଥିବା ବ୍ୟକ୍ତିଙ୍କୁ ଅଟକାଇ ଜୋରିମାନା ଆଦାୟ ଅବଶ୍ୟ କରୁଛି। ପାଟ୍ରୋଲିଂ ବ୍ୟବସ୍ଥାକୁ ବ୍ୟାପକ କରି ରାସ୍ତାକଡ ସମେତ ଅନ୍ୟାନ୍ୟ ସର୍ବସାଧାରଣ ସ୍ଥାନରୁ ନିଶାପାନ କରୁଥିବା ବ୍ୟକ୍ତିମାନଙ୍କୁ ଗିରଫ କରିବା ଏବଂ ସେମାନଙ୍କ ଯାନବାହାନ ଜବତ କରିବାଲାଗି ବରିଷ୍ଠ ନାଗରିକଙ୍କ ସମେତ ଛାତ୍ର ଓ ମହିଳା ସଂଗଠନମାନେ ବାରମ୍ବାର ଦାବି କରୁଛନ୍ତି। ରାଜଧାନୀରେ ନିଶାଡିମାନଙ୍କ ଯୋଗୁଁ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟିହେବା ଏବଂ ସଡକ ଦୁର୍ଘଟଣା ଘଟିବା ଏକ ଦିହସୁହା କଥାରେ ପରିଣତ ହୋଇଗଲାଣି। ଏହାର ନିୟନ୍ତ୍ରଣ କରାନଗଲେ ଆଗାମୀ ଦିନରେ ପରିସ୍ଥିତି ଅଧିକ ବିଗିଡିପାରେ। ବିଶେଷକରି ଆପତ୍ତିଜନକ ସ୍ଥାନରେ ମଦଦୋକାନ ଖୋଲିଥିବା ସରକାର ସ୍ୱୀକାର କରୁଥିବାବେଳେ ସେଗୁଡିକୁ ବନ୍ଦ କରିବା ପରିବର୍ତ୍ତେ କିନ୍ତୁ ବର୍ଷ ବର୍ଷ ଧରି ଅଧିକରୁ ଅଧିକ ସଂଖ୍ୟକ ମଦଦୋକାନ ଖୋଲା ଚାଲିଛି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

ମଙ୍ଗଳବାର ୧୪ ଅକ୍ଟୋବର ୨୦୨୫, ଭୁବନେଶ୍ୱର
Tuesday 14 October 2025, Bhubaneswar



# ଲାଲୁ ଯାଦବ ଓ ଦୁର୍ନୀତି



ବିହାର ରାଜନୀତିରେ ଲାଲୁ ପ୍ରସାଦ ଯାଦବ ଏକ ଅଲଗା ନାମ। ଜଣେ କେବଳ ନେତା ନୁହେଁ, ଏକ ଘଟଣା, ଏକ ଯୁଗ। ଗ୍ରାମ୍ୟ ଶୈଳୀର ଭାଷା, ସାଧାରଣ ଲୋକଙ୍କ ସହ ନିକଟ ସମ୍ପର୍କ, ଓ ଜାତି ଆଧାରିତ ସମୀକରଣ ଲାଲୁଙ୍କୁ ରାଜନୀତିରେ ଅପରିହାର୍ଯ୍ୟ କରିଥିଲା। କିନ୍ତୁ ଯେପରି ସେ ଲୋକପ୍ରିୟତାର ଶିଖରରେ ଯାଇଥିଲେ, ସେହିପରି ଘୋଟାଲା ଓ ଅପରାଧ ଆରୋପ ତାଙ୍କ ଜୀବନକୁ ଅନେକ ସମୟେ ଛାୟାବିତ କରିଛି।

୧୯୯୬ ମସିହାରେ ଆରମ୍ଭ ହୋଇଥିବା "ଚାରା ଘୋଟାଳା" ଲାଲୁ ପ୍ରସାଦଙ୍କ ରାଜନୀତିକ ଜୀବନରେ ଏକ ଟର୍ଣ୍ଣିଂ ପଏଣ୍ଟ। ଏହି ଘୋଟାଳାରେ ରାଜ୍ୟର ଟ୍ରେଜରିରୁ ଗାୟ-ଚାରା ଓ ପଶୁ ଖାଦ୍ୟ ପାଇଁ ନିଷ୍ପତ୍ତି ହୋଇଥିବା ଧନର ଦୁରୁପଯୋଗ ହୋଇଥିଲା। ଅଭିଯୋଗ ଅନୁଯାୟୀ, ଏହି ଘଟଣାରେ ସରକାରୀ ଧନର ଅନେକ କୋଟି ଟଙ୍କା ଦୁର୍ନୀତିପୂର୍ଣ୍ଣ ଭାବେ ବ୍ୟବହୃତ ହୋଇଥିଲା। ପରବର୍ତ୍ତୀ ସମୟରେ ଲାଲୁଙ୍କୁ ଆଇବିଆଇ ଅଭିଯୋଗପତ୍ର ଦାଖଲ କଲା ଓ କୋର୍ଟ ସେଙ୍କୁ ଦୋଷୀ ଠାରାଇ ଜେଲ୍ ହେବା ପର୍ଯ୍ୟନ୍ତ ଆଦେଶ ଦେଲା। ଏହି ଘୋଟାଳା ଲାଲୁଙ୍କ ଛବିକୁ ଦେଶଜୁଡ଼ା ହେଲେ ମଧ ଖରାପ ଭାବେ ପ୍ରଭାବିତ କରିଥିଲା।

ପରେ ଲାଲୁ ପ୍ରସାଦ ଯାଦବଙ୍କ ନାମ ଆସିଲା ଆଉ ଗୋଟିଏ ଆର୍ଥିକ ଅପରାଧ ମାମଲାରେ — "ଚାକିରୀ ପାଇଁ ଜମି ଦୁର୍ନୀତି"। ଏହା ଅନୁସାରେ, ତାଙ୍କ ରେଳମନ୍ତ୍ରୀ ଥିବା ସମୟରେ କେତେକ ଲୋକଙ୍କୁ ଜମି ଦାନ ପାଇଁ ବଦଳରେ ରେଳ ବିଭାଗରେ ନିଯୁକ୍ତି ଦେବା ଯୋଗୁଁ ଅଭିଯୋଗ ଲାଗିଥିଲା। ଏହି ମାମଲା ଏବେ ସିବିଆଇ ଓ ଇଡି ଦ୍ୱାରା ତଦନ୍ତାଧୀନ ଅଛି ଏବଂ ଲାଲୁ ସହିତ ତାଙ୍କ ପରିବାର ସଦସ୍ୟମାନେ ମଧ ଆଇନୀ ପ୍ରକ୍ରିୟାରେ ଅଛନ୍ତି।

ସେହିପରି ଆଉ ଗୋଟିଏ ମୁଖ୍ୟ ଘୋଟାଳା ହେଉଛି "ଆଇଆରସିଟିସି ହୋଟେଲ ଘୋଟାଳା"। ଏହି ମାମଲାରେ ଲାଲୁ ପ୍ରସାଦ, ରାବଡ଼ି ଦେବୀ ଓ ତାଙ୍କ ପୁଅ ତେଜସ୍ୱୀ ଯାଦବଙ୍କ ଉପରେ ରାଜନୀତିକ ପଦବୀର ଦୁର୍ବ୍ୟବହାର କରି, ଟେଣ୍ଡର ଓ ସମ୍ପତ୍ତି ଦେବା-ନେବା ଆରୋପ ଲାଗିଛି। ଏହି ମାମଲା ଆଜି ମଧ ଆଇନୀ ଭାବେ ଚାଲିଛି ଏବଂ ଏହା ଲାଲୁଙ୍କ ରାଜନୀତିକ ଭବିଷ୍ୟତ ଉପରେ ଛାୟା ପକାଇଛି।

ଲାଲୁ ପ୍ରସାଦ ଯାଦବ ସଦା କହିଆସୁଛନ୍ତି ଯେ ଏହି ସମସ୍ତ ମାମଲା ରାଜନୀତିକ ପ୍ରତିଶୋଧର ଫଳ। ସେ କହିଛନ୍ତି ଯେ ସେ ସଦା ଗରିବ ଓ ପଛୁଆ ଶ୍ରେଣୀଙ୍କ ପକ୍ଷରେ ରହିଛନ୍ତି, ତେଣୁ ଶକ୍ତିଶାଳୀ ଶ୍ରେଣୀ ତାଙ୍କୁ ମାଟିଗୁଡ଼ିବାକୁ ଚେଷ୍ଟା କରୁଛି। ତାଙ୍କର ସମର୍ଥକମାନେ ଏହାକୁ "ସାଜିତ ଚକ୍ରାନ୍ତ" ବୋଲି ମନେ କରନ୍ତି, ଯେତେବେଳେ ବିରୋଧୀମାନେ ଏହାକୁ ଦୁର୍ନୀତି ରାଜନୀତିର ସବୁଠାରୁ ସଫଳ ଉଦାହରଣ ବୋଲି ଦେଖନ୍ତି।

# ଅପରାଧ ତରିକାରେ ପରିବର୍ତ୍ତନ

**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**



ଦେଶରେ ଅପରାଧର ହାର ନେଇ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ(ଏନସିଆରବି)ର ୨୦୨୩ ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଯେତିକି ଚିନ୍ତାଜନକ, ସେତିକି ଉଦ୍‌ବେଗଜନକ ବୋଲି କୁହାଯାଇପାରିବ। ଏନସିଆରବିର ରିପୋର୍ଟ ଅନୁଯାୟୀ ଅପରାଧର ତରିକା (ଢାଞ୍ଚା)ରେ ସାମାନ୍ୟ ପରିବର୍ତ୍ତନ ଘଟିଛି। କିନ୍ତୁ ଅପରାଧ ହ୍ରାସ ପାଇନାହିଁ। ୨୦୨୨ରେ ୨୪ ମିଲିଅନ ଅପରାଧ ଘଟଣା ଘଟିଥିଲା, ଯାହାକି ପୂର୍ବ ବର୍ଷ ତୁଳନାରେ ୭.୨ ପ୍ରତିଶତ ଅଧିକ। ଦେଶରେ ହତ୍ୟା ଓ ଦୁଷ୍କର୍ମ ପରି ଅପରାଧ କମିଥିବା ସୂଚନା ମିଳିଥିବାବେଳେ ଜାଲିଆତି, ଠକେଇ, ଠକେଇ ଖାମଖିଆଲ ଗାଡି ଚାଳନା ଏବଂ ସାଇବର ଅପରାଧ ବୃଦ୍ଧି ପାଇଛି। ସାଇବର ଅପରାଧ ୩୧.୨ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ନାଗରିକମାନଙ୍କୁ ଠକିବା, ଯୌନ, ନିର୍ଯ୍ୟାତନା ଓ ଶୋଷଣ ଭଳି ଘଟଣାମାନ ମଧ ବଢ଼ିଛି। ତେବେ ସବୁଠୁ ଉଦ୍‌ବେଗଜନକ ହେଉଛି, ଶିଶୁମାନଙ୍କ ବିରୋଧରେ ଅପରାଧ ବୃଦ୍ଧି। ପୂର୍ବବର୍ଷ ତୁଳନାରେ ଶିଶୁ ବିରୋଧ ହିଂସା, ଅପରାଧିକ କାର୍ଯ୍ୟକଳାପ ୯.୨ ପ୍ରତିଶତ ବୃଦ୍ଧି ପାଇଛି। ଯେଉଁଠାରେ କି କେବଳ ୪୦ ହଜାରରୁ ଅଧିକ ଶିଶୁ, ଦୁଷ୍କର୍ମ ଘଟଣା ଘଟିଥିବାବେଳେ ଶିଶୁମାନଙ୍କୁ ଯୌନ ନିର୍ଯ୍ୟାତନା, ଯୌନହିଂସା ଏବଂ ପର୍ଣ୍ଣଗ୍ରଫି ବ୍ୟବହାର ଘଟଣାମାନ ମଧ ଉଦ୍‌ବେଗଜନକ ହାରରେ ବୃଦ୍ଧି ପାଇଛି। ସେହିପରି ଅନୁସୂଚିତ ଜାତି(ଏସସି) ବିରୋଧି ହିଂସା ମାତ୍ର ୦.୪ ପ୍ରତିଶତ ବଢ଼ିଥିବାବେଳେ ଅନୁସୂଚିତ ଜନଜାତି (ଏସଟି) ବିରୁଦ୍ଧରେ ଅପରାଧିକ ମାମଲା ୨୮.୮ ପ୍ରତିଶତ ବୃଦ୍ଧି ପାଇଛି। ତେବେ ଅନୁସୂଚିତ ଜନଜାତି (ଏସଟି) ବିରୁଦ୍ଧରେ ଅପରାଧ କେବଳ ମଣିପୁରରେ ମୈତ୍ରେଇ ଓ କୁକି ସମ୍ପ୍ରଦାୟ ମଧରେ ଜାତିଆଣ ସଂଘର୍ଷ ଘଟଣାରୁ ବୃଦ୍ଧି ପାଇଥିବା କୁହାଯାଏ। ମଣିପୁର ହିଂସାରେ ଉଭୟ ସମ୍ପ୍ରଦାୟରୁ ୨୬୦ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ପ୍ରାୟ ୬୦ହଜାର ଜନଜାତି ଲୋକ ବାସଚ୍ୟୁତ ହୋଇଥିଲେ। ସେହିପରି ହତ୍ୟା ଭଳି ଘଟଣା ମଧ ସାମାନ୍ୟ ହ୍ରାସ ପାଇଛି। ଜାତୀୟ ରାଜଧାନୀ ଦିଲ୍ଲୀରେ ସର୍ବାଧିକ ୫୦୩ ହତ୍ୟାକାଣ୍ଡ ଘଟଣା ଘଟିଥିବାବେଳେ ଏହା ପଛକୁ ବେଙ୍ଗାଲୁର, ଜୟପୁର ରହିଛି। କୋଲକତା, ମୁମ୍ବାଇ ଏବଂ ଚେନ୍ନେଇ ପରି ସହର ସୁରକ୍ଷିତ ବୋଲି ରିପୋର୍ଟରେ କୁହାଯାଇଛି କିନ୍ତୁ ସମଲିଙ୍ଗି ଦଣ୍ଡଯୋଗ୍ୟ ଅପରାଧ ୧୮ପ୍ରତିଶତ ବୃଦ୍ଧି ପାଇଛି। ତେବେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ମହିଳା ବିରୋଧ ହିଂସା ମାତ୍ର ୦.୭ ପ୍ରତିଶତ ବୃଦ୍ଧି ପାଇଛି। ତେବେ ଏହା ଆଦୌ ଅଧିକ ନୁହେଁ ବୋଲି କୁହାଯାଇପାରେ। କଠୋର ଆଇନ, ବ୍ୟାପକ ସଚେତନତା ଏବଂ ଗଣମାଧମର ଉଦ୍ୟମ ସତ୍ତ୍ୱେ ଦେଶରେ ମହିଳା ବିରୋଧି ହିଂସାର ସଂଖ୍ୟା କମିନାହିଁ ଆହୁରି ମଧ ଦୁଷ୍କର୍ମ ଉଦ୍ୟମ ଏବଂ ଦୁଷ୍କର୍ମ ଘଟଣା କମିଛି। ଦେଶରେ ଦୁଷ୍କର୍ମ ଅପରାଧ ପୂର୍ବବର୍ଷ ତୁଳନାରେ ୫.୯ ପ୍ରତିଶତ ହ୍ରାସ ପାଇଛି। ସେହିପରି ଯୌତୁକ ଜନିତ ମୃତ୍ୟୁ ଘଟଣା ୪, ୪୮, ୨୧୧କୁ ହ୍ରାସ ପାଇଛି ସତ କିନ୍ତୁ ଏବେ ବି ଏଭଳି ଅପରାଧ ଚିନ୍ତାଜନକ ସ୍ଥିତିରେ ରହିଥିବା ରିପୋର୍ଟରେ କୁହାଯାଇଛି। ତେବେ ଭାରତୀୟ ପିଙ୍ଗଳ କୋଡ ଆଇପିସିର ଧାରା ୪୯(ଏ) ଅନୁଯାୟୀ ଦେଶରେ ସର୍ବାଧିକ ମହିଳା ବିରୋଧି ହିଂସା ଅପରାଧ ଘଟିଛି। ସ୍ୱାମୀ ଓ ସମ୍ପର୍କୀୟଙ୍କ ଦ୍ୱାରା ଏଭଳି ମହିଳା ବିରୋଧ ହିଂସା ଘଟି ବା ରିପୋର୍ଟ କହେ ରିପୋର୍ଟରେ ଆହୁରି କୁହାଯାଇଛି ଯେ ଜାତୀୟ ରାଜଧାନୀ ଦିଲ୍ଲୀ ଯେଉଁଠାରେ ଆଇନଶୃଙ୍ଖଳା କେନ୍ଦ୍ର ସରକାରଙ୍କ ହାତରେ ରହିଛି। ସେଠାରେ ମହିଳାମାନେ ସୁରକ୍ଷିତ ନୁହେଁ। ମୋଟାମୋଟି ଭାବେ କହିବାକୁ ଗଲେ ଦିଲ୍ଲୀ ମହିଳାଙ୍କ ପାଇଁ ସବୁଠୁ ଅସୁରକ୍ଷିତ ସହର ଆହୁରି ମଧ ଉତରପ୍ରଦେଶରେ ସର୍ବାଧିକ ତଥା ୬୬, ୭୮୧ଟି ମହିଳା ବିରୋଧି ଅପରାଧ ଘଟଣା ଘଟିଛି। ଉତରପ୍ରଦେଶ ପଛକୁ ମହାରାଷ୍ଟ୍ର ଦ୍ୱିତୀୟ ଓ ରାଜସ୍ଥାନ ତୃତୀୟ ସ୍ଥାନରେ ରହିଛି। ପଶ୍ଚିମବଙ୍ଗ ଚତୁର୍ଥସ୍ଥାନରେ ରହିଥିବାବେଳେ ସେଠାରେ ୩୪, ୬୯୧ଟି ମହିଳା ବିରୋଧି ଅପରାଧ ଘଟଣା ଘଟିଛି। ଏହା ନିସନ୍ଦେହ ଯେ, ମହିଳାଙ୍କୁ ନ୍ୟାୟ ଏବଂ ସ୍ୱାଧୀନତା ଏବେ ବି ବହୁଦୂରରେ ରହିଛି। ଦେଶରେ ଲିଙ୍ଗଗତ ସମାନ ଅଧିକାର ପାଇଁ ସମ୍ବିଧାନର ନିର୍ଦ୍ଦେଶ ଥିବା ଏବଂ କଠୋର ଆଇନ ଓ ଦଣ୍ଡବିଧାନ ଥିବା ସତ୍ତ୍ୱେ ପୁରୁଷ ପ୍ରଧାନ ଭାରତରେ ମହିଳାମାନେ ଏବେ ବି ଅବହେଳିତ, ନିର୍ଯ୍ୟାତିତ ଅବସ୍ଥାରେ ଅଛନ୍ତି। ଏହା ସତ୍ୟ ଯେ. ଆଇନ କାର୍ଯ୍ୟକାରୀତାରେ ଶିଥିଳତା ଏବଂ ଲୋକମାନଙ୍କ ଅପରିବର୍ତ୍ତନୀୟ ମନୋଭାବ ମହିଳା ବିରୋଧି ହିଂସା, ଅପରାଧ ବୃଦ୍ଧି ପାଇଁ ଦାୟୀ। ଅପରାଧ ରୋକିବା ପାଇଁ ବ୍ୟାପକ ଉଦ୍ୟମ ଆବଶ୍ୟକ। ଅନ୍ୟଥା ଏନସିଆରିବ ତାର ଆଗାମୀ ବାର୍ଷିକ ରିପୋର୍ଟରେ ପୁଣି ନିରୁତ୍ସାହଜନକ ତଥ୍ୟର ସମ୍ଭାବନା ଏଡାଇ ଦିଆଯାଇନପାରେ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ ନଂ-୭୯୭୮୬୬୬୪୦୩**

# କାର୍ତ୍ତିକ ବ୍ରତ: ଓଡ଼ିଶାର ନିଆରା ପରମ୍ପରା

**ତୁଷାର ରଞ୍ଜନ ସାହୁ**

ବର୍ଷର ବାର ମାସ ଭିତରୁ ଚାରିଟି ମାସ ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ ହେଉଛି ଅତି ପବିତ୍ର ଓ ଧର୍ମ ମାସ। କାର୍ତ୍ତିକ ହେଉଛି ଶ୍ରେଷ୍ଠ ଧର୍ମ ମାସ। ଆବାଳ ବୃଦ୍ଧ ବନିତା ପ୍ରତ୍ୟୁଷରୁ ସ୍ନାନ କରି ମାସସାରା ଦେବଦର୍ଶନ କଲେ ମହାପୁଣ୍ୟ ପ୍ରାପ୍ତି ହୁଏ। ବିଧବା ତଥା ସାଧବାମାନେ କାର୍ତ୍ତିକ ମାସରେ ହବିଷ୍ୟ ପାଳନ କରନ୍ତି। ହବିଷ୍ୟ ପାଳନ କରୁ ନଥିବା ମହିଳା - ପୁରୁଷ ନିର୍ବିଶେଷରେ ସମସ୍ତେ ଆମିଷ ଭୋଜନ ପରିତ୍ୟାଗ କରନ୍ତି। ହିନ୍ଦୁ ବ୍ରାହ୍ମଣ ଘରର ବିଧବାଙ୍କ ପାଇଁ ହବିଷ୍ୟ ପାଳନ ଏକ ବିଧି ଭାବେ ପ୍ରଚଳିତ। ପ୍ରତ୍ୟୁଷରୁ ସ୍ନାନ ଓ ଦେବଦର୍ଶନ ପରେ ଏକାଠି ହୋଇ ହବିଷ୍ୟାଳିମାନେ ଚଉରା ମୂଳେ ରାଇ ଦାମୋଦର ପୂଜା କରନ୍ତି ଏବଂ କାର୍ତ୍ତିକ ମାହାତ୍ମ୍ୟ ପାଠ ବା ଶ୍ରବଣ କରନ୍ତି। ସୂର୍ଯ୍ୟାସ୍ତ ପୂର୍ବରୁ ହବିଷ୍ୟ ପାଳନ କରନ୍ତି। ସନ୍ଧ୍ୟାରେ ଆକାଶଦୀପ ପ୍ରଜ୍ୱଳନ କାର୍ତ୍ତିକ ବ୍ରତର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ। ପିତୃଗଣଙ୍କୁ ପଥ ପ୍ରଦର୍ଶନ ଏବଂ ସେମାନଙ୍କ ଅନ୍ଧକାରାଚ୍ଛନ୍ନ ପଥକୁ ଆଲୋକିତ କରିବା ସକାଶେ ସୁଉଚ୍ଚ ସ୍ଥାନରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥାଏ। କାର୍ତ୍ତିକ ମାସରେ ତୁଳସୀ ବୃକ୍ଷକୁ ଭକ୍ତି ସହକାରେ ଆରାଧନା କରାଯାଏ। ଜଗନ୍ନାଥଙ୍କୁ ପ୍ରତିଦିନ ତୁଳସୀ ଲାଗି କରାଯାଏ। କିମ୍ବଦନ୍ତୀ ଅନୁସାରେ ରାକ୍ଷସ ଜଳନ୍ଧର ନିଜ ସତୀ, ସ୍ୱାଧୀ ପତ୍ନୀ ବୃନ୍ଦାବତୀଙ୍କ ପାତିବ୍ରତ୍ୟ ବଳରେ ବଳୀୟାନ ହୋଇ ଉଠିଥିଲା। ବୃନ୍ଦାବତୀଙ୍କ ସତୀତ୍ୱ ଅମ୍ଳାନ ରହିଥିବା ପର୍ଯ୍ୟନ୍ତ ସେ ଅଜେୟ, ଅମର ରହିଥିଲା। କାର୍ତ୍ତିକ ମାସର ସୋମବାର ଦିନ ଶିବଙ୍କୁ ପୂଜା କରାଯାଏ ଏବଂ ସୋମବାର ବ୍ରତ ପାଳନ କରାଯାଏ। କାର୍ତ୍ତିକ ସୋମବାର ହବିଷ୍ୟ ପାଳନ ପୂର୍ବକ ଆଶୁତୋଷଙ୍କ ପୂଜାକଲେ ରୋଗ ଶୋକରୁ ମୁକ୍ତି ମିଳେ। ଏହି ମାସରେ ମୃତ୍ୟୁବରଣ କଲେ ସ୍ୱର୍ଗପ୍ରାପ୍ତି ହେବାର ବିଶ୍ୱାସ ରହିଛି। ହିନ୍ଦୁଧର୍ମରେ ବାର ମାସରେ ତେର ପରବ ପାଳନ କରାଯାଏ। ବ୍ରତ ପାଳନ ଦ୍ୱାରା ସମସ୍ତ ପାପରୁ ତ୍ରାହି ମିଳେ, ଈଶ୍ୱରଙ୍କ ଆଶୀର୍ବାଦ ପ୍ରାପ୍ତି ହୋଇଥାଏ। ପୁରାଣ ଓ ଧର୍ମଶାସ୍ତ୍ର ଅନୁସାରେ, ଅନ୍ୟ ମାସ ଅପେକ୍ଷା କାର୍ତ୍ତିକ ମାସରେ ବ୍ରତ ଉପବାସର ମହତ୍ତ୍ୱ ଅଧିକ ଥାଏ। କାର୍ତ୍ତିକରେ ବ୍ରତ ଉପବାସ କରୁଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି ହୁଏ। ଏହି ମାସରେ ଭଗବାନ ବିଷ୍ଣୁଙ୍କ ଉପାସନା କ୍ରମ ଆରମ୍ଭ ହୋଇଥାଏ। ଏହି ମାସରେ ସ୍ୱାମୀଙ୍କ ରକ୍ଷା ପାଇଁ କରବା ଚୌଥ୍, ରମା ଏକାଦଶୀ, ଗୌବସ୍ତ ଦ୍ୱାଦଶୀ, ଧନତେରସ୍, ନରକ ଚତୁର୍ଦ୍ଦଶୀ, ହନୁମାନ ଜୟନ୍ତୀ, ମା'ଲକ୍ଷ୍ମୀଙ୍କ ଦୀପାବଳି, ଅନ୍ନକୂଟ ମହୋତ୍ସବ, ଗୋବର୍ଦ୍ଧନ ପୂଜା, ଭାଇ ପୂଜା, ଛଟପୂଜା ଆଦି ପଡ଼ିଥାଏ। ହିନ୍ଦୁ ପଞ୍ଜିକାରେ ୧୨ଟି ଚନ୍ଦ୍ରମାସ ରହିଛି। କାର୍ତ୍ତିକ ଅଷ୍ଟମ ଚନ୍ଦ୍ରମାସ। ଧର୍ମଶାସ୍ତ୍ରରେ ସବୁଠାରୁ ପୂଣ୍ୟ ମାସ ଭାବେ କାର୍ତ୍ତିକକୁ ବିବେଚନା କରାଯାଏ। ପଦ୍ମପୁରାଣରେ ଏହି ମାସକୁ ଧର୍ମ, ଅର୍ଥ, କାମ, ମୋକ୍ଷ ପ୍ରଦାନକାରୀ ମାସ ବୋଲି ମାନ୍ୟତା ରହିଛି। ପୌରାଣିକ କଥାବସ୍ତୁ ଅନୁଯାୟୀ, କାର୍ତ୍ତିକ ମାସରେ ଦୀପଦାନ ଦ୍ୱାରା ମନୁଷ୍ୟର ସମସ୍ତ ପାପ ନଷ୍ଟ ହୋଇଥାଏ। କୁହାଯାଏ, ଏହି ମାସରେ ଯେଉଁ ବ୍ୟକ୍ତି ଦେବାଳୟ, ନଦୀକୂଳ, ତୁଳସୀ ଗଛ ମୂଳରେ କିମ୍ବା ନିଜ ଶୟନ କକ୍ଷରେ ଦୀପ ଜାଳିଥାଏ, ତାକୁ ସମସ୍ତ ପ୍ରକାର ସୁଖ ପ୍ରାପ୍ତି ହୋଇଥାଏ। ଏହି ମାସରେ ସକାଳର ସ୍ନାନକୁ ବହୁତ ଶୁଭ କୁହାଯାଏ। କାର୍ତ୍ତିକ ମାସରେ ସୂର୍ଯ୍ୟୋଦୟ ପୂର୍ବରୁ ନଦୀ, ପୋଖରୀ, କୂଅ ଅଥବା ନଳକୂପ ଜଳରେ ସ୍ନାନ କଲେ ସୁଖ, ସମୃଦ୍ଧି, ଆୟୁ ବୃଦ୍ଧି ସହ ଆରୋଗ୍ୟ ପ୍ରାପ୍ତି ହୋଇଥାଏ।

ହେମନ୍ତ ପ୍ରକୃତିର ମେଘମୁକ୍ତ ଆକାଶ ତଳେ ଧରଣୀ ରାଣୀ ପାର୍ବତୀ ନନ୍ଦନ କାର୍ତ୍ତିକେୟଙ୍କ ବନ୍ଦନାରେ ଆତ୍ମବିସ୍ମୃତ ହୋଇଉଠେ। ଦେବ ସେନାପତି ଚିରକୁମାର କାର୍ତ୍ତିକେୟଙ୍କ ଆରାଧନା ଏହି ମାସରେ କରାଯାଏ। କାର୍ତ୍ତିକ ଏକ



ଧର୍ମ ମାସ ରୂପେ ପରିଚିତ। ଏହି ମାସରେ ବୟସ୍କ ତଥା ଧର୍ମପ୍ରାଣ ଆବାଳ-ବୃଦ୍ଧ-ବନିତା ପ୍ରତ୍ୟହ ପ୍ରାତଃକାଳରେ ସ୍ନାନ ସମାପନ ପୂର୍ବକ ଦେବ ଦର୍ଶନ ଏବଂ ନଗର ସଂକୀର୍ତ୍ତନରେ ଆତ୍ମବିଭୋର ହୋଇଉଠୁଥିବାର ପରିଲକ୍ଷିତ ହୁଏ। ପୂର୍ଣ୍ଣିମା ପର୍ବ ପାଞ୍ଚଦିନ ପଞ୍ଚକ ପର୍ବ ବା ମହାପଞ୍ଚକ ନାମରେ ପରିଚିତ। ଏହି ପାଞ୍ଚ ଦିନରେ ଅଧିକାଂଶ ହିନ୍ଦୁ ଲୋକ ଆମିଷ ପରିହାର ପୂର୍ବକ ଧର୍ମୀୟ ମନୋଭାବରେ ଦେବତାଙ୍କୁ ପୂଜା କରିଥାନ୍ତି। କୁହାଯାଏ, ଏହି ପାଞ୍ଚଦିନ କାଳ ବଗ ମଧ ଆମିଷ ସ୍ପର୍ଶ କରେନାହିଁ। ଏହି ମାସର ଶୁକ୍ଳପକ୍ଷ ଏକାଦଶୀ ବା ବଡ଼ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଞ୍ଚଦିନ ଧରି ପଞ୍ଚକ ଅନୁଷ୍ଠିତ ହୁଏ। ଏହିଦିନ ସ୍ତ୍ରୀଲୋକମାନେ ରାଇ-ଦାମୋଦର ବ୍ରତ ଉଦ୍‌ଯାପନ କରିଥାନ୍ତି। ବିଧବାମାନଙ୍କ ପାଇଁ ଏହି କାର୍ତ୍ତିକ ମାସଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେମାନେ ହବିଷ୍ୟ ପାଳନ ପୂର୍ବକ ପ୍ରତ୍ୟହ ସନ୍ଧ୍ୟାରେ ଆକାଶଦୀପ ପ୍ରଜ୍ୱଳନ କରିଥାନ୍ତି। ପ୍ରତ୍ୟେକ ଦିନ ପ୍ରତ୍ୟୁଷରୁ ଶଯ୍ୟାତ୍ୟାଗପୂର୍ବକ ସ୍ନାନ ସମାପନ ପରେ ସେମାନେ ଦେବାଦେବୀ ଦର୍ଶନ ପାଇଁ ଗମନ କରନ୍ତି ଏବଂ ଦେବାଳୟରୁ ପ୍ରତ୍ୟାବର୍ତ୍ତନ ପରେ କାର୍ତ୍ତିକ ମାହାତ୍ମ୍ୟ ପାଠ ବା ଶ୍ରବଣରେ ମନୋନିବେଶ କରିଥାନ୍ତି। ତୁଳସୀ ବୃକ୍ଷକୁ ଏହି ମାସରେ ଅତ୍ୟନ୍ତ ଭକ୍ତି ସହକାରେ ଆରାଧନା କରାଯାଇଥାଏ। କିମ୍ବଦନ୍ତୀ ରହିଛି ଯେ ରାକ୍ଷସ ଜଳନ୍ଧର ନିଜ ସତୀ, ସାଧ୍ୱୀ ପତ୍ନୀ ତୁଳସୀଙ୍କ ପତିବ୍ରତା ବଳରେ ବଳୀୟାନ ହୋଇ ଉଠିଥିଲା ଏବଂ ବୃନ୍ଦାବତୀଙ୍କ ସତୀତ୍ୱ ଅମ୍ଳାନ ରହିଥିବା ପର୍ଯ୍ୟନ୍ତ ଦେବତାମାନେ ବହୁଚେଷ୍ଟା ସତ୍ତ୍ୱେ ଜଳନ୍ଧରର କୌଣସି ଅନିଷ୍ଟ କରିପାରିନଥିଲେ। ଆକାଶଦୀପ ପ୍ରତିଷ୍ଠା ପବିତ୍ର କାର୍ତ୍ତିକ ବ୍ରତର ଆଉ ଏକ ମହତ୍ତ୍ୱପୂର୍ଣ୍ଣ ଅବଦାନ। କାର୍ତ୍ତିକମାସ ବେଳକୁ ପିତୃପକ୍ଷ ଆରମ୍ଭ ହୋଇଯାଇଥାଏ। ପ୍ରେତପୁରୁଷ ତଥା ପିତୃଗଣଙ୍କୁ ପଥ ପ୍ରଦର୍ଶନ ଏବଂ ସେମାନଙ୍କ ଅନ୍ଧକାରଚ୍ଛନ୍ନ ଦୁର୍ଗମ ପଥକୁ ଆଲୋକିତ କରିବା ସକାଶେ ଉଚ୍ଚ ସ୍ଥାନରେ ଏହି ପ୍ରଦୀପ ଜ୍ୱଳନ ବିଧି ପ୍ରଚଳିତ। ତେଣୁ ପ୍ରାୟତଃ ପ୍ରତ୍ୟେକ ଗ୍ରାମରେ ଏକ ଉଚ୍ଚ ବାଉଁଶ ଖୁଣ୍ଟ ଉପର ପ୍ରତି ସନ୍ଧ୍ୟାରେ ଆକାଶଦୀପ ପ୍ରଜ୍ୱଳିତ କରି ରଖାଯାଇଥାଏ। କିମ୍ବଦନ୍ତୀରୁ ଜଣାଯାଏ ଦଣ୍ଡକାରଣ୍ୟରେ ସୀତାଙ୍କ ସହିତ ରାମଚନ୍ଦ୍ର ବନ ଭ୍ରମଣ କରୁଥିବା ସମୟରେ ସେଠାରେ ମୁନିଋଷିମାନେ ରାମଚନ୍ଦ୍ରଙ୍କ କାନ୍ତି ସନ୍ଦର୍ଶନରେ ମୁଗ୍ଧ ହୋଇ ନାରୀ ରୂପେ ତାଙ୍କ ସାହଚର୍ଯ୍ୟ ଲାଭ କରିବାକୁ ମନେ ମନେ ଇଛା ପ୍ରକାଶ କଲେ। ନରଦେହୀ ଗୋଲକ ବିହାରୀ ମୁନିଋଷିଙ୍କ ଅନ୍ତର୍ନିହିତ ଉଦ୍ଦେଶ୍ୟ ଅବଗତ ହୋଇ ସେମାନଙ୍କ ଅଭୀପ୍ସା ଚରିତାର୍ଥ ହେବା ସକାଶେ ଦ୍ୱାପର ଯୁଗରେ ସେମାନେ ଗୋପୀ ରୂପେ ଜନ୍ମଲାଭ କରିବାକୁ ବର ପ୍ରଦାନ କଲେ। ତଦନୁସାରେ ସେମାନେ ଗୋପୀ ରୂପେ ଜନ୍ମଲାଭ ଏବଂ ସ୍ୱୟଂ ନାରାୟଣ କୃଷ୍ଣ ରୂପେ ଆବିର୍ଭୂତ ହୋଇ ସେମାନଙ୍କ ବାସନା ଚରିତାର୍ଥ କରିଥିଲେ। ଗୋପାଙ୍ଗନାମାନେ କୃଷ୍ଣଙ୍କ ସାନିଧ ଲାଭ ଆଶାରେ କୁମାର ପୂର୍ଣ୍ଣିମା ଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତ୍ୟହ ପ୍ରତ୍ୟୁଷରୁ ସ୍ନାନ ସମାପନ ପୂର୍ବକ ବାଲିରେ କୃଷ୍ଣଙ୍କ ମୂର୍ତ୍ତି ସ୍ଥାପନ କରୁଥିଲେ।

ପୂର୍ଣ୍ଣିମା ଅବକାଶରେ କଦଳୀପଟୁଆ ନିର୍ମିତ ଡଙ୍ଗା ଭସାଇବା ବିଧି ପ୍ରଚଳିତ। ସେ ଦିନ ସମସ୍ତେ କଦଳୀ ବାହୁଙ୍ଗା ବା ସୋଲ ତିଆରି ଡଙ୍ଗାରେ ଦୀପ ଜାଳି ଏବଂ ସେଥିରେ ପାନଗୁଆ ଥୋଇ ଭସାଇଥାନ୍ତି। ଧର୍ମଶାସ୍ତ୍ରରେ ସବୁଠାରୁ ପୂଣ୍ୟ ମାସ ଭାବେ କାର୍ତ୍ତିକକୁ ବିବେଚନା କରାଯାଏ। ପଦ୍ମପୁରାଣରେ ଏହି ମାସକୁ ଧର୍ମ, ଅର୍ଥ, କାମ, ମୋକ୍ଷ ପ୍ରଦାନକାରୀ ମାସ ବୋଲି ମାନ୍ୟତା ରହିଛି। ପୌରାଣିକ କଥାବସ୍ତୁ ଅନୁଯାୟୀ, କାର୍ତ୍ତିକ ମାସରେ ଦୀପଦାନ ଦ୍ୱାରା ମନୁଷ୍ୟର ସମସ୍ତ ପାପ ନଷ୍ଟ ହୋଇଥାଏ। କୁହାଯାଏ, ଏହି ମାସରେ ଯେଉଁ ବ୍ୟକ୍ତି ଦେବାଳୟ, ନଦୀକୂଳ, ତୁଳସୀ ଗଛ ମୂଳରେ କିମ୍ବା ନିଜ ଶୟନ କକ୍ଷରେ ଦୀପ ଜାଳିଥାଏ, ତାକୁ ସମସ୍ତ ପ୍ରକାର ସୁଖ ପ୍ରାପ୍ତି ହୋଇଥାଏ। ଏହି ମାସରେ ସକାଳର ସ୍ନାନକୁ ବହୁତ ଶୁଭ କୁହାଯାଏ। କାର୍ତ୍ତିକ ମାସରେ ସୂର୍ଯ୍ୟୋଦୟ ପୂର୍ବରୁ ନଦୀ, ପୋଖରୀ, କୂଅ ଅଥବା ନଳକୂପ ଜଳରେ ସ୍ନାନ କଲେ ସୁଖ, ସମୃଦ୍ଧି, ଆୟୁ ବୃଦ୍ଧି ସହ ଆରୋଗ୍ୟ ପ୍ରାପ୍ତି ହୋଇଥାଏ।

**ରିଲାକ୍ସ, ଏମ୍ପୋରିୟମ ଲେନ୍, ରାଣୀହାଟ, କଟକ**
**ମୋବାଇଲ୍: ୯୮୬୧୦୪୭୫୭୫**

# ପିତୃପକ୍ଷ ଶ୍ରାଦ୍ଧ ଓ ମହାଳୟା



**ପ୍ରଶାନ୍ତ କୁମାର ନାୟକ**

ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବା ଉଦ୍ଦେଶ୍ୟରେ ମହାଳୟା ଅମାବାସ୍ୟାର ପ୍ରଥା ଅତ୍ୟନ୍ତ ପ୍ରାଚୀନ। କେହି କେହି ଏହାକୁ ପିତୃପକ୍ଷ ଶ୍ରାଦ୍ଧ ବୋଲି ମଧ୍ଯ କହିଥାଆନ୍ତି। ଆମେ ସମସ୍ତେ ଜାଣନ୍ତିଯେ, ଆତ୍ମାର କଦାଚିତ ବିନାଶ ହୁଏ ନାହିଁ। ଏହା ଏକ ମନଗଢା କଥା ନୁହେଁ , ଶାସ୍ତ୍ରାନୁମୋଦିତ ପ୍ରସଙ୍ଗ ଅଟେ।

ଭଗବାନ ଶ୍ରୀକୃଷ୍ଣ ଗୀତାରେ ଖୁବ୍ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି ;

**'ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି**
**ନୈନଂ ଦହତି ପାବକଃ**
**ନ ଚୈନଂ କ୍ଲେଦୟନ୍ତାପୋ**
**ନ ଶୋଷୟତି ମାରୁତଃ।'**
**(ଭାଗବତ ଦ୍ୱିତୀୟ ଅଧ୍ୟାୟ, ଶ୍ଳୋକ ସଂଖ୍ୟା-୨୩)**

ଆତ୍ମା କୌଣସି ଅସ୍ତ୍ର ଶସ୍ତ୍ର ଦ୍ୱାରା ଖଣ୍ଡିତ ହୁଏନାହିଁ।ଆତ୍ମାକୁ ଅଗ୍ନି ମଧ୍ଯ ଦହନ କରିପାରେନାହିଁ। ପବନ ମଧ୍ଯ ଶୁଷ୍କ କରିପାରି ନଥାଏ। ଅତଏବ ଆତ୍ମା ଅମର ଅଟେ। ଏହା ଅଜୟ, ଅମର, ଅଚିନ୍ତ୍ୟ , ଅବ୍ୟକ୍ତ ଅଟେ। ଅର୍ଥାତ୍ ଆତ୍ମା ଗୋଟିଏ ସ୍ଥୂଳ ଶରୀର ତ୍ୟାଗ କଲାପରେ ଆଉଗୋଟିଏ ଶରୀରରେ ପ୍ରବେଶ କରିଥାଏ। ଯେମିତି ମଣିଷର ବସ୍ତ୍ର ପୁରୁଣା ହୋଇଗଲେ ବା ଚିରିଫାଟି ଗଲେ ଓ ସଂପୂର୍ଣ୍ଣ ନଷ୍ଟ ହେଇଗଲେ ଆମ୍ଭେ ଅନ୍ୟ ନୂତନ ବସ୍ତ୍ର କିଣିଆଣନ୍ତି , ସେହିପରି ଶରୀରରୁ ଜୀବ ଥରେ ଚାଲିଗଲେ ତାହା ଆଉ ଫେରେ ନାହିଁ। ଆମ୍ଭେମାନେ ବାସ୍ତବରେ ଏହି ଜୀବକୁ ହିଁ ଶ୍ରାଦ୍ଧ ଅର୍ପଣ କରିଥାଉ। ଜୀବ ଓ ଆତ୍ମା ଦୁଇଟି ଭିନ୍ନ କଥା।

ମହାଳୟା ଅର୍ଥାତ୍ ମହାନ+ଆଳୟ, ଆଳୟ କହିଲେ ଗୃହକୁ ବୁଝାଇଥାଏ। ସେହିପରି ଶ୍ରଦ୍ଧା ଶବ୍ଦରୁ 'ଶ୍ରାଦ୍ଧ' ଶବ୍ଦର ଉତ୍ପନ୍ନ ହୋଇଛି। ପିତୃପୁରୁଷଙ୍କୁ ଶ୍ରଦ୍ଧା ଅର୍ପଣ ପୂର୍ବକ ସେମାନଙ୍କ ଅମର ଆତ୍ମାର ସଦଗତି ତଥା ସନ୍ତୁଷ୍ଟି ନିମନ୍ତେ ଶ୍ରାଦ୍ଧ ଅର୍ପଣ କରାଯାଇଥାଏ। ଭାଦ୍ରବ ମାସ ପ୍ରତିପଦାଠାରୁ ଆଶ୍ୱିନ ମାସ କୃଷ୍ଣପକ୍ଷ ଅମାବାସ୍ୟା ପର୍ଯ୍ୟନ୍ତ ସମୟକୁ ପିତୃପକ୍ଷ କୁହାଯାଏ। ଅର୍ଥାତ୍ କୃଷ୍ଣପକ୍ଷ ଅମାବାସ୍ୟାର ଅନ୍ତିମ ଦିବସରେ ଯେଉଁ ଶ୍ରାଦ୍ଧ ଦିଆଯାଇଥାଏ , ତାହାକୁ ମହାଳୟା ଶ୍ରାଦ୍ଧ କୁହାଯାଏ। ଏହି ଶ୍ରାଦ୍ଧ ଅର୍ପଣ ଦ୍ୱାରା ପିତୃପୁରୁଷଙ୍କ ଆତ୍ମା ମୋକ୍ଷ ପ୍ରାପ୍ତି ହୋଇଥାଏ ଓ ପରିବାରର ସର୍ବରିଷ୍ଟ ଖଣ୍ଡନ ହୋଇଥାଏ। ଏହିଦିନ ପିତୃକୁଳ ଓ ମାତୃକୁଳ ଉଭୟଙ୍କୁ ପିଣ୍ଡଦାନ କରାଯିବାର ବିଧି ରହିଛି। କଥାରେ ଅଛି:

**"ପିତା ଧର୍ମ ପିତା ସ୍ୱର୍ଗ ପିତା ହିଁ ପରମ ତପଃ**
**ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବ ଦେବତାଃ।"**

ହିନ୍ଦୁ ଧର୍ମରେ ବର୍ଣ୍ଣନା ଅଛିଯେ, ପିତାମାତାଙ୍କର ପୂଜା ସର୍ବଶ୍ରେଷ୍ଠ ପୂଜା, ପିତାମାତାଙ୍କ ସେବା ହିଁ ଶ୍ରେଷ୍ଠ ସେବା। ସେଇଥିପାଇଁ ସେମାନଙ୍କର ଆବର୍ତ୍ତମାନରେ ସେ ମୃତ୍ୟୁବରଣ କରି ସ୍ୱର୍ଗାଲୋକ ଗମନ କଲାପରେ ସେମାନଙ୍କୁ ଯେପରି ଆମେ ମନରୁ ପାଶୋରି ନଦେଉ , ନିଜ ପାଖରେ ସେମାନେ ଜୀବିତାବସ୍ଥାରେ ଯେଭଳି ଭାବରେ ଆମ ସହିତ ବସବାସ କରୁଥିଲେ , ସେହିଭଳି ଭାବରେ ତାଙ୍କ ସ୍ମରଣାର୍ଥେ ବା ତାଙ୍କରି ଉଦ୍ଦେଶ୍ୟରେ ଏଇ ପିତୃପକ୍ଷ/ ଅପରପକ୍ଷ ପାଳନ କରାଯାଇଥାଏ । ଏହିଦିନ ସେମାନଙ୍କୁ ଶ୍ରଦ୍ଧାରେ ପିଣ୍ଡଦାନ କରାଯାଏ। ଶ୍ରଦ୍ଧାରେ ଏହା ଅର୍ପିତ ହେଉଥିବାରୁ ଏହାକୁ "ଶ୍ରାଦ୍ଧ" ବୋଲି କୁହାଯାଏ।

ମହାନ+ଆଳୟ=ମହାଳୟା। ଆଳୟ କହିଲେ ବାସ୍ତବରେ ଗୃହକୁ ହିଁ ବୁଝାଏ। ଆମେ ଘରେ ଯେକୌଣସି ପର୍ବ ପାଳନ କଲାବେଳେ ବିଶେଷତଃ ଦୁଇଟି ପରିବାରର ମିଳନ ହୋଇଥାଏ। ଗୋଟିଏ ହେଲା ପିତୃ କୁଳ ଏବଂ ଅନ୍ୟଟି ହେଲା ଶ୍ୱଶୁର କୁଳ। ଦୁହିତା ଦୁଇ କୁଳର ହିତା ପରିପ୍ରେକ୍ଷୀରେ ଜଣେ ମହିଳା ଯଦି ପିଣ୍ଡଦାନ କରେ ତେବେ ସେ ନିଜ ବାପଘର ଓ ସ୍ୱାମୀର ପୂର୍ବ ପୁରୁଷଙ୍କୁ ପିଣ୍ଡଦାନ କରିଥାଏ। ଫଳରେ ଏହାଦ୍ୱାରା ସେ ଦୁଇଟି କୁଳକୁ ଉଦ୍ଧାର କରିଥାଏ। ପୌରାଣିକ କଥାବସ୍ତୁ ଅନୁସାରେ ମାତା ସୀତା ସ୍ୱୟଂ ନିଜ ସ୍ୱର୍ଗବାସୀ ଶ୍ୱଶୁର ରାଜା ଦଶରଥଙ୍କର ପିଣ୍ଡଦାନ ବାଲିରେ କରିଥିଲେ। କେବଳ ବିବାହିତା ନାରୀ ଓ ଅବିବାହିତା କନ୍ୟା ପିଣ୍ଡଦାନ କରିପାରିବେ। ଜଣେ ନାରୀ ପିଣ୍ଡଦାନ କରିବାଦ୍ୱାରା ଉଭୟ କୁଳର ଯେଉଁ ମହାମିଳନ ହେଲା ତାହାଦ୍ୱାରା ଏକ ମହାନ ପରଂପରା ସୃଷ୍ଟି ହେଲା। ଆଉ ଏହି ମହାମିଳନରୁ 'ମହାଳୟା'ର ସୃଷ୍ଟି ହେଲା। ମାତ୍ର ତାଙ୍କର ସନ୍ତାନ କେବଳ ନିଜ ସ୍ୱର୍ଗବାସୀ ପୂର୍ବ ପୁରୁଷଙ୍କୁ ପିଣ୍ଡ କରି ଥାଆନ୍ତି।

ଏହି ପିତୃପକ୍ଷ ବା ଅପରପକ୍ଷ ସମୟ ମଧ୍ଯରେ ନଖ,ଚୁଟି, ବାଳ ଇତ୍ୟାଦି କାଟିବା ଅନୁଚିତ। ଅନ୍ୟ କାହା ଘରେ ଭୋଜନ କରିବା ମଧ୍ଯ ବାରଣ ହୋଇଥାଏ। କେବଳ ନିଜ ସହଧର୍ମିଣୀ ଯେଉଁ ସାତ୍ତ୍ୱିକ ବ୍ୟଞ୍ଜନ ପ୍ରସ୍ତୁତ କରିଥିବେ ତାହାକୁ ଗ୍ରହଣ କରାଯାଇଥାଏ। ଏହି ସମୟରେ ପୂର୍ବ ପୁରୁଷମାନେ ମର୍ତ୍ତ୍ୟଲୋକକୁ ଆସିଥା'ନ୍ତି ସେମାନଙ୍କର ସମ୍ପର୍କୀୟଙ୍କୁ ଦେଖିବାପାଇଁ। ସେ ଜାଣିବାକୁ ଚାହିଁଥାଆନ୍ତି ଯେ, ତାଙ୍କର ସମ୍ପର୍କୀୟମାନେ କେତେ ଦାନଧର୍ମ କରୁଛନ୍ତି, କେତେ ପୁଣ୍ଯ କର୍ମ କରୁଛନ୍ତି। ଏହି ସମୟ ଅତ୍ୟନ୍ତ ଶୁଭଙ୍କର ହୋଇଥିବାରୁ ପୂର୍ବ ପୁରୁଷମାନଙ୍କୁ ଶ୍ରଦ୍ଧାରେ ପିଣ୍ଡଦାନ କଲେ ସେମାନଙ୍କର ଶୁଭାଶିଷ ମିଳିଥାଏ ଓ ସର୍ବମଙ୍ଗଳ ହୋଇଥାଏ।

ମହାଭାରତ କଥାବସ୍ତୁ ଅନୁସାରେ ଅର୍ଜ୍ଜୁନଙ୍କ ଶରାଘାତରେ ମହାରଥୀ କର୍ଣ୍ଣ ମୃତ୍ୟୁବରଣ କରି ସ୍ୱର୍ଗାଲୋକ ଗମନକଲେ। ସେଠାରେ ଅନ୍ୟମାନଙ୍କୁ ନାନାଦି ବ୍ୟଞ୍ଜନ ଭୋଜନପାଇଁ ପରଶା ଯିବାବେଳେ କର୍ଣ୍ଣଙ୍କୁ ଭୋଜନରେ ସ୍ୱର୍ଣ୍ଣ ପରଶାଗଲା। ସେ ଏହା ଦେଖି ଆଚମ୍ବିତ ହେଲେ। କି ଆଶ୍ଚର୍ଯ୍ୟ କଥା। ସୁନାଭଳଳି ଧାତୁକୁ କ'ଣ ଖାଇହୁଏ। ଏହା ଭାବିଭାବି ସେ ଦୁଇଚାରି ଦିନ ଯାଏ ଉପବାସ ରହିଲେ। ଏହାପରେ ମନେମନେ ଭାବିଲେ ତାଙ୍କ ସହିତ ଏପରି କରାଯିବାର କାରଣ ବିଷୟରେ ଦେବରାଜଙ୍କୁ ପଚାରିବେ। ତାଙ୍କୁ ଦେଖି ଦେବରାଜ ପଚାରିଲେ ହେ ବସ୍ତ୍ର କର୍ଣ୍ଣ, ସ୍ୱର୍ଗାଲୋକରେ ତୁମର ଆତିଥେୟତାରେ କିଛି ଊଣାହେଲାକି? ତୁମ ମୁଖମଣ୍ଡଳ ଶୁଖିଲା ଦିଶୁଛି। ତୁମେ ସୂର୍ଯ୍ୟଙ୍କ ପୁତ୍ର। ତେଣୁ ତମର ଅତିଥି ସତ୍କାରରେ ଯେପରି କିଛି ଊଣା ନହୁଏ। ତା'ପରେ କର୍ଣ୍ଣ କହିଲେ ହେ ଦେବରାଜ ଭୋଜନରେ ମୋତେ ସ୍ୱର୍ଣ୍ଣ ଦିଆଯାଉଛି। ସୁନା କଣ କେବେ ଭକ୍ଷଣ କରିହୁଏ। ଇନ୍ଦ୍ର ଅଳ୍ପ ହସି ଉତ୍ତରରେ କହିଲେ ହେ କର୍ଣ୍ଣ, ତୁମେ ଜଣେ ପ୍ରଚଣ୍ଡ ଦାନବୀର। ତୁମେ ଜୀବନରେ ଅନେକ ସୁନା,ରୂପା,ହୀରା ,ନୀଳା,ମୋତି, ମାଣିକ ଇତ୍ୟାଦି ଦାନ କରିଛ। କିନ୍ତୁ କେବେ କୌଣସି ଭୋକିଲା ଜୀବକୁ ଅନ୍ନ ଦାନ କରିଛକି? ନିଜ ପୂର୍ବ ପୁରୁଷଙ୍କୁ କେବେ ଅନ୍ନଦାନ କରିଛକି ? ସଂସାରରେ ଯେତେ ପ୍ରକାର ଦାନ ଅଛି ଅନ୍ନଦାନ ହେଉଛି ସର୍ବଶ୍ରେଷ୍ଠ ଦାନ। ତେଣୁ ମର୍ତ୍ତ୍ୟ ଲୋକରେ ଯେଉଁ ନର ଯେମିତି ଦାନ ପୁଣ୍ଯ କରିଥାଏ , ସ୍ୱର୍ଗରେ ତାଙ୍କୁ ତାହାହିଁ ମିଳେ। କର୍ଣ୍ଣ ନିଜର ଭୁଲ୍ ବୁଝିପାରିଲେ ଓ ଏଥିରୁ ମୁକ୍ତିର ଉପାୟ କଥା ଇନ୍ଦ୍ରଙ୍କୁ ପଚାରିଲେ।

ତା'ପରେ ଇନ୍ଦ୍ରଦେବ କହିଲେ ଠିକ୍ ଅଛି, ସ୍ୱର୍ଗଲୋକରୁ ତୁମକୁ ଷୋହଳ ଦିନପାଇଁ ମର୍ତ୍ତ୍ୟ ଲୋକକୁ ପଠାଯିବ। ତୁମେ ସେଠାରେ ନିଜର ପୂର୍ବ ପୁରୁଷମାନଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରି ଷୋହଳ ଦିନ ପରେ ଏଠାକୁ ପୁଣି ଫେରିଆସିବ। ସେହି ଅନୁସାରେ କର୍ଣ୍ଣ ମର୍ତ୍ତ୍ୟକୁ ପୁଣିଥରେ ଆସିଲେ ଓ ଇନ୍ଦ୍ରଙ୍କ କହିବା ମୁତାବକ ପନ୍ଦର ଦିନ ଶୁଦ୍ଧପୂତ ଭାବେ ପିତୃପକ୍ଷ ପାଳନ କଲେ ଏବଂ ତା' ପରଦିନ ମହାଳୟାରେ ପିତୃପକ୍ଷଙ୍କୁ ଅତି ଶ୍ରଦ୍ଧାରେ ଅନ୍ନଦାନ କରି ଶ୍ରାଦ୍ଧ ଦେଲେ ଓ ସ୍ୱର୍ଗାଲୋକ ଗମନକଲେ। ତଦନୁଯାୟୀ ଏହି ବିଧି ପରଂପରା ଅତି ପ୍ରାଚୀନ କାଳରୁ ପାଳିତ ହୋଇ ଆସୁଅଛି। ଭାଦ୍ରବ ମାସର ପ୍ରତିପଦାଠାରୁ ଆଶ୍ୱିନ ମାସ କୃଷ୍ଣପକ୍ଷ ଅମାବାସ୍ୟା ପର୍ଯ୍ୟନ୍ତ ପନ୍ଦର ଦିନକୁ ପିତୃପକ୍ଷ ବା ଅପରପକ୍ଷ କୁହାଯାଏ ଏବଂ ତା' ପରଦିନକୁ ମହାଳୟା ବୋଲି ଆମେ ଜାଣିଛେ।





## ମୋଦିଙ୍କ ସହ କାନାଡ଼ା ବିଦେଶ ମନ୍ତ୍ରୀଙ୍କ ସାକ୍ଷାତାଲୋଚନା

**ନୂଆଦିଲ୍ଲୀ, ୧୩ ।୧୦:** କାନାଡ଼ାର ବିଦେଶ ମନ୍ତ୍ରୀ ଅନିତା ଆନନ୍ଦ ସୋମବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ସାକ୍ଷାତ କରିଛନ୍ତି। ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ଅନୁଯାୟୀ ପ୍ରଧାନମନ୍ତ୍ରୀ ମୋଦୀ ବିଦେଶ ମନ୍ତ୍ରୀ ଆନନ୍ଦଙ୍କ ସ୍ୱାଗତ କରିଛନ୍ତି ଏବଂ କହିଛନ୍ତି ଯେ, ତାଙ୍କ ଯାତ୍ରା ଭାରତ-କାନାଡ଼ା ଦ୍ୱିପକ୍ଷୀୟ ସାଝେଦାରୀର ନୂଆ ଗତି ପ୍ରଦାନ କରିବା ପାଇଁ ଚାଲୁଥିବା ପ୍ରୟାସରେ ଯୋଗଦାନ ଦେବ। ପ୍ରଧାନମନ୍ତ୍ରୀ ଏହି ବର୍ଷ ଜୁନ୍‌ରେ ଜି-୭ ଶିଖର ସମ୍ମେଳନ ପାଇଁ କନାଡ଼ାର ନିଜ ଯାତ୍ରାକୁ ମନେପକାଇବେ, ଯେଉଁ ସମୟରେ ସେ ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ସହିତ ଅତ୍ୟନ୍ତ ଉପଯୋଗୀ ବୈଠକ କରିଥିଲେ। ପ୍ରଧାନମନ୍ତ୍ରୀ ବ୍ୟାପାର, ଶକ୍ତି, ପ୍ରାଦ୍ୟୋଗିକି, କୃଷି ଏବଂ ଲୋକଙ୍କ ମଧ୍ୟରେ ନିଜ ଭିତରେ ସମ୍ବନ୍ଧରେ ଦୁଇ ଦେଶ ମଧ୍ୟରେ ବଢ଼ୁଥିବା ସହଯୋଗର ମହତ୍ତ୍ୱରେ ଦୃଷ୍ଟି ଦେଇଛନ୍ତି। ମୋଦୀ ମାର୍କ କାର୍ନିଙ୍କୁ ହାର୍ଦ୍ଦିକ ଶୁଭକାମନା ଦେଲେ ଏବଂ କହିଲେ ଯେ ସେ ତାଙ୍କର ଆଗାମୀ କାର୍ଯ୍ୟକ୍ରମର ପ୍ରତୀକ୍ଷା କରୁଛନ୍ତି।

### ଦୀପାବଳି ପାଳିଲା ଇସ୍ରାଏଲ

# ହମାସ କବଳରୁ ସମସ୍ତ ୨୦ ବନ୍ଦୀ ମୁକ୍ତ

**ନୂଆଦିଲ୍ଲୀ,୧୩।୧୦ :** ଇସ୍ରାଏଲରେ ଆଜି ଖୁସିର ଲହରୀ ଖେଳିଯାଇଛି। ଆଜିର ଦିନଟି ସେମାନଙ୍କ ପାଇଁ ଦୀପାବଳି ପରି। ଦୁଇ ବର୍ଷର ଯୁଦ୍ଧ ପରେ ଏବେ ଶାନ୍ତି ଫେରିଛି। କିଛି ଦିନ ତଳେ ଇସ୍ରାଏଲ ଏବଂ ହମାସ ମଧରେ ଯୁଦ୍ଧବିରତି ଚୁକ୍ତିନାମା ହୋଇଥିଲା। ଏହା ଅନୁଯାୟୀ ଆଜି ସମସ୍ତ ୨୦ଜଣ ବନ୍ଧକଙ୍କୁ ଗାଜାରୁ ମୁକ୍ତ କରାଯାଇଛି। ସେମାନଙ୍କୁ ଦୁଇଟି ଦ୍ୱିତୀୟ ବ୍ୟାଚ୍ ସେମାନଙ୍କୁ ହସ୍ତାନ୍ତର କରାଯାଇଛି ଏବଂ ମୁକ୍ତ ୧୩ଜଣ ସେମାନଙ୍କ ସହିତ ଇସ୍ରାଏଲ ଅଭିମୁଖେ ଯାତ୍ରା କରିଛନ୍ତି। ଚୁକ୍ତିନାମାର ଅଂଶ ସ୍ୱରୂପ, ହମାସ ଶେଷ ୨୦ଜଣ ବଞ୍ଚିଥିବା ବନ୍ଧକଙ୍କୁ ମୁକ୍ତ କରିବା ଘୋଷଣା କରିଥିଲା। ତେବେ ଏତେ ମାସ ଧରି ବନ୍ଦୀ ଜୀବନ ବଞ୍ଚିବା ପରେ ଆଜି ମୁକ୍ତ ଆକାଶ ଦେଖିଛନ୍ତି ୨୦ଜଣ ଇସ୍ରାଏଲୀ। ଏଥିପାଇଁ ଇସ୍ରାଏଲୀମାନେ ମୁକ୍ତି ହୋଇଥିବା ବନ୍ଧକମାନଙ୍କୁ



ବ୍ୟାଚ୍‌ରେ ମୁକ୍ତ କରାଯାଇଛି।

ପ୍ରଥମ ବ୍ୟାଚ୍‌ରେ ୭ଜଣ ବନ୍ଧକ ଏବଂ ଦ୍ୱିତୀୟ ବ୍ୟାଚ୍‌ରେ ୧୩ଜଣ ବନ୍ଧକଙ୍କୁ ମୁକ୍ତ କରାଯାଇଥିବା ଜଣାଯାଇଛି। ୭ଜଣ ବନ୍ଧକ ମୁକ୍ତ ହେବା ପରେ ଇସ୍ରାଏଲରେ ପହଞ୍ଚି ନିଜ ପରିବାରକୁ ଭେଟିଛନ୍ତି। ଇସ୍ରାଏଲୀ ସେନା ଅନୁଯାୟୀ, ରେଡକ୍ରସ ଦ୍ୱାରା ୧୩ଜଣ ବନ୍ଧକଙ୍କ ସ୍ୱାଗତ କରିବା ପାଇଁ ରାସ୍ତାରେ ନାଚୁଥିବା ଏବଂ ଗୀତ ଗାଉଥିବା ଦେଖାଯାଇଛି। ଅନ୍ୟପକ୍ଷରେ, ଗାଜାବାସୀ ଇସ୍ରାଏଲ ଦ୍ୱାରା ବନ୍ଦୀଥିବା ଶହ ଶହ ପାଲେଷ୍ଟିନୀୟ ବନ୍ଦୀଙ୍କ ମୁକ୍ତି ପାଇଁ ଅପେକ୍ଷା କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ ଇସ୍ରାଏଲରେ ପହଞ୍ଚିଛନ୍ତି, ଯେଉଁଠି ସେ ମୁକ୍ତ ବନ୍ଧକଙ୍କ ସହ ସାକ୍ଷାତ କରିଛନ୍ତି।

## ଟ୍ରମ୍ପଙ୍କୁ ପ୍ରଶଂସାରେ ପୋତିଲେ ନେତାନ୍ୟାହୁ

**ଜେରୁଜେଲମ, ୧୩।୧୦:** ଦୁଇ ବର୍ଷର ଯୁଦ୍ଧ ପରେ ଇସ୍ରାଏଲ ଏବଂ ହମାସ ମଧରେ ଯୁଦ୍ଧବିରତି ଚୁକ୍ତିନାମା ହୋଇଥିଲା। ଏହି ଚୁକ୍ତି ପରେ ଆଜି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇସ୍ରାଏଲରେ ପହଞ୍ଚିଛନ୍ତି। ଆଜି ସେ ଇସ୍ରାଏଲୀ ସଂସଦ, ନେସେଟରେ ସାଂସଦମାନଙ୍କୁ ସମ୍ବୋଧିତ କରିବେ। ତା ପୂର୍ବରୁ ଇସ୍ରାଏଲୀ ସାଂସଦମାନେ ତାଙ୍କୁ ଠିଆ ହୋଇ ପ୍ରଶଂସା କରିଥିଲେ ଏବଂ ସ୍ଲୋଗାନ ଦେଇଥିଲେ, ଟ୍ରମ୍ପଙ୍କ ଭଳି ବ୍ୟକ୍ତିତ୍ୱ ବିଶ୍ୱ ପାଇଁ ଜରୁରୀ ବୋଲି କହିଥିଲେ।

ଟ୍ରମ୍ପଙ୍କ ଭାଷଣ ପୂର୍ବରୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ସଂସଦକୁ ସମ୍ବୋଧିତ କରିଥିଲେ। ସେ ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଇ କହିଥିଲେ ଯେ, ବିଶ୍ୱକୁ ତାଙ୍କର ଆବଶ୍ୟକତା ଅଛି।



ନେତାନ୍ୟାହୁଙ୍କ ଅନୁଯାୟୀ, କୌଣସି ଆମେରିକୀୟ ରାଷ୍ଟ୍ରପତି ଇସ୍ରାଏଲ ପାଇଁ ଏତେ ପ୍ରଶଂସନୀୟ କାମ କରିନଥିଲେ। ଏହା ସହିତ ସେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଦେଶର ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରିବେ ବୋଲି ମଧ ଘୋଷଣା କରିଥିଲେ।

ଏହା ପୂର୍ବରୁ ପୂର୍ବରୁ ବାଚସ୍ପତି ଆମିର ଓହାନା ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କୁ ପ୍ରଶଂସା କରି କହିଥିଲେ ଯେ, ଟ୍ରମ୍ପଙ୍କ ଅପେକ୍ଷା ଆଉ କେହି ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଯୋଗ୍ୟ ନୁହଁନ୍ତି। ଇସ୍ରାଏଲ ତାଙ୍କୁ ଆସନ୍ତା ବର୍ଷ ଶାନ୍ତି ପୁରସ୍କାର ପାଇଁ ମନୋନୀତ କରିବ। ୟେହୁଦୀ ଲୋକମାନେ ଆପଣଙ୍କୁ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ମନେ ରଖିବେ। ଆମେ ଏପରି ଏକ ରାଷ୍ଟ୍ର ଯିଏ ସର୍ବଦା ମନେ ରଖେ। ଏହି ଗ୍ରହରେ ଏପରି କୌଣସି ବ୍ୟକ୍ତି ନାହାନ୍ତି ଯିଏ ଶାନ୍ତିକୁ ଆଗକୁ ବଢ଼ାଇବା ପାଇଁ ଆପଣଙ୍କ ଅପେକ୍ଷା ଅଧିକ କାର୍ଯ୍ୟ କରିଛନ୍ତି ବୋଲି ସେ କହିଥିଲେ।

### ଲାଲୁ ଯାଦବଙ୍କୁ ବଡ଼ ଝଟକା

# ଚାଲିବ 'ଜମି ବଦଳରେ ଚାକିରି' ମାମଲା

**ନୂଆଦିଲ୍ଲୀ,୧୩।୧୦ :** ବିହାର ବିଧାନସଭା ନିର୍ବାଚନ ମଧରେ ଚାକିରି ପାଇଁ ଜମି ମାମଲାରେ ଆରଜେଡିର ସମସ୍ୟା ବଢ଼ିଛି। ବାସ୍ତବରେ ଆଜି ରାଉଜ୍ ଆଭେନ୍ୟୁ କୋର୍ଟ ଲାଲୁ ପ୍ରସାଦ ଯାଦବ ଏବଂ ବିହାରର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବଙ୍କ ସମେତ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଫ୍ରେମକୁ ଗ୍ରହଣ କରିଛନ୍ତି। ଅର୍ଥାତ୍ ସେମାନେ ଏବେ ଏହି ମାମଲାରେ ବିଚାରର ସମ୍ମୁଖୀନ ହେବେ।

ଆରଜେଡି ସୁପ୍ରିମୋ ଲାଲୁ ଯାଦବ କୋର୍ଟରେ ହାଜର ହେବା ପାଇଁ ହ୍ୱିଲ ଚେୟାରରେ ପହଞ୍ଚିଥିଲେ। ତାଙ୍କ ସହିତ ରାବ୍ରୀ ଦେବୀ, ତେଜସ୍ୱୀ ଯାଦବ ଏବଂ ପ୍ରେମଚାନ୍ଦ ଗୁପ୍ତା ମଧ ଥିଲେ। ଉଲ୍ଲେଖ ଥାଉ କି ସିବିଆଇର ଅଭିଯୋଗ ମୁତାବକ ଯେତେବେଳେ ଲାଲୁ ଯାଦବ ୟୁପିଏ ସରକାରରେ ରେଳମନ୍ତ୍ରୀ ଥିଲେ, ୨୦୦୪ ରୁ ୨୦୦୯ ମଧରେ, ଗ୍ରୁପ ଡି ରେଳ



ଚାକିରି ବଦଳରେ ପ୍ରାର୍ଥୀମାନଙ୍କୁ କମ ମୂଲ୍ୟରେ ଲାଲୁ ପରିବାରକୁ ସେମାନଙ୍କର ଜମି କିମ୍ବା ସମ୍ପତ୍ତି ହସ୍ତାନ୍ତର କରିବାକୁ ବାଧ କରାଯାଇଥିଲା। ଏହି ମାମଲାରେ, ସିବିଆଇ ମେ ୨୦୨୨ରେ ଆରଜେଡି ସୁପ୍ରିମୋ ଲାଲୁ ଯାଦବ, ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରୀ ଦେବୀ, ବିହାରର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଏବଂ ଲାଲୁଙ୍କ ଝିଅ ମୀସା ଭାରତୀଙ୍କ ସମେତ ୧୬ ଜଣଙ୍କ ବିରୁଦ୍ଧରେ ଏକ ଚାର୍ଜସିଟ୍ ଦାଖଲ କରିଥିଲା। ତଦନ୍ତକାରୀ ସଂସ୍ଥା ଦାବି କରିଥିଲା ଯେ, ପାଟନାରେ ଅନେକ ଜମି ଲାଲୁ ପରିବାର ସଦସ୍ୟ ଏବଂ ସେମାନଙ୍କ ନିକଟତମ ସହଯୋଗୀଙ୍କ ନାମରେ ହସ୍ତାନ୍ତର କରାଯାଇଥିଲା। ଲାଲୁ ଯାଦବ, ରାବ୍ରୀ ଯାଦବ, ତେଜସ୍ୱୀ ଯାଦବ, ବିନୟ କୋଚ୍ଚର, ବିଜୟ କୋଚ୍ଚର, ସରଳା ଗୁପ୍ତା, ଲାରା ପ୍ରୋଜେକ୍ଟସ୍ ଏବଂ ପ୍ରେମ ଚାନ୍ଦ ଗୁପ୍ତା ଆଇଆରସିଟିସି ଦୁର୍ନୀତିରେ ଅଭିଯୁକ୍ତ ଥିବା ବେଳେ ଲାଲୁ ଯାଦବ, ରାବ୍ରୀ ଯାଦବ, ତେଜସ୍ୱୀ, ମୀସା ଭାରତୀ, ତେଜ ପ୍ରତାପ, ହେମା ଯାଦବ ଏବଂ ଅନ୍ୟମାନେ ଜମି ବଦଳରେ ଚାକିରି ମାମଲାରେ ଅଭିଯୁକ୍ତ ଅଛନ୍ତି।

### ପୁଟିନଙ୍କୁ ଟ୍ରମ୍ପଙ୍କ ଧମକ

## ଯୁଦ୍ଧ ବନ୍ଦ ନ କଲେ ୟୁକ୍ରେନକୁ ଦେବେ ଟୋମାହକ୍ ମିସାଇଲ

**ୱାଶିଂଟନ, ୧୩।୧୦:** ରୁଷକୁ ପୁଣିଥରେ ଚେତାବନୀ ଦେଲେ ଟ୍ରମ୍ପ। ଯଦି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ୟୁକ୍ରେନରେ ଯୁଦ୍ଧ ବନ୍ଦ ନ କରନ୍ତି, ତେବେ ସେ ୟୁକ୍ରେନକୁ ଦୂରଗାମୀ ଟୋମାହକ୍ କ୍ଷେପଣାସ୍ତ୍ର ଦେଇପାରିବେ ବୋଲି ଟ୍ରମ୍ପ କହିଛନ୍ତି। ଟ୍ରମ୍ପ ଇସ୍ରାଏଲ ଯାଉଥିବା ସମୟରେ ଏହି ମନ୍ତବ୍ୟ ଦେଇଥିବା ଜଣାପଡିଛି। ୟୁକ୍ରେନ ରାଷ୍ଟ୍ରପତିଙ୍କ ସହ ଟୋମାହକ୍ କ୍ଷେପଣାସ୍ତ୍ର ସମେତ ଅସ୍ତ୍ରଶସ୍ତ୍ର ଦାବି ସମ୍ପର୍କରେ କଥା ହୋଇଛନ୍ତି ବୋଲି ଟ୍ରମ୍ପ କହିଛନ୍ତି। ୟୁକ୍ରେନ୍ ଟୋମାହକ୍ ଚାହାନ୍ତି ବୋଲି ଟ୍ରମ୍ପ କହିଛନ୍ତି। ଯଦି ଯୁଦ୍ଧ ବନ୍ଦ ନହୁଏ, ତେବେ ୟୁକ୍ରେନକୁ ଅସ୍ତ୍ରଶସ୍ତ୍ର ଯୋଗାଇବାର ଧମକ ଦେଇ ପୁଟିନଙ୍କୁ ଯୁଦ୍ଧ ଶେଷ କରିବାକୁ ଚାପ ପକାଉଛନ୍ତି। ୟୁକ୍ରେନ ଟୋମାହକ୍ କ୍ଷେପଣାସ୍ତ୍ର ହାସଲ କରିବା ଦ୍ୱାରା ରୁଷର ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିପାରିବ। ଯାହା ରୁଷର କମାଣ୍ଡ ସେଣ୍ଟର, ସାମରିକ ତାଲିମ ଘାଟି ଏବଂ ଯୋଗାଣ ଶୃଙ୍ଖଳା ଉପରେ ଆକ୍ରମଣ କରିବାକୁ ଅନୁମତି ଦେବ।

## ବର୍ଦ୍ଧମାନ ରେଳ ଷ୍ଟେସନରେ ଦଳାଚକଟା, ୧୨ ଯାତ୍ରୀ ଆହତ



**ବର୍ଦ୍ଧମାନ,୧୩।୧୦:** ପଶ୍ଚିମବଙ୍ଗର ବର୍ଦ୍ଧମାନ ରେଳ ଷ୍ଟେସନରେ ରବିବାର ବିଳମ୍ବିତ ସନ୍ଧ୍ୟାରେ ବଡ଼ ଦୁର୍ଘଟଣା ଘଟିଛି। କୁହାଯାଉଛି ଯେ, ପ୍ଲାଟଫର୍ମରେ ହଠାତ୍ ଦଳଚକଟା ଯୋଗୁଁ ୧୦ରୁ ୧୨ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଏହି ଘଟଣା ପରେ ଷ୍ଟେସନରେ ଆତଙ୍କିତ ମାହୋଲ ସୃଷ୍ଟି ହୋଇଥିଲା। ମିଡ଼ିଆ ରିପୋର୍ଟ ଅନୁସାରେ , ଆହତଙ୍କୁ ବର୍ଦ୍ଧମାନ ମେଡିକାଲ କଲେଜ୍ ତଥା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଯେଉଁଠି ତାଙ୍କର ଚିକିତ୍ସା କରାଯାଉଛି। ଯାତ୍ରୀମାନେ କହିଛନ୍ତି ଯେ, ଏହି ଦୁର୍ଘଟଣା ସେତେବେଳେ ହୋଇଛି, ଯେବେ ପ୍ଲାଟଫର୍ମ ନମ୍ବର ୪, ୬ ଓ ୭ରେ ପାଖାପାଖି ଏକାସାଥିରେ ତିନୋଟି ଟ୍ରେନ୍ ଠିଆ ହୋଇଥିଲେ। ଟ୍ରେନ୍‌କୁ ଧରିବା ମୁଡ୍‌ରେ ଯାତ୍ରୀମାନେ ପ୍ଲାଟଫର୍ମ ୪ ଓ ୬କୁ ଯୋଡୁଥିବା ଫୁଟ୍ ଓଭର ବ୍ରିଜ୍‌ର ସିଡିରେ ଚଢ଼ିବା –ଓହ୍ଲାଇବା ଆରମ୍ଭ ହୋଇଗଲା। ହଠାତ୍ ଯାତ୍ରୀଙ୍କ ପହଞ୍ଚିବାରେ ସିଡି ଉପରେ ଭିଡ଼ ଲାଗିଗଲା। ଭିଡ଼କୁ ଦେଖୁ ଦେଖୁ ସେଠାରେ ଥିବା ଲୋକେ ଚିନ୍ତାରେ ପଡ଼ିଗଲେ. ଆଉ ଏଥିରେ ଦଳଚକଟା ଆରମ୍ଭ ହୋଇଗଲା। ଧାଁ ଦୌଡ଼ ମଧରେ ଅନେକ ଯାତ୍ରୀ ତଳେ ପଡ଼ି ଗଲେ। ଏହି ସମୟରେ ଭିଡ଼ ଭିତରୁ ବାହାରିବା ପ୍ରୟାସରେ କିଛି ଯାତ୍ରୀ ତଳେ ଖସି ପଡିଥିବା ଲୋକଙ୍କୁ ଦଳି ଦେଇଥିଲେ। ଏହି ଘଟଣା ପରେ ଆତଙ୍କିତ ମାହୋଲ ଲାଗି ରହିଥିଲା। ଘଟଣାର ସୂଚନା ପାଇବା କ୍ଷଣି ଆରପିଏଫ୍ ଓ ଜିଆରପିର ଯବାନମାନେ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ହସ୍ପିଟାଲରେ ପହଞ୍ଚାଇ ଥିଲେ। ଅଧିକାରୀଙ୍କ ଅନୁସାରେ ,ଏବେ ସବୁ ଠିକ୍ ଅଛି। ଦୁର୍ଘଟଣା କାହିଁକି ହେଲା , ତାହା ଯାଞ୍ଚ କରାଯାଉଛି।

### ଦୀପାବଳି ବୋନସ ଦେଲେ କେନ୍ଦ୍ର ସରକାର

## ମାଲାମାଲ ହେବେ ସରକାରୀ କର୍ମଚାରୀ

**ନୂଆଦିଲ୍ଲୀ,୧୩।୧୦:** ପାର୍ବଣ ଋତୁକୁ ଆଖି ଆଗରେ ଭାରତ ସରକାର କେନ୍ଦ୍ର କର୍ମଚାରୀମାନଙ୍କ ପାଇଁ ବୋନସ ଏବଂ ମହଙ୍ଗା ଭତ୍ତା ବୃଦ୍ଧି ଘୋଷଣା କରିଛନ୍ତି। କେନ୍ଦ୍ର ସରକାର ଡିଏରେ ୩ ପ୍ରତିଶତ ବୃଦ୍ଧି କରିଛନ୍ତି। ଏହାର ଅର୍ଥ ହେଉଛି କର୍ମଚାରୀମାନଙ୍କ ପାଇଁ ଡିଏ ଏବେ ୫୫ ପ୍ରତିଶତରୁ ୫୮ ପ୍ରତିଶତକୁ ବୃଦ୍ଧି ପାଇଛି। ଏହି ଡିଏ ବୃଦ୍ଧ ୧ଜୁଲାଇ, ୨୦୨୫ଠାରୁ ବୈଧ। ଏହାର ଅର୍ଥ ହେଉଛି ପୂର୍ବ ତିନି ମାସର ଡିଏ ଅକ୍ଟୋବର ଦରମାରେ ବକେୟା ଭାବରେ ଯୋଡାଯିବ। ଏହା ଫଳରେ ଏହି ପର୍ବ ମାସରେ କର୍ମଚାରୀମାନଙ୍କ ପାଇଁ ଅଧିକ ଦରମା ମିଳିବ। କେନ୍ଦ୍ର ସରକାର ବର୍ଷକୁ ଦୁଇଥର ଡିଏ ବୃଦ୍ଧି କରନ୍ତି। ଏହି ୨ ପ୍ରତିଶତ ଡିଏ ବୃଦ୍ଧି ଚଳିତ ବର୍ଷ ମାର୍ଚ୍ଚରେ ଘୋଷଣା କରାଯାଇଥିଲା। କେନ୍ଦ୍ର ସରକାର ଗ୍ରୁପ ସି ଏବଂ ଅଣ-ଗେଜେଟେଡ ଗ୍ରୁପ ବି କର୍ମଚାରୀମାନଙ୍କୁ ଦୀପାବଳି ବୋନସ ଭାବରେ ୩୦ ଦିନର ଦରମା ପ୍ରଦାନ କରିବେ। ଏହି ବୋନସ ସେମାନଙ୍କର ଅକ୍ଟୋବର ଦରମା ସହିତ ପ୍ରଦାନ କରାଯିବ। ସରକାର କହିଛନ୍ତି ଯେ, କର୍ମଚାରୀଙ୍କ ଭଲ କାମ ଏବଂ ପର୍ବ ଋତୁକୁ ସ୍ୱୀକୃତି ଦେବା ପାଇଁ ଏହି ବୋନସ ଘୋଷଣା କରାଯାଇଛି।

## ନେପାଳ ଜେଲରୁ ୫୪୦ ଭାରତୀୟ କଏଦୀ ଫେରାର

**କାଠମାଣ୍ଡୁ,୧୩।୧୦:** ନେପାଳରେ ଜେନ୍-ଜେଡ୍ ପ୍ରଦର୍ଶନ ପରେ ଦେଶର ଜେଲ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଜେଲ୍ ପରିଚାଳନା ବିଭାଗ ଅନୁଯାୟୀ, ସେପ୍ଟେମ୍ବର ୯ ତାରିଖରେ ହୋଇଥିବା ହିଂସାତ୍ମକ ପ୍ରତିବାଦ ପରେ ଦେଶର ବିଭିନ୍ନ ଜେଲ୍ ରୁ ବହୁ ସଂଖ୍ୟକ ବିଦେଶୀ ନାଗରିକଙ୍କ ସମେତ ୧୩,୦୦୦ ରୁ ଅଧିକ କଏଦୀ ଫେରାର ହୋଇଯାଇଛନ୍ତି।

ସରକାରୀ ତଥ୍ୟ ଅନୁଯାୟୀ, ବିଭିନ୍ନ ଅପରାଧ ପାଇଁ ସଜା କାଟୁଥିବା ୫୪୦ ଭାରତୀୟ ନାଗରିକ ଏବେ ଫେରାର ଅଛନ୍ତି। ଏହା ସହିତ, ୧୦୮ ଜଣ ଅନ୍ୟ ବିଦେଶୀ କଏଦୀ ମଧ ନିଖୋଜ ଥିବା ଜଣାପଡ଼ିଛି। ସରକାର ଦେଶବ୍ୟାପୀ ହାଇ ଆଲର୍ଟ ଜାରି କରିଛନ୍ତି ଏବଂ ଏହି କଏଦୀମାନଙ୍କୁ ଧରିବା ପାଇଁ ସୁରକ୍ଷା ଏଜେନ୍ସିଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ନେପାଳ ସରକାରଙ୍କ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଜେଲ୍ ରୁ ପଳାୟନ କରିଥିବା ଲୋକଙ୍କ ମଧରେ ୫୦୦୦ ରୁ ଅଧିକ ନେପାଳୀ ନାଗରିକ ଅଛନ୍ତି। ନେପାଳର ଅଧିକାରୀମାନେ କହିଛନ୍ତି ଯେ, ପଳାୟନ କରିଥିବା କଏଦୀମାନଙ୍କ ମଧରୁ ୭,୭୩୫ ଜଣ ସ୍ୱେଚ୍ଛାକୃତ ଭାବରେ ଫେରି ଆସିଛନ୍ତି। ତଥାପି, ହଜାର ହଜାର କଏଦୀ ଫେରାର ଅଛନ୍ତି, ପଳାୟନ କରିଥିବା କଏଦୀମାନଙ୍କୁ ଭାରତ, ଭୁଟାନ କିମ୍ବା ବାଂଲାଦେଶରେ ପ୍ରବେଶ କରିବାରୁ ରୋକିବା ପାଇଁ ନେପାଳର ଗୃହ ମନ୍ତ୍ରଣାଳୟ ସମସ୍ତ ଜେଲ ଏବଂ ସୀମାନ୍ତ ଚେକପୋଷ୍ଟଗୁଡ଼ିକୁ ସତର୍କ କରିଛି।

ନେପାଳ ସରକାର ୫୪୦ ଜଣ ଭାରତୀୟ କଏଦୀଙ୍କୁ ଚିହ୍ନଟ କରିବା ପାଇଁ ଭାରତୀୟ ଦୂତାବାସ ସହିତ ଯୋଗାଯୋଗ କରିଛି। ସୂତ୍ର ଅନୁଯାୟୀ, ଅନେକ ଭାରତୀୟ କଏଦୀ ନିଶାଦ୍ରବ୍ୟ ଚାଲାଣ, ଚୋରି କିମ୍ବା ଜାଲିଆତି ଭଳି ଅପରାଧ ପାଇଁ ସଜା କାଟୁଥିଲେ। ନେପାଳର ଜେଲ ବିଭାଗ କହିଛି ଯେ, ସୀମାନ୍ତ ଜିଲ୍ଲାଗୁଡ଼ିକରେ ସନ୍ଧାନ ଅଭିଯାନକୁ ସହଜ କରିବା ପାଇଁ ଏହି କଏଦୀମାନଙ୍କର ଫଟୋ ଏବଂ ବିବରଣୀ ସମ୍ପୃକ୍ତ ସୁରକ୍ଷା ଏଜେନ୍ସିଗୁଡ଼ିକ ସହିତ ସେୟାର କରାଯାଉଛି।

## ତାଜ ମହଲରେ ଅଗ୍ନିକାଣ୍ଡ



**ଲକ୍ଷ୍ନୌ,୧୩।୧୦ :** ଉତ୍ତରପ୍ରଦେଶ ଆଗ୍ରାରେ ଥିବା ବିଶ୍ୱପ୍ରସିଦ୍ଧ ତାଜମହଲର ଦକ୍ଷିଣ ଦ୍ୱାରରେ ଅଗ୍ନିକାଣ୍ଡ ଘଟିଛି। ସର୍ଟ ସର୍କିଟ୍ କାରଣରୁ ଏପରି ଅଘଟଣ ଘଟିଥିବା ଜଣାପଡିଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଏପରି ଘଟଣା ଗତକାଲି ସକାଳେ ଦେଖିବାକୁ ମିଳିଛି। ଘଟଣାସ୍ଥଳରେ ଥିବା କର୍ମଚାରୀମାନେ ତୁରନ୍ତ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ଅଧିକାରୀ ଏବଂ ଟୋରେଣ୍ଟ ପାୱାରକୁ ସୂଚନା ଦେଇଥିଲେ। ସୂଚନା ପାଇବା ମାତ୍ରେ ଟୋରେଣ୍ଟ ପାୱାରର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ସମସ୍ୟାର ସମାଧାନ କରିଥିଲେ।ସୂଚନାନୁଯାୟୀ, ତାଜମହଲର ଦକ୍ଷିଣ ଦ୍ୱାରରେ ଥିବା ଚାମ୍ବରଗୁଡ଼ିକ ଉପରେ ଏକ ବିଦ୍ୟୁତ୍ ତାର ଚାଲିଯାଇଥିଲା। ହଠାତ୍ ସ୍ପାର୍କିଂ ହେବାରୁ ଧୂଆଁ ବ୍ୟାପି ଯାଇଥିଲା। ସୂଚନା ପାଇବା ମାତ୍ରେ ଟୋରେଣ୍ଟ ପାୱାରର ଏକ ଟିମ୍ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚିଥିଲେ। ଟୋରେଣ୍ଟ ପାୱାର ମରାମତି ପାଇଁ ଦୁଇଘଣ୍ଟା ପାଇଁ ତାଜମହଲର ଦ୍ୱାରା ବନ୍ଦ କରିଦେଇଥିଲା। ଅଗ୍ନିକାଣ୍ଡ ତାଜମହଲର ସୁରକ୍ଷା ବ୍ୟବସ୍ଥାକୁ ପ୍ରଭାବିତ କରିନଥିଲା। କାହାର କ୍ଷୟକ୍ଷତି ହୋଇଥିବା ସୂଚନା ନାହିଁ। ଏହା ବ୍ୟତୀତ ବର୍ତ୍ତମାନ ପରିସ୍ଥିତି ନିୟନ୍ତ୍ରଣରେ ରହିଥିବା ସୂଚନା ମିଳିଛି।

## ଦିଲ୍ଲୀ ଏମ୍ସରେ ଓଡ଼ିଆ ଡାକ୍ତର ନିଲମ୍ବିତ




**ନୂଆଦିଲ୍ଲୀ,୧୩।୧୦ :** ନର୍ସଙ୍କ ପ୍ରତି ଦୁର୍ବ୍ୟବହାର ଓ ନିର୍ଯାତନା ଅଭିଯୋଗରେ ଦିଲ୍ଲୀ ଏମ୍ସରେ କାର୍ଯ୍ୟରତ ବରିଷ୍ଠ ଓଡ଼ିଆ ଡାକ୍ତର ଡ. ଏ.କେ. ବିଷୋୟୀଙ୍କୁ ନିଲମ୍ବିତ କରାଯାଇଛି। ତାଙ୍କ ବିରୋଧରେ ଜଣେ ନର୍ସିଂ ଅଫିସର ଅଭିଯୋଗ କରିଥିଲେ। ଡ. ବିଷୋୟୀ ଦିଲ୍ଲୀ ଏମ୍ସର କାର୍ଡିଆକ ଥୋରାସିକ୍ ଓ ଭସ୍କୁଲାର ସର୍ଜରି ବିଭାଗର ମୁଖ୍ୟ ଅଛନ୍ତି। ତାଙ୍କୁ ନିଲମ୍ବିତ କରାଯିବା ପରେ ତାଙ୍କ ସ୍ଥାନରେ ବରିଷ୍ଠ ଡାକ୍ତର ଡ. ଭି. ଦେବଗୁରୁଙ୍କୁ ବିଭାଗୀୟ ଦାୟିତ୍ୱରେ ରଖାଯାଇଛି। ସଂପୃକ୍ତ ନର୍ସିଂ ଅଫିସର ଡଃ ବିଷୋୟୀଙ୍କ ବିରୋଧରେ ଅସଦାଚରଣ, ଦୁର୍ବ୍ୟବହାର, ଖରାପ ଓ ଅଣପେସାଦାର ଭାଷା କହିବା, ଧମକ ଦେବା ଆଦି ଅଭିଯୋଗ ଲଗାଇଛନ୍ତି। ଏହି ଅଭିଯୋଗ ଆସିବା ପରେ ଏମ୍ସରେ ନର୍ସ ୟୁନିୟନ ଏ ନେଇ ପ୍ରଥମେ ଏମ୍ସ ନିର୍ଦ୍ଦେଶକ ଡଃ ଏମ.ଶ୍ରୀନିବାସଙ୍କ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ ଏଥିରେ କୌଣସି ସୁଫଳ ନ ମିଳିବାରୁ ୟୁନିୟନ ପକ୍ଷରୁ ଗତ ୯ ତାରିଖରେ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟରେ ଅଭିଯୋଗ କରାଯାଇଥିଲା। ପିଏମଓରେ ଅଭିଯୋଗ ଦେବା ପରେ ଏମ୍ସ ପ୍ରଶାସନ ସକ୍ରିୟ ହେବା ସହ ଡ. ବିଷୋୟୀଙ୍କୁ ନିଲମ୍ବିତ କରିଛି । ନିଜର ଅଭିଯୋଗପତ୍ରରେ ୟୁନିୟନ ପକ୍ଷରୁ କେତେକ ଗୁରୁତର ଅଭିଯୋଗ କରାଯାଇଛି। ଏହା ସହିତ ଏମ୍ସ ପ୍ରଶାସନ ବାରମ୍ବାର ଅଭିଯୋଗ ପ୍ରତି ଆଖିବୁଜି ଦେଉଥିବା କୁହାଯାଇଛି। ଡ. ବିଷୋୟୀ ୨୦୨୩ରେ ସେ କିଛି ସମୟ ପାଇଁ ଭୁବନେଶ୍ୱର ଏମ୍ସର ଅଧ୍ୟକ୍ଷ ଥିଲେ। ତେବେ ଏହା ପ୍ରଥମ ଥର ପାଇଁ ନୁହେଁ ଯେ ନିଲମ୍ବିତ ହୋଇଛନ୍ତି। ପୂର୍ବରୁ ସେ ବିଭିନ୍ନ କାରଣରୁ ଏକାଧିକ ଥର ନିଲମ୍ବିତ ହୋଇଛନ୍ତି।

## ଭାରତ-ପାକ୍ ଯୁଦ୍ଧ ଟାଳିଥିଲା ୨୦୦% ଟାରିଫ୍ ଧମକ: ଟ୍ରମ୍ପ

**ୱାଶିଂଟନ୍,୧୩।୧୦:** ନୋବେଲ ପୁରସ୍କାର ପାଇବାରୁ ବଞ୍ଚିତ ହେବା ପରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଏକ ଝଟ୍‌କା ଲାଗିଛି। କିନ୍ତୁ ସେ ଭାରତ-ପାକିସ୍ତାନ ଯୁଦ୍ଧବିରତିର ଶ୍ରେୟ ନେବାକୁ ଅଟଳ ରହିଛନ୍ତି। ଟ୍ରମ୍ପ ପୁଣି ଥରେ ଯୁଦ୍ଧ ସମାଧାନ କରିଥିବା ନେଇ ଦାବି କରିଛନ୍ତି। ସେ ଟାରିଫ୍ ଲଗାଇବା ଧମକ ଦେଇ ବିଶ୍ୱର ଅନେକ ଯୁଦ୍ଧ ବନ୍ଦ କରିଛନ୍ତି।

ଏୟାର ଫୋର୍ସ ୱାନରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରି ଟ୍ରମ୍ପ କହିଛନ୍ତି, ଇସ୍ରାଏଲ ଏବଂ ହମାସ ମଧରେ ଯୁଦ୍ଧ ଶେଷ ହୋଇଛି। ଯୁଦ୍ଧବିରତି ଚୁକ୍ତିନାମା ବଜାୟ ରହିବ। ଏହା ବଜାୟ ରହିବାର ଅନେକ କାରଣ ଅଛି। ଟ୍ରମ୍ପ ପାକିସ୍ତାନ-ଆଫଗାନିସ୍ତାନ ଯୁଦ୍ଧ ଉପରେ ମଧ ପ୍ରତିକ୍ରିୟା ଦେଇଥିଲେ। ସେ କହିଥିଲେ, ଏହା ମୋର ଅଷ୍ଟମ ଯୁଦ୍ଧ ହେବ ଯାହାକୁ ମୁଁ ବନ୍ଦ କରିଦେଇଛି। ମୁଁ ଶୁଣିଛି ଯେ, ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧରେ ମଧ ଏକ ଯୁଦ୍ଧ ଚାଲିଛି, କିନ୍ତୁ ମୋତେ ଅପେକ୍ଷା କରିବାକୁ ପଡିବ। ମୁଁ ଆଉ ଏକ ଯୁଦ୍ଧ ଶେଷ କରୁଛି। ମୁଁ ଯୁଦ୍ଧ ବନ୍ଦ କରିବାରେ ବିଶେଷଜ୍ଞ। ମୁଁ ବର୍ଷ ବର୍ଷ ଧରି ଚାଲିଥିବା ଅନେକ ଯୁଦ୍ଧକୁ ବନ୍ଦ କରିଛି, ଯେଉଁଥିରେ ୩୧ ବର୍ଷ ଧରି ଚାଲିଥିବା ଯୁଦ୍ଧ ମଧ ସାମିଲ ଅଛି। ମୁଁ ଲକ୍ଷ ଲକ୍ଷ ଜୀବନ ବଞ୍ଚାଇଲି। ମୁଁ ନୋବେଲ ପୁରସ୍କାର ପାଇଁ ଏହା କରି ନ ଥିଲି, କିନ୍ତୁ ଜୀବନ ବଞ୍ଚାଇବା ପାଇଁ ମୁଁ ଯୁଦ୍ଧ ବନ୍ଦ କରିଥିଲି। ସେ କହିଛନ୍ତି, ମୁଁ କେବଳ ଟାରିଫ୍ ମାଧମରେ ଯୁଦ୍ଧ ବନ୍ଦ କରିଛି। ଭାରତ-ପାକିସ୍ତାନ ଯୁଦ୍ଧ ଏହାର ଉଦାହରଣ। ମୁଁ ଉଭୟ ଦେଶକୁ କହିଥିଲି, ଯଦି ତୁମେ ଯୁଦ୍ଧ କରିବାକୁ ଚାହୁଁଛ, ତେବେ ଯୁଦ୍ଧ କର। ତୁମର ପରମାଣୁ ଅସ୍ତ୍ର ଅଛି। ମୁଁ ତୁମ ଉଭୟଙ୍କ ଉପରେ ୨୦୦ ପ୍ରତିଶତ ଟାରିଫ୍ ଲାଗୁ କରିବି। ମୁଁ ୨୪ ଘଣ୍ଟା ମଧରେ ସେହି ସମସ୍ୟାର ସମାଧାନ କରିଦେଇଥିଲି ବୋଲି ଟ୍ରମ୍ପ ବାହାସ୍ଫୋଟ ମାରି କହିଛନ୍ତି।

### ଚୀନର ଉପରମୁଣ୍ଡ ନଦୀବନ୍ଧକୁ ବିରୋଧ

## ବ୍ରହ୍ମପୁତ୍ର ଅବବାହିକାରେ ହେବ ଜଳବିଦ୍ୟୁତ୍ ଯୋଜନା

**ନୂଆଦିଲ୍ଲୀ,୧୩।୧୦ :** କେନ୍ଦ୍ର ସରକାର ବର୍ଦ୍ଧିତ ବିଦ୍ୟୁତ୍ ଚାହିଦାକୁ ପୂରା କରିବା ପାଇଁ ୨୦୪୭ ସୁଦ୍ଧା ବ୍ରହ୍ମପୁତ୍ର ଅବବାହିକାରୁ ୭୬ ଗିଗାୱାଟ୍‌ରୁ ଅଧିକ ଜଳବିଦ୍ୟୁତ୍ କ୍ଷମତା ସ୍ଥାନାନ୍ତରିତ କରିବା ପାଇଁ ୬.୪ ଟ୍ରିଲିୟନ ଟଙ୍କା ( ୭୭ ବିଲିୟନ ଡଲାର)ର ଟ୍ରାନ୍ସମିଶନ ଯୋଜନା ପ୍ରସ୍ତୁତ କରିଛି। ଏହି କଥା କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧିକରଣ (ସିଇଏ) ସୋମବାର କହିଛି । ସୋମବାର ପ୍ରକାଶିତ ଏକ ରିପୋର୍ଟରେ , ସିଇଏ କହିଛି ଯେ, ଏହି ଯୋଜନାରେ ପୂର୍ବୋତ୍ତର ରାଜ୍ୟ ଗୁଡ଼ିକର ୧୨ଟି ଉପ-ବେସିନ୍‌ରେ ୨୦୮ଟି ବଡ଼ ହାଇଡ୍ରୋ ପ୍ରୋଜେକ୍ଟ ପ୍ରକଳ୍ପ ଅନ୍ତର୍ଭୁକ୍ତ ଅଛି, ଯାହାର ସମ୍ଭାବିତ କ୍ଷମତା ୬୪.୯ ଗିଗାୱାଟ୍ ଓ ପମ୍ପ-ଷ୍ଟୋରେଜ୍ ପ୍ଲାଣ୍ଟରୁ ୧୧.୧ ଗିଗାୱାଟ୍ ଅତିରିକ୍ତ ହେବ। ସିଇଏ ରିପୋର୍ଟରେ ଦର୍ଶାଇଛି - ବ୍ରହ୍ମପୁତ୍ର ଅବବାହିକା ମଧ୍ୟରେ ଚିହ୍ନଟ ହୋଇଥିବା ଯଥେଷ୍ଟ ଜଳବିଦ୍ୟୁତ୍ ସମ୍ଭାବନାକୁ ଦୃଷ୍ଟିରେ ରଖି , ଏହି ମୂଲ୍ୟାଙ୍କିତ ସମ୍ଭାବନାରୁ ଶକ୍ତି ନିଷ୍କାସନ ପାଇ ଏକ ବ୍ୟାପକ ପରିବହନ ବ୍ୟବସ୍ଥା ଯୋଜନା ଥିବା



ଅନୁଭବ କରାଯାଇ ଥିଲା। ଫଳସ୍ୱରୂପ , ବ୍ରହ୍ମପୁତ୍ର ଅବବାହିକା ୧୨ଟି ଉପ-ବେସିନ୍‌ରୁ ୬୫ ଗିଗାୱାଟ୍ ଜଳବିଦ୍ୟୁତ୍ ଉତ୍ପାଦନ କ୍ଷମତା ନିଷ୍କାସନ ପାଇଁ ଏକ ପରିବହନ ବ୍ୟବସ୍ଥା ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇଛି।

ତିବ୍ବତରୁ ବାହାରି ଭାରତ ଓ ବାଂଲାଦେଶ ମଧ୍ୟ ଦେଇ ପ୍ରବାହିତ ବ୍ରହ୍ମପୁତ୍ର ନଦୀର ଭାରତୀୟ ଅଞ୍ଚଳରେ , ବିଶେଷକରି ଚୀନ ସୀମା ନିକଟବର୍ତ୍ତୀ ଅରୁଣାଚଳ ପ୍ରଦେଶରେ, ଯଥେଷ୍ଟ ଜଳଶକ୍ତି ସମ୍ଭାବନା ରହିଛି। ଅବବାହିକାର ଆନ୍ତଃସୀମା ପ୍ରକୃତି ଓ ଚୀନ ନିକଟତା କାରଣରୁ ଜଳ ପରିଚାଳନା ଏବଂ ଭିତ୍ତିଭୂମି ଯୋଜନା କରିବା ଏକ ରଣନୈତିକ ପ୍ରସଙ୍ଗ କରିଛି, ଯାହାକି ସରକାରଙ୍କୁ ଚିନ୍ତା ଯେ, ୟାରଲୁଙ୍ଗ ଜାଙ୍ଗବୋ (ବ୍ରହ୍ମପୁତ୍ର ନଦୀର ତିବ୍ବତୀୟ ନାମ) ଉପରେ ଏକ ଚୀନ୍ ବନ୍ଧ ଭାରତୀୟ କ୍ଷେତ୍ରରେ ଶୁଖିଲା ଋତୁ ପ୍ରବାହକୁ ୮୫ ପ୍ରତିଶତ ଯାଏ ହ୍ରାସ କରି ଦେଇପାରେ।

ରିପୋର୍ଟରେ କୁହାଯାଇଛି ଯେ, ବ୍ରହ୍ମପୁତ୍ର ଅବବାହିକା ଅରୁଣାଚଳ ପ୍ରଦେଶ , ଆସାମ , ସିକ୍କିମ୍ , ମିଜୋରାମ, ମେଘାଳୟ , ମଣିପୁର , ନାଗାଲ୍ୟାଣ୍ଡ ଓ ପଶ୍ଚିମବଙ୍ଗର କିଛି ଭାଗକୁ କଭର କରିଥାଏ ଏବଂ ଭାରତର ଅବ୍ୟବହୃତ ଜଳବିଦ୍ୟୁତ କ୍ଷମତାର ୮୦ ପ୍ରତିଶତରୁ ଅଧିକ ଏଥିରେ ରହିଛି। ନ୍ୟୁଜ୍ ଏଜେନ୍ସି ରଏଟର୍ସ ଅନୁସାରେ , ଏକା ଅରୁଣାଚଳ ପ୍ରଦେଶରେ ୫୨.୨ ଗିଗାୱାଟ୍‌ର କ୍ଷମତା ରହିଛି। ରଏଟର୍ସ ଦ୍ୱାରା ଉଦ୍ଧୃତ ସିଇଏ ଅନୁସାରେ, ଯୋଜନାର ପ୍ରଥମ ପର୍ଯ୍ୟାୟ ,ଯାହା ୨୦୩୫ ପର୍ଯ୍ୟନ୍ତ ଚାଲିବ,ଏଥିପାଇଁ ୧,୯୧ ଟ୍ରିଲିୟନ ଟଙ୍କା ଆବଶ୍ୟକ ହେବ, ଯେତେବେଳେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ୪.୫୨ ଟ୍ରିଲିୟନ ଟଙ୍କା ଖର୍ଚ୍ଚ ହେବ।

## କଂଗ୍ରେସରେ ଯୋଗଦେଲେ କନ୍ନନ ଗୋପୀନାଥନ



**ନୂଆଦିଲ୍ଲୀ,୧୩।୧୦:** ପୂର୍ବତନ ଆଇଏଏସ୍ ଅଧିକାରୀ କନ୍ନନ ଗୋପୀନାଥନ କଂଗ୍ରେସ ମହାସଚିବ (ସଂଗଠନ) କେ.ସି. ବେଣୁଗୋପାଳ ଏବଂ ଦଳର ନେତା ପବନ ଖେଡାଙ୍କ ଉପସ୍ଥିତିରେ କଂଗ୍ରେସ ଦଳରେ ଯୋଗ ଦେଇଛନ୍ତି। କଂଗ୍ରେସରେ ଯୋଗ ଦେବା ପରେ ପୂର୍ବତନ ଆଇଏଏସ୍ ଅଧିକାରୀ କନ୍ନନ ଗୋପୀନାଥନ କହିଛନ୍ତି, ମୁଁ ୨୦୧୯ ରେ ଇସ୍ତଫା ଦେଇଥିଲି। ସେତେବେଳେ ଏହା ସ୍ପଷ୍ଟ ଥିଲା ଯେ, ସରକାର ଦେଶକୁ ଯେଉଁ ଦିଗରେ ନେବାକୁ ଚାହୁଁଥିଲେ ତାହା ଠିକ୍ ନଥିଲା। ମୋତେ ଭୁଲ ବିରୁଦ୍ଧରେ ଲଢ଼ିବାକୁ ପଡିବ। ମୁଁ ୮୦-୯୦ ଜିଲ୍ଲା ଗସ୍ତ କରି ଲୋକଙ୍କ ସହ କଥା ହୋଇଥିଲି, ସ୍ପଷ୍ଟ ହୋଇଥିଲି ଯେ, କେବଳ କଂଗ୍ରେସ ଦଳ ହିଁ ଦେଶକୁ ଯେଉଁ ଦିଗରେ ନେବା ଉଚିତ ସେହି ଦିଗରେ ନେଇପାରିବ।

# ୨ୟ ଟେଷ୍ଟ : ବିଜୟଠାରୁ ୫୮ ରନ ଦୂରରେ ଭାରତ




ନୂଆଦିଲ୍ଲୀ,୧୩।୧୦ : ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମଠାରେ ଚାଲିଥିବା ଭାରତ-ୱେଷ୍ଟଇଣ୍ଡିଜ୍ ୨ୟ ଟେଷ୍ଟ ମ୍ୟାଚର ୪ର୍ଥ ଦିନର ଖେଳ ସମାପ୍ତ ହୋଇଛି। ଷ୍ଟମ୍ପସ୍ ଅପସାରଣ ବେଳକୁ ଭାରତ ଗୋଟିଏ ୱିକେଟ ହରାଇ ୬୩ ରନ କରିଥିଲା। ଅର୍ଥାତ ମ୍ୟାଚ ଶେଷ ଦିନରେ ଭାରତକୁ ବିଜୟ ପାଇଁ ଆଉ ୫୮ ରନର ଆବଶ୍ୟକତା ରହିଛି। ଭାରତ ପକ୍ଷରୁ କେ.ଏଲ. ରାହୁଲ ୨୫ ରନ ଓ ସାଇ ସୁଦର୍ଶନ ୩୦ ରନ କରି ଖେଳୁଛନ୍ତି। ଯଶସ୍ୱୀ ଜୟସ୍ୱାଲ ୮ ରନ କରି ଆଉଟ ହୋଇଛନ୍ତି। ଏହି ମ୍ୟାଚରେ ଫଲୋଅନର ସମ୍ମୁଖୀନ ହୋଇଥିବା ୱେଷ୍ଟଇଣ୍ଡିଜ୍ ନିଜର ୨ୟ ଇନିଂସରେ ୩୯୦ ରନ କରି ଅଲଆଉଟ ହୋଇଯାଇଥିଲା। ଏହା ଫଳରେ ଭାରତ ଆଗରେ ୧୨୧ ରନର ବିଜୟ ଲକ୍ଷ୍ୟ ରହିଛି। ଏହି ମ୍ୟାଚରେ ଫଲୋଅନର ସମ୍ମୁଖୀନ ହୋଇଥିବା ୱେଷ୍ଟଇଣ୍ଡିଜ୍ ନିଜର ୨ୟ ଇନିଂସରେ ୩୯୦ ରନ କରି ଅଲଆଉଟ ହୋଇଯାଇଥିଲା। ଏହା ଫଳରେ ଭାରତ ଆଗରେ ୧୨୧ ରନର ବିଜୟ ଲକ୍ଷ୍ୟ ରହିଛି। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଜନ କ୍ୟାମ୍ପବେଲ ୧୧୫ ରନ ଓ ସଇ ହୋପେ ୧୦୩ ରନ କରି ଭାରତୀୟ ବୋଲରଙ୍କ ଦୃଢ ମୁକାବିଲା କରିଥିଲେ। ସେହିପରି ଜଷ୍ଟିନ ଗ୍ରିଭସ ୫୦ ରନ ଓ ରୋଷ୍ଟନ ଚେଜ୍ ୪୦ ରନ କରିଥିଲେ। ଭାରତ ପକ୍ଷରୁ କୁଳଦୀପ ଯାଦବ ଓ ଯଶପ୍ରୀତ ବୁମରା ୩ଟି ଲେଖାଏଁ ୱିକେଟ ନେଇଥିବା ବେଳେ ମହମ୍ମଦ ସିରାଜ ୨ଟି ୱିକେଟ ନେଇଥିଲେ।

ଏହି ମ୍ୟାଚରେ ଭାରତ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନିଜର ପ୍ରଥମ ଇନିଂସରେ ଭାରତ ୫୧୮ ରନ କରି ପାଳି ସମାପ୍ତି ଘୋଷଣା କରିଥିଲା। ୱେଷ୍ଟଇଣ୍ଡିଜ୍ ନିଜର ପ୍ରଥମ ଇନିଂସରେ ୨୪୮ ରନ କରିଥିଲା।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରୀମନ୍ଦିରରେ ସେବକମାନଙ୍କ ଗହଣରେ ଶ୍ରୀଜୀୟୁଙ୍କୁ ଦର୍ଶନକରି ଫେରୁଛନ୍ତି ।

## ସୁରଭି କାର୍ଯ୍ୟକ୍ରମରେ ଆଖି ବୁଜିଲେ ଶିକ୍ଷକ



**ବାଙ୍କୀ,୧୩।୧୦ (ସଂଚାର ବ୍ୟୁରୋ):** ବିଦ୍ୟାଳୟରେ ପିଲାଙ୍କ ପାଇଁ ମନୋରଞ୍ଜନଭିତ୍ତିକ କାର୍ଯ୍ୟକ୍ରମ ଜାରିଥିବା ବେଳେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। 'ସୁରଭି' କାର୍ଯ୍ୟକ୍ରମ ଚାଲିଥିଲା ବେଳେ ଜଣେ ଶିକ୍ଷକଙ୍କ ପରଲୋକ ଘଟିଛି। କଟକ ଜିଲ୍ଲା ବାଙ୍କୀ ଶିମିଳିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତ ଶିକ୍ଷକ ହେଲେ ମୃତ୍ୟୁଞ୍ଜୟ ମନ୍ତ୍ରୀ (୪୭)। ଏହି ଅପ୍ରୀତିକର ଅଘଟଣ ପରେ କାର୍ଯ୍ୟକ୍ରମ ଶୋକରେ ପରିଣତ ହୋଇଛି। ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅଭିଭାବକ ମନଦୁଃଖରେ ଘରକୁ ଫେରିଛନ୍ତି। ମୃତ୍ୟୁଞ୍ଜୟ ମନ୍ତ୍ରୀଙ୍କ ଘର କଟକ ଜିଲ୍ଲା ଡମପଡ଼ା ବ୍ଲକ ଅଧୀନ ଭେଡ଼ାରାମଚନ୍ଦ୍ରପୁର। କିଛି ଦିନ ହେବ ସେ ଅସୁସ୍ଥ ଥିଲେ। ଖାଇବା ପିଇବା ଓ ସ୍ୱାସ୍ଥ୍ୟ ନେଇ ଡାକ୍ତର ପରାମର୍ଶ ଦେଇଥିଲେ। କିନ୍ତୁ ଆଜି ପିଲାମାନଙ୍କ ପାଇଁ ସୁରଭି କାର୍ଯ୍ୟକ୍ରମ ଥିବାରୁ ଶିମିଳିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇଥିଲେ। ଅପରାହ୍ଣ ପ୍ରାୟ ୨ଟାରେ କାର୍ଯ୍ୟକ୍ରମ ଜାରି ଥିବା ବେଳେ ସେ ହଠାତ୍ ଅସୁସ୍ଥ ହୋଇ ପଡ଼ି ଯାଇଥିଲେ। ତାଙ୍କୁ ବାଙ୍କୀସ୍ଥିତ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ସେ ଆଖି ବୁଜିଥିଲେ। ବାଙ୍କୀ ଶିମିଳିପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଚାଲିଥିଲା। ବରଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ମୃତ୍ୟୁଞ୍ଜୟ ମନ୍ତ୍ରୀଙ୍କ ପରଲୋକ ଘଟିଛି। ମୃତ୍ୟୁଞ୍ଜୟ ମନ୍ତ୍ରୀ ପୂର୍ବରୁ ସିଆରସିସି ଭାବେ କାର୍ଯ୍ୟ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୪୭ବର୍ଷ ବୟସ ହୋଇଥିଲା ଓ ସେ ଅବିବାହିତ ଥିଲେ। ସ୍ୱର୍ଗତ ମନ୍ତ୍ରୀ ଜଣେ ଜଣାଶୁଣା କବି ଭାବେ ପରିଚିତ ଥିଲେ।

## ଧୂଷୁରୀ ୟୁକୋ ବ୍ୟାଙ୍କରୁ ଲୁଟ୍ ଉଦ୍ୟମ ବିଫଳ

■ ଲକର ଭାଙ୍ଗିବା ବେଳେ ସାଇରନ ବାଜିବାରୁ ପଳାଇଲେ ଲୁଟେରା

**ଭଦ୍ରକ, ୧୩।୧୦ (ସଂଚାର ବ୍ୟୁରୋ):** ଧାମନଗର ଅଞ୍ଚଳରେ ଏବେ ଦିନକୁଦିନ ଚୋରମାନେ ପୋଲିସକୁ ଚକମା ଦେଇ ବିଭିନ୍ନ ସ୍ଥାନ ରେ ଚୋରିକରି ଖସି ଯାଉଛନ୍ତି। ଏମିତି ରବିବାର ରାତିରେ ଧାମନଗର ବ୍ଲକର ଧୁସୁରୀରେ ଥିବା ୟୁକୋ ବ୍ୟାଙ୍କରେ ଘଟିଛି। ଚୋରମାନେ ବ୍ୟାଙ୍କ ଝରକା ଗ୍ରିଲ୍ କାଟି ଭିତରକୁ ପଶିଥିଲେ, ବ୍ୟାଙ୍କ ଲକର ଭାଙ୍ଗିବା ବେଳେ ସାଇରନ ବାଜିଥିଲା ଫଳରେ ଚୋର ଖସି ପଳାଇ ଥିଲେ।ଖବର ପାଇ ସ୍ଥାନୀୟ ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲେ ଯାଞ୍ଚ ଆରମ୍ଭ କରିଛି। ସିସିଟିଭି ଓ ଅନ୍ୟାନ୍ୟ ଦିଗକୁ ନେଇ ତଦନ୍ତ ଆରମ୍ଭ ହୋଇଥିବା ବେଳେ ପ୍ରକୃତରେ ଲୁଟ ବିଫଳ ହୋଇଥିବା କହିଛନ୍ତି ଏସଡ଼ିପିଓ ତ୍ରିଲୋଚନ ସେଠି। ଫରେନ୍ସିକ ଟିମ ଓ ଡଗ ସ୍କ୍ୱାର୍ଡ ପହଞ୍ଚି ତଦନ୍ତ କରୁଛି। ଏ ନେଇ ଧୂଷୁରୀ ଥାନାରେ କେସ ନମ୍ବର।୪୮୦/୨୫ ରେ ମାମଲା ରୁଜୁ ହୋଇଥିବା ବେଳେ ଏହାର ତଦନ୍ତଭାର ଥାନାର ଏସ ଆଇ ବାସୁଦେବ ଓରାମ ନେଇଛନ୍ତି। ତେବେ ରାସ୍ତା ପାଖରେଥିବା ଏହି ବ୍ୟାଙ୍କରେ ଚୋରି ଉଦ୍ୟମ କୁ ନେଇ ସ୍ଥାନୀୟ ପୋଲିସକୁ ଦାୟୀ କରିଛନ୍ତି ସାଧାରଣ ଲୋକ ମାନେ।ସେମାନେ ରାତ୍ରି କାଳୀନ ପେଟ୍ରୋଲିଂ ପୋଲିସ କରୁବୋଲି ଦାବି କରିଛନ୍ତି।

## ସଡ଼କ ଦୁର୍ଘଟଣାରେ ୨ ମୃତ

**ଗୁଣପୁର,୧୩।୧୦(ସଂଚାର ବ୍ୟୁରୋ) :** ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ମୃତ। ଟାଙ୍କର-ବାଇକ ମୁହାଁମୁହିଁ ଧକ୍କାରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ରାୟଗଡ଼ା ଜିଲ୍ଲା ରାମାନାଗୁଡା ଥାନା ପାଲୁପାଇ ଗାଁ ମୁଖ୍ୟ ରାସ୍ତାରେ ଘଟିଛି ଦୁର୍ଘଟଣା। ବାଇକରେ ୨ଜଣ ଯାଉଥିବା ବେଳେ ସାମନାପଟୁ ଆସିଥିବା ଟ୍ୟାଙ୍କର ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଦୁଇ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ରାମାନାଗୁଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଛି। ପୋଷ୍ଟମର୍ଟମ ପାଇଁ ରାମାନାଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଛି।

## ତିହିଡ଼ିରେ ଲକ୍ଷ ଲକ୍ଷ ଟଙ୍କାର ବେଆଇନ ବାଣ ମହଜୁଦ

● ପୁଲିସର ଚଢ଼ଉ ପାଇଁ ଦାବି

**ଭଦ୍ରକ, ୧୩।୧୦ (ସଂଚାର ବ୍ୟୁରୋ):** ଭଦ୍ରକ ଜିଲ୍ଲା ତିହିଡି ଥାନା ଅଧୀନରେ ଥିବା ବିଭିନ୍ନ ଅଞ୍ଚଳରେ ବେଆଇନ ବାଣ ମହଜୁଦ ରହିଥିବା ଅଭିଯୋଗ ହୋଇଛି। ପୋଲିସ ଚଢ଼ଉ କରି ଏହି ବେଆଇନ ବାଣସବୁକୁ ଜବତ କରିବାକୁ ସାଧାରଣରେ ଦାବି କରାଯାଇଛି। ଆଗକୁ ଆସୁଛି ଦୀପାବଳି। ଏହାକୁ ଲକ୍ଷ୍ୟ ରଖି ସକ୍ରିୟ ହୋଇ ଉଠିଲେଣି ବାଣ ବିକ୍ରେତା। ତିହିଡି ବ୍ଲକର ବିଭିନ୍ନ ଅଞ୍ଚଳରେ ଥିବା ଏହି ବିକ୍ରେତାମାନେ ପ୍ରଚୁର ପରିମାଣରେ ବେଆଇନ ବାଣ ଆଣି ମହଜୁଦ ରଖିଥିବା ଅଭିଯୋଗ ହେଉଛି। ଏହି ବାଣ ବିକ୍ରି କରିବାକୁ ସେମାନେ ପ୍ରଶାସନ ଠାରୁ ଲାଇସେନ୍ସ ପାଇବାକୁ ଲାଗିପଡ଼ିବେ। ଏହା ମିଳିଗଲା ପରେ ସେମାନେ ପ୍ରତିବର୍ଷ ପରି ଖୁଲମଖୁଲା ବାଣ ବିକ୍ରି କରିବେ। ଏଥିଯୋଗୁଁ ବାଣ ବିକ୍ରି ପାଇଁ ଥିବା ନିୟମାବଳୀ ମଧ୍ୟ ଉଲ୍ଲଙ୍ଘନ ହେବାର ଆଶଙ୍କା ଦେଖାଦେଇଛି। ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିକ୍ରେତାମାନେ ମହଜୁଦ ରଖିଥିବା ବେଆଇନ ବାଣସବୁକୁ ଜବତ କରିବାକୁ ଦାବି ହୋଇଛି। ତିହିଡି ବ୍ଲକରେ ବାଣ ବିକିବା ପାଇଁ ଲାଇସେନ୍ସ ପାଇବାକୁ ଥିବା ବିକ୍ରେତାମାନେ ବାଣ ଆଣି ମହଜୁଦ ରଖିଥିବା ଜଣାଯାଇଛି। ସେହି ବିକ୍ରେତାମାନଙ୍କ ତାଲିକା ପୋଲିସ ପାଖରେ ବି ରହିଛି। ଏହି ପରିପ୍ରେକ୍ଷୀରେ ପୋଲିସ ପକ୍ଷରୁ ଚଢ଼ାଉ କରାଗଲେ ବହୁ ବେଆଇନ ବାଣ ଜବତ ହୋଇପାରନ୍ତା। ଏଥିଯୋଗୁଁ ଉଭୟ ପରିବେଶ ଓ ଦୀପାବଳି ସୁରକ୍ଷିତ ରହିପାରନ୍ତା ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ପ୍ରଶାସନ ପକ୍ଷରୁ ବାଣ ବିକ୍ରି ଲାଇସେନ୍ସ ଉପରେ ଲଗାମ ଦେଲେ ବିକ୍ରେତା ମାନେ ସଜାଗ ହୁଅନ୍ତେ ବୋଲି କୁହାଯାଇଛି।

## କଫ ସିରପ୍ ମୃତ୍ୟୁ ମାମଲା
## ତାମିଲନାଡୁର ୭ ସ୍ଥାନରେ ଚଢ଼ଉ



**ଚେନ୍ନାଇ, ୧୩।୧୦:** କଫ ସିରପ ମୃତ୍ୟୁ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୋମବାର ଶ୍ରୀସାନ ଫାର୍ମାର ଚେନ୍ନାଇ ପରିସର ଏବଂ ତାମିଲନାଡୁ ଔଷଧ ନିୟନ୍ତ୍ରଣ ବିଭାଗ ଅଧିକାରୀଙ୍କ ପରିସରରେ ଚଢ଼ଉ କରିଛି। କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ମନି ଲଣ୍ଡରିଂ ନିବାରଣ ଆଇନ, ୨୦୦୨ (ପିଏମଏଲଏ) ଅନୁଯାୟୀ ଏହି ଚଢ଼ଉ କରିଛି। ସରକାରୀ ସୂତ୍ର ଅନୁଯାୟୀ ଇଡି ତାମିଲନାଡୁ ଔଷଧ ନିୟନ୍ତ୍ରଣ କାର୍ଯ୍ୟାଳୟ (ଡ୍ରଗ ନିୟନ୍ତ୍ରଣ ବିଭାଗ)ର ଉଚ୍ଚ ଅଧିକାରୀଙ୍କ ବାସଭବନ ସମେତ ପରିସରରେ ଚଢ଼ଉ କରିଛି। କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ମଧ୍ୟ ପ୍ରଦେଶ ଏବଂ ତାମିଲନାଡୁରେ ଶ୍ରୀସାନ ଫାର୍ମାସ୍ୟୁଟିକାଲ୍ସ ବିରୁଦ୍ଧରେ ଦାଖଲ ହୋଇଥିବା ପୋଲିସ ଅଭିଯୋଗର ବିଚାର କରି ମନି ଲଣ୍ଡରିଂ ବିରୋଧୀ ଆଇନ ଅନୁଯାୟୀ ଏକ ଫୌଜଦାରୀ ମାମଲା ପଞ୍ଜିକରଣ କରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

■ ମୁଖ୍ୟମନ୍ତ୍ରୀ ଦେଇଥିଲେ ପ୍ରସ୍ତାବ

# ଆକାଂକ୍ଷୀ ତାଲିକାରେ ଯୋଡ଼ିହେଲା ୧୧ ବ୍ଲକ

**ଭୁବନେଶ୍ୱର,୧୩।୧୦(ସଂଚାର ବ୍ୟୁରୋ):** ପଛୁଆ ଅଞ୍ଚଳର ବିକାଶକୁ ତ୍ୱରାନ୍ୱିତ ପାଇଁ ଉଦ୍ଦିଷ୍ଟ କେନ୍ଦ୍ର ସରକାରଙ୍କ 'ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ' ତାଲିକାରୁ ଓଡ଼ିଶାର ୨୦ଟି ବ୍ଲକ୍ ବାଦ୍ ପଡ଼ିଛି। ଆଉ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ଜୁଲାଇ ମାସରେ ଦେଇଥିବା ୧୧ଟି ନୂଆ ବ୍ଲକକୁ ଏଥିରେ ସାମିଲ କରାଯାଇଛି। କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଏହି ଆକାଂକ୍ଷୀ ବ୍ଲକଗୁଡ଼ିକ ପାଇଁ 'ପ୍ରଭାରୀ ଅଫିସର' ନିଯୁକ୍ତି ଦିଆଯିବା ପରେ ରାଜ୍ୟରେ ଆକାଂକ୍ଷୀ ବ୍ଲକ ସଂଖ୍ୟା ୨୦କୁ ହ୍ରାସ ପାଇଥିବା ସ୍ପଷ୍ଟ ହୋଇଛି। ୨୦୨୩ ମସିହାରୁ ରାଜ୍ୟରେ ଆକାଂକ୍ଷୀ ବ୍ଲକ ସଂଖ୍ୟା ୨୯ ଥିବାବେଳେ ଏଥିରୁ ୨୦ଟି ବ୍ଲକକୁ ବାଦ୍ ଦିଆଯାଇଛି। ପୁରୁଣା ୯ଟି ବ୍ଲକ ଓ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦେଇଥିବା ୧୧ଟି ବ୍ଲକକୁ ମିଶାଇ ଏବେ ମୋଟ ୨୦ଟି ବ୍ଲକ ନିମନ୍ତେ 'ପ୍ରଭାରୀ ଅଫିସର'ଙ୍କୁ ନିଯୁକ୍ତି ଦେଇଛନ୍ତି କେନ୍ଦ୍ର ସରକାର। କାର୍ମିକ ମନ୍ତ୍ରଣାଳୟର ନିର୍ଦ୍ଦେଶକ ସାକ୍ଷୀ ମିତ୍ତଲ ଗତ ସପ୍ତାହରେ ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ନିକଟକୁ ପଠାଇଥିବା ଚିଠିରେ 'ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ' ଅନ୍ତର୍ଗତ ଓଡ଼ିଶାର ୨୦ଟି ବ୍ଲକ ପାଇଁ 'ପ୍ରଭାରୀ ଅଫିସର'ଙ୍କୁ ନିଯୁକ୍ତି ଦିଆଯାଇଥିବାର ସୂଚନା ଦେଇଛନ୍ତି। ଦେଶର ୨୧୯ଟି ଜିଲ୍ଲାରେ ଥିବା ଆକାଂକ୍ଷୀ ବ୍ଲକଗୁଡ଼ିକ ନିମନ୍ତେ କେନ୍ଦ୍ର ସରକାରଙ୍କ ଅଫିସରମାନଙ୍କୁ 'ପ୍ରଭାରୀ' ଭାବେ ନିଯୁକ୍ତି ଦିଆଯାଇଥିବା ନେଇ ଅବଗତ କରାଇଛନ୍ତି। ଆଇଏଏସ୍ ଆଶିଷ ଠାକରେଙ୍କୁ ବରଗଡ଼ ଜିଲ୍ଲାର ପାଇକମାଳ ବ୍ଲକ, ଇଣ୍ଡିଆନ ଡିଫେନ୍ସ ଆକାଉଣ୍ଟାଣ୍ଟ ସର୍ଭିସ (ଆଇଡିଏଏସ) ଡଃ ପ୍ରଦୀପ କୁମାର ଜେନାଙ୍କୁ ନୟାଗଡ଼ର ଦଶପଲ୍ଲା, ଆଇଇଏସ୍ ସୁଷମା କିଣ୍ଡୋଙ୍କୁ ସମ୍ବଲପୁର ଜିଲ୍ଲାର ନାକଟିଦେଉଳ ବ୍ଲକ, ନିତି ଆୟୋଗର ଅଧିକାରୀ ଆଶୀଷ କୁମାର ଦାସଙ୍କୁ ସୁନ୍ଦରଗଡ଼ ଜିଲ୍ଲାର ବାଲିଶଙ୍କରା ଓ ନୂଆଗାଁ, ଆଇଏଏସ୍ ପରାଗ ହର୍ଷଦ ଗାଭିଲଙ୍କୁ କେନ୍ଦୁଝର ଜିଲ୍ଲାର ବାଂଶପାଳ ଓ ହରିଚନ୍ଦନପୁର ଏବଂ ଆଇଏଏସ୍ ଲିଙ୍ଗରାଜ ପଣ୍ଡାଙ୍କୁ ମୟୂରଭଞ୍ଜ ଜିଲ୍ଲାର ଯଶୀପୁର ଓ ଠାକୁରମୁଣ୍ଡା ବ୍ଲକ୍ ପ୍ରଭାରୀ ଅଫିସର ଭାବେ ନିଯୁକ୍ତି ମିଳିଛି।

ଆକାଂକ୍ଷୀ ବ୍ଲକ୍ କାର୍ଯ୍ୟକ୍ରମରେ ଏହି ୯ଟି ପୁରୁଣା ବ୍ଲକ୍ ସମେତ ଅନ୍ୟ କେନ୍ଦୁଝର ଜିଲ୍ଲାର ୫ଟି ନୂଆ ବ୍ଲକ୍ ଯଥା ଚମ୍ପୁଆ, ଝୁମ୍ପୁରା, କେନ୍ଦୁଝର ସଦର, ପାଟଣା ଓ ତେଲକୋଇର ପ୍ରଭାରୀ ଭାବେ ଶ୍ରୀ ଗାଭିଲ ଏବଂ ମୟୂରଭଞ୍ଜ ଜିଲ୍ଲାର ୬ଟି ବ୍ଲକ ଯଥା ବାହାଳଦା, ବିଜାତଳା, ଜାମଦା, କୁସୁମୀ, ରାଇରଙ୍ଗପୁର ଓ ତିରିଂ ବ୍ଲକ ରହିଛି। ଯାହାର ପ୍ରଭାରୀ ଅଫିସର ଭାବେ ଆଇଏଏସ୍ ଶ୍ରୀ ପଣ୍ଡାଙ୍କୁ ଦାୟିତ୍ୱ ନ୍ୟସ୍ତ ହୋଇଛି। କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ଏହି ନୂଆ ୧୧ଟି ବ୍ଲକକୁ 'ଆକାଂକ୍ଷୀ ବ୍ଲକ୍ କାର୍ଯ୍ୟକ୍ରମ'ରେ ସାମିଲ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ଗତ ଜୁଲାଇରେ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୩ଙ୍କୁ...

ଅର୍ଥନୀତିଜ୍ଞ ଉଦ୍ଭାବନ ଭିତ୍ତିକ ଅର୍ଥନୈତିକ ଅଭିବୃଦ୍ଧି ଉପରେ ଉଲ୍ଲେଖନୀୟ ଗବେଷଣା କରିଛନ୍ତି ବୋଲି ରୟାଲ ସ୍ୱିଡିସ ଏକାଡେମୀ ଅଫ ସାଇନ୍ସେସ ପକ୍ଷରୁ ଘୋଷଣା କରାଯାଇଛି। ଅର୍ଥନୀତିରେ ନୋବେଲ ପୁରସ୍କାର ପ୍ରଦାନ କରିବା ଏହି ପୁରସ୍କାରର ପ୍ରତିଷ୍ଠାତା ସାର ଆଲଫ୍ରେଡ ନୋବେଲଙ୍କ ମୂଳ ଇଚ୍ଛାପତ୍ର ବା ୱିଲରେ ନଥିଲା। ଏହି ପୁରସ୍କାର ପ୍ରଦାନ କରିବାକୁ ୧୯୬୮ ମସିହାରେ ସ୍ୱିଡେନର କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ପ୍ରତଷ୍ଠା କରାଯାଇଥିଲା ଓ ପ୍ରଥମ ଥର ପାଇଁ ୧୯୬୯ରେ ପ୍ରଦାନ କରାଯାଇଥିଲା। ଏହାକୁ 'ସ୍ୱେରିଜେସ ରିକସବ୍ୟାଙ୍କ ପୁରସ୍କାର ଅର୍ଥନୀତି ବିଜ୍ଞାନରେ, ଆଲଫ୍ରେଡ୍ ନୋବେଲଙ୍କ ସ୍ମୃତିରେ' ବୋଲି ଆଧିକାରିକ ଭାବେ କୁହାଯାଏ। ଏହି ପୁରସ୍କାର ପ୍ରତିବର୍ଷ ସେହି ବ୍ୟକ୍ତିମାନଙ୍କୁ ଦିଆଯାଏ ଯେମାନେ ଅର୍ଥନୀତି ବିଜ୍ଞାନର ମାନବ ଜୀବନରେ ପ୍ରୟୋଗ, ବିକାଶ ଓ ଅବଦାନରେ ଗୁରୁତ୍ୱପୂର୍ଣ୍ଣ କାମ କରିଛନ୍ତି। ଏହା ଆଲଫ୍ରେଡ୍ ନୋବେଲଙ୍କ ମୂଳ ପୁରସ୍କାରଗୁଡିକ (ଶାନ୍ତି, ସାହିତ୍ୟ, ରସାୟନ, ଭୌତିକ ଓ ଜୀବବିଜ୍ଞାନ) ମଧ୍ୟରେ ନଥିଲେ ମଧ୍ୟ ସେହି ସମାନ ଗୌରବ ଓ ପ୍ରତିଷ୍ଠା ରଖିଛି।

### ପୁଲିସକୁ...

ସେମାନଙ୍କୁ ଗିରଫ କରାଯାଇଥିଲା। ଏହି ଗୁଳିକାଣ୍ଡ ଜମିବାଡ଼ି ବିବାଦରୁ ହୋଇଥିବା ପୁଲିସ୍ ଅନୁମାନ କରୁଛି। ଅନ୍ୟପକ୍ଷରେ ଗୁଳିମାଡ଼ ପରେ ସୁଧାଂଶୁଙ୍କୁ ଗୁରୁତର ଅବସ୍ଥାରେ ଏମ୍ସରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁଳି ଚଳାଇଥିବା ତିନି ଅଭିଯୁକ୍ତ ହେଲେ ସୁଧାଂଶୁଙ୍କ ଦାଦା ଜ୍ଞାନ ରଞ୍ଜନ ଖୁଣ୍ଟିଆ, ସୁକାନ୍ତ ପ୍ରଧାନ ଓରଫ ଭାଲୁ ଓ ତାଙ୍କ ପୁଅ ଛବି ପ୍ରଧାନ ବୋଲି ଜଣାପଡ଼ିଛି। ଘଟଣାସ୍ଥଳରୁ ପୁଲିସ୍ ୪ ରାଉଣ୍ଡ ଗୁଳି ଜବତ କରିଥିବା ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ପୁଲିସ୍ କମିଶନର୍ ଏସ. ଦେବଦତ୍ତ ସିଂହ। ସାଇଣ୍ଟିଫିକ୍ ଟିମ୍ ଏହି ଘଟଣାର ତଦନ୍ତ ଚଳାଇଥିବା ବେଳେ ଅଭିଯୁକ୍ତମାନେ କେଉଁଠୁ ବନ୍ଧୁକ ପାଇଲେ, ତା' ଜାଣିବା ପାଇଁ ମଧ୍ୟ ତନାଘନା ଚାଲିଥିବା ସିପି କହିଛନ୍ତି। ସେହିପରି ଚନ୍ଦ୍ରଶେଖରପୁର ଥାନାଞ୍ଚଳର ଚୁନୁକୋଲି ବସ୍ତି ଅଞ୍ଚଳରେ ଷ୍ଟୋନ୍‌ମ୍ୟାନ୍ ଆତଙ୍କ ଦେଖାଦେଇଛି। ଜନୈକ ଅଜଣା ଯୁବକଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି। ଖବର ପାଇ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଚଳାଇଛି। ଉକ୍ତ ଯୁବକଙ୍କ ବୟସ ପାଖାପାଖି ୩୨ ବର୍ଷ ହେବ। କିନ୍ତୁ ପଥରରେ ମୁହଁଟି ବିକୃତ ହୋଇଯାଇଥିବାରୁ ତାଙ୍କୁ ଚିହ୍ନିବା ସମ୍ଭବପର ହୋଇପାରିନାହିଁ। ଏହାଛଡ଼ା ରେଳ ଷ୍ଟେସନରେ ରାଷ୍ଟ୍ରପତି ସମ୍ମାନପ୍ରାପ୍ତ ଶିକ୍ଷକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ୬ ନଂ ପ୍ଲାଟଫର୍ମ ବାହାରେ ଶିକ୍ଷକ ଦ୍ୱିତୀଚନ୍ଦ୍ର ସାହୁଙ୍କୁ କାଠ ଫାଳିଆରେ ଆକ୍ରମଣ କରି ମୋବାଇଲ୍ ଛଡ଼ାଇ ନେଇଛନ୍ତି ଦୁର୍ବୃତ୍ତ। ଗୁରୁତର ଅବସ୍ଥାରେ ଶିକ୍ଷକ ଜଣଙ୍କୁ କ୍ୟାପିଟାଲ ହସପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ ଘଟଣାର ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଗତ ଶନିବାର ବିଳମ୍ବିତ ରାତିରେ ମଞ୍ଚେଶ୍ୱର ଥାନାଞ୍ଚଳରେ ଜନୈକା ଯୁବତୀଙ୍କୁ ଦୁଷ୍କର୍ମ ଉଦ୍ୟମ ହୋଇଛି। ଏନେଇ ସ୍ଥାନୀୟ ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ, ଶନିବାର ରାତି ପ୍ରାୟ ୧୨ଟା ସମୟରେ ପୀଡିତା ଜଣଙ୍କ ମଞ୍ଚେଶ୍ୱର ଶ୍ରୀରାମନଗର ଯାଉଥିବା ବେଳେ ସାଇ ମନ୍ଦିର କେନାଲ ରୋଡ୍ ନିକଟରେ କେତେକ ନିଶାସକ୍ତ ଯୁବକ ତାଙ୍କୁ କମେଣ୍ଟ କରିଥିଲେ। ଆପତ୍ତିଜନକ ମନ୍ତବ୍ୟ ଦେବା ସହ ସେମାନେ ଅଶ୍ଳୀଳ ଇଙ୍ଗିତ ବି କରିଥିଲେ। ଯୁବତୀ ଜଣଙ୍କ ଏହାକୁ ବିରୋଧ କରିବାକୁ ୪ରୁ ଊର୍ଦ୍ଧ୍ୱ ଯୁବକ ତାଙ୍କୁ ଟେକିନେଇ ଦୁଷ୍କର୍ମ ଉଦ୍ୟମ କରିଥିଲେ। ତେବେ ସେ ଖୁବ୍ ଜୋର୍‌ରେ ପାଟି କରିବାରୁ ସ୍ଥାନୀୟ ଲୋକେ ଆସିଯିବା ଫଳରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ମଞ୍ଚେଶ୍ୱର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଖଣ୍ଡିଆଖାବରା ଅବସ୍ଥାରେ ପୀଡ଼ିତାଙ୍କୁ ଉଦ୍ଧାର କରି ଡାକ୍ତରୀ ମାଇନା କରାଇଥିଲା।

### ୨ ଜଣଙ୍କ...

ଭାଗନେବା ଲାଗି ରାଜ୍ୟ ବାହାରକୁ ଯାଉଥିଲେ। ଏହି ଘଟଣାର ଖୋଳତାଡ ପରେ ଅଧିକାଂଶ ପିଲା 'ବଣିକ' କୋଚିଂ ସେଣ୍ଟର ସହ ଜଡ଼ିତ ଥିବାରୁ ନିକଟରେ କ୍ରାଇମବ୍ରାଞ୍ଚ ଟିମ୍ ଉକ୍ତ ଶିକ୍ଷାନୁଷ୍ଠାନ ଉପରେ ଚଢ଼ାଉ କରିଥିଲା। ଘରୋଇ କୋଚିଂ ସେଣ୍ଟରର ୩ ଜଣଙ୍କୁ ନୋଟିସ୍ କରାଯାଇଥିଲା। ଏହି ନୋଟିସ୍ ଆଧାରରେ ସେମାନେ କ୍ରାଇମବ୍ରାଞ୍ଚ ନିକଟରେ ହାଜର ହୋଇ ଜେରାର ସମ୍ମୁଖୀନ ହୋଇଥିଲେ। ଏବେ ଏହି ମାମଲା ନେଇ କ୍ରାଇମବ୍ରାଞ୍ଚ ଟିମ୍ ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ଗତମାସ ପୁଲିସ ଚାକିରିରେ ଜାଲିଆତି ସୁରାକ୍ ମିଳିଥିଲା। ପ୍ରଶ୍ନପତ୍ର ଲିକ୍ ବଡ଼ ଯୋଜନା ପଣ୍ଡ କରିଥିଲା ବ୍ରହ୍ମପୁର ପୁଲିସ। ସେପ୍ଟେମ୍ବର ୨୯ ତାରିଖ ରାତିରେ ୧୨୦ ଜଣ ପରୀକ୍ଷାର୍ଥୀଙ୍କୁ ଆନ୍ଧ୍ରପ୍ରଦେଶରୁ ଉଠାଇ ଆଣିଥିଲା ପୁଲିସ। ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପରୀକ୍ଷାର୍ଥୀଙ୍କୁ ୩ଟି ବସରେ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ନିଆଯାଉଥିଲା। ସେଠାରେ ରଖି ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ସହ ଉତ୍ତର କୁହାଯାଇଥାନ୍ତା। ପ୍ରଶ୍ନ ଉତ୍ତର ଅଭ୍ୟାସ ପରେ ସେମାନଙ୍କୁ ଆଣି ପରୀକ୍ଷା କେନ୍ଦ୍ରରେ ଛାଡ଼ିବାକୁ ଯୋଜନା ହୋଇଥିଲା। ଏଥିପାଇଁ ମୋଟା ଅଙ୍କର ଅର୍ଥ ପରୀକ୍ଷାର୍ଥୀଙ୍କ ଠାରୁ ନିଆଯାଇଥିବା ଚର୍ଚ୍ଚା ହେଉଛି। ହେଲେ ସେମାନେ ଠିକଣା ଜାଗାରେ ପହଞ୍ଚିବା ପୂର୍ବରୁ ପୁଲିସ ତାଙ୍କୁ ଉଠାଇ ଆଣିଥିଲା।

### ନୂଆପଡ଼ାରେ...

ବାଜିରେ ଲାଗିଛି। ସବୁଥିରେ ବଡ଼ବୋଲା ସାଜୁଥିବା ନେତା ଜଣଙ୍କ ପ୍ରାର୍ଥୀ ଖୋଜି ନପାଇବା ଏବେ ତାଙ୍କ ପାଇଁ ଅସ୍ୱସ୍ତିକର ପରିସ୍ଥିତି ସୃଷ୍ଟି କରୁଛି। ଉପରୁ ଘନ ଘନ ଫୋନ୍ ଯାଉଥିବା ବେଳେ ସେ କିଛି ଉତ୍ତର ଦେଇପାରୁନଥିବା ଚର୍ଚ୍ଚା ହେଉଛି। କେବଳ ସେ ନୁହନ୍ତି, ଦଳର ବରିଷ୍ଠ ନେତାମାନେ ବି ସେଠାରେ ଡେରା ପକାଇ ହତାଶ ହେବାରେ ଲାଗିଛନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ବିଜେପି ଅସନ୍ତୁଷ୍ଟ ନେତାଙ୍କୁ ଆଣି ପ୍ରାର୍ଥୀ କରିବାକୁ ବିଜେଡି ନେତାମାନେ ନୂଆପଡ଼ାରେ ରାତିଦିନ ଏକ କରିଦେଇଛନ୍ତି। ହେଲେ ସେମାନଙ୍କ ସମସ୍ତ ଗୋଟି ଚାଳନାକୁ ବିଜେପି ଫେଲ କରିବାରେ ଲାଗିଛି। ଏହା ଉପରେ କଂଗ୍ରେସ ସତର୍କ ଦୃଷ୍ଟି ରଖିଥିବା ବେଳେ ପ୍ରଥମେ ପ୍ରାର୍ଥୀ ଘୋଷଣା କରିଥିବା ଏହି ଦଳ ଏବେ ପ୍ରାର୍ଥୀ ଘାସିରାମଙ୍କୁ ଧରି ପ୍ରଚାର ଆରମ୍ଭ କରିଦେଇଛି। ସେହିଭଳି ଜୟ ଢୋଲକିଆ ବିଜେପି ପ୍ରାର୍ଥୀ ହେବା ନିଶ୍ଚିତ ହେବା ପରେ ବିଜେପି ମଧ୍ୟ ଧିରେ ଧିରେ ମଇଦାନକୁ ଓହ୍ଲାଇବାରେ ଲାଗିଛି। ହେଲେ ପ୍ରାର୍ଥୀ ଚିନ୍ତାରେ ପଡ଼ିଥିବା ବିଜେଡିର ମାମଲତକାରମାନେ ନୂଆପଡ଼ାରେ କ'ଣ କରିବେ, ତାହାକୁ ନେଇ ଚିନ୍ତାରେ ଥିବାବେଳେ ନୂଆପଡ଼ାରୁ ନବୀନ ନିବାସ ପର୍ଯ୍ୟନ୍ତ ମାନସମନ୍ଥନ ଚାଲିଛି। ତେବେ ନୂଆପଡ଼ାରେ ଫଳାଫଳ ଯାହା ହେଉ ପଛେ ଏହା ବିଜେଡିର ଅନେକ ନେତାଙ୍କ ପାରିବାପଣିଆକୁ ଆଗକୁ ଆଣିବା ସହ ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବ ବୋଲି ଚର୍ଚ୍ଚା ଚାଲିଛି।

### ସିବିଆଇକୁ...

ହୋଇଥିଲା ଏବଂ ଅନେକ ଆହତ ହୋଇଥିଲେ।। ଟିଭିକେର ଅଭିଯୋଗ କରିଛି, କରୁରରେ ଦଳାଚକଟା ଏକ ଦୁର୍ଘଟଣା ନଥିଲା। ଏହା ଏକ ଅପରାଧ ମୂଳକ ଷଡ଼ଯନ୍ତ୍ର ଥିଲା। ଡିଏମକେ ସରକାରଙ୍କ ଦ୍ୱାରା ଏହି ଷଡ଼ଯନ୍ତ୍ର ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ସେହିପରି ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ପରେ ସୁପ୍ରିମକୋର୍ଟ ଏକ ତିନିଜଣିଆ କମିଟି ଗଠନ କରିଛନ୍ତି। ଏହି କମିଟି ସିବିଆଇ ତଦନ୍ତର ତଦାରଖ କରିବେ। ଏହି କମିଟିର ନେତୃତ୍ୱ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଅଜୟ ରସ୍ତୋଗୀ ନେବେ। ଆବେଦନର ଶୁଣାଣି ସମୟରେ, କୋର୍ଟ ତାମିଲନାଡୁ ସରକାରଙ୍କୁ ପ୍ରଶ୍ନ କରିଥିଲେ ଯେ ଟିଭିକେ ରାଲି ପାଇଁ କାହିଁକି ଅନୁମତି ଦିଆଯାଇଥିଲା। ଏହା ବ୍ୟତୀତ, ମାମଲାଟି ମଦୁରାଇ ବେଞ୍ଚର କ୍ଷେତ୍ରାଧିକାର ମଧ୍ୟରେ ଥିବା ବେଳେ ହାଇକୋର୍ଟ କିପରି ଏସ୍‌ଆଇଟି ତଦନ୍ତ ନିର୍ଦ୍ଦେଶ ଦେଲେ ବୋଲି କୋର୍ଟ ପ୍ରଶ୍ନ ଉଠାଇଛନ୍ତି।

### ସୀମାନ୍ତରେ...

ଘୋଷିତ ସିଏନ୍‌ଏମ୍ ସଦସ୍ୟ କୋସା ସୋଡ଼ି, ୫୦ ହଜାର ପୁରସ୍କାର ଘୋଷିତ ସିଏନ୍‌ଏମ୍ ସଦସ୍ୟ ଜୟ ସିଂ ମାଣ୍ଡବୀ, ୫୦ ହଜାର ଘୋଷିତ ମାଡକମ ନନ୍ଦା, ମିଳିଆ ସୋଡ଼ି ହିଡମା, ମୁଚାକୀ ବୁଦୁରା, ମାଡବୀ ରାଜୁ, ମାଡ଼ବୀ ହିଡମା ଏବଂ ଦେବା ମାଡବି। ଏମାନଙ୍କ ଠାରୁ ଯବାନ ଟିଫିନ ବୋମା, ବିସ୍ଫୋରକ, ଜିଲୋଟିନ, ବିଦ୍ୟୁତ ତାର ସମେତ ପ୍ରଚାର ପ୍ରସାର କାଗଜ ପତ୍ର ଇତ୍ୟାଦି ଜବତ କରାଯାଇଛି। ତୁରନ୍ତ ଯବାନ ଏହି ୮ ଜଣ ନକ୍ସଲଙ୍କୁ ପୁଲିସର ଜିମା ଦେଇଥିଲେ।

### ଏନ୍‌ଇପି...

ଯାହାକି ଭାରତକୁ ରୂପାନ୍ତର କରିବାରେ ସିଧାସଳଖ ଅବଦାନ ଦେବ। ଅର୍ଥାତ ଏହା ଏକ ସମାନତା ଓ ଉତ୍ସାହୀ ଜ୍ଞାନଭିତ୍ତିକ ସମାଜରେ ସମସ୍ତଙ୍କୁ ଉଚ୍ଚ ଗୁଣାତ୍ମକ ମାନର ଶିକ୍ଷା ପ୍ରଦାନ କରି ଭାରତକୁ ଜ୍ଞାନର ଏକ ବିଶ୍ୱ ଶକ୍ତିରେ ପରିଣତ କରିବ ବୋଲି ଶ୍ରୀ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ସମୟର ଯୁବବର୍ଗକୁ ଭାରତୀୟ ଜ୍ଞାନ ପରମ୍ପରା, ସଂସ୍କୃତି ଓ ଗୌରବମୟ ଇତିହାସ ସହ ପରିଚିତ କରାଇବାର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି। ସେ କହିଛନ୍ତି ଯେ ଭାରତ ଏକ ଏଭଳି ଦେଶ ଯାହା ବିଦେଶୀ ଆକ୍ରମଣ ସତ୍ତ୍ୱେ ମଧ୍ୟ ନିଜର ଆଦି ଜ୍ଞାନ ଓ ସଂସ୍କୃତିକୁ ଅବିକଳ ରଖିଛି। ଏହି ଐତିହ୍ୟକୁ ସୁରକ୍ଷିତ ଓ ସକ୍ରିୟ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ। ନିଜର ପ୍ରାଚୀନ ଜ୍ଞାନ ଓ ସଂସ୍କୃତିକୁ ବଜାୟ ରଖିବା ଯେ କୌଣସି ଜାଗାରୁ ରାଷ୍ଟ୍ରର କର୍ତ୍ତବ୍ୟ। କଳା, ସଙ୍ଗୀତ, ସାହିତ୍ୟ, ନ୍ୟାୟ, ଦର୍ଶନ, ସ୍ଥାପତ୍ୟ, ଯୋଗ, ବିଜ୍ଞାନ, ଧାତୁ ବିଜ୍ଞାନ, ଜ୍ୟୋତିଷ, ଭୂଗୋଳ, ଗଣିତ, ଚିକିତ୍ସା, ରସାୟନ ଶାସ୍ତ୍ର ଓ କୃଷି ଆଦି ପ୍ରତ୍ୟେକ କ୍ଷେତ୍ରରେ ଭାରତୀୟ ଚିନ୍ତନ ଓ ଗବେଷଣା ଉପଲବ୍ଧ। ଶିକ୍ଷା ବ୍ୟବସ୍ଥାର ମୂଳ ଉଦ୍ଦେଶ୍ୟ ହେଉଛି ଉତ୍ତମ ମଣିଷ ସୃଷ୍ଟି କରିବା, ଯାହାଠାରୁ ଯୁକ୍ତିପୂର୍ଣ୍ଣ ଚିନ୍ତନ, ଦୟା ଓ ସମାନୁଭୂତି, ସାହସ ଓ ସ୍ଥିରତା, ବୈଜ୍ଞାନିକ ଭାବଧାରା, ସୃଜନଶୀଳ କଳ୍ପନା ଓ ନୈତିକ ମୂଲ୍ୟବୋଧର ବିକାଶ ହେବ। ଏକ ଉତ୍ତମ ଶିକ୍ଷାନୁଷ୍ଠାନରେ ଶିକ୍ଷାର୍ଥୀ ନିଜର ଦ୍ୱିତୀୟ ଘରର ଅନୁଭୂତି ହାସଲ କରିପାରିବ। ଏହି ଶିକ୍ଷାନୁଷ୍ଠାନରେ ଶିକ୍ଷାର୍ଥୀ ସୁରକ୍ଷିତ, ପ୍ରେରଣାଦାୟୀ ଓ ସମାନତାପୂର୍ଣ୍ଣ ପରିବେଶ ମଧ୍ୟ ପାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ହେଲିକପ୍ଟରରେ...

ସେହିପରି ଆଗାମୀ ଉପନିର୍ବାଚନରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ସକାଶେ ଭୋଟ୍ ଗ୍ରହଣ ସମୟରେ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବଳ (ସିଏପିଏଫ୍)ର ୧୪ଟି କମ୍ପାନୀ ମୁତୟନ ରହିବେ। ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ନିର୍ବାଚନ ପାଇଁ ନାମାଙ୍କନର ଶେଷ ତାରିଖ ଅକ୍ଟୋବର ୨୦ (ସୋମବାର) ତାରିଖ ଧାର୍ଯ୍ୟ ହୋଇଛି। ସେହିପରି ଅକ୍ଟୋବର ୨୨ (ବୁଧବାର) ରେ ନାମାଙ୍କନପତ୍ର ଯାଞ୍ଚ ହେବାକୁ ଥିବା ବେଳେ ଅକ୍ଟୋବର ୨୪ (ଶୁକ୍ରବାର) ତାରିଖକୁ ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ତାରିଖ ଗାପେ ଧାର୍ଯ୍ୟ କରାଯାଇଛି। ନଭେମ୍ବର ୧୧ (ମଙ୍ଗଳବାର) ତାରିଖ ସକାଳ ୭ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭୋଟଦାନ ପ୍ରକ୍ରିୟା ଚାଲିବ।

### ଯୁବଶକ୍ତି,...

ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତିଯେ ଏଠାରୁ ସୃଷ୍ଟି ହୋଇଥିବା ଅଭିନବ ବିଚାରଗୁଡ଼ିକ ନୂତନ ବିଶ୍ୱ ମଡେଲ୍ ସୃଷ୍ଟି କରିବ ଓ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଜରୁରୀ ଆହ୍ୱାନଗୁଡ଼ିକର ସମାଧାନ ପାଇଁ ମାର୍ଗ ପ୍ରଶସ୍ତ କରିବ। ଏକ ବିକଶିତ ଓ ସମୃଦ୍ଧ ଭାରତ ଆମର ପ୍ରତିଭାବାନ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ମିଳିତ ସହଯୋଗରେ ଗଠନ ହେବ। ଆମର ଛାତ୍ରଛାତ୍ରୀମାନେ ସେମାନଙ୍କ ଚିନ୍ତାଧାରା, କଳ୍ପନା ଓ ନବସୃଜନ ସହ ଭାରତ ତଥା ବିଶ୍ୱ ପାଇଁ ଇତିହାସ ଲେଖିବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ମଥୁରା ରୋଡ୍‌ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ ପରିଦର୍ଶନ କରିବା ସହ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ସେ ଛାତ୍ରଛାତ୍ରୀଙ୍କ ଉତ୍ସାହ ଓ ପାଠପଢ଼ାର ମନୋଭାବକୁ ପ୍ରଶଂସା କରିଥିଲେ। ସେହିପରି ଦିଲ୍ଲୀ କ୍ୟାଣ୍ଟନମେଣ୍ଟସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର-୨ର ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ସେମାନଙ୍କ ମଧ୍ୟରେ ଥିବା ନବସୃଜନର ଚିନ୍ତାଧାରାକୁ ପ୍ରଶଂସା କରିଥିଲେ। ଏହି ଯୁବ ଉଦ୍ଭାବକମାନଙ୍କୁ ଶୁଭେଚ୍ଛା ଜଣାଇ ଶିକ୍ଷା ମନ୍ତ୍ରୀ କହିଥିଲେ ଯେ ଛାତ୍ରଛାତ୍ରୀମାନଙ୍କର କୌତୂହଳ, ସୃଜନଶୀଳତା ଓ ଉଦ୍ଭାବନ ଭାରତକୁ ଆଗକୁ ନେବ। ବିକଶିତ ଭାରତ ବିଲ୍ଡାଥନ୍-୨୦୨୫ ମାଧ୍ୟମରେ ଶିକ୍ଷା ମନ୍ତ୍ରଣାଳୟ ଦେଶର ଯୁବବର୍ଗଙ୍କୁ ଜାତୀୟ ବିକାଶର ଏକ ସକ୍ରିୟ ଅଂଶୀଦାର ହେବା ପାଇଁ ପ୍ରେରଣା ଦେବାକୁ ଲକ୍ଷ୍ୟ ରଖିଛି। ଅତୀତରେ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇଥିବା 'ବିକଶିତ ଭାରତ ବିଲ୍ଡାଥନ୍-୨୦୨୫' ଶିକ୍ଷା ମନ୍ତ୍ରଣାଳୟର ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗ ପକ୍ଷରୁ ଅଟଳ ଇନୋଭେସନ ମିଶନ, ନୀତି ଆୟୋଗ ଏବଂ ଏଆଇସିଟିଇ ସହଯୋଗରେ ଆୟୋଜିତ ହେଉଛି। ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୂତନ ଚିନ୍ତାଧାରା ଏବଂ ଉତ୍ପାଦ ବିକାଶ କରିବାର କ୍ଷମତାକୁ ବଢ଼ାଇବା। ଏଥିରେ ଛାତ୍ରଛାତ୍ରୀମାନେ 'ଭୋକାଲ୍ ଫର୍ ଲୋକାଲ', 'ଆତ୍ମନିର୍ଭର ଭାରତ', 'ସ୍ୱଦେଶୀ' ଏବଂ 'ସମୃଦ୍ଧି' ପରି ୪ଟି ବିଷୟବସ୍ତୁ ଉପରେ କାମ କରିବେ। ଏହାର ଶେଷ ପର୍ଯ୍ୟାୟ ଆସନ୍ତା ବର୍ଷ ଜାନୁଆରୀରେ ଆୟୋଜିତ ହୋଇ ଫଳାଫଳ ଘୋଷଣା ହେବ ଓ ଶ୍ରେଷ୍ଠ ଏକ ହଜାର ବିଜେତାଙ୍କୁ ସମ୍ବର୍ଦ୍ଧିତ କରାଯିବ।

### ପୀଡ଼ିତାଙ୍କ...

ମହାନ୍ତି ପୀଡ଼ିତାଙ୍କୁ ଭେଟିଛନ୍ତି। ତାଙ୍କ ସହ କମିଶନ୍‌ର ଦୁଇ ସଦସ୍ୟବିଶିଷ୍ଟ ଏକ ଟିମ୍ ମଧ୍ୟ ହସ୍ପିଟାଲ୍‌ରେ ପହଞ୍ଚି ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ସେମାନେ ପ୍ରାୟ ୩ ଘଣ୍ଟା ଧରି ହସ୍ପିଟାଲ୍‌ରେ ରହିଥିଲେ। ପରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ ଶ୍ରୀମତୀ ମହାନ୍ତି କହିଛନ୍ତି ଯେ ପୀଡ଼ିତାଙ୍କ ଚିକିତ୍ସାରେ ଉନ୍ନତି ଆସିବା ଦରକାର। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜେ ଜଣେ ମହିଳା ହୋଇଥିବା ସତ୍ତ୍ୱେ ରାତିରେ ମହିଳାମାନେ ବାହାରକୁ ବାହାରିବା ଉଚିତ ନୁହେଁ ବୋଲି ଦେଇଥିବା ମନ୍ତବ୍ୟକୁ କଡ଼ା ଭାଷାରେ ସମାଲୋଚନା କରିଥିଲେ। ଏଥିସହ ସେ ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତଙ୍କ ପାଇଁ କଠୋର ଦଣ୍ଡବିଧାନ ଦାବି କରିଥିଲେ।ଅନ୍ୟପକ୍ଷରେ ଏହି ମାମଲାରେ ଆଜି ସ୍ଥାନୀୟ ପୁଲିସ୍ ପଞ୍ଚମ ଅଭିଯୁକ୍ତକୁ ଗିରଫ କରିଛି। ତା'ର ନାମ ଶେଖ ସଫିକୁଲ ବୋଲି ଜଣାପଡ଼ିଛି ଓ ସେ ସ୍ଥାନୀୟ ଅଞ୍ଚଳର ବାସିନ୍ଦା। ସଫିକୁଲ୍ ତା'ର ଜଣେ ସମ୍ପର୍କୀୟଙ୍କ ଘରେ ଲୁଚିଥିବା ସମୟରେ ସେଠାରେ ପହଞ୍ଚି ପୁଲିସ ତାକୁ ଗିରଫ କରିଛି। ସେହିଭଳି ଗତକାଲି ରାତିରେ ଘଟଣାର ଚତୁର୍ଥ ଅଭିଯୁକ୍ତ ଶେଖ ନସିରୁଦ୍ଦିନ୍‌କୁ ପୁଲିସ ଗିରଫ କରିଥିଲା। ମାମଲା ସହ ଜଡ଼ିତ ୫ ଜଣଯାକ ଅଭିଯୁକ୍ତଙ୍କୁ ଗିରଫ କରାଯିବା ପରେ ତଦନ୍ତକାରୀ ଟିମ୍ ପଚରାଉଚରା କରିବ। ସେପଟେ ଜାତୀୟ ମହିଳା କମିଶନ ଅଧ୍ୟକ୍ଷା ମଧ୍ୟ ମାମଲାରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେ ପଶ୍ଚିମବଙ୍ଗ ଡିଜିପିଙ୍କୁ ୫ ଦିନରେ ରିପୋର୍ଟ ପ୍ରଦାନ କରିବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି।

### ୮ ବର୍ଷରେ...

ଖସିଛି। ସହରାଞ୍ଚଳରେ ମୁଦ୍ରାସ୍ଫୀତି ୨.୪୭%ରୁ ୨.୦୪%କୁ ଓ ଖାଦ୍ୟ ମୁଦ୍ରାସ୍ଫୀତି ବିୟୁକ୍ତ ୦.୫୩ ପ୍ରତିଶତରୁ ବିୟୁକ୍ତ ୨.୪୭ ପ୍ରତିଶତକୁ ହ୍ରାସ ପାଇଛି। ତେବେ କେତେକ କ୍ଷେତ୍ରରେ ମୂଲ୍ୟ ବୃଦ୍ଧି ହୋଇଛି। ଆବାସ ମୁଦ୍ରାସ୍ଫୀତି ୩.୦୯ ପ୍ରତିଶତରୁ ୩.୯୮ ପ୍ରତିଶତକୁ ବୃଦ୍ଧି ପାଇଛି। କିନ୍ତୁ ଶିକ୍ଷା ମୁଦ୍ରାସ୍ଫୀତି ୩.୬୦ ପ୍ରତିଶତରୁ ୩.୪୪ ପ୍ରତିଶତକୁ କମିଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଅର୍ଥନୀତି ବିଶେଷଜ୍ଞମାନେ କହିଛନ୍ତି ଯେ ପରିବା ମୂଲ୍ୟରେ ପରିବର୍ତ୍ତନର କାରଣ ହେଉଛି ମୌସୁମୀ ପରିବର୍ତ୍ତନ, ଡାଲିର ମୂଲ୍ୟ ହ୍ରାସ ଓ ବିଶ୍ୱ ବଜାରରେ ଶକ୍ତି ମୂଲ୍ୟ ହ୍ରାସ ହେବା। ମୁଦ୍ରାସ୍ଫୀତି ଭାରତୀୟ ରିଜର୍ଭ ବ୍ୟାଙ୍କର ୨ରୁ ୬ ପ୍ରତିଶତ ଲକ୍ଷ୍ୟଠାରୁ କମ୍ ରହିଥିବାରୁ ବର୍ଷ ଶେଷ ସୁଦ୍ଧା ସୁଧ ହାର ହ୍ରାସ ସମ୍ଭାବନା ରହିଛି।

# ଏନ୍ଏଚ୍ଏମ୍ କୋଠା ନିର୍ମାଣ ନିମ୍ନମାନର ଅଭିଯୋଗ



**ଫୁଲବାଣୀ,୧୩।୧୦ (ସଂଚାର ବ୍ୟୁରୋ):** ରାଜ୍ୟ ଓ କେନ୍ଦ୍ର ସରକାର ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହରାଞ୍ଚଳର ବିକାଶ ପାଇଁ ରାଜକୋଷରୁ କୋଟିକୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ବିଭାଗ ଦ୍ୱାରା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ କରୁଥିବା ବେଳେ କିଛି ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ଲାଭଖୋର ମନବୃତ୍ତି ପାଇଁ ଏଭଳି ବିଭିନ୍ନ ଉନ୍ନୟନ କାମ ଆରମ୍ଭରୁ ହିଁ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ଏହି କାମ ଗୁଡିକର ସ୍ଥାୟୀତ୍ୱ ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେବେ ଏଭଳି ଏକ ନିମ୍ନମାନର କାମ ଦେଖିବାକୁ ମିଳିଛି ଆଦିବାସୀ ବହୁଳ କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା ନୁଆଁପଦର ଠାରେ ।

ସୂଚନା ଅନୁସାରେ ଏହି ନୁଆଁପଦର ଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିସନ ଅଧୀନରେ ପାଖାପାଖି କୋଟିଏ ଟଙ୍କା ବ୍ୟୟ ଅଟକଳରେ ଏକ ସୁଉଚ୍ଚ କୋଠା ନିର୍ମାଣ କାମ ଆରମ୍ଭ ହୋଇଛି । କିନ୍ତୁ କାମ ଆରମ୍ଭରୁ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ଜଣକ ଅତି ନିମ୍ନମାନର କାମ କରୁଥିବା ଅଭିଯୋଗ ହୋଇଛି । କୋଠା ନିର୍ମାଣ ପାଇଁ କରାଯାଇଥିବା ଫାଉଣ୍ଡେସନରେ ବାଲି ବଦଳରେ ମାଟି ଫିଲିଙ୍ଗ କରାଯାଇଛି । କୋଠା ପାଇଁ ନିର୍ମାଣ କରାଯାଇଥିବା ବିମ ଗୁଡିକରେ ସିମେଣ୍ଟ ଇଟା ଭର୍ତି କରି ତା ଉପରେ ସିମେଣ୍ଟ ଗୋଡି ଢ଼ଳେଇ କରି ଠିକାଦାର ଜଣକ କାମ ସାରିଦେଇ ଥିବା ବେଳେ କାମ ଆରମ୍ଭରୁ ନିର୍ମାଣ ହୋଇଥିବା ପିଲାର ମାନଙ୍କରେ ଫାଟ ସୃଷ୍ଟି ହେଲାଣି। ଯାହାକି କୋଠାର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି କୋଠା କାମରେ ବ୍ୟବହାର ହେଉଥିବା ସିମେଣ୍ଟ ଠାରୁ ଆରମ୍ଭ କରି ବାଲି, ଇଟା ସହ ସମସ୍ତ କଞ୍ଚାମାଲ ମଧ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି ।

ବର୍ତ୍ତମାନ ଠାରୁ ଠିକ ଭାବରେ ନକଲେ ସ୍ଥାନୀୟ ଅଞ୍ଚଳରେ ଆନ୍ଦୋଳନ କରାଯିବ ବୋଲି ମଧ କିଛି ବୁଦ୍ଧିଜୀବୀ ମତ ଦେଇଛନ୍ତି ।

## ଡାକ୍ତର ପ୍ରଦୀପ୍ତ ଶେଖର ପାତ୍ରୋ ଇଣ୍ଡିଆନ୍ ଜର୍ନାଲ ଅଫ୍ ର୍ୟୁମାଟୋଲୋଜି ଦ୍ୱାରା ସମ୍ମାନିତ



**ଭୁବନେଶ୍ୱର,୧୩।୧୦ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ ଆଣ୍ଡ ସମ ହସ୍ପିଟାଲ୍ର ପ୍ରଫେସର (ଡାକ୍ତର) ପ୍ରଦୀପ୍ତ ଶେଖର ପାତ୍ରୋଙ୍କୁ ଇଣ୍ଡିଆନ୍ ଜର୍ନାଲ ଅଫ୍ ର୍ୟୁମାଟୋଲଜି ପକ୍ଷରୁ ସମ୍ମାନିତ କରାଯାଇଛି।

ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ୍ର କ୍ଲିନିକାଲ୍ ଇମ୍ୟୁନୋଲୋଜି ଏବଂ ର୍ୟୁମାଟୋଲଜି ବିଭାଗର ମୁଖ୍ୟ ପ୍ରଫେସର ପାତ୍ରୋଙ୍କୁ ନୂଆ ଦିଲ୍ଲୀ ଠାରେ ଅକ୍ଟୋବର ୯ରୁ ୧୨ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ଇଣ୍ଡିଆନ୍ ଜର୍ନାଲ୍ ଅଫ୍ ର୍ୟୁମାଟୋଲଜି ପକ୍ଷରୁ ଆୟୋଜିତ ନ୍ୟାସ୍ନାଲ୍ ର୍ୟୁମାଟୋଲଜି କନଫରେନ୍ସ 'ଇରାକନ୍ ୨୦୨୫' ଅବସରରେ ଦ୍ୱିତୀୟ ଶ୍ରେଷ୍ଠ ଅରଜିନାଲ ରିସର୍ଚ୍ଚ ପେପର ଆୱାର୍ଡରେ ସମ୍ମାନିତ କରାଯାଇଛି। ପ୍ରଫେସର ପାତ୍ରୋଙ୍କର ଇମ୍ୟୁନୋଲଜି ଏବଂ ର୍ୟୁମାଟୋଲଜି ଚିକିତ୍ସା ଓ ରୋଗୀ ସେବା କ୍ଷେତ୍ରରେ ଦୀର୍ଘ ବର୍ଷର ଅଭିଜ୍ଞତା ଏବଂ ସଫଳତା ରହିଛି।

## ଇନ୍ସପେକ୍ଟର ପାହ୍ୟାକୁ ପଦୋନ୍ନତି ପାଇଲେ ଗୌରୀଶଙ୍କର



**କାକଟପୁର/ଅସ୍ତରଙ୍ଗ,୧୩।୧୦ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ଥାନାରେ କାର୍ଯ୍ୟରତ ସବଇନ୍ସପେକ୍ଟର ଗୌରୀ ଶଙ୍କର ସେଠୀଙ୍କର ଇନିସ୍ପେକ୍ଟର ପାହ୍ୟାକୁ ପଦୋନ୍ନତି ହୋଇଛି। ଗତକାଲି ପୁଲିସ ମୁଖ୍ୟାଳୟରୁ ରାଜ୍ୟର ୪୨୭ଜଣ ସବଇନିସ୍ପେକ୍ଟରଙ୍କୁ ଏହି ପଦୋନ୍ନତି ମିଳିଛି। କାକଟପୁରରେ ଦିନକୁ ଦିନ ଆଇନି ଶୃଙ୍ଖଳା ବିପର୍ଯ୍ୟସ୍ତ ଆଡକୁ ଗତି କରୁଥିବା ବେଳେ କାକଟପୁର ଥାନାରେ କାର୍ଯ୍ୟରତ ପ୍ରାକ୍ତନ ଇନିସ୍ପେକ୍ଟର ଉମେଶ କୁମାର ସାହୁ ଥିବା ସମୟରେ ବଡ଼ ବଡ଼ ଘଟଣାରେ ଅଭିଯୁକ୍ତଙ୍କୁ ଧରିବାରେ ଶ୍ରୀଯୁକ୍ତ ସେଠୀ ସଫଳ ହୋଇଛନ୍ତି। ସେ ଦକ୍ଷତାର ସହ ପୂର୍ବରୁ ଜିଲ୍ଲାର ବ୍ରହ୍ମଗିରି, ପୁରୀ ଟାଉନ, କଣାସ, ଡେଲାଙ୍ଗ ସମେତ ଥାନାରେ ଦକ୍ଷତାର ସହ କାର୍ଯ୍ୟ କରିବା ପରେ କାକଟପୁର ଥାନାରେ ଦାୟିତ୍ୱ ନିର୍ବାହ କରୁଛନ୍ତି। କାକଟପୁର ଥାନାରେ ଗତ ଫେବୃଆରୀ ୨୮ରେ ଯୋଗଦେଇଥିବା ବେଳେ କିଛି ମାସ ମଧରେ ବଡ଼ ବଡ଼ ଅପରାଧୀଙ୍କୁ ଧରିବା, ନିଶା କାରବାର ଉପରେ ଅଧିକ ଗୁରୁତ୍ୱ ଦେବା ସହ ଲୁଟେରାଙ୍କୁ କାବୁ କରିବା ଓ ଅଭିଯୋଗକାରୀଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେଇ ଚର୍ଚ୍ଚାକୁ ଆସିଛନ୍ତି। ପଦୋନ୍ନତି ପରେ ଶ୍ରୀଯୁକ୍ତ ଗୌରୀ ଶଙ୍କର ସେଠୀ ଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା ସୁଅ ଛୁଟୁଛି।

## ଯୋଗରେ ଫକିଆ ଫିରଦୌଶ୍ଙ୍କ ବିଶ୍ୱ ରେକର୍ଡ




**ଗୋପ,୧୩।୧୦ (ସଂଚାର ବ୍ୟୁରୋ):** ଗୋପ ବସ୍ତି ଅଞ୍ଚଳର ୨୫ ବର୍ଷୀୟ ଫକିଆ ଫିରଦୌଶ୍ ଯୋଗରେ ବିଶ୍ୱ ରେକର୍ଡ ସ୍ଥାପନ କରି ରାଜ୍ୟ ଓ ଦେଶର ନାମ ଉଜ୍ଜ୍ୱଳ କରିଛନ୍ତି। ଟାଟା ଷ୍ଟିଲ୍ ଲିମିଟେଡ୍, କାଳିଙ୍ଗନଗରରେ କାର୍ଯ୍ୟରତ ଫକିଆ 'ଉର୍ଦ୍ଧ୍ୱ ପଦ୍ମାସନ' ମୁଦ୍ରାରେ ଅବିରତ ୧୦ ମିନିଟ୍ ୯ ସେକେଣ୍ଡ ପର୍ଯ୍ୟନ୍ତ ରହି ଇଞ୍ଜିନିଅସ୍ ଚାର୍ମ ୱାର୍ଲ୍ଡ ରେକର୍ଡରେ ନିଜ ନାମ ଲେଖାଇଛନ୍ତି।

ଏହି ଅସାଧାରଣ ସଫଳତା ଫକିଆଙ୍କର ନିଷ୍ଠା, ଅନୁଶାସନ ଓ ଯୋଗ ପ୍ରତି ତାଙ୍କର ଆଗ୍ରହର ପ୍ରମାଣ ହୋଇପାରିଛି ବୋଲି ଫକିଆଙ୍କ ପିତା ଏନାମୁର ରାହେମନ ମାତା ସାଇସ୍ତା କହିଛନ୍ତି। ଏକ ସମର୍ପିତ ଫିଟନେସ୍ ପ୍ରେମୀ ଭାବରେ ସେ ନିରନ୍ତର ବଡିୱେଟ୍ ଅଭ୍ୟାସ, ରନିଙ୍ଗ ଓ ଯୋଗ ଅଭ୍ୟାସ କରୁଛନ୍ତି ଏବଂ ତାଙ୍କର କଠିନ ପରିଶ୍ରମ ଏବେ ସଫଳତା ରୂପେ ପ୍ରକାଶ ପାଇଛି। ଫକିଆଙ୍କର ଏହି ସଫଳତା କେବଳ ତାଙ୍କର ବ୍ୟକ୍ତିଗତ ବିଜୟ ନୁହେଁ, ଦେଶର ଯୁବ ପିଢ଼ୀ ପାଇଁ ମଧ ଏକ ପ୍ରେରଣା। ତାଙ୍କର ଏହି ଉପଲବ୍ଧି ପ୍ରମାଣ କରିଛି ଯେ, ଦୃଢ଼ ଇଚ୍ଛାଶକ୍ତି ଓ ନିରନ୍ତର ପ୍ରୟାସ ସହିତ ଯେକୌଣସି ଲକ୍ଷ୍ୟ ସାଧନ କରାଯାଇପାରେ। ଗୋପ ଅଞ୍ଚଳବାସୀଙ୍କ ତରଫରୁ ଫକିଆଙ୍କୁ ଏହି ଅସାଧାରଣ ସଫଳତା ପାଇଁ ଶୁଭେଚ୍ଛାର ଛୁଟିଛି। ତାଙ୍କର ଭବିଷ୍ୟତ ଜୀବନରେ ଆହୁରି ଅଧିକ ସଫଳତା ପାଇଁ ଉଜ୍ଜ୍ୱଳ କାମନାର ବାର୍ତ୍ତା ଦେଇଛନ୍ତି ଗୋପ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ ଏବଂ ଯୁବପିଢ଼ି।

## ୨୨ରୁ ଅଗ୍ନିପଥ ଯୋଜନା ପାଇଁ ନିଯୁକ୍ତି ରାଲି

**ଯାଜପୁର,୧୩।୧୦ (ସଂଚାର ବ୍ୟୁରୋ):** କଟକ, ପୁରୀ, ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଜଗତସିଂପୁର, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲ୍ଲା ପାଇଁ ଅଗ୍ନିପଥ ଯୋଜନା ଅଧୀନରେ ସଂକ୍ଷିପ୍ତ ତାଲିକାଭୁକ୍ତ ପ୍ରାର୍ଥୀଙ୍କ ପାଇଁ ସେନା ନିଯୁକ୍ତି ରାଲି ୨୨ ଅକ୍ଟୋବରରୁ ୨୬ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ଭୁବନେଶ୍ୱର (ଓଡିଶା)ର ସୈନିକ ସ୍କୁଲରେ ଅନୁଷ୍ଠିତ ହେବ। ନିଯୁକ୍ତି ରାଲି ସମୟରେ ଅନଲାଇନ୍ କମନ୍ ଏଣ୍ଟ୍ରାନ୍ସ ପରୀକ୍ଷା (ସିଇଇ)ରୁ ସଂକ୍ଷିପ୍ତ ତାଲିକାଭୁକ୍ତ ପ୍ରାର୍ଥୀମାନଙ୍କୁ ଶାରୀରିକ ସୁସ୍ଥତା ପରୀକ୍ଷା ଏବଂ ଡାକ୍ତରୀ ପରୀକ୍ଷା ପାଇଁ ଡକାଯାଇଛି। ପ୍ରାର୍ଥୀଙ୍କ ପ୍ରବେଶ ପତ୍ର ପୂର୍ବରୁ ସେମାନଙ୍କର ପଞ୍ଜିକୃତ ଇମେଲ୍ ଆଇଡିକୁ ପଠାଯାଇଛି। ପ୍ରାର୍ଥୀମାନେ ଭାରତୀୟ ସେନାରେ ଯୋଗ ଦିଅନ୍ତୁ ୱେବସାଇଟ୍ www.joinindianarmy.nic.in ରେ ସେମାନଙ୍କର ପ୍ରୋଫାଇଲ୍ରେ ଲଗ୍ ଇନ୍ କରି ନିଯୁକ୍ତି ରାଲି ପାଇଁ ସେମାନଙ୍କର ପ୍ରବେଶ ପତ୍ର ଡାଉନଲୋଡ଼ କରିପାରିବେ। ଯେକୌଣସି ପ୍ରଶ୍ନ ପାଇଁ, ପ୍ରାର୍ଥୀମାନେ କଟକର ସେନା ନିଯୁକ୍ତି କାର୍ଯ୍ୟାଳୟ ସହିତ ଯୋଗାଯୋଗ ନମ୍ବର ୦୬୭୧୨୩୦୫୨୮୦, ୯୪୩୭୧୬୨୨୮୦ ରେ ଯୋଗାଯୋଗ କରିପାରିବେ । ନିଯୁକ୍ତି ପ୍ରକ୍ରିୟା ସମୟରେ ପ୍ରାର୍ଥୀମାନଙ୍କୁ ସେମାନଙ୍କର ମୂଳ କାଗଜପତ୍ର କୌଣସି ବ୍ୟକ୍ତିଙ୍କୁ ହସ୍ତାନ୍ତର ନକରିବାକୁ ପରାମର୍ଶ ଦିଆଯାଇଛି ଯାହା ଦ୍ୱାରା ସେମାନେ ଟାଉଟ୍/ଏଜେଣ୍ଟଙ୍କ ଘୃଣ୍ୟ କାର୍ଯ୍ୟକଳାପର ଶିକାର ନହୁଅନ୍ତି। ଏପରି ଯେକୌଣସି ଘଟଣା ଘଟିଲେ ତୁରନ୍ତ ଅପବ୍ୟବହାରକୁ ଗିରଫ କରିବା ପାଇଁ କଠୋର ପଦକ୍ଷେପ ଗ୍ରହଣ କରାଯାଇଛି।

## ଅପସ୍ମାରରେ ପୀଡ଼ିତ ରୋଗୀଙ୍କୁ ସହଯୋଗ କରି ମାନବିକତା ଦେଖାଇଲେ ଯୁବନେତା



**ଫୁଲବାଣୀ,୧୩।୧୦ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପକାରୀ ପଞ୍ଚାୟତର ବିଜେପି ସଭାପତି ଦାୟିତ୍ୱରେ ଥିବା ବାବୁଲା କହଁର ରାସ୍ତା କଡରେ ପଡି ଛଟପଟ ହେଉଥିବା ଜଣେ ଅପସ୍ମାର ରୋଗୀଙ୍କୁ ଉଦ୍ଧାର କରିବା ସହ ଚିକିତ୍ସା କରାଇ ମାନବିକତା ଦେଖାଉଛନ୍ତି। ସୂଚନା ଅନୁସାରେ ଫିରିଙ୍ଗିଆ ବ୍ଲକ ଗୋଛାପଡା ଥାନା ବାଲନ୍ଦାପଡା ପଞ୍ଚାୟତ ବାଟାବାହାଳି ଗାଁର ଅଜିତ କୁମାର ଦଶ ନାମକ ଜଣେ ବ୍ୟକ୍ତି ତାଙ୍କ ମା'ଙ୍କ ସହ ପୁରୀ ଯିବା ପାଇଁ ଏକ ବସରେ ଫୁଲବାଣୀ ଅଭିମୁଖେ ବାହାରି ଥିଲେ । ବସଟି ଗୋଛାପଡା ଛକଠାରେ ଅଟକି ଥିଲା । ଏହି ସମୟରେ ଯୁବକ ଜଣକ ପରିସ୍ରା କରିବା ପାଇଁ ବସରୁ ଓହ୍ଲାଇବା ସମୟରେ ହଠାତ ପଡିଯାଇ ରାସ୍ତା କଡରେ ଛଟପଟ ହେଉଥିଲେ । ଏହି ସମୟରେ ପଞ୍ଚାୟତ ସଭାପତି ବାବୁଲା କହଁର ଯୁବକଙ୍କୁ ଗୋଛାପଡା ମେଡିକାଲକୁ ନେଇ ଚିକିତ୍ସା କରାଇଥିଲେ ଓ ତାଙ୍କ ନିଜ ଗାଡ଼ିରେ ମା' ପୁଅଙ୍କୁ ନିଜ ଘର ବାଟା ବାହାଳୀରେ ଛାଡି ଆସିଥିଲେ ।

# ବାଟିକାରେ ଶିଶୁ ଭବିଷ୍ୟତ ବାଟବଣା

**● ନାହିଁ ଶ୍ରେଣୀ ଗୃହ ● ହୋଇପାରୁନି ସେବିକା ନିଯୁକ୍ତି ● ବଢୁଛି ଅସନ୍ତୋଷ**



**କାକଟପୁର/ଅସ୍ତରଙ୍ଗ,୧୩।୧୦ (ସଂଚାର ବ୍ୟୁରୋ):** ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ଚଳିତ ଶିକ୍ଷାବର୍ଷରୁ ସରକାରୀ ବାଟିକା ପାଠ୍ୟକ୍ରମ ଆରମ୍ଭ ହୋଇଛି। ଅଙ୍ଗନବାଡି କେନ୍ଦ୍ରରୁ ଶିକ୍ଷା ସମାପ୍ତ କରିଥିବା ଶିଶୁମାନେ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକାରେ ନାମ ଲେଖାଇଛନ୍ତି। ତେବେ ଆବଶ୍ୟକ ଭିତ୍ତିଭୂମି ଅଭାବରୁ ପାଠପଢା ତ୍ୱରାନ୍ୱିତ ହୋଇ ପାରୁ ନଥିବା ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନରେ ୨୪୨ଜଣ ଛାତ୍ର, ଛାତ୍ରୀ ଶିଶୁ ବାଟିକାରେ ନାମ ଲେଖାଇଛନ୍ତି। ଏବେ ଏମାନେ ବସିବାକୁ ଶ୍ରେଣୀଗୃହ ଅଭାବ ଦେଖାଦେଇଛି। ପଢାଇବାକୁ କେହି ନାହିଁ। ସ୍କୁଲରେ ଶିକ୍ଷକ, ଶିକ୍ଷୟିତ୍ରୀ ଏହି ବାଟିକା ଶିଶୁଙ୍କୁ ନେଇ ଚାପରେ ରହୁଛନ୍ତି। ସ୍ଥାନ ଅଭାବ ହେତୁ ପ୍ରଥମ ଶ୍ରେଣୀ ପିଲାଙ୍କ ସହ ଅଧିକାଂଶ ସ୍କୁଲରେ ବସୁଛନ୍ତି। ଏକାଠି ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀ ପିଲା ବସି ରହିବା ଯୋଗୁଁ ପାଠ ପଢାରେ ସମସ୍ୟା ଦେଖାଦେଉଛି। ଦୀର୍ଘ ୭ମାସ ହେଲା ଏହି ସମସ୍ୟା ଲାଗି ରହିଛି। ବାଟିକାରେ ସେବିକା ନିଯୁକ୍ତି ନେଇ ସ୍ପଷ୍ଟ ଚିତ୍ର ଆସି ନଥିବାରୁ ଏଭଳି ଅଚଳାବସ୍ଥା ଦେଖା ଦେଇଛି।

ଶିଶୁ ବାଟିକାରେ ସେବିକା ନିଯୁକ୍ତି ଦାୟିତ୍ୱକୁ ସ୍କୁଲ ପରିଚାଳନା କମିଟି ହାତକୁ ଟେକି ଦେଇଛନ୍ତି ସରକାର। ଏହି ସେବିକା ନିଯୁକ୍ତି ନେଇ ଏବେ ଅନେକ ବିଦ୍ୟାଳୟରେ ରାଜନୀତି ଆରମ୍ଭ ହୋଇଛି। ଯେହେତୁ ପ୍ରଧାନ ଶିକ୍ଷକ ସ୍କୁଲ ଅଧକ୍ଷ ଦାୟିତ୍ୱରେ ରହୁଛନ୍ତି, ଏଣୁ ସେମାନଙ୍କ ପ୍ରତି ଚାପ ବଢ଼ିଛି। ଅନେକ ବିଦ୍ୟାଳୟରେ ଅଧିକ ଶ୍ରେଣୀକୁ କମ ଶିକ୍ଷକ ରହିଛନ୍ତି, ଏଭଳି ସମୟରେ ପୁଣି ବାଟିକା ପିଲା ଆସିବା ଦ୍ୱାରା ଆହୁରି ଟେନ୍ସନ ବଢ଼ିଛି। ତେଣୁ ଅବ୍ୟବସ୍ଥିତ ଶିକ୍ଷା ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବା ଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବୀ ହୋଇଛି।

## ଜିଲ୍ଲାପାଳଙ୍କ ଅଧକ୍ଷତାରେ ଜନଶୁଣାଣି ଶିବିର



**ନବରଙ୍ଗପୁର/ଚନ୍ଦାହାଣ୍ଡି,୧୩।୧୦ (ସଂଚାର ବ୍ୟୁରୋ):** ଆଜି ଚନ୍ଦାହାଣ୍ଡି ପଂଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁଙ୍କ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ , ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ କୁମାର ସେନ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୩୬ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧରୁ ୨୫ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୧ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା।୦୧ଟି ସମସ୍ୟା ର ସମାଧାନ ତତକ୍ଷଣାତ କରାଯାଇଥିଲା ।ସାମାଜିକ ସୁରକ୍ଷା ବିଭାଗ ତରଫରୁ ୧୫ ଜଣଙ୍କୁ ମଧୁବାବୁ ପେନସନ ଯୋଜନା ରେ ନୂତନ ହିତାଧିକାରୀ କାର୍ଡ ପ୍ରଦାନ କରାଯାଇଥିଲା।

## କଳିଙ୍ଗନଗରରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର



**ଯାଜପୁର,୧୩।୧୦ (ସଂଚାର ବ୍ୟୁରୋ):** ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର କେ.ଏନ୍.ଡି.ଏ ସମ୍ମିଳନୀ କକ୍ଷ, କଳିଙ୍ଗନଗର ଠାରେ ଅନୁଷ୍ଠିତ ହୋଇଯାଇଅଛି।ଏହି ଅଭିଯୋଗ ଶୁଣାଣି ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ।ଆଜି ମୋଟ ୫୬ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୬ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୪ ଗୋଟି, ମୁଖ୍ୟମନ୍ତ୍ରୀ ଙ୍କ ରିଲିଫ ପାଣ୍ଠି ରୁ ସହାୟତା ନିମନ୍ତେ ୧୬ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୮ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଯୁଧିଷ୍ଠିର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର, ସପନ କୁମାର ନନ୍ଦ, ଉପ ଜିଲ୍ଲାପାଳ, ଯାଜପୁର ତାପସ ରଂଜନ ଦେହୁରୀ, ଅତିରିକ୍ତ ତହସିଲଦାର, ବ୍ୟାସନଗର ପ୍ରଶାନ୍ତ କୁମାର ପୁହାଣ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।

## ଶ୍ରମିକ ନେତା ସନ୍ତୋଷ ପଟ୍ଟନାୟକ ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ



**ପାରାଦ୍ୱୀପ,୧୩।୧୦ (ସଂଚାର ବ୍ୟୁରୋ):** କୁଜଙ୍ଗ ପାରାଦ୍ୱୀପ ଅଞ୍ଚଳର ବିଶିଷ୍ଟ ଶ୍ରମିକ ନେତା ଶ୍ରୀ ସନ୍ତୋଷ କୁମାର ପଟ୍ଟନାୟକଙ୍କୁ ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ଭାବେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ଶ୍ରୀ ନବୀନ ପଟ୍ଟନାୟକ ନିଯୁକ୍ତ କରିଛନ୍ତି। ଏହି ପଦବୀ ପାଇବା ପରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଲୋକପ୍ରିୟ ବିରୋଧୀ ଦଳର ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିବା ସହିତ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କ ଉପରେ ସଭାପତି ଆସ୍ଥା ପ୍ରକଟ କରି ଯେଉଁ ଦାୟିତ୍ୱ ଦେଇଛନ୍ତି ତାହା ସୁଚାରୁରୂପେ ପାଳନ କରିବେ ଏବଂ ଦଳକୁ କ୍ରିୟାଶୀଳ ଓ ଶକ୍ତିଶାଳୀ କରିବା ପାଇଁ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ବିଜେଡି ନେତା ଓ କର୍ମୀ ,ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା ଓ ସମାଜସେବୀ ମାନେ ଶ୍ରୀ ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି।

## ଧାମନଗର ମେଡିକାଲରେ ରୋଗୀ କଲ୍ୟାଣ ସମିତି ବୈଠକ

**ଭଦ୍ରକ,୧୩।୧୦ (ସଂଚାର ବ୍ୟୁରୋ):** ଭଦ୍ରକ ଜିଲା ଧାମନଗର ମେଡିକାଲରେ ପରିଚାଳନା ପାଇଁ ରୋଗୀ କଲ୍ୟାଣ ସମିତି ବୈଠକ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ସୂର୍ଯ୍ୟବଂଶୀ ସୂରଜ୍ ଯୋଗ ଦେଇ ମେଡିକାଲର ଯାହା ଆବଶ୍ୟକ ଖୁବ୍ ଶୀଘ୍ର ପୂରଣ କରାଯିବ। ଉକ୍ତ ମେଡିକାଲରେ ଡାକ୍ତର ଥିଲେ ମଧ୍ୟ ସେମାନଙ୍କୁ ଡେପୁଟେସନରେ ଅନ୍ୟ ମେଡ଼ିକାଲକୁ ପଠା ଯାଉଥିବାରୁ ଧାମନଗରରେ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡୁଛି। ତେବେ ୨୦୨୬ ଏପ୍ରିଲ ମାସ ପରେ ଡାକ୍ତର ସମସ୍ୟା ଦୁର ହେବ ବୋଲି ମନ୍ତ୍ରୀ କହିଥିଲେ। ଗୋଟିଏ ଛାତ ସମସ୍ତ ସେବା ପାଇଁ ଅର୍ଥ ଆସିଥିଲେ ମଧ୍ୟ ସ୍ଥାନ ଅଭାବରୁ କାର୍ଯ୍ୟ ଆରମ୍ଭ ହୋଇ ପାରୁନାହିଁ ବୋଲି ବୈଠକରେ ଆଲୋଚନା ହୋଇଥିଲା। ତେବେ ଏଥିପାଇଁ ୪ ଜଣିଆ ଟିମ୍ ଗଠନ କରା ଯାଇ ସ୍ଥାନ ଚିହ୍ନଟ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଅପର ପକ୍ଷରେ ଡାକ୍ତରଖାନାରେ ୨୦ ବର୍ଷ ତଳେ ଏକ୍ସ ରେ ମେଶିନି ଥିବା ବେଳେ ତାହା ବାରମ୍ବାର ଖରାପ ହେଉଛି ଏ ନେଇ ଆଲୋଚନା କରାଯାଇଥିଲା। ମେଡିକାଲରେ ଗୋଟିଏ ଟିକେଟ କାଉଣ୍ଟରରେ ଭିଡ ରହୁଥିବାରୁ ଆଉ ଗୋଟିଏ କାଉଣ୍ଟର ଖୋଲିବାକୁ ନିଷ୍ପତି ହୋଇଥିଲା। ସେହି କାଉଣ୍ଟରରେ ବିଶେଷ କରି ଭିନ୍ନକ୍ଷମ, ବରିଷ୍ଟ ନାଗରିକ, ମହିଳା ଓ ଜରୁରୀ କାଳୀନ ପାଇଁ ଉଦ୍ଦିଷ୍ଟ ରହିବ ବୋଲି ନିଷ୍ପତି ହୋଇଥିଲା। ବୈଠକ ରେ ଅନ୍ୟ ମାନଙ୍କ ମଧ୍ୟରେ ଧାମନଗର ଏନ୍ଏସିଅଧ୍ୟକ୍ଷା ନିବେଦିତା ଜେନା, ବିଡିଓ ବନ ବିହାରୀ ଦିନ୍ଧା, ଡାକ୍ତର ମନ୍ମୟ ସାମନ୍ତ ସିଂହାର, ଏନ ଏଚ ଏମ ର ଜିଲ୍ଲା ପ୍ରୋଗ୍ରାମ ଅଫିସର ବନ ବିହାରୀ ମିଶ୍ର, ଜନ୍ମେଜୟ ଜେନା, ସମେତ ରୋଗୀ କଲ୍ୟାଣ ସମିତି ର ସଦସ୍ୟ ମାନେ ଉପସ୍ଥିତଥିଲେ।

## ବାରୋ ପଞ୍ଚାୟତରେ କଂଗ୍ରେସର ମିଶ୍ରଣ ପର୍ବ

**ଭଦ୍ରକ,୧୩।୧୦ (ସଂଚାର ବ୍ୟୁରୋ):** ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ଅଧୀନ ବାରୋ ପଞ୍ଚାୟତରେ ୧୧ ପରିବାର କଂଗ୍ରସରେ ସାମିଲ ହୋଇଛନ୍ତି। ଏହି ଉପଲକ୍ଷେ ରବିବାର ଚବିଶପଡ଼ା ଗ୍ରାମସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତର କଂଗ୍ରେସ ସଭାପତି ନରହରି ନାୟକ ଅଧ୍ୟକ୍ଷତା କରିଥିଲେ। ଗ୍ରାମର କାହ୍ନୁ ଚରଣ ଦାସ, ନିରାକାର ମଲିକ, ହରେକୃଷ୍ଣ ମଲିକ, ଶାନ୍ତନୁ ମଲିକ, ତରଣୀସେନ ମଲିକ, ମଦନ ମୋହନ ମଲିକ, ସୁବାସ ମଲିକ, ବିମଳ ମଲିକ, ସୁଧାଂଶୁ ମଲିକ, ଶରତ ମଲିକଙ୍କ ପରିବାର ଭାଜପା ଓ ବିଜେଡ଼ି ଛାଡ଼ି କଂଗ୍ରେସରେ ଯୋଗ ଦେଇଥିଲେ। କଂଗ୍ରେସର ନୀତି ଆଦର୍ଶ ଓ କ୍ରମବର୍ଦ୍ଧିଷ୍ଣୁ ଭୋଟ ହାରକୁ ଲକ୍ଷ୍ୟ କରି ଏହି ପରିବାର ସବୁ କଂଗ୍ରସରେ ଯୋଗ ଦେଇଥିବା ସୂଚନା ଦେଇଥିଲେ। ଦଳ ପକ୍ଷରୁ ଏହି ନୂତନ କର୍ମୀମାନଙ୍କୁ ସ୍ୱାଗତ କରାଯାଇଥିଲା।

**AFFIDAVIT**

By virtue of an affidavit sworn before Executive Magistrate, Executive Magistate, Bhubaneswar, dated 13.10.2025, CF No-148.

I am Sangram Kishore Parida, S/o- Akshay Kumar Parida, resident of At- Kuamanga, Po- Gothina, P.S - Rathunathpur, Dist - Jagatsinghpur, Odisha declares that I have changed my son's name from Ayusha Parida to Ayush Parida. Henceforth, The name shall be known as Ayush Parida for all purposes.

## ବେଆଇନ ଭାବେ ତିଆରି ହେଉଛି ବାଣ

**ବାରୁଦ ଗଦାରେ କାକଟପୁର ଓ ଅସ୍ତରଙ୍ଗ ଥାନା ଅଞ୍ଚଳ**



**କାକଟପୁର/ଅସ୍ତରଙ୍ଗ,୧୩।୧୦ (ସଂଚାର ବ୍ୟୁରୋ):** ବାଣ ତିଆରି ଓ ବିକ୍ରି ଉପରେ କଟକଣା ସତ୍ୱେ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଥାନା ଅଂଚଳରେ ବେଆଇନି ଭାବେ ବାଣ ତିଆରି କରି ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନକୁ ପଠାଯାଉଥିବା ଅଭିଯୋଗ ହେଉଛି। ଆଗକୁ ଦୀପାବଳୀ ଥିବାରୁ ବାଣ ପ୍ରସ୍ତୁତି ପାଇଁ ପ୍ରଚୁର ପରିମାଣର ବାରୁଦ ଅଂଚଳରେ ମହଜୁଦ ରହିଥିବା ଗଣମାଧ୍ୟମ ପ୍ରତିନିଧି ଷ୍ଟିଙ୍ଗ ଅପରେସନ ବେଳେ ଜଣାପଡିଛି। ଏଥି ଯୋଗୁଁ ବେଆଇନ କାରଖାନାରେ ଯେକୌଣସି ସମୟରେ ବଡ଼ଧରଣର ଅଘଟଣ ଘଟିବାର ଆଶଙ୍କା ଲାଗି ରହୁଛି। ଏହା ସତ୍ତ୍ୱେ କାକଟପୁର ଓ ଅସ୍ତରଙ୍ଗ ପୁଲିସ ନୀରବତା ପ୍ରଶ୍ନବାଚୀ ସୃଷ୍ଟି କରିଛି।

କାକଟପୁର ଓ ଅସ୍ତରଙ୍ଗ ଥାନା ଅନ୍ତର୍ଗତ କିଛି ସ୍ଥାନରେ ବେଆଇନ ଭାବେ ତିଆରି ହେଉଛି ବାଣ। ଦୀପାବଳୀକୁ ଦୃଷ୍ଟିରେ ରଖି ପ୍ରଚୁର ପରିମାଣର ବାରୁଦ ମହଜୁଦ ରଖି ବାଣ ପ୍ରସ୍ତୁତି ନିମନ୍ତେ ଅଧିକ ସଂଖ୍ୟାରେ ଶ୍ରମିକ ନିୟୋଜିତ କରାଯାଇଛି। ପରିବେଶ ଓ ବାୟୁ ପ୍ରଦୂଷଣ କରୁଥିବା ବାଣ ପ୍ରସ୍ତୁତ ଓ ବିକ୍ରି ଉପରେ କଟକଣା ସତ୍ୱେ କିପରି କାକଟପୁର ଓ ଅସ୍ତରଙ୍ଗ ଥାନା ଅଂଚଳରେ ବାଣ ତିଆରି କରାଯାଇ ପୁରୀ ଜିଲ୍ଲା ସମେତ ନିକଟସ୍ଥ ଜଗତସିଂହପୁର ଜିଲ୍ଲାକୁ ଚାଲାଣ କରାଯାଉଛି ତାହାକୁ ନେଇ ପ୍ରଶ୍ନ ଉଠିଛି। ସବୁଠୁ ବଡ଼ କଥା ହେଲା କାକଟପୁର ଥାନା ଠାରୁ କିଛି କିଲୋମିଟର ଦୂରରେ ଜନଗହଳିପୂର୍ଣ୍ଣ ଅଂଚଳରେ ବାଣ କାରଖାନା ରହିଥିବା ଜଣାଯାଇଛି। ଏହା ସତ୍ତ୍ୱେ ପୁଲିସ କିପରି ଜାଣିପାରୁନାହିଁ ନାଁ ଜାଣି ମଧ ଚୁପ ବସିଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବେଆଇନ ବାଣ ପ୍ରସ୍ତୁତ କରାଯିବା ସହିତ ବସ୍ତା ବସ୍ତା ବାରୁଦ ମହଜୁଦ ରଖାଯାଇଛି। ଏଥିଯୋଗୁ କିଛି ଅଘଟଣ ଘଟିଲେ କିଏ ଦାୟୀ ରହିବ ? ବୋଲି ସାଧାରଣରେ ପ୍ରଶ୍ନ କରାଯାଇଛି।

**THE CAPITAL COOPERATIVE HOUSING LTD**

At- 151, Bapuji Nagar, BBSR-9, email-cchl1953@gmail.com

**Details (KYC) Update of "A" class members**

This is for information of all esteemed "A" class members that, as per decision of the Managing Committee the "A" class members are required to submit respective details for continuation of their respective "A" class membership, by submitting completely filled & signed KYC form along with latest photograph, updated self-attested Aadhar/ PAN & affidavit (wherever required) by 31.12.2025 or extension thereof. For assistance, the office is open all working days.

By order of the management
23.09.2025 Chief-executive

# ପୁରୀରେ କାର୍ତ୍ତିକ ହବିଷ୍ୟାଳିଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

- ହବିଷିଆଳି ମା'ମାନଙ୍କ ପାଇଁ ୩.୩୦ କୋଟି ଟଙ୍କା ବ୍ୟବସ୍ଥା
- ପୁରୀକୁ ବିଶ୍ୱସ୍ତରୀୟ ଧାର୍ମିକ ସହର ଭାବେ ଗଢ଼ି ତୋଳାଯିବ



ଭୁବନେଶ୍ୱର, ୧୩।୧୦(ସଂଚାର ବ୍ୟୁରୋ): ପୁରୀରେ କାର୍ତ୍ତିକ ହବିଷ୍ୟାଳି ବ୍ରତ ୨୦୨୫ ଆୟୋଜନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ନରେନ୍ଦ୍ର କୋଣ ସ୍ଥିତ ବୃନ୍ଦାବତୀ ନିବାସ ଠାରେ ଉପସ୍ଥିତ ରହି ହବିଷ୍ୟାଳି ମା'ମାନଙ୍କ ସହ ମିଶିଥିଲେ ଏବଂ ଏହି ଅବସରରେ ସେ କହିଥିଲେ ଯେ, ହବିଷିଆଳୀ ମା'ମାନଙ୍କ ଭକ୍ତି ହେଉଛି ଓଡ଼ିଶାର ନୈତିକ ଶକ୍ତି ଓ ଓଡ଼ିଆ ସଂସ୍କୃତି ଓ ଅସ୍ମିତାର ଜୀବନ୍ତ ପ୍ରତୀକ। କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଗାମୀ ବର୍ଷରୁ ହବିଷିଆଳୀ ମା'ମାନଙ୍କ ପାଇଁ ସମର୍ପିତ ଡିଜିଟାଲ ପଞ୍ଜୀକରଣ ବ୍ୟବସ୍ଥା ଆରମ୍ଭ ହେବ, ଯେଉଁଥିରେ ଚିକିତ୍ସା ଓ ଜରୁରୀ ସେବା ଉପଲବ୍ଧ ରହିବ।

ଏହି ଅବସରରେ ଉଲ୍ଲେଖ କରିଥିଲେ ଯେ, ପୁରୀ କେବଳ ଏକ ଧର୍ମୀୟ ସ୍ଥାନ ନୁହେଁ, ଏହା ଓଡ଼ିଆ ଭକ୍ତି ଓ ଆସ୍ଥାର ପ୍ରତୀକ। ସରକାର ପୁରୀକୁ ବିଶ୍ୱସ୍ତରୀୟ ଧାର୍ମିକ ସହର ଭାବେ ଉନ୍ନତ କରିବାକୁ ପ୍ରତିଶ୍ରୁତିବଦ୍ଧ ଏବଂ ଏହି ସହରକୁ ମହାନଗର ନିଗମ ଭାବେ ଘୋଷଣା ତାହାର ପ୍ରଥମ ପଦକ୍ଷେପ। ସେ କହିଥିଲେ ଯେ ଚଳିତ ବର୍ଷ ପ୍ରାୟ ୨ ହଜାର ୫୦୦ ହବିଷିଆଳୀ ମା'ମାନଙ୍କ ପାଇଁ ସରକାର ପକ୍ଷରୁ ୫ଟି ନିର୍ଦ୍ଧାରିତ ସ୍ଥଳରେ ରହିବା ଓ ଖାଦ୍ୟ ବ୍ୟବସ୍ଥା କରାଯାଇଛି। ସେଥିପାଇଁ ସରକାର ପକ୍ଷରୁ ପ୍ରାୟ ୩ କୋଟି ୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ଓ ଏହା ଗତ ବର୍ଷ ତୁଳନାରେ ୭୦ ଲକ୍ଷ ଅଧିକ ଥିବା ତଥ୍ୟ ମୁଖ୍ୟମନ୍ତ୍ରୀ ଦେଇଥିଲେ।

ସେ ଆହୁରି କହିଥିଲେ ଯେ କାର୍ତ୍ତିକ ବ୍ରତ ହବିଷିଆଳୀ ଯୋଜନାକୁ ନିରନ୍ତର ସୁଦୃଢ଼ କରାଯାଉଛି ଏବଂ ସମସ୍ତ ସ୍ଥାନରେ ସ୍ୱେଚ୍ଛାସେବୀ, ପୋଲିସ, ଡାକ୍ତର ଓ ସହାୟତାର ବ୍ୟବସ୍ଥା ହୋଇଛି, ଯାହା ହବିଷିଆଳୀ ମା'ମାନଙ୍କ ସୁବିଧା ଓ ସୁରକ୍ଷା ପାଇଁ ଆବଶ୍ୟକ। ବକ୍ତବ୍ୟ ଶେଷରେ ସେ ସମସ୍ତ ହବିଷିଆଳୀ ମା'ମାନଙ୍କୁ ପ୍ରଣାମ ଜଣାଇଥିଲେ ଏବଂ ସେମାନଙ୍କ ସହ ଫୋଟୋ ଉଠାଇବା ସହିତ ମାଆ ମାନଙ୍କ ସୁବିଧା ଅସୁବିଧା ବୁଝି କଥା ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୁରୀ ସାଂସଦ, ଡାକ୍ତର ସମ୍ବିତ ପାତ୍ର, ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ପୁରୀ ସଦର ବିଧାୟକ, ସୁନିଲ କୁମାର ମହାପାତ୍ର, ବ୍ରହ୍ମଗିରି ବିଧାୟିକା, ଉପାସନା ମହାପାତ୍ର, ଜିଲ୍ଲାପାଳ, ଦିବ୍ୟଜ୍ୟୋତି ପରିଡା ପ୍ରମୁଖ ଥିଲେ। କାର୍ଯ୍ୟକ୍ରମରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ସ୍ୱାଗତଭାଷଣ ଦେଇଥିବା ବେଳେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ନକଲି ଆଦିବାସୀ ପ୍ରମାଣପତ୍ର ମାମଲା
## ଗିରଫ ହେଲେ ପାଇକମାଲ ବ୍ଲକ ଉପାଧ୍ୟକ୍ଷ

ପାଇକମାଲ,୧୩।୧୦(ସଂଚାର ବ୍ୟୁରୋ): ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ ବାରିକ ଓରଫ ସଞ୍ଜୀବ ବରିହା ନକଲି ଆଦିବାସୀ ପ୍ରମାଣପତ୍ର ବ୍ୟବହାର କରୁଥିଲେ। ତେଣୁ ନକଲି ଆଦିବାସୀ ପ୍ରମାଣପତ୍ର ହାତେଇଥିବା ଅଭିଯୋଗରେ ପୁଲିସ ଗିରଫ କରିଥିବା ସୂଚନା ଦେଇଛି। ସେ ନକଲି ଆଦିବାସୀ ପ୍ରମାଣପତ୍ର ବ୍ୟବହାର କରି ସମସ୍ତ ସରକାରୀ ଯୋଜନା ହାତେଇଥିବା ଅଭିଯୋଗରେ ହୋଇଥିବାରୁ ପାଇକମାଲ ପୁଲିସ ଦ୍ୱାରା ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ପାଇକମାଲ ଥାନା ଅଧିକାରୀ କୈଳାସଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ସଞ୍ଜୀବ ବାରିକ ନକଲି ଆଦିବାସୀ ପ୍ରମାଣପତ୍ର ବ୍ୟବହାର କରି ସମସ୍ତ ସରକାରୀ ଯୋଜନା ହାତେଇଥିବା ଅଭିଯୋଗରେ ହୋଇଥିବାରୁ ପାଇକମାଲ ପୁଲିସ ଦ୍ୱାରା ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ପାଇକମାଲ ଥାନା ଅଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ପୁଲିସ ଠାରୁ ମିଳିଥିବା ସୂଚନା ଅନୁସାରେ ସଞ୍ଜୀବ ବରିହା ନକଲି ଆଦିବାସୀ ପ୍ରମାଣପତ୍ର ହାତେଇ ବିଭିନ୍ନ ସରକାରୀ ଯୋଜନା ସହ ପାଇକମାଲ ବ୍ଲକ ଉପାଧ୍ୟକ୍ଷ ପଦ ମଧ୍ୟ ହାତେଇଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଥିଲା। ଯେଉଁ ଅଭିଯୋଗର ତଦନ୍ତ କରାଯାଇ ଜିଲ୍ଲା ମଙ୍ଗଳ ଅଧିକାରୀ ଓ ତଦନ୍ତ କମିଟି କହିଥିଲେ ଏବଂ ସଞ୍ଜୀବ ବରିହା ବାରିକ ଓରଫ ବରିହା ଅଣଆଦିବାସୀ ବୋଲି ପ୍ରମାଣିତ ହୋଇଥିଲେ। ବରଗଡ଼ ଜିଲ୍ଲା ମଙ୍ଗଳ ଅଧିକାରୀ ପାଇକମାଲ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପାଇକମାଲ ଥାନା କେସ ନମ୍ବର ୨୩୯/୨୦୨୫ ଆଧାରରେ ସଞ୍ଜୀବ ବାରିକକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେ ପାଇକମାଲ ବ୍ଲକ କାଂସଡା ଗ୍ରାମ ପଞ୍ଚାୟତରୁ ସମିତିସଭ୍ୟ ଭାବରେ ନିର୍ବାଚିତ ହୋଇ ପାଇକମାଲ ବ୍ଲକ ଉପାଧ୍ୟକ୍ଷ ଭାବରେ ନିର୍ବାଚିତ ହୋଇଥିଲେ।

## ୯ ଦିନକୁ ବୃଦ୍ଧିହେଲା ଭଦ୍ରକ କାଳୀପୂଜା



ଭଦ୍ରକ ୧୩।୧୦ (ସଂଚାର ବ୍ୟୁରୋ): ବଢ଼ିଲା କାଳୀପୂଜା ଅବଧି। ୭ ଦିନରୁ ୯ ଦିନକୁ ବୃଦ୍ଧି ହେଲା ଭଦ୍ରକ କାଳୀପୂଜା। ପୂର୍ବରୁ ୭ ଦିନ ପାଳନ ନେଇ ନିଷ୍ପତ୍ତି ହୋଇଥିବା ବେଳେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୋସିଆଲ ମିଡ଼ିଆରେ ଏହି ସୂଚନା ଦେଇଛନ୍ତି। ଐତିହାସିକ ଭଦ୍ରକ କାଳୀପୂଜା ପାଇଁ ପୂଜା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ବର୍ଷ ଧରି ପାଳିତ ହୋଇ ଆସୁଥିବା ଭଦ୍ରକର କାଳୀପୂଜାକୁ ଏଥର ଆହୁରି ଭବ୍ୟ ଓ ଦିବ୍ୟ କରାଯିବ। ଅକ୍ଟୋବର ୨୯ରେ ଭସାଣ ଉତ୍ସବ ଲାଗି ସ୍ଥିର କରାଯାଇଛି। ଏହାସହ ସଂସ୍କୃତି ବିଭାଗ ପକ୍ଷରୁ ପୂଜା ମଣ୍ଡପକୁ ୫୦ ହଜାର ଟଙ୍କା ସହାୟତା ରାଶି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଲାଗି ଟ୍ରୁପ ଯୋଗାଇ ଦିଆଯିବାକୁ ନିଷ୍ପତ୍ତି ହୋଇଛି। ସେହିପରି ଦିବ୍ୟାଙ୍ଗଙ୍କ ସୁବିଧା ଲାଗି ସହରର ଗୋଟିଏ ସ୍ଥାନରେ ଭର୍ଚ୍ଚୁଆଲ ମାଧ୍ୟମରେ କାଳୀପୂଜା ଦର୍ଶନର ବ୍ୟବସ୍ଥା କରାଯାଇଛି। ଅନୁଷ୍ଠିତ ବୈଠକରେ ଭଦ୍ରକ ବିଧାୟକ, ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ଓ ମାନନୀୟ ଭଦ୍ରକ ସାଂସଦ ପ୍ରମୁଖ ଉପସ୍ଥିତ ଥିଲେ। ଭଦ୍ରକ ଜିଲ୍ଲାପାଳ କହିଛନ୍ତି ଯେ, ଜିଲ୍ଲାର ପ୍ରମୁଖ ୧୦ ମଣ୍ଡପକୁ ୫୦ ହଜାରର ଆର୍ଥିକ ସହାୟତା ଘୋଷଣା କରିଛନ୍ତି ମନ୍ତ୍ରୀ। ଆଗାମୀ ଦିନରେ ଏକ କମିଟି ଗଠନ ହେବ ଓ ପୂଜା କେତେ ଦିନ ହେବ, ସେ ନେଇ ନିୟମ କରାଯିବ। ଆଇନଶୃଙ୍ଖଳା ବ୍ୟବସ୍ଥାକୁ ମଧ୍ୟ ଗୁରୁତ୍ୱ ଦିଆଯିବ।

## ଡିସେମ୍ବର ୨୪ରୁ ବରଗଡ଼ ଧନୁଯାତ୍ରା



ବରଗଡ଼,୧୩।୧୦(ସଂଚାର ବ୍ୟୁରୋ): ଡିସେମ୍ବର ୨୪ରୁ ଆରମ୍ଭ ହେବ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା। ସୋମବାର ବରଗଡ଼ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି। ଏହା ଅନୁସାରେ ଚଳିତ ବର୍ଷ ଡିସେମ୍ବର ୨୪ରୁ ଜାନୁଆରୀ ୩ ଯାଏ ଧନୁଯାତ୍ରା ଆୟୋଜିତ ହେବ। ପ୍ରାୟ ୧୧ ଦିନ ଧରି ବିଶ୍ୱର ସର୍ବ ବୃହତ ମୁକ୍ତାକାଶ ରଙ୍ଗ ମଞ୍ଚରେ କଳା ପ୍ରଦର୍ଶନ କରିବେ କଳାକାର। କଂସଙ୍କ ଅଟ୍ଟହାସ୍ୟରେ କମ୍ପିବ ବରଗଡ଼। ସେହିଭଳି ସବୁଥର ଭଳି ଏଥର ମଧ୍ୟ କଂସ ଚରିତ୍ର ପାଇଁ ହେବ କଳାକାର ଚୟନ। ଉଲ୍ଲେଖଯୋଗ୍ୟ, ଗତବର୍ଷ ରାଜ୍ୟ ସରକାର ବରଗଡ଼ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଲାଗି ଅନୁଦାନ ରାଶି ବୃଦ୍ଧି କରିଥିଲେ। ଅନୁଦାନ ରାଶି ୧୦ ଲକ୍ଷରୁ ଏକ କୋଟିକୁ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ପ୍ରମୁଖ ୧୭୦ କଳାକାରଙ୍କୁ ୧୦ ହଜାର ଲେଖାଏଁ ସମ୍ମାନ ରାଶି ମିଳିବ। ଏହା ସହ ଧନୁଯାତ୍ରାକୁ ୟୁନେସ୍କୋ ଐତିହ୍ୟ ମାନ୍ୟତା ପାଇଁ ବିଶେଷଜ୍ଞ କମିଟି ଗଠନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମଧ୍ୟ ବରଗଡ଼ ଧନୁଯାତ୍ରା ଦେଖିବାକୁ ଆସି ମଥୁରା ନରେଶ କଂସ ମହାରାଜ ଧନୁଯାତ୍ରା ଆୟୋଜନ କରିବା ପାଇଁ ଏକ ସ୍ଥାୟୀ ଭବ୍ୟ ରାଜଦରବାର ନିର୍ମାଣ ଘୋଷଣା କରିଥିଲେ।

### ଗାଈ ଗୋଠ ଉପରେ ଭାଲୁ ଆକ୍ରମଣ
## ଘାଇଲା ଭାଲୁ ମୁହଁରେ ପଡ଼ି ଦୁଇ ଭାଇ ଗୁରୁତର



କନ୍ଧମାଳ,୧୩।୧୦(ସଂଚାର ବ୍ୟୁରୋ): ସକାଳୁ ସକାଳୁ ଜଙ୍ଗଲରୁ ଗାଁ ଭିତରକୁ ପଶି ଆସିଲା ଭାଲୁ । ପ୍ରଥମେ ଗାଈ ବଳଦକୁ ଆକ୍ରମଣ କରୁଥିଲା ଠିକ୍ ଏତିକି ସମୟରେ ରୁଣ୍ଡ ହୋଇଗଲେ ଗାଁ ଲୋକେ । ଗାଁ ଲୋକଙ୍କ ପାଟି ଶୁଣି ଗାଈ ବଳଦଙ୍କ ନିକଟରୁ ପଳାଇବାକୁ ବାଟ ଖୋଜିଥିଲା ଭାଲୁ। ଭାଲୁ ଫେରି ଯାଉଥିଲା ହେଲେ ଦୁର୍ଭାଗ୍ୟକୁ କେନାଲ ପାଖରେ ଭାଲୁ ମୁହଁରେ ପଡିଗଲେ ଦୁଇ ଭାଇ। ଦୁଇ ସମ୍ପର୍କୀୟ ଭାଇ ସକାଳୁ ସକାଳୁ କେନାଲକୁ ଗାଧୋଇବାକୁ ଯାଇଥିଲେ। କିନ୍ତୁ ଭାଲୁର ଶିକାର ହେଲେ । ଗାଈ ବଳଦକୁ ଆକ୍ରମଣ କରିବା ପରେ ଭାଲୁଟି ଘାଇଲା ହୋଇ ଦୁଇ ଭାଇଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲା । ଭାଲୁ ଆକ୍ରମଣରେ ଦୁଇ ସମ୍ପର୍କୀୟ ଭାଇ ଏବେ ଗୁରୁତର ହୋଇଛନ୍ତି। ଦୁଇ ଭାଇଙ୍କୁ ଭାଲୁ ଗୋଡ଼ାଇ ଗୋଡ଼ାଇ ଲହୁ ଲୁହାଣ କରିବା ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ କେନାଲ ନିକଟରେ ପଡ଼ିଥିଲେ ଦୁଇ ଭାଇ । ଦୁଇ ଭାଇଙ୍କ ବିକଳ ଚିତ୍କାର ଶୁଣି ଗ୍ରାମବାସୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ କେନାଲ ନିକଟରୁ ଉଦ୍ଧାର କରିଥିଲେ। ଉଦ୍ଧାର ପରେ ଦୁଇ ଭାଇଙ୍କୁ କ.ନୂଆଗାଁ ମେଡିକାଲରେ ଭର୍ତ୍ତି କରାଇଥିଲେ ପରିବାର ଲୋକ ଓ ଗ୍ରାମବାସୀ। କନ୍ଧମାଳ ଜିଲ୍ଲା ସାରଙ୍ଗଡ଼ ଥାନା ଗୁଞ୍ଜିବାଡି ପଞ୍ଚାୟତ ଅନ୍ତର୍ଗତ ଗାନ୍ଦ୍ରିଗାଁର ମୁଣ୍ଡିକିଆ ସାହିରେ ଘଟିଛି ଏଭଳି ଘଟଣା। ଗୁରୁତର ଦୁଇ ସମ୍ପର୍କୀୟ ଭାଇ ହେଲେ ମୁଣ୍ଡିକିଆ ସାହିର ପର୍ଶୁରାମ ପ୍ରଧାନ ଓ ଲିଟୁ ପ୍ରଧାନ । ଭାଲୁ ଆକ୍ରମଣ ରେ ଦୁଇ ଭାଇଙ୍କ ମୁହଁ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଛି । ଭାଲୁ ଆକ୍ରମଣରେ ଦୁଇ ଭାଇର ଆଖି ମଧ୍ୟ ନଷ୍ଟ ହୋଇଥିବା ପରିବାର ଲୋକ ଆଶଙ୍କା କରିଛନ୍ତି । ତେବେ ସେମାନଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି ଡାକ୍ତର। ତେବେ ବନ ବିଭାଗ ପକ୍ଷରୁ ଗାଁରେ ସୁରକ୍ଷା ସହ ଭାଲୁ ଆକ୍ରମଣରେ ଗୁରୁତର ଦୁଇ ଭାଇଙ୍କୁ ସରକାରୀ ସହାୟତା ପାଇଁ ପରିବାର ଓ ଗ୍ରାମବାସୀ ଦାବି କରିଛନ୍ତି ।

## କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କଲେ ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୩।୧୦(ସଂଚାର ବ୍ୟୁରୋ): ଓଡିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ନୂଆଦିଲ୍ଲୀ ଗସ୍ତ ସମୟରେ କେନ୍ଦ୍ର ଗ୍ରାହକ ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ, ନୂତନ ଏବଂ ନବୀକରଣୀୟ ଶକ୍ତିମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଖରିଫ ମାର୍କେଟିଂ ଋତୁରେ କଷ୍ଟମ୍ ମିଲ୍ଡ ଚାଉଳର କ୍ରୟ ଲକ୍ଷ୍ୟ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ପତ୍ର ପ୍ରଦାନ କରିଥିଲେ। ଉପମୁଖ୍ୟମନ୍ତ୍ରୀ ପୁନର୍ବାର ଏହି ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

ଭାରତ ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଥିବା ଧାନ ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟ ୫୦ ଲକ୍ଷ ମେଟ୍ରିକ ଟନ ରହିଥିବାବେଳେ, ରାଜ୍ୟରେ କିନ୍ତୁ ପ୍ରକୃତରେ ୬୨.୫୪ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଛି। ପ୍ରକୃତ କ୍ରୟ ସହିତ ସମନ୍ୱୟ ରଖି ଅନୁମୋଦିତ ଲକ୍ଷ୍ୟକୁ ତୁରନ୍ତ ବୃଦ୍ଧି କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଏଥିସହିତ, କଷ୍ଟମ୍ ମିଲ୍ଡ ଚାଉଳର ବିତରଣ ସମୟସୀମା ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ମଧ୍ୟ ଅନୁରୋଧ କରିଛନ୍ତି । ବର୍ଦ୍ଧିତ ସମୟସୀମା ମଧ୍ୟରେ ବାକି ଧାନ ଖାଲି କରିବା ପାଇଁ ଏଫସିଆଇକୁ ଆବଶ୍ୟକୀୟ ନିର୍ଦ୍ଦେଶ ଜାରି କରିବାକୁ କହିଛନ୍ତି। ଏହା ଓଡ଼ିଶାର ସଂରକ୍ଷଣ ଏବଂ ଆବଣ୍ଟନ ପରିଚାଳନାକୁ ସୁଗମ କରିବ। ଏହି ବୈଠକରେ ପ୍ରମୁଖ ସଚିବ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସଞ୍ଜୟ କୁମାର ସିଂହ, ଶକ୍ତି ବିଭାଗ ବିଶାଳ କୁମାର ଦେବ ଉପସ୍ଥିତ ଥିଲେ।

## ଲକ୍ଷାଧିକ ଟଙ୍କାର ବାଣ ଜବତ

ଖୋର୍ଦ୍ଧା, ୧୩।୧୦ (ସଂଚାର ବ୍ୟୁରୋ): ଆଗକୁ ଆସୁଛି ଆଲୋକର ପର୍ବ ଦୀପାବଳି। ଗାଁ ଠାରୁ ସହର ସବୁଠି ଦୀପାବଳିକୁ ଉତ୍ସାହ ସହ ପାଳନ କରିବାକୁ ଅପେକ୍ଷା କରିଛନ୍ତି। ଆଲୋକର ପର୍ବରେ ବାଣ ଫୁଟାଇବାର ରହିଛି ସ୍ୱତନ୍ତ୍ର ପଥା। କିନ୍ତୁ ବାଣ ଫୁଟିବା ଦ୍ୱାରା ବାୟୁମଣ୍ଡଳ ପ୍ରଦୂଷଣ ହୋଇଥାଏ। ଏଥିରେ ରୋକ୍ ଲଗାଇବା ପାଇଁ ଗାଁ ଗାଁରେ ବାଣ ତିଆରି କୁଟୀର ଶିଳ୍ପ ପାଲଟିଥିବା ସ୍ଥାନମାନଙ୍କରେ ପୁଲିସ ପକ୍ଷରୁ ରୀତିମତ ଚଢ଼ାଉ ଜାରି ରହିଛି। ବିଳମ୍ବିତ ରାତ୍ରିରେ ବାଘମାରୀ ପୋଲିସ ପକ୍ଷରୁ ବାଘମାରୀ ଥାନା ଅନ୍ତର୍ଗତ ଲେଖନପୁର ଗ୍ରାମରେ ଚଢ଼ାଉ କରାଯାଇ ଲକ୍ଷାଧିକ ଟଙ୍କାର ହାତ ତିଆରି ବାଣ ଜବତ କରାଯାଇଥିବା ଜଣାପଡ଼ିଛି। ଜବତ ବାଣଗୁଡ଼ିକୁ ଆଇନ ଅନୁଯାୟୀ ନଷ୍ଟ କରାଯିବ ପୋଲିସ ପକ୍ଷରୁ ସୂଚନା ମିଳିଛି। ଦୀପାବଳି ପୂର୍ବରୁ ବାଣ କାରବାର ଉପରେ ରୋକ୍ ଲଗାଇବା ପାଇଁ ଜିଲ୍ଲା ପୁଲିସର ପ୍ରୟାସ ଜାରି ରହିଛି।

### ହରିଣ ଛାଲ ଓ ମୟୂର ପୁଚ୍ଛ ଜବତ
## ବନ୍ଧାହେଲେ ଅବସରପ୍ରାପ୍ତ ବନପାଳ

ଦେବଗଡ଼,୧୩।୧୦(ସଂଚାର ବ୍ୟୁରୋ): ବାରକୋଟ ଥାନା ଅନ୍ତର୍ଗତ ଅକ୍ଷରଶିଳା ଗ୍ରାମରୁ ଆଜି ଜଣେ ଅବସର ପ୍ରାପ୍ତ ବନପାଳଙ୍କ ଘରୁ ହରିଣ ଛାଲ ଓ ମୟୂର ପୁଚ୍ଛ ଜବତ କରିଛି ବନ ବିଭାଗ। ଗିରଫ ଅବସରପ୍ରାପ୍ତ ବନପାଳ ହେଲେ ସେହି ଗ୍ରାମର କିଶୋର ଚନ୍ଦ୍ର ପ୍ରଧାନ। ତାଙ୍କ ନିକଟରୁ ୧୭ଟି ମୟୂର ପୁଚ୍ଛ ଓ ହରିଣ ଛାଲ ଜବତ କରିଛି ବନ ବିଭାଗ।



ଏଥିସହ ବନ୍ୟପ୍ରାଣୀ ସୁରକ୍ଷା ଆଇନ ବଳରେ ଅଭିଯୁକ୍ତକୁ ଗିରଫ କରିଛି ବନ ବିଭାଗ। ବାରକୋଟ ଥାନା ଅନ୍ତର୍ଗତ ଅକ୍ଷରଶିଳା ଗ୍ରାମରୁ ଆଜି ଜଣେ ଅବସରପ୍ରାପ୍ତ ବନପାଳଙ୍କ ଘରୁ ହରିଣ ଛାଲ ଓ ମୟୂର ପୁଚ୍ଛ ଜବତ କରିଛି ବନ ବିଭାଗ। ଗିରଫ ଅବସରପ୍ରାପ୍ତ ବନପାଳ ହେଲେ ସେହି ଗ୍ରାମର କିଶୋର ଚନ୍ଦ୍ର ପ୍ରଧାନ। ତାଙ୍କ ନିକଟରୁ ୧୭ଟି ମୟୂର ପୁଚ୍ଛ ଓ ହରିଣ ଛାଲ ଜବତ କରିଛି ବନ ବିଭାଗ। ଏଥିସହ ବନ୍ୟପ୍ରାଣୀ ସୁରକ୍ଷା ଆଇନ ବଳରେ ଅଭିଯୁକ୍ତକୁ ଗିରଫ କରିଛି ବନ ବିଭାଗ। ଡାକ୍ତରୀ ଯାଞ୍ଚ ପରେ ଅଭିଯୁକ୍ତ କିଶୋର ଚନ୍ଦ୍ର ପ୍ରଧାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ବିପର୍ଯ୍ୟୟ ବିପଦ ହ୍ରାସ ଲାଗି ସଂସ୍ଥାଗତ ଢାଞ୍ଚା ଉପରେ ଆଲୋକପାତ




ଭୁବନେଶ୍ୱର,୧୩।୧୦(ସଂଚାର ବ୍ୟୁରୋ): ବିପର୍ଯ୍ୟୟ ବିପଦ ହ୍ରାସ ଉପରେ ଜି-୨୦ ମନ୍ତ୍ରୀସ୍ତରୀୟ ବୈଠକର ପ୍ରଥମ ଦିନରେ, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର ଦୁଇଟି ଉଚ୍ଚସ୍ତରୀୟ କାର୍ଯ୍ୟକ୍ରମରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି। ଏହି ଦୁଇଟି କାର୍ଯ୍ୟକ୍ରମ ହେଲା - 'ଏକତା ଏବଂ ଦୃଢ଼ତା: ଆଗୁଆ ଚେତାବନୀ ପ୍ରଣାଳୀ ପାଇଁ ଅନ୍ତର୍ଜାତୀୟ ସହଯୋଗ ଏବଂ ଏକଜୁଟତା ଜରିଆରେ ଡିଆରଆରକୁ ଆଗକୁ ବଢାଇବା' ଏବଂ 'ଡିଆରଆର ନିବେଶକୁ ବୃଦ୍ଧି କରିବା ପାଇଁ ବୈଷୟିକ ନବସୃଜନ ଏବଂ ରାଜନୈତିକ ନେତୃତ୍ୱ ମଧ୍ୟରେ ସମ୍ପର୍କ ସ୍ଥାପନ କରିବା।'

ଏକତା ଏବଂ ଦୃଢ଼ତା ଉପରେ ଆୟୋଜିତ ଅଧିବେଶନରେ ଡକ୍ଟର ମିଶ୍ର କହିଥିଲେ, ଆଗୁଆ ଚେତାବନୀ ବ୍ୟବସ୍ଥା କେବଳ ବୈଷୟିକ ବିଳାସ ନୁହେଁ ଏବଂ ବିପର୍ଯ୍ୟୟ ପ୍ରଶମନକୁ ଦୃଢ଼ କରିବା ପାଇଁ ଏକ ରଣନୀତିକ ନିବେଶ। ସେ ଭାରତର ବହୁମୁଖୀ ସଂସ୍ଥାଗତ ଢାଞ୍ଚା ବିଷୟରେ ଉଲ୍ଲେଖ କରିଥିଲେ। ଏହି ଢାଞ୍ଚା ପାଣିପାଗ, ଜଳବିଜ୍ଞାନ, ଭୂକମ୍ପ ଏବଂ ସମୁଦ୍ର ବିଜ୍ଞାନ ପ୍ରତିଷ୍ଠାନଗୁଡ଼ିକୁ ଏକୀକୃତ କରିଥାଏ। ଡିଆରଆରକୁ ଆର୍ଥିକ ସହାୟତା ପ୍ରଦାନ ଉପରେ ଆୟୋଜିତ କାର୍ଯ୍ୟକ୍ରମରେ ଡକ୍ଟର ମିଶ୍ର ଜି-୨୦ ସ୍ୱେଚ୍ଛାକୃତ ଉଚ୍ଚସ୍ତରୀୟ ନୀତିଗୁଡ଼ିକ ମଧ୍ୟରୁ ନୀତି ୨ ଏବଂ ୪ ଅନୁରୂପ ଭାରତର ପାଞ୍ଚ ସ୍ତମ୍ଭ ବିଶିଷ୍ଟ ଆର୍ଥିକ ରଣନୀତି ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ସେ ଅର୍ଥ ଆୟୋଗ ଅଧୀନରେ ଭାରତର ସାମ୍ବିଧାନିକ ଆଧାର ମଡେଲ ବିଷୟରେ ବର୍ଣ୍ଣନା କରିଥିଲେ, ଯାହା ବହୁ-ବର୍ଷିଆ, ନିୟମ-ଆଧାରିତ ଡିଆରଆର ଆବଣ୍ଟନ, ରାଜ୍ୟ ତଥା ସ୍ଥାନୀୟ ସଂସ୍ଥାଗୁଡ଼ିକୁ ବିକେନ୍ଦ୍ରୀକୃତ ପାଣ୍ଠି ଯୋଗାଣ ଏବଂ ଜାତୀୟ ବିପର୍ଯ୍ୟୟ ବିପଦ ସୂଚକାଙ୍କ ମାଧ୍ୟମରେ ପ୍ରମାଣ-ଆଧାରିତ ପ୍ରାଥମିକତାକୁ ସୁନିଶ୍ଚିତ କରିଛି। ଏକ ରିଲିଫ୍-କୈନ୍ଦ୍ରିକରୁ ଏକ ବିପଦ-ସୂଚିତ ଦୃଷ୍ଟାନ୍ତ ଦିଗରେ ଭାରତର ପରିବର୍ତ୍ତନ ଉପରେ ଆଲୋକପାତ କରି ସେ ଅଭିନବ ସ୍ଥାନୀୟ ସ୍ତରୀୟ ପ୍ରଣାଳୀ ବିଷୟରେ ସୂଚନା ଦେଇଥିଲେ।

ଏହାବ୍ୟତୀତ ଡକ୍ଟର ମିଶ୍ର ସମର୍ପିତ ପ୍ରଶମନ ପାଣ୍ଠି, ବିପଦ-ଆଧାରିତ କାର୍ଯ୍ୟକ୍ରମ ଏବଂ ଆପଦା ମିତ୍ର ସ୍ୱେଚ୍ଛାସେବୀଙ୍କ ମାଧ୍ୟମରେ ଗୋଷ୍ଠୀ ଭିତ୍ତିକ ପ୍ରସ୍ତୁତି ବିଷୟରେ କହିଥିଲେ। ଏଗୁଡ଼ିକ ପ୍ରତ୍ୟକ୍ଷ ଭାବେ ସରକାରୀ ପାଣ୍ଠି ଯୋଗାଣ ଏବଂ ପ୍ରଶାସନରେ ଦୃଢ଼ତାକୁ ଗ୍ରହଣ କରିଛି।

ଏହି ଅବସରରେ ଡକ୍ଟର ମିଶ୍ର ଦକ୍ଷିଣ ଆଫ୍ରିକା, ବ୍ରାଜିଲ, ଅଷ୍ଟ୍ରେଲିଆ ଏବଂ ନେଦରଲ୍ୟାଣ୍ଡ ସହିତ ଦ୍ୱିପାକ୍ଷିକ ବୈଠକରେ ଅଂଶଗ୍ରହଣ କରିଥିଲେ। ଶେଷରେ ଡକ୍ଟର ମିଶ୍ର ନବସୃଜନ, ଅନ୍ତର୍ଭୁକ୍ତିମୂଳକ ଆର୍ଥିକ ସହାୟତା ଏବଂ ଅନ୍ତର୍ଜାତୀୟ ଏକଜୁଟତା ମାଧ୍ୟମରେ ସ୍ୱେଚ୍ଛାକୃତ ଉଚ୍ଚ-ସ୍ତରୀୟ ନୀତିଗୁଡ଼ିକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ପୁନଃଦୋହରାଇଥିଲେ। ଦୃଢ଼ ବିପର୍ଯ୍ୟୟ ପ୍ରଶମନ ବ୍ୟବସ୍ଥା ଜରିଆରେ ଦୀର୍ଘସ୍ଥାୟୀ ବିକାଶ ସମ୍ଭବ ହୋଇପାରିବ ବୋଲି ସେ କହିଥିଲେ।

## ବିଏମ୍‌ସି ଅଞ୍ଚଳରେ ଅଛନ୍ତି ୪୭,୧୨୬ ବୁଲା କୁକୁର



ଭୁବନେଶ୍ୱର, ୧୩।୧୦(ସଂଚାର ବ୍ୟୁରୋ): ରାଜ୍ୟରେ ପ୍ରଥମ ଥର ପାଇଁ ବିଏମସି ପକ୍ଷରୁ କରାଯାଇଛି ବୁଲା କୁକୁର ଗଣନା। ସେପ୍ଟେମ୍ବର ୧୮ରୁ ୨୫ ତାରିଖ ମଧ୍ୟରେ ଦୁଇଟି ପର୍ଯ୍ୟାୟରେ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ବୁଲା କୁକୁର ଗଣନା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ବିଏମସି ଅଞ୍ଚଳରେ ଥିବା ୬୭ ୱାର୍ଡର ସମସ୍ତ ଗଳିକନ୍ଦିରେ ଏହି କୁକୁର ଗଣନା କାର୍ଯ୍ୟ ଭୋର ୫ଟାରୁ ସକାଳ ୭ଟା ମଧ୍ୟରେ କରାଯାଇଥିଲା। ଏଥିପାଇଁ ବରିଷ୍ଠ ପଶୁ ଡାକ୍ତରଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛସାଥୀ, ସ୍ୱଚ୍ଛ ସୁପରଭାଇଜର, ସାନିଟାରୀ ଇନ୍ସପେକ୍ଟର, କମ୍ୟୁନିଟି ଅର୍ଗାନାଇଜର, ଡିଇଓ, ଏସ୍‌ଏମ୍‌ଟିଏଙ୍କୁ ନେଇ ୪୧୦ଟି ଟିମ୍ ଗଠନ କରାଯାଇଥିଲା। ପ୍ରତି ଟିମରେ ଦୁଇଜଣ ଲେଖାଏଁ କର୍ମୀ ରହିଥିଲେ। ବୁଲା କୁକୁର ଗଣନା ପୂର୍ବରୁ ସେମାନଙ୍କୁ ଜୋନ୍ ସ୍ତରରେ ତାଲିମ ମଧ୍ୟ ଦିଆଯାଇଥିଲା। ସଂପ୍ରତି ଭୁବନେଶ୍ୱର ମହାଗନର ନିଗମରେ ଥିବା ବୁଲା କୁକୁରଙ୍କ ମଧ୍ୟରୁ ୨୩ ହଜାର ୪୭ଟି ଅଣ୍ଡିରା କୁକୁର ରହିଥିବା ବେଳେ ୧୫ ହଜାର ୫୫୨ଟି ମାଈ କୁକୁର ଏବଂ ୧ ହଜାର ୧୨୪ଟି ଛୁଆ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୪ ହଜାର ୬୮ଟି ଅଣ୍ଡିରା କୁକୁରଙ୍କୁ ବନ୍ଧ୍ୟାକରଣ କରାଯାଇଥିବା ବେଳେ ୩ ହଜାର ୩୩୫ଟି ମାଈ କୁକୁରଙ୍କୁ ବନ୍ଧ୍ୟାକରଣ କରାଯାଇଛି। ସର୍ବାଧିକ ବୁଲା କୁକୁର ଥିବା ୧୦ ଗୋଟି ୱାର୍ଡ ହେଲା, ୨୩, ୭, ୪୯, ୬୫, ୪, ୯, ୫, ୫୬, ୪୩, ଓ ୬। ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଜାତୀୟ ହାରଠାରୁ ବୁଲା କୁକୁର ସଂଖ୍ୟା ବହୁ ଗୁଣରେ ଅଧିକ ରହିଛି। ଜାତୀୟ ହାର ପ୍ରତି ୧ ହଜାରେ ଜନସଂଖ୍ୟାରେ ୧୧ ଥିବା ବେଳେ ଭୁବନେଶ୍ୱରରେ ପ୍ରତି ହଜାର ଜନସଂଖ୍ୟାରେ ହାରାହାରି ୩୬ଟି ବୁଲା କୁକୁର ରହିଛନ୍ତି। ବିଏମ୍ ରେ ବୁଲା କୁକୁର ଗଣନା ହେଉଛି ରାଜ୍ୟର ପ୍ରଥମ ଘଟଣା। ଏହି କୁକୁର ଗଣନାର ବିଷେଶ୍ୱତ ହେଉଛି ଯେ ଭାରତରେ ପ୍ରଥମ ଥର ପାଇଁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ବିସ୍ତୃତ ସର୍ବେକ୍ଷେଣ ପଦ୍ଧତିରେ କୁକୁର ଗଣନା କରାଯାଇଛି।

## ବାଦୁଡ଼ି ମାରି ୧୧ ଶିକାରୀ ଗିରଫ

### ୮ଶହରୁ ଅଧିକ ମୃତ ବାଦୁଡ଼ି ଜବତ



ଆଠଗଡ଼,୧୩।୧୦(ସଂଚାର ବ୍ୟୁରୋ) : ଆଠଗଡ଼ ବନଖଣ୍ଡ ଅନ୍ତର୍ଗତ ଖୁଣ୍ଟୁଣୀ ବନାଞ୍ଚଳ ଅଧୀନସ୍ଥ କପୁରସିଂ ନିକଟରୁ ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଆଠଶହରୁ ଊର୍ଦ୍ଧ୍ୱ ବାଦୁଡି ଜବତ କରାଯାଇଛି। ଶିକାରୀ ମୃତ ବାଦୁଡ଼ିକୁ ଏକ ଜରି ବସ୍ତାରେ ନେଉଥିବା ବେଳେ ମାଡ଼ି ବସିଲା ଖୁଣ୍ଟୁଣୀ ବନ ବିଭାଗ। ୧୧ ଜଣ ଯୁବକଙ୍କୁ ଅଟକ ରଖି ଖୁଣ୍ଟୁଣୀ ବନ ବିଭାଗ ପକ୍ଷରୁ ପଚରା ଉଚରା ଜାରି ରହିଛି। ପ୍ରାଥମିକ ତଦନ୍ତରୁ ଏହା ରାଜ୍ୟ ବାହାରକୁ ଚାଲାଣ ନେଇ ବନ ବିଭାଗ ପକ୍ଷରୁ ସନ୍ଦେହ କରାଯାଇଛି। ସମସ୍ତ ଅଟକ ଯୁବକଙ୍କ ଘର ଭୁବନେଶ୍ୱର ସାଲିଆ ସାହି ଅଞ୍ଚଳର ହୋଇଥିବା ଖୁଣ୍ଟୁଣୀ ବନ ବିଭାଗ ଅଧିକାରୀ ସୂଚନା ଦେଇଛନ୍ତି।

## ଓଟିଏସ୍ ସୁବିଧା ପାଇଁ ଆଉ ଯିବାକୁ ହେବନି ଆର୍‌ଟିଓ




### ଅନଲାଇନରେ ମିଳିବ ଇ-ଚାଲାଣରେ ରିହାତି ସୁବିଧା

ଭୁବନେଶ୍ୱର, ୧୩।୧୦(ସଂଚାର ବ୍ୟୁରୋ): ବକେୟା ଥିବା ଟ୍ରାଫିକ ଇ-ଚାଲାଣର ସମାଧାନ ପାଇଁ ସରକାରଙ୍କ ଦ୍ୱାରା ଏକକାଳୀନ ପୈଠରେ ରିହାତି ଘୋଷଣା କରାଯାଇଛି। ପୂର୍ବରୁ ମୋଟର ଯାନ ଆଇନର ୧୭ଟି ଧାରା ପାଇଁ ଏହା ଲାଗୁ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଆଉ ୭ଟି ଧାରା ଏଥିରେ ସାମିଲ କରି ମୋଟ୍ ୨୪ଟି ଧାରା ପାଇଁ ଏହି ସୁବିଧା ଉପଲବ୍ଧ ହୋଇଛି। ୩୧ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ଏହି ସମସ୍ତ ଧାରାରେ ଜାରି ହୋଇଥିବା ଇ-ଚାଲାଣକୁ ରିହାତିରେ ପୈଠ କରିହେବ। ଏବେ ଜନସାଧାରଣଙ୍କ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ଏକାକାଳୀନ ସମାଧାନ ଯୋଜନା ବା ଓଟିଏସର ଲାଭ ଅନଲାଇନରେ ମଧ୍ୟ ଉପଲବ୍ଧ କରାଯାଇଛି। ଫଳରେ ରିହାତିରେ ଜରିମାନା ପୈଠ ପାଇଁ ଆଉ ଲୋକଙ୍କୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଆସିବାକୁ ହେବ ନାହିଁ ବୋଲି ବାଣିଜ୍ୟ ଓ ପରିବହନ ବିଭାଗର ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି।

ଶ୍ରୀ ଜେନା କହିଛନ୍ତି, ଇ-ଚାଲାଣ ପୈଠ ନ କଲେ ମୋଟର ଯାନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା ରହିଛି। ଭବିଷ୍ୟତରେ ମୋଟର ଯାନ ସମ୍ବନ୍ଧୀୟ ବିଭିନ୍ନ ସେବା ସହ ଗାଡ଼ିର ପଞ୍ଜିକରଣ ରଦ୍ଦ ଭଳି କାର୍ଯ୍ୟାନୁଷ୍ଠାନ କରାଯିବ। ବିଗତ କିଛିବର୍ଷ ଧରି ଲକ୍ଷ ଲକ୍ଷ ସଂଖ୍ୟାରେ ମୋଟର ଯାନ ବ୍ୟବହାରକାରୀଙ୍କ ବିରୋଧରେ ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନକାରୀଙ୍କ ଜାରି ଇ-ଚାଲାଣ ବକେୟା ରହିଛି। ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ପୂର୍ବରୁ ବକେୟା ଇ-ଚାଲାଣ ପୈଠ ପାଇଁ ସରକାର ଏକ ସୁଯୋଗ ଦେବା ପାଇଁ ଚାହିଁଛନ୍ତି। ଯେଉଁଠି ସେମାନେ ନିଜର ସବୁତକ ବକେୟା ଏକାସାଥୀରେ ପୈଠ କରି ୫୦ ପ୍ରତିଶତ ଯାଏଁ ରିହାତି ପାଇବେ ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି। ଘରେ ବସି ଏହି ଇ-ଚାଲାଣ ପୈଠ କରିବାକୁ ପରିବହନ ବିଭାଗ ବ୍ୟବସ୍ଥା କରିଛି। ଏଥିପାଇଁ ୱେବସାଇଟ ରହିଛି। ଏହି ୱେବସାଇଟରେ କ୍ଲିକ୍ କରି ପେ ଅନଲାଇନ ବିକଳ୍ପ କ୍ଲିକ୍ କରିବା ପରେ ଚାଲାଣ ସଂଖ୍ୟା କିମ୍ବା ଗାଡ଼ି ନମ୍ବର ଦେଇ ଓଟିପି ଭରିଲେ ଆପଣଙ୍କ ବକେୟା ଚାଲାଣର ବିବରଣୀ ଏବଂ ପୈଠ କରିବାର ବିକଳ୍ପ ଦେଖିପାରିବେ। କେବଳ ପରିବହନ ବିଭାଗ ୱେବସାଇଟରେ ହିଁ କ୍ଲିକ୍ କରନ୍ତୁ।

### ବିହାରୀ କଏଦୀ ଫେରାର୍ ମାମଲାରେ କାର୍ଯ୍ୟାନୁଷ୍ଠାନ
## ବଦଳିଲେ ଚୌଦ୍ୱାର ସର୍କଲ ଜେଲର୍

ଭୁବନେଶ୍ୱର,୧୩।୧୦(ସଂଚାର ବ୍ୟୁରୋ): ବଦଳିଛନ୍ତି ଚୌଦ୍ୱାର ସର୍କଲ ଜେଲ୍ ଜେଲର ସନ୍ତୋଷିନୀ ଦାଶ। ତାଙ୍କୁ କଣ୍ଟାବାଞ୍ଜି ସବ୍‌ଜେଲ୍‌କୁ ବଦଳି କରାଯାଇଛି। ସେହିପରି କଣ୍ଟାବାଞ୍ଜି ସବ୍‌ଜେଲ୍‌ର ଜେଲର୍ ରଘୁରାଜ ମାଝୀଙ୍କୁ ଚୌଦ୍ୱାର ସର୍କଲ ଜେଲ୍‌କୁ ବଦଳି କରାଯାଇଛି। ଜେଲର୍ ବଦଳି ନେଇ ଜେଲ ବିଭାଗ ପକ୍ଷରୁ ଆଜି ବିଜ୍ଞପ୍ତି ଜାରି କରାଯିବା ପରେ ଏହା ସ୍ପଷ୍ଟ ହୋଇଛି। ମିଳିଥିବା ସୂଚନାନୁସାରେ, ଗତ ୧ ତାରିଖରେ ଚୌଦ୍ୱାର ସର୍କଲ ଜେଲରୁ ଦୁଇ ଜଣ ବିହାରୀ କଏଦୀ ଫେରାର ହୋଇଯାଇଥିଲେ। ଏହି ଦୁଇ ଅପରାଧୀ ହେଉଛନ୍ତି କୁଖ୍ୟାତ ଡକାୟତ ମଧୁକାନ୍ତ ଓ ରାଜା ସାହାଣୀ। ଏମାନଙ୍କୁ ଗତ ଜାନୁଆରୀ ୪ରେ ଯାଜପୁର ଜିଲ୍ଲା ପାଣିକୋଇଲି ପଣ୍ଡା ଅଳଙ୍କାର ଲୁଟ ଉଦ୍ୟମ ସହ ଦୁଇ ଜଣଙ୍କୁ ହତ୍ୟା କରି ଫେରାର ହେଉଥିବା ସମୟରେ ସ୍ଥାନୀୟ ଲୋକେ କାବୁ କରି ପୁଲିସ ଜିମା ଦେଇଥିଲେ। ସେମାନଙ୍କୁ ଚୌଦ୍ୱାର ଜେଲରେ ରଖାଯାଇଥିଲା। ତେବେ କଡ଼ା ପହରା ସତ୍ତ୍ୱେ ଉଭୟ ଲୁହା ରଡ କାଟି କମ୍ବଳ ଜରିଆରେ ପାଚେରୀ ଡେଇଁ ଫେରାର ହୋଇଯାଇଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ସପ୍ତାହକରେ ରୁପା ୧୯,୦୦୦ ମହଙ୍ଗା

ଭୁବନେଶ୍ୱର, ୧୩।୧୦: ଚଳିତ ସପ୍ତାହରେ ସୁନା ଓ ରୁପା ମୂଲ୍ୟରେ ବ୍ୟାପକ ବୃଦ୍ଧି ହୋଇଛି। ଅକ୍ଟୋବର ମାସର ୬ରୁ ୧୧ ତାରିଖ ମଧ୍ୟରେ ରୁପା ଦାମ୍‌ରେ ୧୯ ହଜାର ଟଙ୍କାର ବୃଦ୍ଧି ଘଟିଛି। ଫଳରେ ରୁପା କେଜି ୧,୯୦,୦୦୦

## ସୁନା ଦର ୬୧୨୦ ଟଙ୍କା ବଢ଼ିଲା

ଟଙ୍କା ଭଳି ରେକର୍ଡ ସ୍ତରରେ ପହଞ୍ଚିଯାଇଛି। କେବଳ ରୁପା ନୁହେଁ, ସୁନା ବି ମହଙ୍ଗା ହୋଇଛି। ୨୨ କ୍ୟାରେଟ୍ ସୁନାର ୧୦ ଗ୍ରାମ ପିଛା ଦାମ୍ ୫୬୦୦ ଟଙ୍କା ଓ ୨୪ କ୍ୟାରେଟ୍ ସୁନା ଦାମ୍ ୬୧୨୦ ଟଙ୍କା ବଢ଼ିଛି। ବଜାର ତଥ୍ୟ ଅନୁଯାୟୀ ଚଳିତ ମାସ ୫ରେ ରୁପା କେଜି ଦାମ୍ ୧,୬୫,୦୦୦ ଟଙ୍କା ଥିଲା। ଏହାପରେ ସେଥିରେ ଲଗାତାର ପାଞ୍ଚଦିନ ପର୍ଯ୍ୟନ୍ତ ବୃଦ୍ଧି ଘଟିଥିଲା। ୯ ଓ ୧୦




ତାରିଖରେ ଦାମ୍ ୭୦୦୦ ଟଙ୍କା ଲେଖାଏଁ ବଢ଼ିଥିଲା। କେବଳ ଏହି ଦୁଇଦିନରେ ରୁପା ଦର ୧୪ହଜାର ଟଙ୍କା ବଢ଼ିଥିଲା। ଯଦି ଆସନ୍ତା ସପ୍ତାହରେ ଦରବୃଦ୍ଧିର ସେହି ଧାରା ଜାରି ରହିବ ତେବେ ଭୁବନେଶ୍ୱରରେ ରୁପା କେଜି ୨ ଲକ୍ଷ ଟଙ୍କା ସ୍ତର ଅତିକ୍ରମ କରିବା ଆଶଙ୍କାକୁ ଅସ୍ୱୀକାର କରିହେବ ନାହିଁ। ୨୨ କ୍ୟାରେଟ୍ ସୁନା ଦର ଉପରେ ନଜର ପକାଇଲେ ଜଣାପଡୁଛି ଯେ ଚଳିତ ମାସ ୫ରେ ଏହାର ଦାମ୍ ଭୁବନେଶ୍ୱରରେ ୧,୦୯,୪୫୦ ଟଙ୍କା ଥିଲା। ସପ୍ତାହ ସାରା ଏହାର ଦାମ୍ ବଢ଼ିଥିଲା। ଫଳରେ ଅକ୍ଟୋବର ୧୨ ତାରିଖରେ ୨୨ କ୍ୟାରେଟ୍ ସୁନା ଦାମ୍ ୧,୧୪,୬୫୦ ଟଙ୍କାରେ ପହଞ୍ଚିଥିଲା। ସେହିପରି, ୨୪ କ୍ୟାରେଟ୍ ସୁନା ମୂଲ୍ୟ ଚଳିତ ମାସ ୫ ତାରିଖରେ ୧,୧୯,୪୦୦ ଟଙ୍କା ଥିଲା। ଅକ୍ଟୋବର ୧୨ ସୁଦ୍ଧା ସେହି ଦର ୧,୨୫,୦୮୦ ଟଙ୍କାକୁ ବୃଦ୍ଧି ପାଇଥିଲା।

ସୁନା ଓ ରୁପା ଦରରେ ହେଉଥିବା ବୃଦ୍ଧିର ଅନେକ କାରଣ ରହିଛି। ବିଶେଷଜ୍ଞମାନଙ୍କ କହିବାନୁସାରେ ଆମେରିକୀୟ ଡଲାର ତୁଳନାରେ ଟଙ୍କା ଦୁର୍ବଳ ସ୍ଥିତିରେ ଥିବାରୁ ସୁନା ଆମଦାନୀ ମହଙ୍ଗା ହୋଇଛି। ଅନ୍ତର୍ଜାତୀୟ ବଜାରରେ ମଧ୍ୟ ସୁନାର ଆଉନ୍ସ ପିଛା ଦର ପ୍ରଥମ ଥର ୪୦୦୦ ଡଲାରରୁ ଅଧିକ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ନୀତିରେ ଅନିଶ୍ଚିତତା, ଭୂରାଜନୈତିକ ସଙ୍କଟ ଆଦିକୁ ମଧ୍ୟ ସୁନା ଓ ରୁପା ଦରବୃଦ୍ଧିର ଅନ୍ୟତମ କାରଣ କୁହାଯାଉଛି। ରୁପାକୁ ଶିଳ୍ପ କାରଖାନାଗୁଡ଼ିକରେ ବ୍ୟାପକ ଭାବେ ବ୍ୟବହାର କରାଯାଉଥିବାରୁ ତାହାର ଚାହିଦା ବଢ଼ିବା ସହ ଦର ବଢୁଛି। ଗତ ସପ୍ତାହରେ ହୋଇଥିବା ଦରବୃଦ୍ଧି ପାଇଁ ଆମେରିକା ସରକାରରେ ସଟ୍‌ଡାଉନ୍‌କୁ ମଧ୍ୟ ଦାୟୀ କରାଯାଉଛି।

## ଫିନ୍‌ଭିଜନ୍ ଓଡ଼ିଶା କନ୍‌କ୍ଲେଭ ଉଦ୍‌ଯାପିତ



ଭୁବନେଶ୍ୱର, ୧୩।୧୦: ମାରୁତି ମିଡିଆ ପକ୍ଷରୁ ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି ସହଯୋଗରେ ଆୟୋଜିତ ଦୁଇ ଦିନିଆ ଜାତୀୟ କନ୍‌କ୍ଲେଭ 'ଫିନ୍‌ଭିଜନ୍ ଓଡ଼ିଶା' ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଅବସରପ୍ରାପ୍ତ ଉପ ପରିଚାଳନା ନିର୍ଦ୍ଦେଶକ ଅନୁପ ମହାପାତ୍ର ଏବଂ ଆଇଟିଆଇ ଗ୍ରୁପ୍‌ର ସିଆଇଓ ମୋହିତ ଗୁଲାଟିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ପୂର୍ବତନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉପେନ୍ଦ୍ର ବେହେରା, ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରିର ସଭାପତି ଡକ୍ଟର ପ୍ରବୋଧ ମହାନ୍ତି ଏବଂ ପୂର୍ବତନ ସଭାପତି ବ୍ରହ୍ମା ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ମାରୁତି ମିଡିଆର ଡାଇରେକ୍ଟର ମନୋଜ ପୃଷ୍ଟି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲାବେଳେ ସୁଶ୍ରୀ ଶ୍ରୀମୟା ରଥ ସଂଯୋଜନା କରିଥିଲେ।

## ଆଜିର ସୁନା ଦର



ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୨୫,୪୦୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧, ୧୪,୯୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୨୫,୪୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧, ୧୪,୯୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୨୫,୪୦୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧, ୧୪,୯୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୫,୫୫୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୫,୧୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୨୫,୭୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧, ୧୫,୨୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୨୫, ୪୦୦ ଓ ୧, ୧୪,୯୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୮୫,୦୦୦ ଟଙ୍କା ହୋଇଛି।

## ୭ ନୂଆ ଷ୍ଟୋର୍ ଖୋଲିବ 'ଚାନ୍ଦି ଭଣ୍ଡାର'

ଭୁବନେଶ୍ୱର, ୧୩।୧୦: ରୁପା ଅଳଙ୍କାର ଓ ସାମଗ୍ରୀର ଅଗ୍ରଣୀ ପ୍ରତିଷ୍ଠାନ ଚାନ୍ଦି ଭଣ୍ଡାର ପକ୍ଷରୁ ରାଜ୍ୟରେ ଆଉ ୭ଟି ନୂଆ ସୋ'ରୁମ୍ ଖୋଲାଯିବ। କମ୍ପାନି ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ଆଗାମୀ ଦିନରେ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର, କଟକ ଓ ଅନୁଗୁଳରେ ନୂଆ ଷ୍ଟୋର୍ ଖୋଲିବା ଯୋଜନା ରହିଛି ବୋଲି ନିର୍ଦ୍ଦେଶକ ମାଣିକ ହଂସ କହିଛନ୍ତି। ବର୍ତ୍ତମାନ ରାଜ୍ୟରେ କମ୍ପାନିର ୨୪ଟି ଷ୍ଟୋର୍ ଭୁବନେଶ୍ୱର, କଟକ, ରାଉରକେଲା, ଅନୁଗୁଳ, ଯାଜପୁର, ବ୍ରହ୍ମପୁର, ବାଲେଶ୍ୱର, ଢେଙ୍କାନାଳ, ବାରିପଦା, ସୁନ୍ଦରଗଡ଼, ଝାରସୁଗୁଡ଼ା, ଖୋର୍ଦ୍ଧା, ବଲାଙ୍ଗୀର ଓ ଭଦ୍ରକ ଭଳି ସ୍ଥାନରେ ରହିଛି। କମ୍ପାନି ଏହାର ୨୪ତମ ଷ୍ଟୋର୍ ବଲାଙ୍ଗୀରରେ ଖୋଲିଛି। ଚାନ୍ଦି ଭଣ୍ଡାର ପକ୍ଷରୁ ନୂଆ ଗହଣା ସମ୍ଭାର 'ପଦ୍ମିରା' ଉନ୍ମୋଚନ କରାଯାଇଛି। ବିଶୁଦ୍ଧ ଷ୍ଟର୍ଲିଂ ରୁପାରେ ୧୮ କ୍ୟାରେଟ୍ ସୁନାର ଲେପ ସହିତ ଏହି ଗହଣାଗୁଡ଼ିକୁ ପ୍ରସ୍ତୁତ କରାଯାଇଛି। ପଦ୍ମ ଫୁଲ ଓ ମୟୂରରୁ ଅନୁପ୍ରାଣିତ ହୋଇ ଏହାର ଡିଜାଇନଗୁଡ଼ିକୁ



### 'ପଦ୍ମିରା' ଗହଣା ସମ୍ଭାର ଉନ୍ମୋଚିତ

ପ୍ରସ୍ତୁତ କରାଯାଇଛି। ଗହଣାଗୁଡ଼ିକରେ ଏନାମେଲ୍, ରଙ୍ଗିନ ଜିଜେଡ୍ ପଥର ମଧ୍ୟ ବ୍ୟବହାର କରାଯାଇଛି। ଅଭିନେତ୍ରୀ ଶିତଲ ପାତ୍ର ଗହଣାଗୁଡ଼ିକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍‌ସା ହଂସ କହିଥିଲେ ଯେ ଆମ ପାଇଁ ଦୀପାବଳିର ପ୍ରକୃତ ଅର୍ଥ ହେଉଛି ପଦ୍ମିରା ଯାହା ସୌନ୍ଦର୍ଯ୍ୟ, ଉଲ୍ଲାସ ଓ ଉତ୍ସବ ପାଳନକୁ ପ୍ରତିଫଳିତ କରୁଛି। ଏହି ଅବସରରେ ଚାନ୍ଦି ଭଣ୍ଡାର ପକ୍ଷରୁ ଘୋଷଣା କରାଯାଇଛି ଯେ ଚଳିତ ମାସ ୧୦ରୁ ୨୦ ପର୍ଯ୍ୟନ୍ତ ଗଢ଼ା ମୂଲ୍ୟ ଉପରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି।

## ଟାଇଟାନ୍‌ର ନୂଆ ହାତଘଣ୍ଟା ସମ୍ଭାର

ଭୁବନେଶ୍ୱର, ୧୩।୧୦: ହାତଘଣ୍ଟା କ୍ଷେତ୍ରର ଅଗ୍ରଣୀ ବ୍ରାଣ୍ଡ୍ ଟାଇଟାନ୍ ପକ୍ଷରୁ କମଲ ୱାଚ୍ କୋର ମିଳିତ ସହଯୋଗରେ ନୂଆ ସମ୍ଭାରକୁ ଉନ୍ମୋଚନ କରାଯାଇଛି। ପୁରୁଷମାନଙ୍କ ପାଇଁ 'ଟାଇଟାନ୍ ଷ୍ଟେଲାର୍' ଓ ମହିଳାମାନଙ୍କ ପାଇଁ 'ରାଗା ବାଏ ଟାଇଟାନ୍' ଅଧୀନରେ ଏହି ହାତଘଣ୍ଟାଗୁଡ଼ିକୁ ଉନ୍ମୋଚନ କରାଯାଇଛି। ଟାଇଟାନ୍ ଷ୍ଟେଲାର୍‌ରେ ଡୁଆଲ୍ ମୁନ୍‌ଫେଜ୍, କସ୍‌ମିକ୍ ଡେ/ନାଇଟ୍, ଦି ଷ୍ଟାରବର୍ଷ୍ଟ, ଦି କୁପୋଲା, ଦି ଜୋଡିଆକ୍, ଆର୍ଥ ଡିସ୍କ, ଦି ଅରୋରା କାଏଲମ୍, ଦି ଆଇ ମେଟେଓରାଇଟ୍ ଓ ୱାଣ୍ଡରିଂ ଆୱାର୍ ହାତଘଣ୍ଟା ରହିଛି। ଏହି ଘଣ୍ଟାଗୁଡ଼ିକର ଦାମ୍ ୯୪୯୫ ଟଙ୍କାରୁ ଆରମ୍ଭ ହୋଇ ୧,୭୯,୯୯୫ ଟଙ୍କା ପର୍ଯ୍ୟନ୍ତ ରହିଛି। ସେଥିରୁ କିଛି ହେଉଛି ଲିମିଟେଡ୍ ଏଡିସନ୍ ହାତଘଣ୍ଟା। 'ରାଗା ବାଏ ଟାଇଟାନ୍' ଅଧୀନରେ ୧୮ ପ୍ରକାର ହାତଘଣ୍ଟା ଉନ୍ମୋଚନ କରାଯାଇଛି। ସେହି ଘଣ୍ଟାଗୁଡ଼ିକର ଦାମ୍ ୮୭୯୫ ଟଙ୍କାରୁ ଆରମ୍ଭ ହୋଇ ୨୭,୫୯୫ ଟଙ୍କା ପର୍ଯ୍ୟନ୍ତ ରହିଛି। ଏହି ଅବସରରେ କମଲ୍ ୱାଚ୍ କୋ.ର ନିର୍ଦ୍ଦେଶକ ରାଜେନ୍ଦ୍ର ତୋତଲା, ପ୍ରବନ୍ଧକ ଶାନ୍ତନୁ ମହାପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।



## ଯୁବବର୍ଗଙ୍କୁ ମିଳିବ ମାଗଣା ଏଆଇ ତାଲିମ

ନୂଆଦିଲ୍ଲୀ, ୧୩।୧୦: ଦେଶରେ ୧୬ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସର ବ୍ୟକ୍ତିମାନଙ୍କୁ ମାଗଣା ଏଆଇ (କୃତ୍ରିମ ବୁଦ୍ଧିମତ୍ତା) ତାଲିମ ପ୍ରଦାନ କରାଯିବ। ୟର୍ଣ୍ଣଷ୍ଟ୍ ଆଣ୍ଡ୍ ୟଙ୍ଗ୍ ଇଣ୍ଡିଆ ଏଥିପାଇଁ ମାଇକ୍ରୋସଫ୍ଟ ସହ ହାତ ମିଳାଇଛି। ଏଆଇ ସ୍କିଲ୍‌ସ ପାସ୍‌ପୋର୍ଟ ନାମରେ ଏହି ମାଗଣା ଅନଲାଇନ୍ କାର୍ଯ୍ୟକ୍ରମ ଆରମ୍ଭ ହେବ। ଛାତ୍ରଛାତ୍ରୀ ଏବଂ କ୍ୟାରିୟର ଆରମ୍ଭ କରୁଥିବା ବ୍ୟକ୍ତିମାନଙ୍କୁ ନିଯୁକ୍ତି ପାଇଁ ଆବଶ୍ୟକ ଏଆଇ ତାଲିମ ଏହାଦ୍ୱାରା ମିଳିବ। ବିଶ୍ୱରେ ଚଳିତବର୍ଷ ଏହି କାର୍ଯ୍ୟକ୍ରମ ପ୍ରଚଳନ ପରେ ଭାରତରେ ଆରମ୍ଭ ହେଉଛି। ଏହି କାର୍ଯ୍ୟକ୍ରମରେ ବର୍ତ୍ତମାନ ସୁଦ୍ଧା ୪୦ ହଜାରରୁ ଅଧିକ ବ୍ୟକ୍ତି ନାମ ଲେଖାଇ ସାରିଥିବାବେଳେ ୧୩ ହଜାର ବ୍ୟକ୍ତି ତାଲିମ ଶେଷ କରିଛନ୍ତି ବୋଲି ଇୱାଇ ଇଣ୍ଡିଆ ପକ୍ଷରୁ କୁହାଯାଇଛି। ନାସକମ୍‌ର ସୂଚନା ଅନୁଯାୟୀ, ଭାରତରେ କେବଳ ୩୧ ପ୍ରତିଶତ ବୃତ୍ତିଧାରୀ ଏଆଇର ବ୍ୟବହାର ପାଇଁ ପର୍ଯ୍ୟାପ୍ତଭାବେ ପ୍ରସ୍ତୁତ ଅଛନ୍ତି। ତେଣୁ ଏଆଇ ସ୍କିଲ୍‌ସ୍ ପାସ୍‌ପୋର୍ଟ କାର୍ଯ୍ୟକ୍ରମ ଏ କ୍ଷେତ୍ରରେ ରହିଥିବା ପାର୍ଥକ୍ୟକୁ ହ୍ରାସ କରିବ। ଲୋକଙ୍କ ଦକ୍ଷତା ମଧ୍ୟ ବଢ଼ାଇବ। ପ୍ରାୟ ୧୦ ଘଣ୍ଟିଆ ଏହି ତାଲିମ ପାଠ୍ୟକ୍ରମ ଉଭୟ ଇଂରାଜୀ ଓ ହିନ୍ଦୀ ଭାଷାରେ ଉପଲବ୍ଧ ହେବ। ଏଆଇର ମୌଳିକ ବିଷୟ, ଦାୟିତ୍ୱସଂପନ୍ନ ଏଆଇ ଅଭ୍ୟାସ ଏବଂ ସ୍ୱାସ୍ଥ୍ୟସେବା, ଅର୍ଥ ଏବଂ ପ୍ରଯୁକ୍ତି ଆଦି କ୍ଷେତ୍ରରେ ଏଆଇର ବ୍ୟବହାର ଆଦି ପାଠ୍ୟକ୍ରମରେ ରଖାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୩୦ ସୁଦ୍ଧା ୧ କୋଟି ଭାରତୀୟଙ୍କୁ ଆବଶ୍ୟକ ଏଆଇ ଦକ୍ଷତା ପ୍ରଦାନ ନେଇ ମାଇକ୍ରୋସଫ୍ଟ ଲକ୍ଷ୍ୟ ରଖିଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ତେବେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇଛି। କିଛି ସହରରେ ଦାମ ଅପରିବର୍ତ୍ତିତ ରହିଛି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦ .୯୭ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୫୫ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।



## ଟ୍ରାକ୍ଟର ବିକ୍ରିରେ ସେପ୍ଟେମ୍ବରରେ ହେଲା ରେକର୍ଡ

ନୂଆଦିଲ୍ଲୀ, ୧୩।୧୦: ସେପ୍ଟେମ୍ବର ୨୦୨୫ ଭାରତର କୃଷି କ୍ଷେତ୍ର ପାଇଁ ଏକ ଐତିହାସିକ ମାସ ଥିଲା। ଟ୍ରାକ୍ଟର ଏବଂ ଯାନ୍ତ୍ରିକୀକରଣ ସଂଘ (ଟିଏମଏ) ର ସଦ୍ୟତମ ତଥ୍ୟ ଅନୁଯାୟୀ, ସାରା ଦେଶରେ ୧.୪୬ ଲକ୍ଷରୁ ଅଧିକ ଟ୍ରାକ୍ଟର ବିକ୍ରି ହୋଇଥିଲା, ଯାହା ଅକ୍ଟୋବର ୨୦୨୪ରେ ହୋଇଥିବା ୧୪୪,୬୭୫ ୟୁନିଟ୍ ର ପୂର୍ବ ରେକର୍ଡକୁ ଅତିକ୍ରମ କରିଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ପଛରେ ମୁଖ୍ୟ କାରଣ ହେଉଛି ଜିଏସଟିରେ ହ୍ରାସ । ବାସ୍ତବରେ ଭାରତ ସରକାର ସେପ୍ଟେମ୍ବର ୨୨, ୨୦୨୫ରୁ ଟ୍ରାକ୍ଟର ଉପରେ ଜିଏସଟି ହ୍ରାସ ଘୋଷଣା କରିଥିଲେ। ଟ୍ରାକ୍ଟର ଉପରେ ଜିଏସଟି ହାର ବର୍ତ୍ତମାନ ୧୨% ରୁ ମାତ୍ର ୫% କୁ ହ୍ରାସ କରାଯାଇଛି। ୧୮୦୦ ସିସି ରୁ ଅଧିକ ଇଞ୍ଜିନ କ୍ଷମତା ବିଶିଷ୍ଟ ରୋଡ୍ ଟ୍ରାକ୍ଟର ଉପରେ ଟିକସ ୨୮% ରୁ ୧୮% କୁ ହ୍ରାସ କରାଯାଇଛି। ଏହି ନିଷ୍ପତ୍ତି ପରେ, ଟ୍ରାକ୍ଟର ମୂଲ୍ୟ ହ୍ରାସ ପାଇଛି, ଯାହା ଚାଷୀମାନଙ୍କ ପାଇଁ କ୍ରୟ



### ଜିଏସଟି ହ୍ରାସର ବଡ ପ୍ରଭାବ

କରିବା ସହଜ ହୋଇଯାଇଛି। ଜାନୁଆରୀରୁ ସେପ୍ଟେମ୍ବର ୨୦୨୫ ମଧ୍ୟରେ ମୋଟ ୭.୬୧ ଲକ୍ଷ ଟ୍ରାକ୍ଟର ବିକ୍ରି ହୋଇଛି, ଯାହା ଗତ ବର୍ଷ ତୁଳନାରେ ୨୦% ବୃଦ୍ଧି ପାଇଛି। ଏହା ବିଶ୍ୱାସ କରାଯାଉଛି ଯେ ଦୀପାବଳି ଋତୁରେ ଟ୍ରାକ୍ଟର ଚାହିଦା ଆହୁରି ବୃଦ୍ଧି ପାଇବ। ଯଦି ଏଭଳି ବିକ୍ରି ଜାରି ରହେ, ତେବେ ଭାରତର ଟ୍ରାକ୍ଟର ବଜାର ବାର୍ଷିକ ୧୦ ଲକ୍ଷ ୟୁନିଟ୍ ବିକ୍ରିକୁ ଅତିକ୍ରମ କରିପାରିବ।

ଏହା ଉଲ୍ଲେଖନୀୟ ଯେ ଏହି ବର୍ଷ ମୌସୁମୀ ସ୍ୱାଭାବିକ ଅପେକ୍ଷା ଭଲ ଥିଲା, ଯାହା କୃଷି କ୍ଷେତ୍ରକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ପ୍ରଦାନ କରିଥିଲା। ସେପ୍ଟେମ୍ବର ମଧଭାଗ ସୁଦ୍ଧା, ଦେଶର ହାରାହାରି ବର୍ଷା ୧୦୮% ଥିଲା, ଯାହା ଫଳରେ ଫସଲ ଉତ୍ପାଦନରେ ଉନ୍ନତି ଆସିଥିଲା। ଦେଶର ସର୍ବବୃହତ ଟ୍ରାକ୍ଟର ନିର୍ମାତା ମହିନ୍ଦ୍ରା ଏବଂ ମହିନ୍ଦ୍ରା ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି ଏହାର ଡିଲର ନେଟୱାର୍କକୁ ଯୋଗାଣ ୫୦% ବୃଦ୍ଧି କରିଛି। କମ୍ପାନୀର କୃଷି ଉପକରଣ ବ୍ୟବସାୟ ମୁଖ୍ୟ ବିଜୟ ନାକ୍ରା କହିଛନ୍ତି ଯେ ନବରାତ୍ରି ସମୟରେ ଜିଏସଟି ହାର ହ୍ରାସ ଏବଂ ଚାହିଦା ବୃଦ୍ଧି ଯୋଗୁଁ ବିକ୍ରୟରେ ତୀବ୍ର ବୃଦ୍ଧି ଘଟିଛି।

## କିଲେ ସୁନାରେ କିଣିହେବ ଲ୍ୟାଣ୍ଡରୋଭର୍

ନୂଆଦିଲ୍ଲୀ, ୧୩।୧୦: ଏକ ସମ୍ପତ୍ତି ଭାବେ ସୁନାର ମୂଲ୍ୟ ବିଗତ ବର୍ଷଗୁଡ଼ିକରେ କିଭଳି ବଢ଼ିଛି ତାହା ଉପରେ ବିଶିଷ୍ଟ ଶିଳ୍ପପତି ହର୍ଷ ଗୋଏଙ୍କା ଏକ ଚିତ୍ର ଉପସ୍ଥାପନ କରିଛନ୍ତି। ସୋସିଆଲ୍ ମିଡିଆରେ ସେ ଜଣାଇଛନ୍ତି ଯେ ୧୯୯୦ରେ ଏକ କେଜି ସୁନାର ଦାମ୍ ଯାହା ଥିଲା ତାହା ସେହି ସମୟରେ ଏକ ମାରୁତି ୮୦୦ର ଦାମ୍ ପାଖାପାଖି ଥିଲା। ୨୦୦୦ ବେଳକୁ ୧ କେଜି ସୁନାର ଦାମ୍ ମାରୁତି ଏଷ୍ଟିମ୍, ୨୦୦୫ରେ ଟାୟୋଟା ଇନୋଭା, ୨୦୧୦ରେ ଫର୍ଚୁନର୍ ଓ ୨୦୧୯ରେ ବିଏମ୍‌ଡବ୍ଲ୍ୟୁ କାର୍ ମୂଲ୍ୟ ପାଖାପାଖି ଥିଲା। ୨୦୨୫ରେ ଏକ କେଜି ସୁନାରେ ବିଳାସପୂର୍ଣ୍ଣ ଲ୍ୟାଣ୍ଡ୍‌ରୋଭର୍ ଗାଡ଼ି କିଣିହେବ ବୋଲି ସେ ଜଣାଇଛନ୍ତି। ସେ ମଜାଳିଆ ଢଙ୍ଗରେ କହିଛନ୍ତି ଯେ ଯଦି ସୁନା ମୂଲ୍ୟରେ ଏହିଭଳି ବୃଦ୍ଧି ଜାରି ରହିବ ତେବେ ୨୦୩୦ ବେଳକୁ ୧ କେଜି ସୁନାରେ ରୋଲ୍‌ସ ରଏସ୍ କାର୍ ଏବଂ ୨୦୪୦ ବେଳକୁ ପ୍ରାଇଭେଟ୍ ଜେଟ୍ କିଣିହେବ।



## ଡିବେଞ୍ଚର୍ ଜାରି କରିବ ଇଣ୍ଡେଲ୍ ମନି

ମୁମ୍ବାଇ, ୧୩।୧୦: ଅଣ ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା ଇଣ୍ଡେଲ୍ ମନି ଡିବେଞ୍ଚର ଜାରି କରିବାକୁ ଘୋଷଣା କରିଛି। ପ୍ରତି ଡିବେଞ୍ଚରର ମୂଲ୍ୟ ୧୦୦୦ ଟଙ୍କା ରହିବ। ଏହି ଇସ୍ୟୁ ଚଳିତ ମାସ ୧୩ରେ ଖୋଲିବ ଓ ୨୮ରେ ବନ୍ଦ ହେବ। ସେହି ସମୟ ଭିତରେ ନିବେଶକମାନେ ବିଡ୍ ଦାଖଲ କରିପାରିବେ। ଇନକ୍ରେଡ୍ କ୍ୟାପିଟାଲ୍ ଫାଇନାନ୍ସିଆଲ୍ ସର୍ଭିସେସ୍ ଲିଡ୍ ମ୍ୟାନେଜର ଭାବେ ଏହି ଇସ୍ୟୁର ପରିଚାଳନା କରୁଛି। ଏଥିରୁ ଯେଉଁ ପାଣ୍ଠି ସଂଗ୍ରହ ହେବ ତାହାକୁ କମ୍ପାନି ଫାଇନାନ୍ସ ପ୍ରଦାନ କରିବା ଏବଂ ସାଧାରଣ କର୍ପୋରେଟ୍ କାର୍ଯ୍ୟରେ ବ୍ୟବହାର କରିବାକୁ ପ୍ରସ୍ତାବ ଦେଇଛି। ଇଣ୍ଡେଲ ମନିର ପରିଚାଳନା ଅଧୀନ ସମ୍ପତ୍ତି ପରିମାଣ ୨୬୯୦ ଟଙ୍କା ରହିଛି। ଏହା ଓଡ଼ିଶା ସମେତ ଏକାଧିକ ରାଜ୍ୟରେ କାରବାର କରୁଛି।

# ବ୍ଲକ ପରିସରରେ ସରକାରୀ କାଗଜପତ୍ରକୁ ଧରି ବୁଲୁଛନ୍ତି ଅଣକର୍ମଚାରୀ

**ବାଲିଆପାଳ,୧୩।୧୦ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକରେ ଦିନକୁ ଦିନ ଅଣ କର୍ମଚାରୀ ଓ ଦଲାଲଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଏଥିରେ ଏକ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ମିଳିଛି ବାଲିଆପାଳ ବ୍ଲକରେ ଦୁଇ ଜଣ ବ୍ୟକ୍ତି ସରକାରୀ କର୍ମଚାରୀ ନହୋଇ କାର୍ଯ୍ୟାଳୟର ବହୁ ମୂଲ୍ୟବାନ ସରକାରୀ କାଗଜପତ୍ର ହାତରେଧରି ବୁଲୁଥିବାର ଦେଖିବାକୁ ମିଳିଥିଲା। ସର୍ବୋପରି କାର୍ଯ୍ୟ ଫାଇଲ ସହ ମେଜର ମେଣ୍ଟ ବହି କୁ ହାତରେ ଧରି ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଭିତରେ ବୁଲୁଥିବାର ଦେଖିବାକୁ ମିଳିଛି। ଏଠି ପ୍ରଶ୍ନ ଉଠେ ଫାଇଲ ଏବଂ ଏମବି ବୁକ୍ ସରକାରୀ ଯନ୍ତ୍ରୀ କିମ୍ବା ପଞ୍ଚାୟତ



କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ପାଖରେ ନରହି କିପରି ସରକାରୀ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଦଲାଲଙ୍କ ହାତକୁ ଟେକି ଦିଆଯାଉଛି। ସତେ ଯେପରି ବାଲିଆପାଳ ବ୍ଲକ ଧୀରେ ଧୀରେ ମୁରବିଶୂନ୍ୟ ହେବାକୁ ଯାଉଛି। କାରଣ ସରକାରୀ କର୍ମଚାରୀଙ୍କ ଉ ପରେ ଅଧିକାରୀ ଛାଟ ବସୁନଥିବାରୁ କର୍ମଚାରୀ ମାନେ ଅଣଗୁରିଆମୀ ହେବାକୁ ବସିଲେଣି। ଆଉ କେତେକ କ୍ଷେତ୍ରରେ ଯଦି ମହିଳା ସରକାରୀ କାର୍ଯ୍ୟରେ ଯୋଗ ଦେଉଛନ୍ତି। ତାଙ୍କ ପ୍ରତି ଦିବସରେ, ତାଙ୍କ ସ୍ୱାମୀ ଓ ସମ୍ପର୍କୀୟ ମାନେ ପ୍ରତିନିଧି ହୋଇ ଗାଦିରେ ବସି କାର୍ଯ୍ୟକରୁଛନ୍ତି। ନାଁ ଏଥି ପ୍ରତି ରହିଛି ପ୍ରଶାସନର ନିଘା, ନାଁ ହେଉଛି ଯାଞ୍ଚ। ଯଦି ବିଗତ ୧ ବର୍ଷ ଭିତରେ ବ୍ଲକ ପରିସରରେ ଯାଞ୍ଚ କଲେ ମାଳମାଳ ବିଭିନ୍ନ ପଞ୍ଚାୟତ ପ୍ରତିନିଧିଙ୍କ ସ୍ୱାମୀ ମାନେ ବା ଦଲାଲ, ବା କୁଳିକେଟା କାର୍ଯ୍ୟକରୁଥିବାର ଅନେକ ନଜର ରହିଛି। ତେବେ ଏ ବାବଦରେ ଆମେ ମେ ବାଲିଆପାଳ ଗୋଷ୍ଠି ଉନ୍ନୟନ ଅଧିକାରୀ ରାଧାରଞ୍ଜନ ଦାସ ମତା ମତ ନିଆ ଯିବାକୁ ଚେଷ୍ଟା କରି ଥିଲେ ହେଁ, ତାହା ସମ୍ଭବ ହୋଇ ପାରିନି। ତେବେ ଜିଲ୍ଲା ବା ବ୍ଲକ ପ୍ରଶାସନ କେବେ ଏଥି ଉପରେ ଦୃଷ୍ଟିପାତ ମୂଳକ ପଦକ୍ଷେପ ନେଇ ଏଭଳି ମହାମାରୀରୁ ବାଲିଆପାଳ ବ୍ଲକ କାର୍ଯ୍ୟାଳୟକୁ ସୁରକ୍ଷିତ ରଖିବେ ତାହା ଅନେକଙ୍କ ସଂଶୟରେ ରହିଛି।

## ରୋଗୀ କଲ୍ୟାଣ ସମିତି ବୈଠକରେ ଯୋଗଦେଲେ ମନ୍ତ୍ରୀ




**ଧାମନଗର,୧୩।୧୦ (ସଂଚାର ବ୍ୟୁରୋ):** ଧାମନଗର ଏନ୍‌ଏସିଅନ୍ତର୍ଗତ ଶାମପୁର ସ୍ଥିତ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀ କଲ୍ୟାଣ ସମିତି ବୈଠକରେ ଯୋଗ ଦେଲେ ସ୍ଥାନୀୟ ବିଧାୟକ ତଥା ମାନ୍ୟବର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସଂଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇ ଧାମନଗର ଅଞ୍ଚଳରେ ସ୍ୱାସ୍ଥ୍ୟସେବା, ରୋଗ ନିରାକରଣ, ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଚ୍ଛନ୍ନତା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମି ସଂପର୍କରେ ଆଲୋଚନା ରୋଗୀ ମାନଙ୍କୁ ଉତ୍ତମ ସେବା ଏହାସହ ଡାକ୍ତରଖାନାରୁ ବାହାରୁଥିବା ବର୍ଜ୍ୟବସ୍ତୁ ପରିଚାଳନା ସହ ରୋଗୀମାନଙ୍କୁ ସ୍ୱଚ୍ଛନ୍ଦରେ ସେବା ଯୋଗାଇଦେବା ସହିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀଙ୍କୁ ଅତ୍ୟାବଶ୍ୟକ ଔଷଧ ଯୋଗାଇଦେବା ଲାଗି ପଦକ୍ଷେପ ନେବାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ମନ୍ତ୍ରୀ ଶ୍ରୀ ସୁରଜ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଧାମନଗର ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସହ ଡାକ୍ତରଖାନା ପରିବେଶ, ପରିମଳ ବ୍ୟବସ୍ଥାକୁ ସକ୍ରିୟ ଓ ପରିସ୍କାର ରଖିଥିବା କର୍ମଚାରୀଙ୍କୁ ମାନପତ୍ର ସହ ପୁରସ୍କୃତ କରିଥିଲେ।

## ସାଧନକେନ୍ଦ୍ର ସ୍ତରୀୟ ଶିଶୁ ଉତ୍ସବ ସୁରଭି



**କଣାସ,୧୩।୧୦ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ ବ୍ଲକ ଅର୍ନ୍ତଗତ ବିଭିନ୍ନ ସାଧାନକେନ୍ଦ୍ର ଅର୍ନ୍ତଗତ ବିଦ୍ୟାଳୟ ସ୍ତରୀୟ ଶିଶୁ ଉତ୍ସବ ସୁରଭି ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାରଦା ବାଦଲପୁର ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାଧାନକେନ୍ଦ୍ର ଅର୍ନ୍ତଗତ ଗଡ଼ସାନପୁଟ ପ୍ରାଥମିକ ବିଦ୍ୟାଳୟ ଠାରେ ଆୟୋଜିତ ସୁରଭି କାର୍ଯ୍ୟକ୍ରମରେ ସାଧାନକେନ୍ଦ୍ର ଅର୍ନ୍ତଗତ ୧୧ଟି ବିଦ୍ୟାଳୟର ୧୪୦ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କଣାସ ବ୍ଲକ ସହଶିକ୍ଷାଧିକାରୀ ଗୋବର୍ଦ୍ଧନ ବେହେରା ଓ ପ୍ରଫୁଲ କୁମାର ବେହେରା ଏହି ଉତ୍ସବରେ ଅତିଥି ରୂପେ ଯୋଗଦେଇ କୃତି ପ୍ରତିଭାମାନଙ୍କର ଉନ୍ମୋଚନ ପାଇଁ ଶିଶୁ ଉତ୍ସବ ସୁରଭି ଶ୍ରେଷ୍ଠ ମାଧ୍ୟମ ବୋଲି ପ୍ରକାଶ କରିଥିଲେ। ପ୍ରାରମ୍ଭିକ ସ୍ତର କନିଷ୍ଠ ଓ ବରିଷ୍ଠ ବିଭାଗରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଜୟପୁରରେ ହେଲା ଓପିଏସ୍‌ଇ ପରୀକ୍ଷା



**ଜୟପୁର,୧୩।୧୦ (ସଂଚାର ବ୍ୟୁର):** ରାଜ୍ୟରେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ପ୍ରଥମ ଥର ପାଇଁ ଜୟପୁର ଠାରେ ଅନୁଷ୍ଠିତ ହୋଇଥିଲା। ଜୟପୁର ଠାରେ ୧୮ କେନ୍ଦ୍ର ସ୍ଥାପନ କରାଯାଇଥିଲା ଏବଂ ଏଥିପାଇଁ ୫୨୫୪ଜଣ ପରୀକ୍ଷାର୍ଥୀ ମାନେ ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଥିଲା। ଜୟପୁର କେନ୍ଦ୍ରରେ ମୁଖ୍ୟତଃ କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ରାୟଗଡ଼ା, କଳାହାଣ୍ଡି ଏବଂ ନୂଆପଡା ଜିଲ୍ଲାର ପରୀକ୍ଷାର୍ଥୀ ମାନେ ଯୋଗଦେଇ ପରୀକ୍ଷା ଦେଇଥିଲେ। ପରୀକ୍ଷା କେନ୍ଦ୍ରର ପ୍ରବେଶ ଦ୍ୱାର ଠାରେ ପୁଲିସ ପକ୍ଷରୁ କଡା ସୁରକ୍ଷା ଏବଂ ଯାଞ୍ଚ କରାଯାଇ କେନ୍ଦ୍ର ଗୁଡ଼ିକକୁ ପରୀକ୍ଷାର୍ଥୀ ମାନଙ୍କୁ ପ୍ରବେଶ କରାଯାଉଥିଲା। ସେହିପରି ଶ୍ରେଣୀ କକ୍ଷରେ ପ୍ରବେଶ ଦ୍ୱାର ଠାରେ ମଧ୍ୟ ଯାଞ୍ଚ ପରେ ଭିତରକୁ ପ୍ରବେଶ କରାଯାଉଥିଲା।ଚଳିତବର୍ଷ ଓପିଏସ୍‌ସି ଓସିଏସ-୨୦୨୫ ପ୍ରିଲିମିନାରୀ ଲିଖିତ ପରୀକ୍ଷାରେ ଜୟପୁର ସହର ସମେତ ଭୁବନେଶ୍ୱର, କଟକ, ସମ୍ବଲପୁର, ବ୍ରହ୍ମପୁର ଓ ବାଲେଶ୍ୱର ମାତ୍ର ୬ଟି ସହରରେ ପରୀକ୍ଷାକେନ୍ଦ୍ରର ଆୟୋଜିତ କରାଯାଇଥିଲା। ଆଜି ପୂର୍ବାହ୍ନ ୧୦ଟା ଠାରୁ ମଧ୍ୟାହ୍ନ ୧୨ଟା ଏବଂ ସାଢେ ଗୋଟାଏ ଠାରୁ ସାଢେ ୩ଟା ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ୨ଟି ପେପରକୁ ୨ଟି ସିଟିଂରେ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ।

## ୩ ବର୍ଷ ହେଲା ଖଣ୍ଡିଆ ପଡ଼ିଛି ଗାଁ ଦାଣ୍ଡ

● ମରାମତି ହେଲାନି, ଗ୍ରାମବାସୀ ଅସନ୍ତୋଷ



**କଣାସ,୧୩।୧୦ (ସଂଚାର ବ୍ୟୁରୋ):** କଣାସ ବ୍ଲକରେ ୨୮ଟି ଗ୍ରାମପଞ୍ଚାୟତକୁ ମେଘା ପ୍ରୋଜେକ୍ଟରୁ ପାଇପି ଯୋଗେ ପାନୀୟଜଳ ଯୋଗାଇଦେବା ପାଇଁ ପ୍ରତ୍ୟେକ ଗ୍ରାମର ମଝି ରାସ୍ତାକୁ ଖନନ କରାଯାଇ ପାଇପି ପକାଯାଇଥିବା ବେଳେ ରାସ୍ତା ମରାମତି ନ ହୋଇଥିବାରୁ ଗ୍ରାମବାସୀମାନେ ବହୁଆସୁବିଧାର ସମ୍ମୁଖିନ ହେଉଛନ୍ତି ଏବଂ ବାରମ୍ବାର ଗ୍ରାମରେ ଦୁର୍ଘଟଣାମାନ ଘଟୁଛି। ସାହାସପୁର ଗ୍ରାମ୍ୟ ରାସ୍ତା ମଝିରେ ପାଇପି ପଡ଼ିବା ପାଇଁ କଂକ୍ରିଟ୍ ରାସ୍ତା ଖନନ କରାଯାଇ କେତେକାଅଂଶରେ ପାଇପି ପକାଯାଇଥିଲେ ମଧ୍ୟରେ ଆଉ କେତେକାଅଂଶରେ ପାଇପି ପଡ଼ି ନାହିଁ। ୩ବର୍ଷ ହେଲେ ରାସ୍ତା ଖନନ ଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଗ୍ରାମବାସୀ ରାସ୍ତା ମରାମତୀ କରିବାପାଇଁ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ସହକାରୀ ଯନ୍ତ୍ରୀ ରଞ୍ଜନ ସାମନ୍ତରାୟଙ୍କୁ ବାରମ୍ବାର ଜଣାଇ ଥିଲେ ମଧ୍ୟ ରାସ୍ତା ମରାମତି ହୋଇନଥିବାରୁ ଗ୍ରାମବାସୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ଏବଂ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ଜନ ଶୁଣାଣି ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି



**ଯାଜପୁର ରୋଡ଼, ୧୩।୧୦(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଞ୍ଚଳ ସହର ସ୍ଥିତ କେ.ଏନ୍.ଡିଏ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଅଛି। ଯାଜପୁର ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର'ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ୟେଶ ପ୍ରତାପ ଶ୍ରୀମଲ'ଙ୍କ ସମେତ ଉପ ଜିଲ୍ଲାପାଳ. ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲାସ୍ୱାସ୍ଥ୍ୟ ଅଧିକାରୀ, କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ, ପିଡି ଯାଜପୁର ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗକୁ ଭିଡି କରି ଏହାର ସମାଧାନ କରିଥିଲେ.ଲା। ଏହି ଶିବିରରେ ପାଖପାଖି ୬୦ ଗୋଟି ଅଭିଯୋଗ ଆସିଥିବା ବେଳେ କିଛି ବ୍ୟକ୍ତିଗତ ସମସ୍ୟା ଏବଂ କିଛି ସମୂହ ସମସ୍ୟା ରହିଥିବା ନେଇ ଜିଲ୍ଲାପାଳ ସୂଚନା ଦେଇଥିଲେ। ଏଥି ମଧ୍ୟରୁ କିଛିଟା ଅଭିଯୋଗରୁ ତୁରନ୍ତ ସମାଧାନ କରାଯାଇଥିଲା.। କନ୍ହେଇପୁର ମଣିଶ୍ରୀ ଡାଇଗ୍ନୋଷ୍ଟିକ ପାଖ ଦେଇ ଯାଇଥିବା ରାସ୍ତାର ଡ୍ରେନ ସମସ୍ୟା ଉପରେ ମଧ୍ୟ କିଛି ବ୍ୟବସାୟୀ ଅଭିଯୋଗ କରିଥିଲେ। ଏହାରି ଭିତରେ ୫ ନମ୍ବର ୱାର୍ଡର ପାରିଷଦଙ୍କ ପ୍ରତିନିଧି କିଛି ସମସ୍ୟା ଉପରେ ଜିଲ୍ଲାପାଳଙ୍କୁ ଜଣାଇଥିଲେ। ଏହି ଶିବିରରେ ସମସ୍ତ ପ୍ରଶାସନିକ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

## ଲକ୍ଷାଧିକ ଟଙ୍କାର ବାଣ ଜବତ, ୨ ଅଟକ

**ବାରଙ୍ଗ,୧୩।୧୦ (ସଂଚାର ବ୍ୟୁରୋ):** ଆଠଗଡ଼ ତିଗିରିଆରୁ ବାରଙ୍ଗ ରାସ୍ତାରେ କଟକ ସାଇଲୋ- ଗୋବିନ୍ଦପୁର ଯାଉଥିଲା ଲକ୍ଷାଧିକ ଟଙ୍କାର ବାଣ । ଖବର ପାଇ ମାଡ଼ି ବସିଲା ଗୋଡ଼ିସାହି ଫାଣ୍ଡି ପୁଲିସ । କାର୍‌ରୁ ଜବତ ହେଲା ଲକ୍ଷାଧିକ ବେଆଇନ ବାଣ । ଏହି ଘଟଣାରେ ୨ ଜଣ ଯୁବକ ଅଟକ ଥିବା ବେଳେ ଏକ କାର୍ ଜବତ ହୋଇଛି। ସୂଚନା ମୁତାବକ, କଟକ ସାଇଲୋ-ଗୋବିନ୍ଦପୁର ଗାଁର ବିକାଶ ଜେନା ଓ ବିଶ୍ୱନାଥ ପରିଡା ଏକ କାର୍‌ରେ ଲକ୍ଷାଧିକ ଟଙ୍କାର ବାଣ ବିକ୍ରି କରିବାକୁ ଆଣୁଥିଲେ । ବାରଙ୍ଗ ଥାନା ଗୋଡ଼ିସାହି ଫାଣ୍ଡି ପୁଲିସ ଏନେଇ ରବିବାର ବିଶେଷ ସୂତ୍ରରୁ ଖବର ପାଇ ମୁଣ୍ଡଳୀ ବ୍ରିଜ୍ ନିକଟରେ କାର୍‌କୁ ଅଟକାଇଥିଲା ।

## ଆଞ୍ଚଳିକ କୃଷକ ମଞ୍ଚର ସଚେତନତା ସଭା




**ନୀଳଗିରି,୧୩।୧୦ (ସଂଚାର ବ୍ୟୁରୋ):** ନୀଳଗିରି ଉପଖଣ୍ଡ ବାଉଁଶବଣିଆ ପଞ୍ଚାୟତରେ ଆଞ୍ଚଳିକ କୃଷକ ମଞ୍ଚ ତରଫରୁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ସଭାରେ ମଞ୍ଚର ଉପ ସଭାପତି ଉମାକାନ୍ତ ମଲିକ ଙ୍କ ସଭାପତିତ୍ୱ ଅନୁଷ୍ଠିତ ଏହି ସଭା ରେ ଈଶ୍ୱରପୁର ପଞ୍ଚାୟତ ରୁ ରାଷ୍ଟ୍ରପତି ପୁରସ୍କୃତ ପୂର୍ବତନ ପ୍ରଧାନ ଶିକ୍ଷକ ଗୌରାଙ୍ଗ ପ୍ରସାଦ ପଟ୍ଟନାୟକ, କାଣ୍ଡ ଗରଡ଼ି ପଞ୍ଚାୟତ ରୁ ଶରତ ଚନ୍ଦ୍ର ଦାସ, ଔପଦା ରୁ ବରିଷ୍ଠ ଆଇନଯିବି ଅଜୟ ପଟ୍ଟନାୟକ, ବିଜୟ କୁମାର ସ, ସମ୍ପାଦକ ନିହାର ରଞ୍ଜନ ଜେନା ମଞ୍ଚାସିନ ରହି ଆଲୋଚନା କରିଥିବା ବେଳେ ଶ୍ୟାମସୁନ୍ଦରପୁର ପଞ୍ଚାୟତ ରେ କୁଳଡିହା ସୀମା ନିର୍ଧାରଣ ନେଇ ନୀଳଗିରି ତହସିଲରେ ଆଗାମୀ ୧୮ ତାରିଖ ହେବାକୁ ଥିବା ଅଭିଯୋଗ ଜନଶୁଣାଣି ସମ୍ପର୍କୀୟ ଆଲୋଚନା ହୋଇଥିଲା। ଏହି ଜନ ଶୁଣାଣି ଶିବିରରେ ଔପଦା ର ଦେବଗିରି ପାହାଡ଼ର ପାଦଦେଶ ରେ ଅବସ୍ଥିତ ସମସ୍ତ ଗ୍ରାମକୁ ସଚେତନତା କରେଇ ଗ୍ରାମବାସୀ ଙ୍କୁ ଏହି ଶିବିରରେ ଅଂଶ ଗ୍ରହଣ କରିବା ରେ ସହାୟକ ହେବେ ବୋଲି ନିଷ୍ପତି ଗ୍ରହଣ କରାଯାଇଥିଲା।

● ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

## ୧୮୭ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ



**ସୁବର୍ଣ୍ଣପୁର,୧୩।୧୦ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବିନିକା ପଞ୍ଚାୟତ ସମିତି ଅନ୍ତର୍ଗତ ଶଙ୍କରା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ, ସୁବର୍ଣ୍ଣପୁର, ଶ୍ରୀ ରାଜେନ୍ଦ୍ର ମାଝୀ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀ ନାରାୟଣ ନାଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୧୮୭ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ୧୬୭ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୨୦ ଗୋଟି ସାମୁହିକ ଦରଖାସ୍ତ କରାଯାଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡ଼ିଓ, ବିନିକା, ମଣ୍ଟୁ ଖମାରୀ ଓ ସରପଞ୍ଚ, ଶଙ୍କରା ଗ୍ରାମ ପଞ୍ଚାୟତ, ଅଶୋକ କୁମାର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

## ସୁକାନ୍ତି ଇଣ୍ଟର ନ୍ୟାସନାଲ ସ୍କୁଲ ଠାରେ ଯୋଗ ଶିବିର ଅନୁଷ୍ଠିତ



**ସୁବର୍ଣ୍ଣପୁର,୧୩।୧୦ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ସୁକାନ୍ତି ଆନ୍ତର୍ଜାତୀୟ ବିଦ୍ୟାଳୟ ରେ ପତଞ୍ଜଳୀ ଯୋଗ ସମିତି ତରଫରୁ ଭାରତ ସ୍ୱାଭିମାନ ପ୍ରଭାରୀ ଯୋଗ ପ୍ରଶିକ୍ଷକ ମନୋଜ ପଣ୍ଡାଙ୍କ ନେତୃତ୍ୱରେ ୧୧ ଅକ୍ଟୋବର ୨୦୨୫ ରିଖ ଠାରୁ ୧୩ ଅକ୍ଟୋବର ୨୦୨୫ ସୋମବାର ପଯ୍ୟନ୍ତ ତିନିଦିନ ଧରି ଧ୍ୟାନ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ସ୍ଥିର, ଶୃଙ୍ଖଳିତ ଓ ଫିଟ୍ ରହିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଶିବିର ରେ ଯୋଗ, ପ୍ରାଣାୟାମ, ସୂର୍ଯ୍ୟ ନମସ୍କାର ଓ ଧ୍ୟାନ ଯୋଗ ବିଷୟ ରେ ପ୍ରଶିକ୍ଷଣ ଦିଆଯାଇଥିଲା। ବିଦ୍ୟାଳୟର ମେନେଜିଂ ଟ୍ରଷ୍ଟ ସମ୍ପାଦକ ଶ୍ରୀମତୀ କମଳିନୀ ତ୍ରିପାଠୀ ଉକ୍ତ ଶିବିରକୁ ଉଦ୍ଘାଟନ କରିଥିଲେ। ଏଥିରେ ୧୫୦ ଜଣ ଶିକ୍ଷାର୍ଥୀ ଉପସ୍ଥିତ ରହି ଯୋଗାଭ୍ୟାସ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମକର୍ତ୍ତା ଗଣ ଏହି ଶିବିର ରେ ସହଯୋଗ କରିଥିଲେ।

● ରାଜସ ଗ୍ରାମରେ କୃଷି ତାଲିମର ଉଦଯାପନୀ କାର୍ଯ୍ୟକ୍ରମ

## ଉନ୍ନତ ଚାଷ ପ୍ରଣାଳୀ ଓ କୃଷି ବିକାଶ ଉପରେ ଗୁରୁତ୍ୱ



**ବାଲିପାଟଣା,୧୩।୧୦ (ସଂଚାର ବ୍ୟୁରୋ):** ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ରାଜସ ଗ୍ରାମରେ ସ୍ଥାନୀୟ କୃଷକ ଉତ୍ପାଦକ ସଂଗଠନ ଦ୍ୱାରା ଆୟୋଜିତ ଏବଂ ଜାତୀୟ କୃଷି ଗବେଷଣା ପରିଚାଳନା ଏକାଡେମୀ ହାଇଦ୍ରାବାଦ ସହଯୋଗରେ ଏକ ମାସ ଧରି ଚାଲିଥିବା କ୍ଷେତ୍ର ଅଧ୍ୟୟନ ଓ କ୍ଷେତ୍ର ଅଭିଜ୍ଞତା ତାଲିମର ଉଦଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନାର୍ମର ନିର୍ଦେଶକ, ଖୋର୍ଦ୍ଧା ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ପରିଚାଳନା ନିର୍ଦ୍ଦେଶିକା ଡଃ ହରପ୍ରିୟା ନାୟକ, ସ୍ଥାନୀୟ କୃଷକ ଉତ୍ପାଦକ ସଂଗଠନର ପରିଚାଳନା ନିର୍ଦ୍ଦେଶିକା ଭାରତିବାଳା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।କୃଷିର ବିକାଶ ଦିଗରେ କିପରି କାର୍ଯ୍ୟ କରାଯିବ ସେ ଦିଗରେ ଦୃଷ୍ଟି ଦେବାକୁ ବୈଜ୍ଞାନିକ ମାନଙ୍କୁ ଚାଷୀମାନେ ଅନୁରୋଧ କରିଥିଲେ। ଏହି ଅବସରରେ ସମସ୍ତ ଯୁବ ବୈଜ୍ଞାନିକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚାଷୀ ମାନେ କିଭଳି ଉନ୍ନତ ଜ୍ଞାନ କୌଶଳ ମଧ୍ୟରେ ଉତ୍ତମ ଚାଷ କରି ଲାଭବାନ ହୋଇପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା।ଏହି ପରି ଅଧିକ ଭଲ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ସ୍ଥାନୀୟ କୃଷକ ଉତ୍ପାଦକ ସଂଗଠନକୁ ବୈଜ୍ଞାନିକ ମାନେ ଅନୁରୋଧ କରିଥିଲେ। ଶେଷରେ ସ୍ଥାନୀୟ କୃଷକ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ।

● ଓଡ଼ଗାଁରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର

## ତତ୍‌କାଳୀନ ୨୬ଟି ଅଭିଯୋଗ ସମାଧାନ




**ନୟାଗଡ଼,୧୩।୧୦(ସଂଚାର ବ୍ୟୁରୋ):** ଅକ୍ଟୋବର ମାସର ଦ୍ୱିତୀୟ ସୋମବାର ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ବ୍ଲକ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ଅଭିଯୋଗ ଶୁଣାଣିରେ ଓଡ଼ଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୧୩୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିରୁ ବ୍ୟକ୍ତିଗତ ସମସ୍ୟା ନେଇ ୧୨୦ଟି ଅଭିଯୋଗ ଆସିଥିବା ବେଳେ ଗାଁ ସମସ୍ୟା ନେଇ ୧୦ଟି ଅଭିଯୋଗ ଆସିଥିଲା। ତେବେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ସହାୟତା ପାଇବା ପାଇଁ ୨ଜଣ ଅଭିଯୋଗ କରିଥିଲେ। ତେବେ ଏହି ସମସ୍ତ ଅଭିଯୋଗକୁ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲା ତତ୍ କ୍ଷଣାତ ୨୬ଟି ଅଭିଯୋଗର ସମାଧାନ କରିଥିଲେ। ଆଜିର ଏହି ବ୍ଲକ୍ ସ୍ତରୀୟ ଜନ ଅଭିଯୋଗ ଶିବିରରେ ଜିଲ୍ଲାପାଳଙ୍କ ସହ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏସ ସୁଶ୍ରୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୁଶାନ୍ତ କୁମାର ଦାସ, ଓ ଓଡ଼ଗାଁ ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମେତ ସମସ୍ତ ଲାଇନ୍ ଡିପାଟମେଣ୍ଟର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

● ବିବାଦୀୟ ବିଡିଓଙ୍କ ପୁନଃ ନିଯୁକ୍ତିକୁ ବିରୋଧ

## ଧାରଣାରେ ବସିଲେ ଜନପ୍ରତିନିଧି

**କର୍ଲାମୁଣ୍ଡା,୧୩।୧୦(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକରେ ବିବାଦୀୟ ବିଡିଓଙ୍କୁ ପୁନଃ ନିଯୁକ୍ତି ମିଳିବାକୁ ନେଇ ଜନଅସନ୍ତୋଷ । ପ୍ରତିବାଦରେ ଜନପ୍ରତିନିଧି, ଆଦିବାସୀ ସଂଘ ଓ ବୁଦ୍ଧିଜୀବୀ ସୋମବାର ବ୍ଲକର ୨ଟି ଗେଟକୁ ତାଲା ପକାଇ ଧାରଣାରେ ବସିଥିବା ଦେଖିବାକୁ ମିଳିଛି । ବ୍ଲକ୍ ଅଧ୍ୟକ୍ଷା କୁନି ସାହୁ, ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ଜିଲ୍ଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ଜିଲ୍ଲା ଆଦିବାସୀ ସଂଘ ସଭାପତି ପ୍ରକାଶ ଚନ୍ଦ୍ର ମାଝୀ ଆଦି ଧାରଣାରେ ବସିଛନ୍ତି । ସେପଟେ ଆନ୍ଦୋଳନରେ ସମିତି ସଭ୍ୟ ଆନନ୍ଦ ନାଗ, ପୌରକେଲା ସମିତି ସଭ୍ୟ ସୁଧିର ଭୋଇ, ରାଜପୁର ସମିତି ସଭ୍ୟ ନିରୂପମା ଭୋଇ, ବିଜେପି ନେତ୍ରୀ ତଥା ମିଶନ ଶକ୍ତି ବ୍ଲକ୍ ଫେଡରେସନ ସଭାନେତ୍ରୀ ଜୟନ୍ତୀ ସାହୁ, ବରିଷ୍ଠ କଂଗ୍ରେସ ନେତା ରାଜକିଶୋର ମିଶ୍ରଙ୍କ ସମେତ ଅନ୍ୟାନ୍ୟ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ ।

## ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟିଲେ ପଦୋନ୍ନତି ପାଇଥିବା ଏସଆଇ



**ନୟାଗଡ଼,୧୩।୧୦(ସଂଚାର ବ୍ୟୁରୋ):** ନୂଆ କରି ପଦୋନ୍ନତୀ ପାଇଥିବା ଏସଆଇ ଆଜି ନୟାଗଡ଼ ଆରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତ କରିଥିବା ଜଣାପଡ଼ିଛି। ରାଜ୍ୟ ସରକାର ଦୁଇ ଦିନ ତଳେ ୪୨୭ ଜଣ ଏସ୍‌ଆଇଙ୍କୁ ଆଇଆଇସି ପଦକୁ ପଦୋନ୍ନତୀ କରିଛନ୍ତି। ଏହି ପଦୋନ୍ନତୀ ତାଲିକାରେ ୪୨୭ଜଣଙ୍କ ମଧ୍ୟରୁ ନୟାଗଡ଼ ଜିଲ୍ଲାରେ କାର୍ଯ୍ୟରତ ୧୧ ଜଣ ଏସ୍‌ଆଇ ପଦୋନ୍ନତୀ ପାଇଛନ୍ତି। ନୟାଗଡ଼ ଜିଲ୍ଲା ଚାନ୍ଦପୁର ଥାନାରେ କାର୍ଯ୍ୟରତ ଏସ୍‌ଆଇ ସଞ୍ଜୟ କୁମାର ପରିଡ଼ା, କାର୍ଯ୍ୟରତ ଏସ୍‌ଆଇ ଶ୍ରଦ୍ଧା ନାୟକ, ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡିରେ କାର୍ଯ୍ୟରତ ଏସ୍‌ଆଇ ଧର୍ମେନ୍ଦ୍ର ଶିଆଳ, ରାଜସୁନାଖଳା ଫାଣ୍ଡିରେ କାର୍ଯ୍ୟରତ ଏସ୍‌ଆଇ ପ୍ରୀତିପ୍ରକାଶ ମହାନ୍ତି, ରଣପୁର ଥାନାରେ କାର୍ଯ୍ୟରତ ଏସ୍‌ଆଇ ସ୍ନେହଲତା ପ୍ରଧାନ, ରଣପୁର ଥାନାରେ କାର୍ଯ୍ୟରତ କୃତ୍ତିବାସ ହରିଚନ୍ଦନ, ନୟାଗଡ଼ ଟାଉନଥାନାରେ କାର୍ଯ୍ୟରତ ଏସ୍‌ଆଇ ଶିବା ରଞ୍ଜନ ସିଙ୍ଘା, ଟାଉନଥାନାରେ କାର୍ଯ୍ୟରତ ଏସ୍‌ଆଇ ସନ୍ତୋଷ କୁମାର ଦାଶ, ନୟାଗଡ଼ ଦଶପଲ୍ଲା ଥାନା ଭାରପ୍ରାପ୍ତ ଅଧିକାରୀ ତଥା ଏସ୍‌ଆଇ ବିନୟ ରଞ୍ଜନ ପରିଡ଼ା, ନୂଆଗାଁ ଥାନା ମହୀପୁର ଫାଣ୍ଡିରେ କାର୍ଯ୍ୟରତ ଏସ୍‌ଆଇ ବିରଞ୍ଚି ନାରାୟଣ ଅମାତ, ଖଣ୍ଡପଡ଼ା ଥାନାରେ କାର୍ଯ୍ୟରତ ଏସ୍‌ଆଇ ଗୋପବନ୍ଧୁ ମଲ୍ଲିକ ପ୍ରମୁଖ ଆଇଆଇସି ପଦକୁ ପଦୋନ୍ନତୀ ମିଳିଥିବା ସୂଚନା ମିଳିଛି। ନୂଆ କରି ପଦୋନ୍ନତୀ ପାଇଥିବା ୧୧ଜଣ ପୁଲିସ ଅଧିକାରୀ ନୟାଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏସ୍ ସୁଶ୍ରୀଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିଛନ୍ତି।

## ଅବ୍ୟବସ୍ଥା ଘେରରେ ସୋନପୁରର ସ୍ମାର୍ଟ ପାର୍କ



**ସୁବର୍ଣ୍ଣପୁର,୧୩।୧୦(ସଂଚାର ବ୍ୟୁରୋ):** ସୋନପୁର ଜିଲ୍ଲା ସଦର ମହକୁମାଠାରେ ଥିବା ସ୍ମାର୍ଟ ପାର୍କର ଅବସ୍ଥା ଦିନକୁ ଦିନ ବିଗିଡି ବାରେ ଲାଗିଛି। ଏ ନେଇ ସୋନପୁର ମୁନିସିପାଲଟି କୁ ଘୋର ନିନ୍ଦା କରୁଛନ୍ତି ସହରବାସୀ। ଜିଲ୍ଲା ମୁଖ୍ୟାଳୟରେ କୌଣସି ମନୋରଞ୍ଜନ ସ୍ଥଳ ନ ଥିବା ବେଳେ ତତ୍କାଳୀନ ଜିଲ୍ଲାପାଳ ମୋନିଷା ବାନାର୍ଜୀ ଙ୍କ ଉଦ୍ୟମ କ୍ରମେ ଏହି ପରିତ୍ୟକ୍ତ ଫରେଷ୍ଟ ପାର୍କକୁ ସ୍ମାର୍ଟ ପାର୍କ ରେ ପରିଣତ କରାଯାଇଥିଲା। ଏବଂ ପାର୍କ ର ରକ୍ଷଣାବେକ୍ଷଣ ପାଇଁ ମଧ୍ୟ ଗ୍ରୁପ ମହିଳା ମାନଙ୍କୁ ନିଯୁକ୍ତ କରାଯାଇ ବହୁତ ସୁନ୍ଦର ରୂପରେଖ ଦିଆଯାଇଥିଲା ବେଳେ ପାର୍କ ରୁ ଆୟ ମଧ୍ୟ ବଢ଼ିଆ ହେବାକୁ ଲାଗିଥିଲା। କିନ୍ତୁ ବିଗତ ୨ ବର୍ଷ ହେଲା ପାର୍କ ଭିତରେ ଥିବା ଏକ ମାତ୍ର ସେଲ୍ଫି ତଥା କୁନି କୁନି ଛୁଆ ମାନେ ଫଟୋ ଉଠାଉଥିବା ସ୍ଥଳ ଫାଉଣ୍ଟେନ୍ (ଜଳଫୁଆରା) ଅଚଳ ହୋଇପଡ଼ିଛି। ବୁଝିବାରୁ ଜଣାପଡ଼ିଲା ଯେ ପେନାଲ ବୋର୍ଡ ପୋଡି ଯିବାରୁ ତାହା ପ୍ରାୟ ଦୁଇ ବର୍ଷ ହେବ ଅଚଳ। ବ୍ୟାୟାମ ଉପକରଣ ଅଚଳ। ଶିଶୁ ମାନଙ୍କ ମା ମାନେ ପାର୍କକୁ ଛୁଆ ମାନଙ୍କୁ ନେଇ ଯାଉଥିବା ବେଳେ ମା ମାନଙ୍କ ପାଇଁ ଦୋଳି ଟିଏ ମଧ୍ୟ ସୁବିଧା ନ ଥିବାରୁ ଘୋର ଅସନ୍ତୋଷ ବ୍ୟକ୍ତ କରୁଛନ୍ତି ମହିଳା ମାନେ। ଉକ୍ତ ସବୁ ସମସ୍ୟା ପାଇଁ ଜିଲ୍ଲାପାଳ ଉଚିତ ପଦକ୍ଷେପ ନେବାକୁ ସହରବାସୀ ଦାବୀ କରିଛନ୍ତି ।

## ଏନଡିସିସି ପରିଚାଳନା ବୈଠକ: ତତ୍‌କାଳୀନ ସଂପାଦକଙ୍କ କାର୍ଯ୍ୟ ପାଇଁ ଦୃଢ଼ ନିନ୍ଦା

**ନୟାଗଡ଼,୧୩।୧୦(ସଂଚାର ବ୍ୟୁରୋ):** ତତ୍ କାଳୀନ ଏନଡିସିସି ସଂପାଦକ ହଟିବା ପରେ ସୋମବାର ପରିଚାଳନା ବୈଠକ ସଭାପତି ରବୀନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଗତ ଦିନରେ ସଂପାଦକ ପରିଚାଳନା ପରିଷଦ ବିରୁଦ୍ଧରେ ଯିବା ଓ ବ୍ୟାଙ୍କକୁ କ୍ଷତି ପହଞ୍ଚାଇବାକୁ ନେଇ ପରିଚାଳନା ବୈଠକରେ ଦୃଢ଼ ନିନ୍ଦା କରାଯାଇଛି। ନୟାଗଡ଼ ଜିଲ୍ଲାରେ ବ୍ୟାଙ୍କ ଶାଖା ଗୁଡ଼ିକ ସଠିକ ପରିଚାଳନା, ଋଣଦେଣ ବ୍ୟବସ୍ଥାକୁ କିଭଳି ତ୍ୱରାନ୍ୱିତ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ତତ୍‌ସହିତ ଚାଷୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ବ୍ୟାଙ୍କ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବାକୁ ସଦସ୍ୟମାନେ ମତ ପ୍ରକାଶ କରିଥିଲେ। ବୈଠକରେ ବରିଷ୍ଠ ସଦସ୍ୟ ତଥା ଓଏସ୍‌ସିବି ନିର୍ଦ୍ଦେଶ ସନସ୍ୟା ପ୍ରଧାନ ବ୍ୟାଙ୍କୁ କିଛି ମାସ ରାଜନୈତିକ ଖେଳପଡ଼ିଆ ସଜାଇ ଦିଆଯାଇଥିବା କହିଥିଲେ। ସମ୍ପାଦକ ବୋର୍ଡ଼ ଏବଂ ବ୍ୟାଙ୍କ ବିରୁଦ୍ଧରେ ଯେଉଁ ସବୁ କାର୍ଯ୍ୟ କରିଛନ୍ତି, ସେଥିରୁ ଆଇନ ରକ୍ଷା କରିଛି ବୋଲି କହିଥିଲେ। ଭାରପ୍ରାପ୍ତ ସମ୍ପାଦକ ସରୋଜ କୁମାର ସାହାଣୀ ବୈଠକ ପରିଚାଳନା କରିଥିଲେ।

## କାର୍ତ୍ତିକ ଆରମ୍ଭରୁ ପରିବା ଦର ଆକାଶଛୁଆଁ



**ଦାରିଙ୍ଗବାଡି,୧୩।୧୦(ସଂଚାର ବ୍ୟୁରୋ):** କାର୍ତ୍ତିକ ମାସ ଚାଲିଛି, ଅଧିକାଂଶ ଲୋକେ ନିରାମିଷ ଖାଦ୍ୟ ଖାଉଛନ୍ତି, ତେଣୁ ପରିବା ଉପରେ ଲୋକଙ୍କ ଚାହିଦା ରହୁଛି। ବର୍ତ୍ତମାନ ଲଗାତର ଲଘୁଚାପ ବର୍ଷା ଯୋଗୁଁ ଓଡ଼ିଶାର ପ୍ରାୟ ଅଧିକାଂଶ ଜିଲ୍ଲା ରେ ପରିବା ଆମଦାନୀ କମି ଯାଇଛି। ଏଣୁ ଦରରେ ଅହେତୁକ ବୃଦ୍ଧି ଘଟିଛି ବୋଲି ହୋଲସେଲ ବ୍ୟବସାୟୀ ମାନେ ମତ ଦେଉଛନ୍ତି। ୫୦୦ ଶହ ଟଙ୍କାରେ ବ୍ୟାଗ୍ ପୁରୁନି, କିଲେ ଜାଗାରେ ଅଢେଇ ଶହ ନେଉଛନ୍ତି ଖାଉଟି। କାର୍ତ୍ତିକ ମାସ ଆରମ୍ଭରୁ ହିଁ ପରିବା ଦର ହୁ ହୁ ହୋଇ ବଢ଼ିବାରେ ଲାଗିଛି। ପୁଣ୍ୟ ମାସ ଭାବେ କଥିତ ଏହି ମାସରେ ସଂଖ୍ୟାଧିକ ଘରେ ଆମିଷ ନିଷେଧ। ଏଣୁ ନିରାମିଷ ଖାଦ୍ୟ ପାଇଁ ପନିପରିବା ଉପରେ ଅଧିକ ନିର୍ଭରଶୀଳ ହୋଇ ପଡୁଛନ୍ତି ଲୋକେ। ହେଲେ ଗତ କିଛି ଦିନରେ ପନିପରିବା ଦର ବେଶ୍ ଦର ବୃଦ୍ଧି ପାଇଛି, ଯାହାକୁ ନେଇ ଗ୍ରାହକ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ତେବେ ଅନ୍ୟ ଉପାୟ ନହୋଇ ଲୋକେ ପୂର୍ବାପେକ୍ଷା କମ୍ ପରିମାଣର ପନିପରିବା ନେଇ କାମ ଚଳାଇବାକୁ ବାଧ୍ୟ ହେଉଛନ୍ତି। ପକେଟରୁ ଅଧିକ ଟଙ୍କା ଯାଉଛି, ମାତ୍ର ବ୍ୟାଗରେ ପରିବା ଭର୍ତ୍ତି ହେଉନି। ଏକଦା ବାଲିଗୁଡା ବ୍ଲକର ବିଭିନ୍ନ ଆଖ ପାଖ ଗ୍ରାମାଞ୍ଚଳରୁ ପ୍ରଚୁର ପରିମାଣରେ ପରିବା ଆମଦାନୀ ହୋଇ ଗଞ୍ଜାମ ଜିଲ୍ଲା ସମେତ ନୟାଗଡ଼, ଭୁବନେଶ୍ୱର ଭଳି ନିକଟବର୍ତ୍ତୀ ଅଞ୍ଚଳକୁ ବହୁଳ ପରିମାଣରେ ପନିପରିବା ରପ୍ତାନି କରାଯାଉଥିଲା। କିନ୍ତୁ ଅଗଷ୍ଟ ଓ ସେପଟେମ୍ବର ମାସରେ ଲଗାଣ ବର୍ଷା ଯୋଗୁଁ ସ୍ଥାନୀୟ ବ୍ଲକର ବିଭିନ୍ନ ଅଞ୍ଚଳର ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇପଡ଼ିଛି।



SANCHAR
ସଂଚାର
ମଙ୍ଗଳବାର ୧୪ ଅକ୍ଟୋବର ୨୦୨୫
ସ୍ୱାସ୍ଥ୍ୟ

# ଅନ୍ତନଳୀ ବୀଜାଣୁ ସନ୍ତୁଳନ ଗୁରୁତ୍ୱପୂର୍ଣ୍ଣ



ଆମ ଶରୀର ଏପରି ଏକ ସୃଷ୍ଟି ଏହା ଭିତରେ ଶରୀର ପାଇଁ ହିତକାରୀ ଏବଂ ଅହିତକାରୀ ବିଭିନ୍ନ ପ୍ରକାର ଅଣୁଜୀବ ରହିଥାନ୍ତି। ଆମ ମାନଙ୍କ ଭିତରେ ଏକ ଭୁଲ ଧାରଣା ରହିଛି ଯେ ଆମ ଶରୀରରେ ରହିଥିବା ସମସ୍ତ ଅଣୁଜୀବ ଗୁଡ଼ିକ କ୍ଷତିକାରକ ଏବଂ ଆମ ଶରୀରର ଅଭିବୃଦ୍ଧି ପାଇଁ ଏହା ବିପଦ ସାବ୍ୟସ୍ତ ହୋଇଥାଏ। ବାସ୍ତବରେ କିନ୍ତୁ ଏହା ନୁହେଁ। ଆମ ଅନ୍ତନଳୀରେ କୋଟି କୋଟି ସଂଖ୍ୟାରେ ଉଭୟ ହିତକାରୀ ଓ ଅହିତକାରୀ ଅଣୁଜୀବ ରହିଥାନ୍ତି ଯେଉଁମାନେ ପାଚନ ଓ ରୋଗ ପ୍ରତିରୋଧକ ଶକ୍ତି ଠାରୁ ଆରମ୍ଭ କରି ମନୋଭାବ ଓ ମାନସିକ ଦକ୍ଷତା ପର୍ଯ୍ୟନ୍ତକୁ ପ୍ରଭାବିତ କରିଥାନ୍ତି। ହିତକାରୀ ଅଣୁଜୀବମାନଙ୍କ ବୃଦ୍ଧି ଆମ ଶରୀରର ଉନ୍ନତିରେ ସାହାଯ୍ୟ କରୁଥିବାବେଳେ ଅହିତକାରୀ ଅଣୁଜୀବଙ୍କ ବୃଦ୍ଧି ସାଂଘାତିକ ସ୍ୱାସ୍ଥ୍ୟ ସମସ୍ୟା ଆଣିଥାଏ। ଲାକ୍ଟୋବାସିଲସ, ବିଫିଡୋବ୍ୟାକ୍ଟେରିଅମ୍ ଓ ସାକାରୋମାଇସେସ୍ ବୌଲାର୍ଡ଼ି ଭଳି ଅଣୁଜୀବ ଅନନ୍ତନଳୀରେ ସୁରକ୍ଷା ମୂଳକ ଭୂମିକା ଗ୍ରହଣ କରନ୍ତି। ଦହି, କାଞ୍ଜି ଓ ଅନ୍ୟାନ୍ୟ ପାରମ୍ପରିକ ବାସି ଖାଦ୍ୟରେ ପ୍ରାକୃତିକ ଭାବେ ଉପଲବ୍ଧ ଏହି ଉପକାରୀ ଅଣୁଜୀବ ଗୁଡ଼ିକ ପୁଷ୍ଟି ଅବଶୋଷଣରେ ସାହାଯ୍ୟ କରିବା ସହ ଅତ୍ୟାବଶ୍ୟକ ଖାଦ୍ୟସାର ସଂଶ୍ଲେଷଣ ଓ କ୍ଷତିକାରକ ଅଣୁଜୀବ ମାନଙ୍କ ଉପଦ୍ରବକୁ ନିୟନ୍ତ୍ରଣ କରିଥାନ୍ତି ଏବଂ ଶରୀରକୁ ସଂକ୍ରମଣରୁ ରକ୍ଷା କରିଥାନ୍ତି। ଅପରପକ୍ଷେ, କ୍ଲୋଷ୍ଟ୍ରିଡିଅମ ଡିଫିସିଲ, ଇ.କୋଲି ଓ ସିଗେଲା ଭଳି ଅଣୁଜୀବ ମାନଙ୍କ ପ୍ରାଧାନ୍ୟ ବିସ୍ତାର ଯୋଗୁଁ ପାଚନ ସମସ୍ୟା, ପ୍ରଦାହ, ଚର୍ମ ସମସ୍ୟା, ଓଜନ ହ୍ରାସ ଏବଂ ଏପରିକି ମନୋଭାବ ବିକୃତ ହୋଇପାରେ। ପାଚନ ସମସ୍ୟାରେ ତ୍ରୁଟି ଦେଖାଗଲେ ଏହା ଲିଭରକୁ ପ୍ରଭାବିତ କରେ ଏବଂ କେତେକ କ୍ଷେତ୍ରରେ ଏହା ପରିପାର୍ଶ୍ୱିକ ଲିଭର ସମସ୍ୟା ସୃଷ୍ଟି କରିଥାଏ। ଏପରିକି ଲିଭର ସିରୋସିସ୍ ମଧ୍ୟ ଏହାର ଅନ୍ୟତମ ପ୍ରମୁଖ କାରଣ ପାଲଟିଯାଏ। ସୁତରାଂ ଆମ ସ୍ୱାସ୍ଥ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ଏହି ଅଣୁଜୀବ ମାନଙ୍କର ସନ୍ତୁଳନ ଖୁବ ଜରୁରୀ। ପ୍ରକ୍ରିୟାକୃତ ଖାଦ୍ୟ, ଦୀର୍ଘକାଳୀନ ମାନସିକ ଚାପ, ଅନିୟମିତ ନିଦ ଓ ବାରମ୍ବାର ଆଣ୍ଟିବାୟୋଟିକର ବ୍ୟବହାର ଅଣୁଜୀବମାନଙ୍କର ସନ୍ତୁଳନ ବିଗିଡ଼ିବା ପାଇଁ ଦାୟୀ। ଆଣ୍ଟିବାୟୋଟିକର ମାତ୍ରାଧିକ ଅଥବା ଅନୁପଯୁକ୍ତ ବ୍ୟବହାର କ୍ଷତିକାରକ ଅଣୁଜୀବ ମାନଙ୍କୁ ତ ମାରିଦେଇଥାଏ। ଏଥି ସହିତ ଉପକାରୀ ଜୀବାଣୁଗୁଡ଼ିକୁ ମଧ୍ୟ ନଷ୍ଟ କରିଦେଇଥାଏ। କ୍ଷତିକାରକ ଅଣୁଜୀବ ମାନଙ୍କର ବୃଦ୍ଧି ସାଧାରଣତଃ ଦ୍ରୁତ ବେଗରେ ହେଉଥିବା ବେଳେ ଉପକାରୀ ଅଣୁଜୀବ ମାନଙ୍କର ପୁନଃସ୍ଥାପନ ହେବାକୁ ସମୟ ଲାଗିଥାଏ।

ଅନ୍ତନଳୀରେ ଅଣୁଜୀବ ମାନଙ୍କର ସନ୍ତୁଳନର ଅର୍ଥ ନୁହେଁ ସମସ୍ତ କ୍ଷତିକାରକ ଅଣୁଜୀବକୁ ନଷ୍ଟ କରିଦେବା, ବରଂ ଏପରି ପରିବେଶ ସୃଷ୍ଟି କରିବା ଯେଉଁଠି ଉପକାରୀ ଅଣୁଜୀବ ମାନଙ୍କ ବୃଦ୍ଧି ଘଟି ତାହା ଅହିତକାରୀ ଅଣୁଜୀବଙ୍କୁ ନିୟନ୍ତ୍ରଣରେ ରଖିପାରିବ। ଏ ପରିପ୍ରେକ୍ଷୀରେ ଜୀବନଶୈଳୀରେ ସଚେତନ ପରିବର୍ତ୍ତନ ମାଧ୍ୟମରେ ଅନ୍ତନଳୀର ସନ୍ତୁଳନ ବଜାୟ ରଖିହେବ। ସେଥିପାଇଁ ଶସ୍ୟ, ଡାଲି, ଫଳ ଓ ପନିପରିବା ପରି ତନ୍ତୁଯୁକ୍ତ ଖାଦ୍ୟ ଖାଇବା ଦରକାର। ଏଥି ସହିତ ଦହି, କାଞ୍ଜି ଓ ଇଡଲି ଆଦିକୁ ଖାଦ୍ୟରେ ସାମିଲ କଲେ ଭଲ। ସେହିପରି କଦଳୀ, ପିଆଜ ଓ ରସୁଣ ପରି ଅପାଚନୀୟ ତନ୍ତୁଯୁକ୍ତ ଖାଦ୍ୟ ମଧ୍ୟ ଉତ୍ତମ ଫଳ ଦେଇଥାଏ। ସବୁବେଳେ ସୁଷମ ଖାଦ୍ୟ, ସବୁଜ ପନିପରିବା ଓ ତଟକା ଫଳକୁ ଗୁରୁତ୍ୱ ଦିଅନ୍ତୁ। ନିଜ ପାଇଁ ଏକ ଭଲ ରୁଟିନଟିଏ ତିଆରି କରନ୍ତୁ। ନିଶାଦ୍ରବ୍ୟ ଓ ଆମିଷ ଖାଦ୍ୟ ଠାରୁ ଦୂରେଇ ରହିବା ସବୁଠାରୁ ଭଲ। ସେହିପରି ଘଣ୍ଟା ଘଣ୍ଟା ଧରି ଖାଲି ପେଟରେ ରହିବା ମଧ୍ୟ ଏକ ଖରାପ ଅଭ୍ୟାସ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, କେବଳ ଆବଶ୍ୟକ ହେଲେ ଆଣ୍ଟିବାୟୋଟିକ ଗ୍ରହଣ କରିବା ସହ ଧ୍ୟାନ, ଚାପ ପରିଚାଳନା ଓ ଦୈନିକ ଅନ୍ୟୁନ ୮ ଘଣ୍ଟା ଶୋଇବା ଜରୁରୀ। ଆମ ଶରୀର ପାଇଁ ଅନ୍ତନଳୀ ବୀଜାଣୁ ସନ୍ତୁଳନ ଏକ ଗୁରୁତ୍ୱପୂର୍ଣ୍ଣ ଶାରୀରିକ ପ୍ରକ୍ରିୟା ଏହାକୁ ବାଧାପ୍ରାପ୍ତ କରିବା ଅନୁଚିତ।

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର
ପ୍ରତିରଦ୍ୱିକ, ଅବସରପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ଦୈନିକ ୩୦ ମିନିଟ୍ ଚାଲନ୍ତୁ

ଆଜିକାଲି ମଣିଷ ଭାରି ସୌଖୀନିଆ ହେଇଗଲାଣି ନୁହେଁ। ଆପଣ ନିଜକୁ ଟିକେ ଭଲରେ ସମୀକ୍ଷା କରନ୍ତୁ ଅବା ଆପଣଙ୍କ ଚାରିପାଖର ଲୋକଙ୍କ ଗତିବିଧି ଉପରେ ନଜର କଲେ ଜାଣି ପାରିବେ ଯେ ଲୋକେ ଆଉ ଏତେ ଚଲାବୁଲା ପ୍ରିୟ ନୁହଁନ୍ତି। ହଁ ଯଦି କୌଣସି ରୋଗ ହୁଏ ଆଉ ଡାକ୍ତର ଯଦି କୁହନ୍ତି ଚଲାବୁଲା କରନ୍ତୁ ନହେଲେ ରୋଗ ଆହୁରି ବଢ଼ିବ- ତେବେ ଯାଇ ମଣିଷ ପ୍ରାତଭ୍ରମଣ କିମ୍ବା ସଂଧ୍ୟାରେ ଚଲାବୁଲା କରୁଥିବା ଦେଖିବାକୁ ମିଳେ ନହେଲେ ଲୋକେ ଟିକେ ବାଟ ପାଇଁ ଲୋକେ ଗାଡି ଧରି ଯାଉଛନ୍ତି। ଗାଡିର ବ୍ୟବହାର କହିପାରନ୍ତି ଅବା ଅଳସୁଆପଣ ପାଇଁ ମଣିଷ ଏବେ ପରିବା, ମାଛ, ଭଳି ଛୋଟ ଛୋଟ ଘରୋଇ ସାମଗ୍ରୀ ଆଣିବାକୁ ପାଦ ଚଲା ବାଟ ପାଇଁ ବି ଗାଡିରେ ଯାଉଛି। ଚାଲିବା କହିବାକୁ ଗଲେ ଏକ ପ୍ରକାର ଭୁଲି ଗଲାଣି... ତେଣୁ ଏହି ନଚାଲିବା କାରଣରୁ ଶରୀର ଅସୁସ୍ଥ ରହୁଛି, ବିଭିନ୍ନ ପ୍ରକାର ରୋଗ ମାଡି ବସୁଛି ବୋଲି ଡାକ୍ତରମାନେ କହୁଛନ୍ତି...

ଚାଲିବା ଦେହ ପାଇଁ ହିତ କାରକ। ଚାଲିଲେ ମଣିଷ ଶରୀର ସୁସ୍ଥ ରୁହେ। ପ୍ରତିଟି ଲୋକ ନିଜ ଦୈନନ୍ଦୀନ ଜୀବନରେ ଚାଲିବା ନିହାତି ଦରକାର ବୋଲି ବାରମ୍ବାର ପରାମର୍ଶ ଦେଉଥିବା ବେଳେ ଆମେ ଅନେକ ସମୟରେ ଆଜି ଚାଲିବି କାଲିଠୁ ଚାଲିବି କହି ନିଜକୁ ଠକୁଥାଉ ଏବଂ ଡେରି ଯାଏଁ ଶୋଇ ରହୁ... ପ୍ରତିଦିନ ଚାଲିଲେ ଶରୀର ପାଇଁ ଲାଭ କଣ ? ଚାଲିବା ଆମ ଦେହ ପାଇଁ କେତେ ଉପକାରୀ ? ବୋଲି ଯେତେବେଳେ ପ୍ରଶ୍ନ ଉଠେ ସେତେବେଳେ କେତେ ସମୟ ଚାଲିବା ବି ଜାଣିବା ନିହାତି କରୁଛି। ଆସନ୍ତୁ ଜାଣିବା ଦୈନିକ କେତେ ସମୟ ଚାଲିବା ଦରକାର।

## ଲାଭ କଣ ?

- ଦୈନିକ ୩୦ ମିନିଟ୍ ଚାଲିଲେ ମଣିଷ ଉଭୟ ଶାରୀରିକ ଏବଂ ମାନସିକ ଭାବେ ସୁସ୍ଥ ରୁହେ
- ହୃଦରୋଗ ସମସ୍ୟା ଦୂର କରେ, ଶରୀରର ଓଜନ ନିୟନ୍ତ୍ରଣରେ ରୁହେ
- ଚାଲିବା ଦ୍ୱାରା ମଣିଷ ଚାପମୁକ୍ତ ରୁହେ
- ମାଂସପେଶୀ ଏବଂ ହାଡ ଶକ୍ତ ହୁଏ
- ଖାଇବା ପରେ ୩୦ ମିନିଟ୍ ଚାଲିବା ଶରୀରର ହଜମ ଶକ୍ତି ବଢ଼ାଏ
- ଚାଲିବା ଦ୍ୱାରା ମନ ହାଲକା ହୁଏ, ସୃଜନଶୀଳ ଶକ୍ତି ବୃଦ୍ଧି ପାଏ
- ଚାଲିବା ଦ୍ୱାରା ରକ୍ତଚାପ ନିୟନ୍ତ୍ରିତ ରୁହେ, ହୃଦଘାତର ସମ୍ଭାବନା କମ୍
- ଚାଲିଲେ ଭବିଷ୍ୟତରେ ଡାଇବେଟିସ ହେବାର ସମ୍ଭାବନା ମଧ୍ୟ କମ୍ ଥାଏ
- ଶରୀରରୁ ମୋଟାପଣ ଦୂର କରିବା ପାଇଁ ଚାଲିବା ନିହାତି ଜରୁରୀ
- ଚାଲିବା ଦ୍ୱାରା ଅଣ୍ଟୁଗଣ୍ଠି ବିନ୍ଧା, ଅଣ୍ଟା ବିନ୍ଧାରୁ ଉପଶମ ମିଳେ
- ଘାସ ଉପରେ ଖାଲି ପାଦରେ ଚାଲିଲେ ସୁଖ ନିଦ୍ରା, ମାନସିକ ଶାନ୍ତି, ଦୃଷ୍ଟିଶକ୍ତି ବୃଦ୍ଧି, ମନୋବଳ ବଢ଼େ



# ଟାଇଟ୍ ଜିନ୍ସ ପିନ୍ଧୁଛନ୍ତି କି ?

# ବଢ଼ୁଛି ମୂତ୍ରନଳୀ ସଂକ୍ରମଣ ହେବାର ଆଶଙ୍କା

ବର୍ତ୍ତମାନ ମଡର୍ଣ୍ଣ ଯୁଗ। ଖାସ୍ କରି ସମସ୍ତେ ପୋଷାକ ପିନ୍ଧିବାରେ ଦେଖାଯିବାକୁ ଚାହାନ୍ତି ଷ୍ଟାଇଲିସ୍। କମ୍ଫଟେବଲ ଏବଂ ଷ୍ଟାଇଲିଷ୍ଟ ଦେଖାଯିବାର ବେଷ୍ଟ ଅପସନ୍ ହେଉଛି ଜିନ୍ସ। ବର୍ତ୍ତମାନ ମାର୍କେଟରେ ଭିନ୍ନ ଭିନ୍ନ ଷ୍ଟାଇଲର ନଜର ଆସୁଛି ଜିନ୍ସ। ଖାସ୍ କରି ଯୁବପୀଢ଼ିଙ୍କ ପ୍ରଥମ ପସନ୍ଦ ପାଲଟିଛି ଟାଇଟ୍ ଜିନ୍ସ। କିନ୍ତୁ ଏହା ମହିଳାଙ୍କ ପାଇଁ ହେଉଛି ଘାତକ। ମହିଳାଙ୍କ ଠାରେ ଦେଖାଯାଉଥିବା ଅଧିକାଂଶ ରୋଗର କାରଣ ପାଲଟୁଛି ଜିନ୍ସ। ଖାସ୍ କରି ଟାଇଟ୍ ଜିନ୍ସ। ଏହାକୁ ପିନ୍ଧିବା ଦ୍ୱାରା ମୂତ୍ରନଳୀ ସଂକ୍ରମଣ (ୟୁଟିଆଇ) ହେବାର ବଢ଼ୁଛି ଆଶଙ୍କା। ଏହା ଆମେରିକୀୟ ଜର୍ଣ୍ଣାଲ୍ ଅଫ୍ ପବ୍ଲିକ୍ ହେଲ୍ଥରେ ପ୍ରକାଶିତ ଏକ କେସ୍-କଣ୍ଟ୍ରୋଲ୍ ଅଧ୍ୟୟନରୁ ଜଣାପଡିଛି। ରିପୋର୍ଟରେ କୁହାଯାଇଛି କି ଟାଇଟ୍ ଜିନ୍ସ ୟୁଟିଆଇ ହେବାର ଆଶଙ୍କା ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ସିନ୍ଥେଟିକ୍ କପଡ଼ାରେ ଜୀବାଣୁ ବୃଦ୍ଧି ପାଇଥାଏ। ବିଶେଷକରି ଉଷ୍ମ ଏବଂ ଆର୍ଦ୍ର ପରିବେଶରେ ଏହା ଅଧିକ ବୃଦ୍ଧି ପାଇପାରେ। ବିଶେଷଜ୍ଞମାନେ ମଧ୍ୟ ସିନ୍ଥେଟିକ୍ କପଡ଼ାରୁ ତିଆରି ପୋଷାକ ନପିନ୍ଧିବା ପାଇଁ ଦେଇଥାନ୍ତି ପରାମର୍ଶ। କାରଣ ସିନ୍ଥେଟିକ୍ କପଡ଼ା ଝାଳ ଶୋଷେ ନାହିଁ। ଯେଉଁ କାରଣରୁ ଜୀବାଣୁ ବୃଦ୍ଧିର ଆଶଙ୍କା ବୃଦ୍ଧି ପାଏ। ମହିଳାମାନେ ମଧ୍ୟ ଟାଇଟ୍ ସିନ୍ଥେଟିକ୍ ଅଣ୍ଡରଗାର୍ମେଣ୍ଟ ପିନ୍ଧିବା ଠାରୁ ଦୂରେଇ ରହିବା ଉଚିତ। ବିଶେଷଜ୍ଞମାନେ ଟାଇଟ୍ ଜିନ୍ସ ପିନ୍ଧିବା ଏବଂ ୟୁଟିଆଇ ମଧ୍ୟରେ ଏକ ସମ୍ପର୍କ ପାଇଛନ୍ତି। ମୂତ୍ରନଳୀକୁ ସାଧାରଣତଃ ଅନେକ ପ୍ରାକୃତିକ ଯନ୍ତ୍ର ସୁରକ୍ଷିତ ରଖିଥାଏ। କିନ୍ତୁ ଯେତେବେଳେ ଆପଣ ଦୀର୍ଘ ସମୟ ପାଇଁ ଟାଇଟ୍ ଜିନ୍ସ କିମ୍ବା ଲେଗିନ୍ସ ପିନ୍ଧନ୍ତି, ସେତେବେଳେ ବାୟୁ ପ୍ରବାହ ହ୍ରାସ ପାଏ ଏବଂ ଆର୍ଦ୍ରତା ଫସି ରହିଥାଏ। ଯାହା ଦ୍ୱାରା ଗୁପ୍ତାଙ୍ଗରେ ଘର୍ଷଣ ସୃଷ୍ଟି ହୁଏ। ଏହି କାରଣରୁ ଇ. କୋଲି ଭଳି କ୍ଷତିକାରକ ଜୀବାଣୁଙ୍କୁ ମୂତ୍ରନଳୀରେ ପହଞ୍ଚିବା ପାଇଁ ଏକ ଅନୁକୂଳ ପରିବେଶ ମିଳିଯାଇଥାଏ। ଆମେରିକୀୟ ଜର୍ଣ୍ଣାଲ ଅଫ୍ ପବ୍ଲିକ୍ ହେଲ୍ଥରେ ପ୍ରକାଶିତ ଏକ ଅଧ୍ୟୟନରୁ ଜଣାପଡିଛି ଯେ ମହିଳାମାନେ ଏପରି ପୋଷାକ ଅଧିକ ପିନ୍ଧନ୍ତି, ଯାହା ଫଳରେ ସଂକ୍ରମଣର ହାର ଅଧିକ ହୋଇଥାଏ। ସିନ୍ଥେଟିକ୍ କପଡାରେ ଗରମ ଏବଂ ଆର୍ଦ୍ରତା ଜୀବାଣୁକୁ ବୃଦ୍ଧି ପାଇବାକୁ ସହଜ କରିଥାଏ। ବିଶେଷକରି ଯେତେବେଳେ ମହିଳାମାନେ ଏଥିରେ ଦୀର୍ଘ ସମୟ ବସି ବିତାଇଥାନ୍ତି। ୟୁଟିଆଇର ବିପଦକୁ କମ କରିବା ପାଇଁ ଡାକ୍ତରମାନେ ଢିଲା-ସୂତା ଅନ୍ତଃବସ୍ତ୍ର ପିନ୍ଧିବାକୁ ପରାମର୍ଶ ଦିଅନ୍ତି। ଏବେ ପ୍ରଶ୍ନ ଆସୁଛି ୟୁଟିଆଇର ଲକ୍ଷଣ କ'ଣ ? ୟୁଟିଆଇ ହେଲେ ପରିସ୍ରା କରିବା ସମୟରେ ପୋଡ଼ାଜଳା ହୋଇଥାଏ। ବାରମ୍ବାର ପରିସ୍ରା ଲାଗିବା, ଫେଣ ଏବଂ ଦୁର୍ଗନ୍ଧଯୁକ୍ତ ପରିସ୍ରା ହୋଇଥାଏ। ଏମିତିକି ତଳ ପେଟରେ ଯନ୍ତ୍ରଣା ମଧ୍ୟ ହୋଇଥାଏ। ତେବେ ୟୁଟିଆଇକୁ କିପରି ରୋକାଯିବ ? ଏଥିରୁ ବର୍ତ୍ତିବା ପାଇଁ ଟାଇଟ୍ ଜିନ୍ସ ପିନ୍ଧିବାକୁ ଏଡାନ୍ତୁ। କଟନ ଏବଂ ଲିନେନ୍ ପ୍ୟାଣ୍ଟ ପିନ୍ଧନ୍ତୁ। କାମ ଶେଷ ହେବା ପରେ ଘରେ ଢିଲା ପୋଷାକ ପିନ୍ଧନ୍ତୁ। ପ୍ରଚୁର ପରିମାଣରେ ପାଣି ପିଅନ୍ତୁ, ଯେପରିକି ବ୍ୟାକ୍ଟେରିଆ ଶରୀରରୁ ବାହାରକୁ ବାହାରିଯିବେ। ଏହାବ୍ୟତୀତ ବ୍ୟାୟାମ କରିବା ପରେ ସର୍ବଦା ପୋଷାକ ପରିବର୍ତ୍ତନ କରନ୍ତୁ। ସର୍ବଦା ସଫା ଟଏଲେଟ ବ୍ୟବହାର କରନ୍ତୁ। ଏପରି କିଛି ସାଧାରଣ ସଚେତନତାରୁ ୟୁଟିଆଇରୁ ବର୍ତ୍ତିପାରିବେ।



# ଯୁବପିଢ଼ିଙ୍କ ମଧ୍ୟରେ ବଢ଼ୁଛି ନିଦ୍ରା ସମ୍ବନ୍ଧୀୟ ରୋଗ



ଆଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀରେ, ସମସ୍ତେ ନିଜ ଲକ୍ଷ୍ୟ ହାସଲ କରିବାକୁ ଚେଷ୍ଟା କରୁଛନ୍ତି। କାମ, ପାଠପଢ଼ା, ସୋସିଆଲ ମିଡିଆ, ଖେଳ ଏବଂ ଚାପ ସ୍ୱାସ୍ଥ୍ୟକୁ କ୍ରମଶଃ ବିଚଳିତ କରୁଛି। ପରିସ୍ଥିତି ଏତେ ଭୟଙ୍କର ହୋଇଗଲାଣି ଯେ, ଘଣ୍ଟା ଘଣ୍ଟା ଧରି ରିଲ୍ସ ପ୍ରତି ନିଶା ଯୋଗୁଁ ଆମର ନିଦ ଧୀରେ ଧୀରେ ଅବହେଳିତ ହେଉଛି। ଫଳସ୍ୱରୂପ, ଯେତେବେଳେ ଆମେ ଉଠିଥାଉ, ଆମେ ଦିନସାରା କ୍ଲାନ୍ତ ଏବଂ ଆଳସ୍ୟ ଅନୁଭବ କରୁ। ନ୍ୟୁଜିଲାଣ୍ଡର ଓଟାଗୋ ବିଶ୍ୱବିଦ୍ୟାଳୟରେ ହୋଇଥିବା ଗବେଷଣାରୁ ଜଣାପଡିଛି ଯେ, ଆଜିର ଯୁବପିଢ଼ି, ବିଶେଷକରି କିଶୋରମାନେ, ଯେଉଁମାନେ ଶୋଇବା ପୂର୍ବରୁ ଦୀର୍ଘ ସମୟ ଧରି ମୋବାଇଲ୍ ସ୍କ୍ରିନ୍ ଦେଖିଥାନ୍ତି, ସେମାନେ ଶୋଇବାରେ ସମସ୍ୟା ଦେଖିବାକୁ ମିଳୁଛି । ତେଣୁ ଆସନ୍ତୁ ଜାଣିବା ଯେ, ନିଦ୍ରା ଅଭାବ ଯୁବକମାନଙ୍କୁ କିପରି ପ୍ରଭାବିତ କରୁଛି। ଆଜିକାଲି ଯୁବପିଢ଼ି ଅନେକ କାରଣରୁ ସମ୍ପୂର୍ଣ୍ଣ ଏବଂ ଭଲ ନିଦ ପାଇପାରୁନାହାଁନ୍ତି। ସ୍କ୍ରିନ୍ ସମୟ ବୃଦ୍ଧି ହେଉଛି ନିଦ ବ୍ୟାଘାତର ସବୁଠାରୁ ବଡ଼ କାରଣ। ମୋବାଇଲ୍ ଫୋନ୍, ଲାପଟପ୍ ଏବଂ ଟିଭି କେବଳ ଦିନସାରା ନୁହେଁ ବରଂ ଶୋଇବା ପୂର୍ବରୁ ମଧ୍ୟ ବ୍ୟବହାର କରାଯାଉଛି। ଏହା ବ୍ୟତୀତ ଶାରୀରିକ କାର୍ଯ୍ୟକଳାପର ଅଭାବ ମଧ୍ୟ ଯୁବକମାନଙ୍କ ନିଦକୁ ବ୍ୟାଘାତ କରୁଛି। ସାରା ଦିନ ବସି ପଢ଼ିବା କିମ୍ବା ଗେମ୍ ଖେଳିବା ବର୍ତ୍ତମାନ ସାଧାରଣ ହୋଇଗଲାଣି। ଏପରି ସ୍ଥିତିରେ ସୋସିଆଲ ମିଡିଆର ଚାପ, ସବୁବେଳେ ଅନଲାଇନ ରହିବା, କିଛି ପୋଷ୍ଟ କରିବା କିମ୍ବା ଅନ୍ୟମାନଙ୍କର ପୋଷ୍ଟ ଯାଞ୍ଚ କରିବା ମନକୁ ଶାନ୍ତ ହେବାକୁ ଦିଏ ନାହିଁ, ଯାହା ଦ୍ୱାରା ଜଣେ ସମ୍ପୂର୍ଣ୍ଣ ଏବଂ ଭଲ ନିଦ ପାଇପାରୁନାହିଁ। ଏହା ବ୍ୟତୀତ, ବିଳମ୍ବିତ ରାତିରେ ଭାରୀ ଖାଦ୍ୟ ଖାଇବା କିମ୍ବା କ୍ୟାଫିନେଟ୍ ଯୁକ୍ତ ପାନୀୟ ପିଇବା ନିଦକୁ ବ୍ୟାଘାତ କରିପାରେ। ଓଟାଗୋ ବିଶ୍ୱବିଦ୍ୟାଳୟର ଗବେଷଣାରେ ୧୦୦ ରୁ ଅଧିକ କିଶୋରଙ୍କ ଶୋଇବା ଏବଂ ଶୋଇବା ପୂର୍ବରୁ ଅଭ୍ୟାସ ପରୀକ୍ଷା କରାଯାଇଥିଲା। ବଡି କ୍ୟାମେରା ଏବଂ ଖାଦ୍ୟ ଡାଏରୀ ଭଳି ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି, ଏହି ଅଧ୍ୟୟନରୁ ଜଣାପଡିଛି ଯେ ୯୯ ପ୍ରତିଶତ କିଶୋର ଶୋଇବା ପୂର୍ବରୁ ସ୍କ୍ରିନ୍ ବ୍ୟବହାର କରନ୍ତି ।୬୩ ପ୍ରତିଶତ ଶୋଇବା ପୂର୍ବରୁ ଖାଆନ୍ତି ଏବଂ ୨୨ ପ୍ରତିଶତ ଶୋଇବା ପୂର୍ବରୁ ବ୍ୟାୟାମ କରନ୍ତି। ତଥାପି, ଯେଉଁମାନେ ଏହି ଅଭ୍ୟାସଗୁଡ଼ିକୁ ଏଡାଇବାକୁ ଚେଷ୍ଟା କରିଥିଲେ ସେମାନେ ମଧ୍ୟ ସେମାନଙ୍କ ନିଦରେ ବିଶେଷ ପାର୍ଥକ୍ୟ ଦେଖିପାରି ନଥିଲେ।

# ମହିଳାମାନଙ୍କ ଅପେକ୍ଷା ପୁରୁଷଙ୍କୁ ଅଧିକ ହୋଇଥାଏ ସ୍କିଜୋଫ୍ରେନିୟା

ସ୍କିଜୋଫ୍ରେନିୟା ରୋଗ ମୁଖ୍ୟତଃ ୧୫-୩୫ ବର୍ଷ ଭିତରେ ଆରମ୍ଭ ହୋଇଥାଏ। ମହିଳାମାନଙ୍କ ଅପେକ୍ଷା ପୁରୁଷମାନଙ୍କଠାରେ ଏହା ଅଧିକ ଦେଖାଯାଇଥାଏ। ମସ୍ତିଷ୍କରେ ମୁଖ୍ୟତଃ ଡୋପାମିନ ନାମକ ରାସାୟନିକ ପଦାର୍ଥ (ନ୍ୟୁରୋଟ୍ରାନ୍ସମିଟର)ର ମାତ୍ରା ବୃଦ୍ଧି ଯୋଗୁ ଏହି ରୋଗ ହୋଇଥାଏ। ଏହା ଜିନ୍‌ଗତ କାରଣ କିମ୍ବା ପାରିପାର୍ଶ୍ୱିକ ଚାପ କାରଣରୁ ହୋଇପାରେ। ଏହି ରୋଗ ଅନେକାଂଶରେ ବଂଶାନୁଗତିକ ହୋଇଥାଏ। ଅନୁସନ୍ଧାନରୁ ଜଣାପଡିଛି ଯଦି ପରିବାରରେ ମାତାପିତାଙ୍କ ମଧ୍ୟରୁ ଜଣେ କାହାକୁ ସ୍କିଜୋଫ୍ରେନିୟା ହୋଇ ଥାଏ, ତେବେ ତାଙ୍କ ପିଲାଙ୍କୁ ଏହି ରୋଗ ହେବାର ପ୍ରାୟତଃ ୧୦ ପ୍ରତିଶତ ଆଶଙ୍କା ଥାଏ। ଏହି ରୋଗ ଦ୍ୱାରା ବ୍ୟକ୍ତିର ବ୍ୟବହାର, ଭାବନା, ଆବେଗ ଓ କାର୍ଯ୍ୟଦକ୍ଷତା ବିଶେଷ ଭାବରେ ପ୍ରଭାବିତ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ରୋଗୀ ଏକୁଟିଆ ରହିବାକୁ ପସନ୍ଦ କରେ। ଅନ୍ୟମାନଙ୍କ ସହ ମିଳାମିଶା କରେ ନାହିଁ। ନିଜର ଦୈନନ୍ଦିନ କାର୍ଯ୍ୟକୁ ଠିକ୍ ଭାବେ କରିପାରେ ନାହିଁ ଏବଂ ନିଦ କମିଯାଏ। ରୋଗୀ କିଛି କାରଣ ନ ଥାଇ କଥା ଶୁଣାଯାଉଛି ଓ ଶୂନ୍ୟବାଣୀ ହେଉଛି ବୋଲି କହିଥାଏ। କେତେକ ରୋଗୀ ନ ଥିବା ବସ୍ତୁ ବା ବ୍ୟକ୍ତିମାନଙ୍କୁ ଦେଖି ପାରୁଛନ୍ତି ବୋଲି ମଧ୍ୟ କହିଥାନ୍ତି। ରୋଗୀମାନେ ବେଳେ ବେଳେ ଏ ସବୁ ଅନୁଭବ ପ୍ରତି ପ୍ରତିକ୍ରିୟା ପ୍ରକାଶ କରନ୍ତି। ଏହି ପ୍ରତିକ୍ରିୟାରେ ସେମାନେ ନିଜେ ମନେ ମନେ କଥା ହୁଅନ୍ତି। ଛୋଟ ଛୋଟ କଥାରେ ଚିଡ଼ିଚିଡ଼ା ଓ ଉତ୍ତେଜିତ ହୋଇପଡ଼ନ୍ତି। ସେମାନେ ଘରୋଇ ଦାୟିତ୍ୱ ନେବା, କର୍ମ କ୍ଷେତ୍ରରେ କାର୍ଯ୍ୟ ଭାର ନେବା ଓ ବିଭିନ୍ନ ସାମାଜିକ ପରିସ୍ଥିତିରେ ନିଜକୁ ଖାପ ଖୁଆଇ ଚଳାଇବାରେ ଅସମର୍ଥ ହୁଅନ୍ତି। କିଛି ରୋଗୀ ଆତ୍ମହତ୍ୟା କରିବାକୁ ଉଦ୍ୟମ ମଧ୍ୟ କରିଥାନ୍ତି। ସ୍କିଜୋଫ୍ରେନିୟା ଏକ ଜଟିଳ ରୋଗ ହେଲେ ମଧ୍ୟ ଏହାର ଚିକିତ୍ସା ଅତି ସହଜରେ କରିହେବ। ଏଭଳି ସ୍ୱାସ୍ଥ୍ୟ ସମସ୍ୟାର ଲକ୍ଷଣ ଦେଖାଯିବା ମାତ୍ରେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ ନିହାତି ଜରୁରୀ।



# ରାଇକିଆ ବ୍ଲକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସିଟ୍ ଖାଲି



**କନ୍ଧମାଳ,୧୩।୧୦(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକରେ ୫ ଗୋଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ନାମ ଲେଖାଇବାକୁ ଥିବା ସିଟ ସଂଖ୍ୟା ପୂରଣ ହେଉନାହିଁ।ତାପରେ ମଧ୍ୟ ଆଉ ଏକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲିବାକୁ ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରୟାଶ ରହିଛି। ରାଇକିଆ ବ୍ଲକରେ କେତୋଟି ଉଚ୍ଚ ବିଦ୍ୟାଳୟ ରହିଛି, ସେଥିରୁ ପ୍ରତିବର୍ଷ କେତେ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହେଉଥିବା ବେଳେ, ପଢିବା ପାଇଁ ବାହାରକୁ କେତେଜଣ ଯାଉଛନ୍ତି ଓ କେତେ ଜିଲ୍ଲା ସ୍ତରକୁ ଯାଉଛନ୍ତି।ଆଉ କେତେଜଣ ରାଇକିଆ ବ୍ଲକରେ ଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାମ ଲେଖାଉଛନ୍ତି। ପ୍ରତି ବର୍ଷ କେତେ ପ୍ରତିଶତ ସିଟ ବଳକା ରହୁଛି ବା କେତେ ପିଲା ସିଟ ଅଭାବରୁ ଅନ୍ୟତ୍ର ନାମ ଲେଖାଉଛନ୍ତି ତାର ସମୀକ୍ଷା କରିବା ଆବଶ୍ୟକ। ଫୁଲବାଣୀ ସହରରେ ଥିବା ଏଜେଓ ଉଚ୍ଚ ବିଦ୍ୟାଳୟରେ ଏକ ଯୁକ୍ତ ଦୁଇ କଲେଜ ବା ମାଧ୍ୟମିକ ଉଚ୍ଚ ବିଦ୍ୟାଳୟ ଖୋଲିବାକୁ ଜିଲ୍ଲା ବିକାଶ ପରିଷଦ ପକ୍ଷରୁ ଆବେଦନ କରାଯାଇଥିଲା। ଫୁଲବାଣୀ କଲେଜ ରେ ନାମ ଲେଖାଇ ନ ପାରିବାରୁ ସହରରୁ ଶତାଧିକ ଛାତ୍ରଛାତ୍ରୀ ଫିରିଙ୍ଗିଆ, ଲାଇନପଡା, ଖଜୁରୀପଡା ଓ ଟିକାବାଲି, ଉଦୟଗିରି ଯାଇ ଯୁକ୍ତ ଦୁଇରେ ନାମ ଲେଖାଉଛନ୍ତି। ଏ କ୍ଷେତ୍ରରେ ଏଜେଓ ଉଚ୍ଚ ବିଦ୍ୟାଳୟରେ ଏକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲି ବାକୁ ମଞ୍ଜୁର କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ଏଯାଏ ସରକାର କୌଣସି ପଦକ୍ଷେପ ନେଇନଥିବାରୁ ଅସୁବିଧା ଦେଖାଯାଉଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲାଯାଇଥିବା ସ୍ଥାନରେ ପିଲା ନ ହେବାରୁ ଅଧିକ ସିଟ ଖାଲି ପଡୁ ବୋଲି ଏହା ଏକ ଚକ୍ରାନ୍ତ ନୁହେଁ ତ? ହେଲେ ରାଇକିଆ ବ୍ଲକରେ ଆବଶ୍ୟକତା ନଥିବା ବେଳେ ସେଠାରେ କାହା ଭୁଲ ପ୍ରରୋଚନାରେ ଖୋଲିବାକୁ ନିଷ୍ପତ୍ତି ନିଆଯାଉଛି ତାଙ୍କୁ ପରିବର୍ତ୍ତନ କରି ଫୁଲବାଣୀ ଏଜେଓ ଉଚ୍ଚ ବିଦ୍ୟାଳୟ ରେ ଖୋଲିବାକୁ ମଞ୍ଜୁର କଲେ କନ୍ଧମାଳ ଜିଲ୍ଲାର ଛାତ୍ର ଛାତ୍ରୀମାନେ ଉପକୃତ ହୋଇପାରିବେ।

## ବ୍ଲକରେ ଶିକ୍ଷା ବ୍ୟବସ୍ଥା ଚାଲିଛି କିପରି

# ୩ଟି ପିଲା ୨ଶିକ୍ଷକ, ୬ଟି ଶ୍ରେଣୀକୁ ଜଣେ ଶିକ୍ଷକ

**କଣାସ,୧୩।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ର ଓ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷାର ଅଗ୍ରଗତି ପାଇଁ ବିଭିନ୍ନ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରିଚାଲିଥିବା ବେଳେ କିପରି କୋମଳମତି ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଅଧିକ ସଂଖ୍ୟାରେ ଆସିବା ପାଇଁ ମାଗଣାରେ ମଧ୍ୟାହ୍ନ ଭୋଜନ, ପୋଷାକ, ବହିପତ୍ର, ଖେଳ ଉପକରଣ, ଯୋତା ପ୍ରଦାନ କରୁଥିବା ବେଳେ ଶିକ୍ଷାଦାନ ପାଇଁ ଶିକ୍ଷକ ନ ଥିବାରୁ ଅଭିଭାବକ ମାନେ ସରକାରୀ ବିଦ୍ୟାଳୟରେ ମାଗଣ ପାଠପଢ଼ିବା ଛାଡି ନିଜର ପିଲାମାନଙ୍କ ଭଲ ପାଠ ପଢ଼ାଇବା ପାଇଁ ପ୍ରାଇଭେଟ୍ ବିଦ୍ୟାଳୟରେ ହଜାର ହଜାର ଟଙ୍କା ଦେଇ ପାଠ ପଢ଼ା ଉଥିବା ଦେଖିବାକୁ ମିଳିଛି ପୁରୀ ଜିଲ୍ଲା କଣାସ ବ୍ଲକରେ। ପ୍ରତ୍ୟେକ ବର୍ଷ ସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀ ସଂଖ୍ୟା କମି କମି ଯାଉଥିବା ବେଳେ ବେସରକାରୀ ବିଦ୍ୟାଳୟମାନଙ୍କରେ ଛାତ୍ରଛାତ୍ରୀ ବସିବାକୁ ଜାଗା ମିଳୁନାହିଁ। କଣାସ ବ୍ଲକର ଅଠରବାଟିଆ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ୩ଟି ପିଲା ପାଠ ପଢୁଥିବା ବେଳେ ୨ଜଣ ଶିକ୍ଷକ ନିଯୁକ୍ତି ହୋଇଛନ୍ତି। ସେହି ପରି ହଳଦିପଦର ପ୍ରକଳ୍ପ ପ୍ରାତମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଏବଂ ଶିଶୁବାଟିକା ୬ଟି ଶ୍ରେଣୀ ପାଇଁ ଜଣେ ମାତ୍ର ଶିକ୍ଷକ ନିଯୁକ୍ତି ହୋଇଥିବା ଦେଖିବାକୁ ମିଳିଛି। କଣାସ ବ୍ଲକରେ ୭୩ଟି ଶିକ୍ଷକ ପଦବୀ ଖାଲିପଡ଼ିଥିବା ଜଣାପଡ଼ିଛି। ଏ ସମ୍ପର୍କରେ



କଣାସ ବ୍ଲକ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରାଙ୍କୁ ପଚାରିବାରୁ ସେକୁହନ୍ତି ଅଠରବାଟିଆ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବେଳେ ସେଥିରେ ଦଶଜଣ ପିଲା ଦୁଇଟି ଗ୍ରାମର ନାମ ଲେଖାଇଛନ୍ତି। ଗୋଟିଏ ଗ୍ରାମ ବିବାଦ ପାଇଁ ସେହି ଗ୍ରାମବାସୀମାନେ ୬ଜଣ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ ଛାଡୁନଥିବାରୁ ବିଦ୍ୟାଳୟରେ ୩ଟି ପିଲା ଉପସ୍ଥିତ ଅଛନ୍ତି। ସେହିପରି କଣାସ ବ୍ଲକରେ ୭୩ଟି ଶିକ୍ଷକ ପଦବୀ ଖାଲି ଥିବାରୁ କେତେକ ବିଦ୍ୟାଳୟରେ ଜଣେ, ଦୁଇ ଜଣ, ତିନିଜଣ ଶିକ୍ଷକ ପାଠପଢ଼ାଉଛନ୍ତି। ଶିକ୍ଷକ ପଦବୀ ଶୀଘ୍ର ପୂରଣ ହେଲେ ସମସ୍ତ ବିଦ୍ୟାଳୟରେ ଶିକ୍ଷକ ଅଭାବ ରହିବେନାହିଁ।

## କୋଦାଳ ଚୋଟରେ ଦାଦା ମୃତ୍ୟୁ ଘଟଣା

# ଅଭିଯୁକ୍ତ ପୁତୁରା ନୀଳଗିରି ଅଞ୍ଚଳରୁ ଗିରଫ

**ନୀଳଗିରି,୧୩।୧୦ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲା ଖଇରା ଥାନା କୁପାରୀ ଗ୍ରାମ ପଞ୍ଚାୟତ ଅଧୀନ ଚୁନନଟୀ ଗ୍ରାମର ସମ୍ପର୍କୀୟ ପୁତୁରା ସୁରେଶ ଦାସ ଗତ ୨ ତାରିଖରେ ଗ୍ରାମର କଂକ୍ରିଟ ରାସ୍ତାରେ ପାଣିନାଳ ଖୋଳିବାକୁ କେନ୍ଦ୍ର କରି ପୁତୁରା ଶ୍ରୀ ଦାସ ଙ୍କ କୋଦାଳ ଚୋଟରେ ସମ୍ପର୍କୀୟ ଦାଦା ବାବାଜୀ ଦାସ (୭୨) ମୁଣ୍ଡରେ ଆଘାତ ଲାଗିବା ସହ ସେ ଗୁରୁତର ଆହତ ହୋଇ ପଡ଼ିଥିଲେ। ଚିକିତ୍ସା ପାଇଁ ପ୍ରଥମେ ଖଇରା, ଭଦ୍ରକ ଓ ପରେ କଟକର ଏକ ଘରୋଇ ହସପିଟାଲରେ ଭର୍ତ୍ତି କରାଯାଇଥିଲା।

ଏ ସମ୍ପର୍କରେ ତାଙ୍କ ସ୍ତ୍ରୀ ଗତ ୩ତାରିଖରେ ଖଇରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣା ଘଟିବାର ୧୦ଦିନ ପରେ ଚିକିତ୍ସାଧୀନ ଅବସ୍ଥାରେ ବାବାଜୀ ରବିବାର ସକାଳେ ଆଖି ବୁଜିଥିଲେ। ଖଇରା ଥାନା ପକ୍ଷରୁ ୩୧୮/୨୫ ନଂ ମାମଲା ରଜୁ କରି ତଦନ୍ତ କରୁଥିଲା।

ନୀଳଗିରି ଥାନା ଆଇ.ଆଇ.ସି ଗୋର୍ବଦ୍ଧନ ନାୟକ କୌଣସି ସୂତ୍ରରୁ ଖବର ପାଇବା ପରେ ସୋମବାର ସକାଳେ ସଦଳବଳେ ନୀଳଗିରି ଏନ୍.ଏ.ସି. ଅଧିନ ବାୟପାସ ଛକ ଠାରେ ଥିବା ଏକ ହୋଟେଲରୁ ଅଭିଯୁକ୍ତ ପୁତୁରା ସୁରେଶ ଦାସଙ୍କୁ ନୀଳଗିରି ପୋଲିସ ଗିରଫ କରିବାରେ ସମର୍ଥ ହୋଇଛି।

# ବ୍ଲକ ପରିସରରେ ଯୁଗ୍ମ ଜନଅଭିଯୋଗ ଶୁଣାଣି



**ସୁନ୍ଦରଗଡ଼,୧୩।୧୦ (ସଂଚାର ବ୍ୟୁରୋ):** ସବଡେଗା ବ୍ଲକ ପରିସରରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼ ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ୍ କୌର ଏବଂ ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକ ଉପସ୍ଥିତ ରହି ଜନ ସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୧୦୯ ଗୋଟି ଅଭିଯୋଗ ମଧ୍ୟରୁ ୨୪ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୭୫ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ୧୦ ଗୋଟି ଅଭିଯୋଗ ଗୁଡ଼ିକର ତତ୍କ୍ଷଣାତ ସମାଧାନ କରାଯାଇଥିଲା।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

**ବୋରିଗୁମ୍ମା,୧୩।୧୦ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ବେଣାସୁର ପଞ୍ଚାୟତ କାର୍ଯ୍ୟାଳୟ ରେ ଏକତା ଏନଜିଓ ତରଫରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଧୁମ୍ଧାମରେ ପାଳନ କରାଯାଇଛି।ଉକ୍ତ କାର୍ଯ୍ୟକ୍ରମରେ ବେଣାସୁର ସିଏଚଓ ଜ୍ୟୋତିର୍ମୟୀ ସରୁ ଏବଂ ରଣସପୁର ପିଏଚଓ ଗ୍ରେସିଅପ ଟାକରି ଅତିଥି ଭାବରେ ଯୋଗଦାନ କରିଥିଲେ।ମାନସିକ ଅସୁସ୍ଥତା ବ୍ୟକ୍ତି ଏବଂ ସେମାନଙ୍କ ଯତ୍ନ କାରୀ ମାନେ ଫୁଲ ତୋଡା ଦେଇ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ଏହି ଦିବସରେ ସେଠାରେ ଉପସ୍ଥିତ ଥିବା ମହିଳା ଏବଂ ପୁରୁଷ ମାନଙ୍କୁ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ ସାମିଲ କରାଯାଇଥିଲା।ପ୍ରତିଯୋଗିତାରେ ବିଜେତା ମାନଙ୍କୁ ପୁରସ୍କାର ପ୍ରଦାନ କରି ଉତ୍ସାହିତ କରାଯାଇଥିଲା।ମାନସିକ ଅନଗ୍ରସର ବ୍ୟକ୍ତି ମାନଙ୍କୁ ସମାଜ ରେ ମୁଖ୍ୟ ସ୍ରୋତ ରେ ଆଣିବା ଏବଂ ସେମାନେ ଯେପରି ହସ ଖୁସି, ସ୍ନେହ ପ୍ରେମ ର ସହ ସମ୍ପୂର୍ଣ୍ଣ ସାରା ଜୀବନ ବିତାଇବେ ଏହା ଏକତା ଏନଜିଓ ର ମୂଳ ଲକ୍ଷ୍ୟ ବୋଲି ମେଣ୍ଟାଲ ହେଲଥ ପ୍ରୋଜେକ୍ଟ ର ସମସ୍ତ ସଦସ୍ୟ ମହା ଆଡମ୍ବରରେ ଏହି ଦିବସ କୁ ପାଳନ କରିଥିଲେ।

# ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ସୁରଭି ଉତ୍ସବ

**ସୁବର୍ଣ୍ଣପୁର,୧୩।୧୦ (ସଂଚାର ବ୍ୟୁରୋ):** ସରକାରୀ ଉ. ପ୍ରା. ବିଦ୍ୟାଳୟ ଜନମୁରା ଠାରେ କ୍ଲଷ୍ଟର ସ୍ତରୀୟ ସୁରଭି ଉତ୍ସବ ସିଆରସିସି ଶ୍ରୀ ରିଚପାଲ ମେହେର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମଗ୍ର ଶିକ୍ଷା ପେଡାଗୋଜି ଡ. ଅକ୍ଷୟ କୁମାର ସାହୁ ଯୋଗଦେଇ ସୋଇକି ସ୍ୱପ୍ନ ନ ଦେଖି ଚେଁଇକି ସ୍ୱପ୍ନ ଦେଖିବା କୁ ଓ ତାକୁ ସାକାର କରିବା କୁ ପ୍ରଚେଷ୍ଟା କରି ମିଶାଇଲ ମେନ ତଥା ପୂର୍ବତନ ରାଷ୍ଟ୍ରପତି ଡ .ଏପିଜେ ଅବଦୁଲ କାଲାମ ଙ୍କ ଆଦର୍ଶ ରେ ଅନୁପ୍ରାଣିତ ହେବା ଉପରେ ବକ୍ତବ୍ୟ ରଖିଥିଲେ।ସ୍ୱତନ୍ତ୍ର ଅତିଥି ଭାବରେ ଓଡିଶା ସାମ୍ବାଦିକ ସଂଘ ସୁବର୍ଣ୍ଣପୁର ଜିଲ୍ଲା ଶାଖା ସଭାପତି ତଥା ସମାଜ ସେବୀ ଶ୍ରୀ ମନୋରଞ୍ଜନ ତ୍ରିପାଠୀ ଯୋଗଦେଇ ମାଆ ଠାରୁ ଜନ୍ମ ନେଇଥିବା କୌଣସି ବି ଶିଶୁ ଅଯୋଗ୍ୟ ନୁହେଁ, କିଛି ନା କିଛି କଳା ଓ ପ୍ରତିଭା ଭରି ରହିଥାଏ ସମସ୍ତ ଙ୍କ ପାଖରେ, ଯେଉଁ ମାଧ୍ୟମରେ ସେ ପ୍ରତିଷ୍ଠିତ ବ୍ୟକ୍ତି ହୋଇପାରେ ବୋଲି ମତ ଦେଇଥିଲେ।

## ଡାକ୍ତର ହେବତ ଏମିତି

# ଡାକ୍ତରଙ୍କୁ କୃତଜ୍ଞତା ଜଣାଇଲେ ରୋଗୀଙ୍କ ସମ୍ପର୍କୀୟ ସମେତ ଗ୍ରାମବାସୀ



**ବୋରିଗୁମ୍ମା,୧୩।୧୦ (ସଂଚାର ବ୍ୟୁରୋ):** ଆଦିବାସୀ ଅଧିଷ୍ଠିତ କୋରାପୁଟ ଜିଲ୍ଲା ବି ସିଂହପୁର ଥାନା ସ୍ଥିତ ଚରାମୂଳା ଗ୍ରାମର ସଞ୍ଜୀବ ନେତ୍ରାନନ୍ଦ ମୁନି ବୟସ ୭୦ ବର୍ଷ ଗତ ୫.୧୦.୨୫ ତାରିଖ ରବିବାର ଦିନ ହଠାତ୍ ଗୁରୁତର ହେବାରୁ ପ୍ରଥମେ ଏସଏଲଏନ ମେଡିକାଲ କଲେଜ କୋରାପୁଟ, ସେଇଠୁ ରେଫର ହେଇକି ଏମକେସିଜି ମେଡିକାଲ କଲେଜ ବ୍ରହ୍ମପୁର ପୁଣି ସେଇଠି ରେଫର୍ ହେଇକି ଓଡିଶାର ବଡ଼ ଡାକ୍ତରଖାନା ଏସସିବି ମେଡିକାଲ କଲେଜ କଟକରେ ଆଡମିଶନ ହେଇଥିଲେ । ବୋରିଗୁମ୍ମା ଜିଲ୍ଲା ପରିଷଦ ସଭ୍ୟ ପ୍ରସାଦ ବିଡିକା ମହାଶୟ ଏହି ବିଷୟରେ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପୂର୍ବତନ ଡାକ୍ତର ସୁରେଶ କୁମାର ଝାଙ୍କର ଯିଏ କି ବର୍ତ୍ତମାନ ଓଡିଶା ରାଜ୍ୟର ବଡ଼ ଡାକ୍ତରଖାନା ଏସସିବି ମେଡିକାଲ କଲେଜ କଟକରେ କାର୍ଯ୍ୟରତ । ଙ୍କସହ ସମ୍ପର୍କରେ ଥିଲେ। ଡାକ୍ତର ଝାଙ୍କର ତୁରନ୍ତ ରୋଗୀ ପାଇଁ ଆଇସିୟୁ ବ୍ୟବସ୍ଥା କରିଥିଲେ ଏବଂ ନ୍ୟୁରସରଜରୀ ଡାକ୍ତରଙ୍କ ସହିତ କଥାବାର୍ତ୍ତା କରି ସଫଳ ଭାବରେ ମସ୍ତିଷ୍କ ଅପରେସନ ପାଇଁ ସହାୟତା କରିଥିଲେ । ବର୍ତ୍ତମାନ ସେ ସମ୍ପୂର୍ଣ୍ଣ ଭାବରେ ବିପଦ ମୁକ୍ତ ଅଛନ୍ତି । ଡାକ୍ତର ଝାଙ୍କରଙ୍କ ବ୍ୟସ୍ତବହୁଳ ସମୟ ମଧ୍ୟରୁ ଏତେବଡ଼ ସାହାଯ୍ୟ ସହଯୋଗ କରିଥିବାରୁ ଡାକ୍ତରଙ୍କ ବଦାନ୍ୟତା ପାଇଁ ରୋଗୀଙ୍କ ତିନି ପୁଅ ସମେତ ଚୋରାମୁଳା ଗ୍ରାମବାସୀ ଡାକ୍ତର ଶ୍ରୀଝାଙ୍କରଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ



**ସୁବର୍ଣ୍ଣପୁର,୧୩।୧୦ (ସଂଚାର ବ୍ୟୁରୋ):** ସୋମବାର ଦିନ ସୋନପୁର ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଝିପଡା ଠାରେ ପ୍ରାୟ ୨୫୦ ଛାତ୍ରଛାତ୍ରୀଙ୍କ ଗହଣ ରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି ଓ ଉଜଉଉ ଶ୍ରୀଯୁକ୍ତ ବୁଦ୍ଧଦେବ ସା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କାଯ୍ୟକ୍ରମ ରେ ମୁଖ୍ୟଅତିଥି ଭାବେ ନୂତନ ଭାବେ ଓଡ଼ିଶା ପ୍ରଶାସନିକ ସେବା ପାଇଁ ଚୟନ ହେଇଥିବା ସମ୍ମାନନୀୟା ସୁଶ୍ରୀ ସ୍ମୃତିଶିଖା ଭୋଇ ଯୋଗଦାନ କରିଥିଲେ। ସୁଶ୍ରୀ ଭୋଇ ଜୀବନରେ ସଫଳତା ପାଇବାକୁ ହେଲେ ସଙ୍ଘର୍ଷ ଓ କଠିନ ପରିଶ୍ରମ ନିତାନ୍ତ ଆବଶ୍ୟକ। ତାଙ୍କ ବକ୍ତବ୍ୟ ରେ ଶିକ୍ଷା ଏକ ସ୍ୱତନ୍ତ୍ର ଅସ୍ତ୍ର ଯାହା ମାଧ୍ୟମରେ ଜୀବନର ଚଲାପଥରେ ଆସୁଥିବା ସମସ୍ତ ଆହ୍ୱାନ କୁ ଅତିକ୍ରମ କରି ସମାଜ ରେ ପ୍ରତିଷ୍ଠିତ ହେବାକୁ ବାଟ କଢାଇ ଥାଏ। ସମ୍ମାନିତ ଅତିଥି ଭାବେ ସହ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ଫକୀର ଚରଣ ଭୋଇ ନିଜର ପ୍ରତିଭା କୁ ପ୍ରସ୍ଫୁଟିତ କରିବା ପାଇଁ ସୁରଭି ଏକ ବଳିଷ୍ଠ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ।

# ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ପଦର ସାହି ଗସ୍ତ

**କନ୍ଧମାଳ,୧୩।୧୦(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ କନ୍ଧମାଳ ଶମ୍ଭୁନାଥ ନନ୍ଦୀ ଶନିବାର ଦିନ ଫୁଲବାଣୀ ବ୍ଲକ ଅର୍ନ୍ତଗତ ଗଞ୍ଜୁଗୁଡ଼ା ଗ୍ରାମ ପଞ୍ଚାୟତ ଅଧିନ ବଇଡ଼ା ପଦର ସାହି ଗ୍ରାମ କୁ ଗସ୍ତ କରି ଗ୍ରାମବାସୀଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କ ରେ ଆଲୋଚନା କରିଥିଲେ। ବିଶେଷ କରି ଯାତାୟାତର ସୁବିଧା ପାଇଁ କଚା ରାସ୍ତାକୁ ପକା ରାସ୍ତା କରିବା ପାଇଁ ଗ୍ରାମବାସୀ ଅଧିକାରୀ ଙ୍କୁ ଅନୁରୋଧ କରିଥିଲେ। ପ୍ରଥମ ଥର ପାଇଁ ଗ୍ରାମକୁ ଜଣେ ଜିଲ୍ଲା ସ୍ତରୀୟ ଅଧିକାରୀ ଗସ୍ତ କରିଥିବାରୁ ଗ୍ରାମବାସୀ ବେସ ଖୁସି ଅନୁଭବ କରିବା ସହ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ବିଭିନ୍ନ ଦାବି ଜଣେଇଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ମଧ୍ୟ କିଛି ଦାବି ଶ୍ରୀଘ ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

● ସମିତି ଗୃହରୁ ୩୫ ବସ୍ତା ବାଣ

# ପୁଲିସ ଜବତ କରିଥିଲେ ବି ତଦନ୍ତ ବାଟବଣା ଅଭିଯୋଗ

**ବୈଶିଙ୍ଗା,୧୩।୧୦(ସଂଚାର ବ୍ୟୁରୋ):** ଗତ ଅକ୍ଟୋବର ୫ ତାରିଖ ଦିନ କୌଣସି ସୂତ୍ରରୁ ଖବର ପାଇ ବୈଶିଙ୍ଗା ପୋଲିସ ବାଛୁରୀପଡ଼ାର ଏକ ନବ ନିର୍ମିତ ସରକାରୀ ସମିତି ଗୃହର ତାଲା କୁ ମାଜିଷ୍ଟ୍ରେଟ ଇଶ୍ୱର ଚନ୍ଦ୍ର ରଣା ଉପସ୍ଥିତିରେ ଭଙ୍ଗାଯାଇ ୩୫ ବସ୍ତା ବିସ୍ଫୋରକ ତିଆରି ବାଣ ଜବତ କରିବା ସହିତ ୫୦୫/୨୫ ମୂଳେ ମାମଲା ରଜୁ କରିଥିଲା। ମାତ୍ର ଏହାର ତଦନ୍ତ ବାଟ ବଣା ହୋଇଥିବା ର ସାଧାରଣରେ ଅଭିଯୋଗ ହୋଇ ଥିଲା। ଏହାକୁ ଆଧାର କରି ବିମଳେନ୍ଦୁ ମହାପାତ୍ର ପୁନଃ ତଦନ୍ତ କରି ଦୋଷୀକୁ ଦଣ୍ଡ ଦେବାକୁ ଅନୁରୋଧ କରି ଏକ ପିଟିସନ ଦାଏର କରିଥିଲେ।ଏହାର ପ୍ରକୃତ କାରଣ ହେଉଛି ଚେତନଟୀ ବିଡିଓ ଙ୍କ ଅନୁମତି ମୂଳେ କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର କୁମାର ସାହୁ ଙ୍କ ନାମରେ କାର୍ଯ୍ୟାଦେଶ ଦେବା ସହିତ ୮ଲକ୍ଷ ୫୦ ହଜାର ଟଙ୍କାର ଅନୁଦାନ ମଞ୍ଜୁରୀ ମିଳିଥିଲା।ଏହି ଗୃହଟି ବନ ସୁରକ୍ଷା ସମିତି ଙ୍କୁ ହସ୍ତାନ୍ତର କରାଯିବା କଥା। ମାତ୍ର କନିଷ୍ଠ ଯନ୍ତ୍ରୀ ଶ୍ରୀ ସାହୁଙ୍କ କହିବାନୁସାରେ ଘରର କାର୍ଯ୍ୟ ସରିନଥିଲା



ଏଣୁ ହସ୍ତାନ୍ତର କରାଯାଇନଥିଲା।ଏହି ଘରଟି ର ନିର୍ମାଣ ଦାୟିତ୍ୱ ବିଜେପି ମଣ୍ଡଳ ସଭାପତି ଶାନ୍ତନୁ କୁମାର ପଣ୍ଡା ବୁଝୁଥିଲେ ଏଣୁ ତାଙ୍କ ପାଖରେ ଘରର ଚାବିକାଠି ରହିଥିଲା ବୋଲି କନିଷ୍ଠ ଯନ୍ତ୍ରୀ ଶ୍ରୀ ସାହୁ ପ୍ରକାଶ କରିଥିଲେ। ତେବେ ଏଠାରେ ପ୍ରଶ୍ନ ଉଠୁଛି ପୋଲିସ ସଠିକ୍ ତଦନ୍ତ କରିଥିଲେ ବିଡିଓ ଶୁଶାନ୍ତ କୁମାର ସୁତାର, ସହକାରୀ ଯନ୍ତ୍ରୀ ସୌମ୍ୟଶ୍ରୀ ଭୋଇ ଏବଂ କନିଷ୍ଠ ଯନ୍ତ୍ରୀ ଙ୍କୁ ତଦନ୍ତ ପରିସରକୁ ଆଣିଥାନ୍ତେ।

## ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଲୋକ ଦେଖାଣିଆ

# ପ୍ରଚାର ପ୍ରସାର ଅଭାବରୁ ଜନଅସନ୍ତୋଷ

**କଣାସ,୧୩।୧୦(ସଂଚାର ବ୍ୟୁରୋ):** ଆଜି କଣାସ ପଞ୍ଚାୟତ ସମିତି ସଭା ଗୃହରେ କଣାସ ବ୍ଲକ ସ୍ତରୀୟ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ପ୍ରଚାରା ପ୍ରସାର ଅଭାବରୁ କଣାସ ବ୍ଲକର ୨୮ଟି ଗ୍ରାମପଞ୍ଚାୟତର ୧୩୯ଟି ରଜସ୍ୱ ଗ୍ରାମ ୧୦୮ଟି ପଡ଼ା ଗ୍ରାମରୁ ମାତ୍ର ୩୯ଟି ଅଭିଯୋଗ ପତ୍ର ଦାଖଲ ହୋଇଥିଲା। ଜନସାଧାରଣ ଆଜି ର ଜିଲ୍ଲାପାଳଙ୍କ କାର୍ଯ୍ୟକ୍ରମ ଜାଣି ନ ପାରିବାରୁ ଜନସାଧାରଣଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖାଦେଇଛି। ଜିଲ୍ଲାପାଳ ଆଜିର କାର୍ଯ୍ୟକ୍ରମରେ ଯୋଗଦେଇନଥିବାରୁ ଯେଉଁ ୩୯ଜଣ ଅଭିଯୋଗ ଦାଖଲ କରିଥିଲେ ସେମାନଙ୍କ ମଧ୍ୟରେ ମଧ୍ୟ ଅସନ୍ତୋଷ ଦେଖାଦେଇଛି। ଆଜିର ଅଭିଯୋଗ ଶୁଣାଣି ଶିବିରରେ ଉପଜିଲ୍ଲାପାଳ ରାଜକିଶୋର ଜେନା, ଅତିରିକ୍ତ ଉପଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଗ୍ରିଭାନସ୍ ନୋଡାଲ ଅଫିସର୍ ପଞ୍ଚାନୟ ପରିଡ଼ା, ବ୍ଲକ ଅଧ୍ୟକ୍ଷା ପ୍ରଭାତି ରାଉତ, ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ, ଅତିରିକ୍ତ ତହସିଲଦାର ଉପେନ୍ଦ୍ର



କୁମାର ସେଠି, ଏବିଡିଓ ମଙ୍ଗଳ ସିଂ ହେମ୍ବ୍ରମ୍ ଓ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଅର୍ନ୍ତୋଦୟ, ରାସନ କାର୍ଡ ଯୋଗ, ଗ୍ରାମ୍ୟ ଉନ୍ନୟନ ରାସ୍ତା, ପାଇପ ଜଳ ଯୋଗାଣ ପାଇଁ ରାସ୍ତା ଖୋଳା ଯାଇ ମରାମତି ହୋଇ ନ ଥିବା, ଭର୍ତ୍ତା, ୪ଟି ଗ୍ରାମ୍ୟ ସମସ୍ୟା ଅଭିଯୋଗ ଦାଖଲ ହୋଇଥିଲା। ଏ ସମ୍ପର୍କରେ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପଚାରିବାରୁ ସେ କୁହନ୍ତି ଯେ ମାଇକି ଯୋଗେ ଆମେ ତିନିଦିନ ବ୍ଲକର ବିଭିନ୍ନ ପଞ୍ଚାୟତରେ ଆଜିର କାର୍ଯ୍ୟକ୍ରମ ପାଇଁ ପ୍ରଚାର କରାଯାଇଥିଲା। କିନ୍ତୁ କୌଣସି ଜନସାଧାରଣ ଦିନ ହେଲେ ମାଇକି ଯୋଗେ ପ୍ରଚାର କରା ନ ଯାଇଥିବା ଅଭିଯୋଗ କରିଥିଲେ।

# ହରଗୌରୀ ଯାତ୍ରାର ଅଷ୍ଟମ ଦିନରେ ଶ୍ରଦ୍ଧାଳୁଙ୍କ ଭିଡ଼



**ସୁବର୍ଣ୍ଣପୁର,୧୩।୧୦(ସଂଚାରବ୍ୟୁରୋ):** ହରଗୌରୀ ଯାତ୍ରା ର ଅଷ୍ଟମ ଦିବସରେ ହରଗୌରୀ ଙ୍କ ଯୁଗଳ ମୂର୍ତ୍ତି ଦର୍ଶନ ପାଇଁ ଢେରାପଡା ଲୋକାରଣ୍ୟ ରହିଛି। ସଂଧ୍ୟା ସମୟରେ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ମନ୍ଦିର ରେ ପହଞ୍ଚି ମାଁ ବୁଢ଼ିମା ଓ ପ୍ରଭୁ ହରଗୌରୀ ଙ୍କ ଦର୍ଶନ କରିଛନ୍ତି। ସାହି ର ବିଭିନ୍ନ ସ୍ଥାନରେ କମିଟି ଦ୍ୱାରା ପ୍ରସାଦ ବିତରଣ ହେଉଥିବା ବେଳେ ଭକ୍ତ ମଧ୍ୟ ସ୍ୱାଦିଷ୍ଟ ପିଠା, କ୍ଷିରୀ ଖେଚୁଡ଼ି ପ୍ରଭୃତି ପ୍ରସାଦକୁ ଆନନ୍ଦ ମନରେ ଗ୍ରହଣ କରୁଛନ୍ତି।ଢେରାପଡା ରେ ଅନୁଷ୍ଠିତ ହରଗୌରୀ ଯାତ୍ରା ସମୟରେ ଢେରାପଡା ର ପ୍ରତି ପରିବାର ର ଝିଅ ଭଉଣୀ ସମସ୍ତେ ଆସୁଥିବା ହେତୁ ସମଗ୍ର ଅଞ୍ଚଳରେ ଏକ ତେଲୁଗୁ ଅଞ୍ଚଳର ଭ୍ରମ ସୃଷ୍ଟି ହୋଇଛି। ଯାତ୍ରା ରେ ସମସ୍ତ ଙ୍କ ସଂପୃକ୍ତି ଯୋଗୁଁ ଏହା ଅନେକାଂଶରେ ଏକ ସଫଳ ଭାଇଚାରା ର ପର୍ବ ଭଳି ମନେ ହୋଇଥାଏ। ହୋଇଥାଏ ବୋଲି ମନେ କରାଯାଏ। ତେଲୁଗୁ ପାତୁଲୁ ଙ୍କ ଗୁରୁ ଗମ୍ଭୀର ମନ୍ତ୍ରୋଚ୍ଚାରଣ ଓ ମହିଳା ଭକ୍ତଙ୍କ ହୁଳହୁଳି ରେ ସମଗ୍ର ପୂଜାସ୍ଥଳି ରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି।

# ପ୍ରବଳ ବର୍ଷା ଯୋଗୁଁ ତୁର୍କେଲ ବ୍ରିଜ୍ ଉପରେ ଯାତାୟାତ ବନ୍ଦ



**କଳାହାଣ୍ଡି, ୧୩।୧୦. (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା ଭବାନୀପାଟଣାରୁ-ନୂଆପଡ଼ା ଜିଲାକୁ ସଂଯୋଗ କରୁଥିବା ତୁର୍କେଲ ବ୍ରିଜ ଦବିଯିବା ଆଶଙ୍କା ଦୃଢ଼ୀଭୂତ ହେବାପରେ ପୂର୍ତ୍ତ ବିଭାଗ (ପିଡବ୍ଲ୍ୟୁଡି) ଏହା ଉପରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ଘୋଷଣା କରିଛି। ଗତମାସ ୨୭ ତାରିଖରେ ପ୍ରବଳ ବର୍ଷା ଯୋଗୁଁ ତୁର୍କେଲ ବ୍ରିଜ ଦବିଯିବା ଖବର ପ୍ରକାଶିତ ହୋଇଥିଲା। ବିପଦ ସଙ୍କୁଳ ଅବସ୍ଥାରେ ରେ ଥିବା କାରଣରୁ କୌଣସି ଅଘଟଣ ଆଶଙ୍କା କରି ବ୍ରିଜ ଉପରେ ଗାଡି ଚଳାଚଳ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ବ୍ରିଜର ଗୋଟିଏ ସ୍ଥାନରେ ଦବିଯିବା ଭଳି ଦୃଶ୍ୟମାନ ହେବାରୁ ସାଧାରଣ ଲୋକେ ଭୟଭୀତ ହୋଇ ଉକ୍ତ ବ୍ରିଜ ଉପରଦେଇ ଗାଡି ସାମୟିକ ଭାବେ ଚଳାଚଳ ବନ୍ଦ କରିଦିଆଯାଇଥିଲା। ଏବେ ଗାଡି ଯାତାୟାତରେ ରୋକ ଲାଗିବା ପରେ ବ୍ରିଜ ପୂର୍ବରୁ ଆର୍ଡି ରାସ୍ତାଦେଇ ଲୋକେ ଖରିଆର ଯାଇପାରିବେ। ନଚେତ କେସିଙ୍ଗା ଦେଇ ଜାତୀୟ ରାଜପଥ - ୫୯ରେ ଟିଟିଲାଗଡ଼ କିମ୍ବା ବିଜୁ ଏକ୍ସପ୍ରେସ ରାସ୍ତାକୁ ଭରସା କରାଯାଇପାରେ। ରାଜ୍ୟ ରାଜପଥ ୧୬ରେ ତେଲ ନଦୀ ଉପରେ ତୁର୍କେଲ ବ୍ରିଜ ୫୦ ବର୍ଷ ପୂର୍ବରୁ ଅର୍ଥାତ୍ ୧୯୭୦ ମସିହାରେ ନିର୍ମାଣ ହୋଇଥିଲା। ପୂର୍ତ୍ତ ବିଭାଗର ଉଚ୍ଚସ୍ତରୀୟ କମିଟି ଆସି ଅନୁଧ୍ୟାନ କରିବା ପରେ ବ୍ରିଜର ସାମୟିକ ମରାମତି ହେବ କି ସମ୍ପୂର୍ଣ୍ଣ ବନ୍ଦ କରାହେବ ସେ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଶିବାଜୀ ପ୍ରଧାନ କହିଛନ୍ତି। ତେବେ ତୁର୍କେଲ ବ୍ରିଜର ଗୋଟିଏ ସ୍ଥାନରେ ଏକ୍ସପାନ୍ସନ ଜଏଣ୍ଟ ନିକଟରେ ପାଣି ଜମିରହିବାରୁ ଗତ ଜୁନ ମାସରେ ସେଣ୍ଟ୍ରାଲ ରୋଡ଼ ରିସର୍ଚ୍ଚ ଇନଷ୍ଟିଚ୍ୟୁଶନ ଟିମ୍ ଆସି ସର୍ଭେ କରି ଯାଇଥିଲା।

# ବିଦ୍ୟାଳୟରେ ଶକ୍ତି ସଂରକ୍ଷଣ ସଚେତନତା



**ବୈଶିଙ୍ଗା,୧୩।୧୦(ସଂଚାର ବ୍ୟୁରୋ):** ବାରିପଦା ଇଲେକ୍ଟ୍ରିକାଲ ଡିଭିଜନର ସିଏସ୍ଆର ଯୋଜକ ଶାନ୍ତନୁ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଇକମା ଆଶ୍ରମ ବିଦ୍ୟାଳୟ ପରିସରରେ ଶକ୍ତି ସଂରକ୍ଷଣ ବିଷୟବସ୍ତୁ ଉପରେ କୁଇଜ ତଥା ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରଜତ କୁମାର ଦାଶ ବୈଠକରେ ଅଧ୍ୟକ୍ଷତା କରିବା ସହ ଛାତ୍ରଛାତ୍ରୀଙ୍କୁ ଶକ୍ତିସଂରକ୍ଷଣ ସଂକ୍ରାନ୍ତରେ ଅବଗତ କରାଇବା ସହିତ ସଚେତନ କରିଥିଲେ। ଉପସ୍ଥିତ ସମସ୍ତ ସହକାରୀ ଶିକ୍ଷକ, କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରତାପ ଶାସନ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ, ମୋଟ ୪୬ ଅଭିଯୋଗର ଶୁଣାଣି

**ବାଲିଅନ୍ତା,୧୩।୧୦(ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ପ୍ରତାପଶାସନ ଗ୍ରାମ ପଞ୍ଚାୟତ ସ୍ଥିତ ଜ୍ଞାନଦେବୀ କଲ୍ୟାଣ ମଣ୍ଡପ ପରିସରରେ ଆଜି "ପଲ୍ଲୀରେ ପ୍ରଶାସନ" କାର୍ଯ୍ୟକ୍ରମ ସକାଳ ୧୧ ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି।

ଶିବିରରେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, ବାଲିଅନ୍ତା ପଞ୍ଚାୟତ ସମିତି ଅଧ୍ୟକ୍ଷା, ବାସନ୍ତୀ ଖଟୁଆ, ବାଲିଅନ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ, ବାଲିଅନ୍ତା ତହସିଲଦାର ଲିଲନ୍ ପ୍ରସାଦ ସାହୁ, ବିଜେପି ପ୍ରତିନିଧି ବିଜୟ ମହାରଣା, ଜିଲ୍ଲା ପରିଷଦ ସଭ୍ୟା କୁନମୁନ ଲେଙ୍କା, ପ୍ରତାପ ଶାସନ ସରପଞ୍ଚ ରୀନା ବେହେରା, ସମିତି ସଭ୍ୟ ଗଙ୍ଗାଧର ମାହାରି ଏବଂ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଆଜିର ଶିବିରରେ ସର୍ବମୋଟ ୪୭ ଟି ଲିଖିତ ଅଭିଯୋଗ ଗ୍ରହଣ କରାଯାଇଛି। ସେଥି ମଧ୍ୟରୁ ଗ୍ରାମୀଣ ଗୃହ ସମ୍ବନ୍ଧୀୟ ୧୮ଟି, ଭତ୍ତା ସମ୍ବନ୍ଧୀୟ ୫ଟି, ଯୋଗାଣ ବିଭାଗ ସମ୍ବନ୍ଧୀୟ ୨ ଗୋଟି, ଓ ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ୨୨ ଗୋଟି ସାମୂହିକ ଅଭିଯୋଗ ହୋଇଥିଲା।

# ଯୁବତୀଙ୍କୁ ବାଇକ୍‌ରେ ନେଇ ଜଙ୍ଗଲରେ ମାଡ ମାରିବା ଅଭିଯୋଗ

● ୧୫ରୁ ଉର୍ଦ୍ଧ୍ୱ ଦିନ ବିତିଲାଣି, ପୁଲିସ ହାତ ଖାଲି

**ମ.ରାମପୁର,୧୩।୧୦(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ମ.ରାମପୁରର ଶୁଣ୍ଡିପଡାରେ ରହୁଥିବା ଜନୈକା ଯୁବତୀଙ୍କ ସହ ସେହି ପଡାର କାହ୍ନୁ ଆଚାର୍ଯ୍ୟର ୫ବର୍ଷର ପ୍ରେମ ସମ୍ପର୍କ ଥିଲା। କାହ୍ନୁ କୁଆଡେ ଯୁବତୀଙ୍କୁ ବିବାହ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଯୁବତୀ ଜଣକ ପ୍ରକାଶ କରିଛନ୍ତି। ହେଲେ ଗତ ମାସ ୨୪ତାରିଖ ଦିନ ଅପରାହ୍ନ ୫ଟା ସମୟରେ କାହ୍ନୁ ଯୁବତୀଙ୍କୁ ବୁଲି ଯିବା ପାଇଁ ନିକଟସ୍ଥ ଶିବ ମନ୍ଦିର ପାଖକୁ ଡାକିଥିଲା।ପରେ ଯୁବତୀ ଜଣକ କାହ୍ନୁ ପାଖକୁ ଆସିଥିଲା।ହେଲେ କାହ୍ନୁ ର ଜଣେ ସାଙ୍ଗ ତୁଷାର ରାଉତ ପାଖରେ ଥିବା ଦେଖି ଯୁବତୀ ଜଣକ ସେ କାହିଁକି ଆସିଛି ବୋଲି ପଚାରିଥିଲେ। ମୋ ହାତରେ ଆଘାତ ହୋଇଥିବାରୁ ଗାଡି ଚଲେଇବା ପାଇଁ ଡାକିଥିବା ତାକୁ ଡାକିଛି ବୋଲି କାହ୍ନୁ କହିଥିଲା।ପରେ ତିନି ଜଣ ମିଶି ଗୋଟିଏ ବାଇକ୍ ରେ ବସି ବାରବନ୍ଧା ଜଙ୍ଗଲ କୁ ଯାଇଥିଲେ। ଜଙ୍ଗଲରେ ପହଞ୍ଚିବା ପରେ ପୂର୍ବରୁ ଯୋଜନାବଦ୍ଧ ଭାବେ କାହ୍ନୁ ର ଅନ୍ୟ ଦୁଇ ଜଣ ସାଙ୍ଗ କାବାଡି ଖାନରେ କାମ କରୁଥିବା କାଳିଆ ସ୍ୱାଇଁ ଓ କାଳୁ ମହାରଣା ସେଠାରେ ପହଞ୍ଚିଥିଲେ।ପରେ କାହ୍ନୁ ଯୁବତୀ ଜଣକୁ ବିବାହ କରିବାକୁ ମନା କରିବା ସହ କାହାକୁ ଏ ବିଷୟରେ କହିବାକୁ ମନା କରିଥିଲା। ଏଭଳି ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହେବା ସହ କାହ୍ନୁ କୁଆଡେ ଯୁବତୀଙ୍କୁ ମାଡ ମାରିଥିଲା।ତା ସହିତ ଯୁବତୀ ଜଣକ ବ୍ୟବହାର କରୁଥିବା ମୋବାଇଲକୁ ମଧ୍ୟ କାହ୍ନୁ ର ସାଙ୍ଗ ତୁଷାର ଛଡାଇନେଇଥିଲା।